# ଧରିତ୍ରୀ DHARITRI

ଭୁବନେଶ୍ୱର, ସୋମବାର, ଜୁଲାଇ ୧୭/୨୦୨୩ (୧୪ ପୃଷ୍ଠା) | Bhubaneswar, Monday, July 17/2023 | Page 14 | ₹ 7.00

୪୯ଶ ଭାଗ ୨୩୨ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 49 ISSUE 232 | ମୂଲ୍ୟ₹୭/-




**୨୩ ବର୍ଷର ନୋ କିସିଂ ପଲିସିକୁ ଭାଙ୍ଗିଲେ କାଜଲ**

ଅଭିନେତ୍ରୀ କାଜଲଙ୍କ ୱେବ୍ ସିରିଜ 'ଦ ଟ୍ରାଏଲ'ରେ ସେ ୨ ଥର ଲିପଲକ୍ କରି ତାଙ୍କ ୨୩ ବର୍ଷର ନୋ କିସିଂ ପଲିସିକୁ ଭାଙ୍ଗିଥିବା ଜଣାପଡ଼ିଛି।

୧୧

୧୪

**ଅଲ୍‌କାରାଜଙ୍କୁ ୱିମ୍ବଲେଡନ ଟାଇଟଲ**

ସ୍ପେନର କାର୍ଲୋସ ଅଲ୍‌କାରାଜ ୱିମ୍ବଲେଡନ ଓପନ ପୁରୁଷ ସିଙ୍ଗଲ୍ସ ଟାଇଟଲ ହାସଲ କରିଛନ୍ତି।



# ୨୧ ଯାଏ ବର୍ଷା

■ ଆଜି ୮ ଜିଲାରେ ଘଡ଼ଘଡ଼ି ସହ ପ୍ରବଳ ବର୍ଷିବା ସମ୍ଭାବନା

**ଭୁବନେଶ୍ୱର,୧୬।୭ (ଅନୁରାଧା ମହାରଣା)**

ଓଡ଼ିଶା ସଂଲଗ୍ନ ଉତ୍ତର ପଶ୍ଚିମ ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଘୂର୍ଣ୍ଣିବଳୟ ପ୍ରଭାବରେ ରାଜ୍ୟରେ ବର୍ଷା ଜାରି ରହିଛି। ରବିବାର ବୌଦ୍ଧ ଜିଲାରେ ସର୍ବାଧିକ ୫୪.୦ ମିମି ବର୍ଷା ହୋଇଥିବାବେଳେ ରାଉରକେଲାରେ ୩୨.୧ ମିମି, ନୂଆପଡ଼ା ୩୦.୪ ମିମି, ସୋନପୁର ୨୮.୮ ମିମି ଓ ରାୟଗଡ଼ାରେ ୨୧.୮ ମିମି ବର୍ଷା ରେକର୍ଡ କରାଯାଇଛି। ତେବେ ଆସନ୍ତା ୨୧ ତାରିଖ ଯାଏ ସାରା ରାଜ୍ୟରେ ଝିପିଝିପି ବର୍ଷା ଲାଗି ରହିବା ସହ କେତେକ ସ୍ଥାନରେ ପ୍ରବଳ ବର୍ଷା ହେବ ବୋଲି ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ପୂର୍ବାନୁମାନ କରାଯାଇଛି। ସୋମବାର ସୁନ୍ଦରଗଡ଼, ଝାରସୁଗୁଡ଼ା, ସମ୍ବଲପୁର, ବରଗଡ଼, ନୂଆପଡ଼ା, ସୋନପୁର, ବଲାଙ୍ଗୀର ଓ ଦେବଗଡ଼ ଆଦି ୮ ଜିଲାରେ ଘଡଘଡ଼ି ସହ ପ୍ରବଳରୁ ଅତି ପ୍ରବଳ ବର୍ଷା ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

**ଆୟ ବହିର୍ଭୂତ**



ନୂଆଦିଲ୍ଲୀରେ ଯମୁନା ନଦୀର ଉଛୁଳା ପାଣି ରାସ୍ତାରେ ଲହଡ଼ି ମାରୁଥିବାବେଳେ ଗାଡ଼ିଗୁଡ଼ିକ ପାଇଁ ଯାତାୟାତରେ ସମସ୍ୟା ସୃଷ୍ଟି ହୋଇଛି।

# ଆନ୍ତଃରାଜ୍ୟ ର୍‌ୟାକେଟ୍‌ର ୯ ଗିରଫ

**ସରକାରୀ ଚାକିରି ନାଁରେ ଠକେଇ**

■ ବସ୍ ଓ କାର୍ ସହ ବିଭିନ୍ନ କାଗଜପତ୍ର ଜବତ

**ବାଲେଶ୍ୱର,୧୬।୭ (ମାନସ ବିଶ୍ୱାଳ)**

ସରକାରୀ ଚାକିରି ଯୋଗାଇଦେବା ନାଁରେ ୮୮ଜଣ ଯୁବତୀଯୁବକଙ୍କୁ ଠକେଇ କରିଥିବା ଏକ ଆନ୍ତଃରାଜ୍ୟ ର୍‌ୟାକେଟ ବାଲେଶ୍ୱର ସ୍ପେଶାଲ ଟାସ୍କଫୋର୍ସ ଟିମ୍ ହାତରେ ଧରାପଡ଼ିଛି। ଏହି ର୍‌ୟାକେଟରେ ଓଡ଼ିଶା, ବିହାର ଓ ଆନ୍ଧ୍ରପ୍ରଦେଶର ୯ଜଣଙ୍କୁ ଗିରଫ କରାଯାଇଛି। ସେମାନଙ୍କଠାରୁ ୧୫ଟି ମୋବାଇଲ, ୩ଟି ଦସ୍ତଖତ ଥିବା ବ୍ଲାଙ୍କ ଚେକ୍, ୩ଟି ଅରିଜିନାଲ ସାର୍ଟିଫିକେଟ୍, ଗୋଟିଏ ବସ୍, ଗୋଟିଏ ସ୍କର୍ପିଓ, ୩ଟି କାର୍, ୨ଟି ଟ୍ରାଭେଲର୍ସ, ନଗଦ ୨୨ହଜାର ୫ଶହ ଟଙ୍କା ଜବତ କରାଯାଇଛି। ର୍‌ୟାକେଟରେ ଅନ୍ୟ କେଉଁମାନେ ସମ୍ପୃକ୍ତ ଅଛନ୍ତି ସେ ସମ୍ପର୍କରେ ଖୋଳତାଡ କରାଯାଉଥିବା ରବିବାର ଜିଲା ଏସ୍‌ପିଙ୍କ କାର୍ଯ୍ୟାଳୟରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଏସ୍‌ପି ସାଗରିକା ନାଥ ସୂଚନା ଦେଇଛନ୍ତି।

ରବିବାର ଅପରାହ୍ନ ୨ଟାରେ ହେବାକୁ ଥିବା କମ୍ବାଇନ୍‌ଡ ଗ୍ରାଜୁଏଟ୍ ଲେଭଲ ପରୀକ୍ଷା ପାଇଁ ଏକ ଆନ୍ତଃରାଜ୍ୟ ର୍‌ୟାକେଟ ପ୍ରଶ୍ନପତ୍ର ଯୋଗାଇ ଦେବା ଓ ଚାକିରି କରାଇ ଦେବା ଆଳରେ ୧୦୦ରୁ ଉର୍ଦ୍ଧ୍ୱ ବେରୋଜଗାର ଯୁବତୀଯୁବକଙ୍କ ନିକଟରୁ ଲକ୍ଷାଧିକ ଟଙ୍କା ନେଇଥିବା ପୋଲିସ ଖବର ପାଇଥିଲା। ଏନେଇ ସହଦେବଖୁଣ୍ଟା ଥାନା ପୋଲିସ ପକ୍ଷରୁ ମାମଲା (ନଂ. ୩୦୩/୨୩) ରୁଜୁ କରାଯାଇଥିଲା। ଏସ୍‌ପି ସାଗରିକା ନାଥଙ୍କ ନିର୍ଦ୍ଦେଶକ୍ରମେ ଏହି ର୍‌ୟାକେଟ୍‌କୁ ଧରିବା ପାଇଁ ସିଟି ଡିଏସ୍‌ପି, ସହଦେବଖୁଣ୍ଟା ଥାନା ଅଧିକାରୀ, ସଦର ଥାନା ଅଧିକାରୀ ଏବଂ ☞ପୃଷ୍ଠା-୪

**ଆଜି ବିରୋଧୀଙ୍କ ମହାମେଳି**

# ଭାଜପା ଖୋଜୁଛି ସାଥୀ

**ନୂଆଦିଲ୍ଲୀ,୧୬।୭**

କେନ୍ଦ୍ରରୁ ଭାଜପାକୁ ହଟାଇବା ପାଇଁ ଆଗେଇ ଆସିଥିବା ବିରୋଧୀ ଦଳଗୁଡ଼ିକର ଶକ୍ତି ବୃଦ୍ଧି ହେବାରେ ଲାଗିଛି। ଦିଲ୍ଲୀରେ ଅମଲାତନ୍ତ୍ରୀଙ୍କ ଉପରେ ନିୟନ୍ତ୍ରଣ ସଂକ୍ରାନ୍ତ କେନ୍ଦ୍ର ଆଣିଥିବା ଅଧ୍ୟାଦେଶରେ ଉପରାଜ୍ୟପାଳଙ୍କୁ ସବୁ କ୍ଷମତା ଦେଇ ଦିଆଯାଇଛି। ତାହାକୁ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ତଥା ଆମ୍ ଆଦ୍‌ମୀ ପାର୍ଟି (ଏଏପି) ଆବାହକ ଅରବିନ୍ଦ କେଜ୍‌ରିୱାଲ ବିରୋଧ କରିଆସୁଛନ୍ତି। ଇତିମଧ୍ୟରେ କେନ୍ଦ୍ରୀୟ ଅଧ୍ୟାଦେଶ ବିରୋଧରେ ପ୍ରମୁଖ ବିରୋଧୀ ଦଳଗୁଡ଼ିକ କେଜ୍‌ରିୱାଲଙ୍କୁ ସମର୍ଥନ କରିଥିବାବେଳେ ରବିବାର ଜୁଲାଇ ୧୬ରେ କଂଗ୍ରେସ ଏହି ପ୍ରତିବାଦରେ ସାମିଲ ହୋଇ ଏଏପିର ଲକ୍ଷ୍ୟକୁ ସମର୍ଥନ କରିଛି। ଏହା ବିରୋଧୀ ଏକତାକୁ ଅଧିକ ମଜଭୁତ କରିଛି। ଅଣଭାଜପା ଶାସିତ ରାଜ୍ୟଗୁଡ଼ିକରେ କେନ୍ଦ୍ରୀୟ ଏଜେନ୍ସିଗୁଡ଼ିକୁ ଲଗାଇ ବିରୋଧୀଙ୍କୁ ଦମନ କରିଆସୁଥିବା ଭାଜପା ଆଗାମୀ ଲୋକ ସଭା ନିର୍ବାଚନରେ ବଡ଼ ଚ୍ୟାଲେଞ୍ଜର ସମ୍ମୁଖୀନ ହେବା ମନେହେଉଛି।

୨୦୨୪ ଲୋକ ସଭା ନିର୍ବାଚନରେ ସଂଖ୍ୟାଗରିଷ୍ଠତା ହାସଲ କରିବା ନେଇ ଭାଜପା ଗତ କିଛିମାସ ପର୍ଯ୍ୟନ୍ତ ଏକପ୍ରକାର ନିଶ୍ଚିତ ଥିଲା। ୨୦୧୯ର ନିରଙ୍କୁଶ ସଂଖ୍ୟାଗରିଷ୍ଠତା ପରେ ଜାତୀୟ ଗଣତାନ୍ତ୍ରିକ ମେଣ୍ଟ (ଏନ୍‌ଡିଏ) ସହଯୋଗୀଙ୍କ ପ୍ରତି ଏହାର ବ୍ୟବହାର ମଧ୍ୟ ବଦଳିଯାଇଥିଲା। ଏଥିରୁ ମନେହେଉଥିଲା, ସତେଯେମିତି କେନ୍ଦ୍ରରେ ଶାସକ ଦଳ ଆଉ କୌଣସି ସହଯୋଗୀଙ୍କ ସମର୍ଥନ ଆବଶ୍ୟକ କରୁନାହିଁ। ଆସାମଠାରୁ ଆରମ୍ଭକରି ପଞ୍ଜାବର ଅକାଳୀ ଦଳ (ବାଦଲ) ପର୍ଯ୍ୟନ୍ତ ଏହାର ଜ୍ୱଳନ୍ତ ଉଦାହରଣ। ପରବର୍ତ୍ତୀ ସମୟରେ ଉଦ୍ଧବ ଠାକ୍‌ରେଙ୍କ ଶିବସେନା, ସଂଯୁକ୍ତ ଜନତା ଦଳ (ଜେଡିୟୁ) ଓ ଲୋକ ଜନଶକ୍ତି ପାର୍ଟି (ରାମବିଳାସ) ଭଳି ଗୋଟିଏ ପରେ ଗୋଟିଏ ଦଳ ଏନ୍‌ଡିଏରୁ ଓହରିଯିବା ପରେ ସେମାନଙ୍କୁ ଫେରାଇ ଆଣିବା ପାଇଁ ଭାଜପା ଉଦ୍ୟମ କରି ନ ଥିଲା। ଆସନ୍ତା ନିର୍ବାଚନରେ ଭାଜପାକୁ କ୍ଷମତାଚ୍ୟୁତ କରିବା ପାଇଁ ଜୁନ୍ ୨୩ରେ ପାଟନାରେ ୧୫ ବିରୋଧୀ ଦଳ ଏକାଠି ହୋଇଥିଲେ। ଜୁଲାଇ ୧୭ ଓ ୧୮ରେ ବେଙ୍ଗାଲୁରୁରେ କଂଗ୍ରେସ ନେତୃତ୍ୱରେ ହେବାକୁ ଥିବା ବୈଠକରେ ୨୬ ବିରୋଧୀ ଦଳ ଶକ୍ତି ପ୍ରଦର୍ଶନ କରିବାକୁ ଯାଉଛନ୍ତି। କର୍ଣ୍ଣାଟକ ବିଧାନସଭା ନିର୍ବାଚନ ପରେ ବିପକ୍ଷର ବଳ ବୃଦ୍ଧି ଘଟୁଥିବା ଦେଖି ଭାଜପା ଆତ୍ମବିଶ୍ୱାସ ହରାଇ ସାଥୀ ଖୋଜିବା ଆରମ୍ଭ କରିଛି। ଛୋଟ ଦଳଗୁଡ଼ିକୁ ଖୋଜିବା ପଛର କାରଣ ବୁଝିବା କଷ୍ଟକର ନୁହେଁ। ଆସନ୍ତା ୨୦ ତାରିଖରେ ପାର୍ଲାମେଣ୍ଟର ମୌସୁମୀ ଅଧିବେଶନ ଆରମ୍ଭ ହେବାକୁ ଥିବାବେଳେ ୧୮ରେ ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡା ଏନ୍‌ଡିଏ ବୈଠକ ଡାକିଛନ୍ତି। ନୂଆଦିଲ୍ଲୀରେ ହେବାକୁ ଥିବା ଏହି ବୈଠକରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ନିଜେ ଉପସ୍ଥିତ ରହିବେ। ଏଥିରୁ ବୁଝିହେଉଛି, ଭାଜପା ପାଇଁ ଏହି ବୈଠକ ଯଥେଷ୍ଟ ଗୁରୁତ୍ୱପୂର୍ଣ୍ଣ।

ବେଙ୍ଗାଲୁରୁ ବୈଠକରେ ବିରୋଧୀ ନେତାମାନେ ପରସ୍ପର ମଧ୍ୟରେ ଥିବା ମତଭେଦ ଦୂର କରି ଭାଜପା ବିରୋଧରେ ଏକ ମିଳିତ ମେଣ୍ଟ ଉପସ୍ଥାପନ କରିବେ। ଏହି ବୈଠକରେ ଯୋଗଦେବାକୁ ଥିବା ଦଳଗୁଡ଼ିକ ମଧ୍ୟରେ ଅଛନ୍ତି କଂଗ୍ରେସ, ଏନ୍‌ସିପି, ଜେଡିୟୁ, ଆର୍‌ଜେଡି, ତୃଣମୂଳ କଂଗ୍ରେସ, ସମାଜବାଦୀ ପାର୍ଟି, ସିପିଆଇ, ସିପିଆଇ(ଏମ୍), ଡିଏମ୍‌କେ ପ୍ରମୁଖ। କେନ୍ଦ୍ର ସରକାରଙ୍କ ଦିଲ୍ଲୀ ଅଧ୍ୟାଦେଶକୁ ସମର୍ଥନ କରିବ ନାହିଁ ବୋଲି କଂଗ୍ରେସ ଘୋଷଣା କରିବା ପରେ ଆମ୍ ଆଦ୍‌ମୀ ପାର୍ଟି ବିରୋଧୀ ବୈଠକରେ ଯୋଗଦେବାକୁ ନିଷ୍ପତ୍ତି ନେଇଛି। ବୈଠକ ପୂର୍ବରୁ ବିରୋଧୀ ନେତାମାନଙ୍କ ପାଇଁ କଂଗ୍ରେସର ପୂର୍ବତନ ଅଧ୍ୟକ୍ଷା ସୋନିଆ ଗାନ୍ଧୀ ନୈଶ ଭୋଜିର ଆୟୋଜନ କରିଛନ୍ତି। ସେଥିରେ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜ୍ଜୁନ ଖାର୍ଗେ, ରାହୁଲ ଗାନ୍ଧୀ, ଦଳର ଅନ୍ୟାନ୍ୟ ବରିଷ୍ଠ କାର୍ଯ୍ୟକର୍ତ୍ତା ଯୋଗଦେବେ। ବେଙ୍ଗାଲୁରୁ ବୈଠକରେ ଟିଏମ୍‌ସି ସୁପ୍ରିମୋ ମମତା ବାନାର୍ଜୀ, ଏନ୍‌ସିପି ଅଧ୍ୟକ୍ଷ ଶରଦ ପାୱାର, ଆର୍‌ଜେଡି ମୁଖ୍ୟ ଲାଲୁ ଯାଦବ, ତାମିଲନାଡୁ ମୁଖ୍ୟମନ୍ତ୍ରୀ ଏମ୍.କେ. ଷ୍ଟାଲିନ, ଆର୍‌ଏଲ୍‌ଡି ମୁଖ୍ୟ ଜୟନ୍ତ ଚୌଧରୀ ପ୍ରମୁଖ ଯୋଗ ଦେଉଥିବା କର୍ଣ୍ଣାଟକ କଂଗ୍ରେସ କାର୍ଯ୍ୟକାରୀ ସଭାପତି ସଲିମ ଅହମଦ କହିଛନ୍ତି।

ଅନ୍ୟପକ୍ଷେ ଏନ୍‌ଡିଏ ବୈଠକରେ ପ୍ରାୟ ୩୦ ଦଳ ଯୋଗଦେଇପାରନ୍ତି ବୋଲି କୁହାଯାଉଛି। ଶାସକ ମେଣ୍ଟର ସହଯୋଗୀଙ୍କ ବ୍ୟତୀତ ଅନ୍ୟ କେତେକ ନୂଆ ଏବଂ ପୂର୍ବତନ ସହଯୋଗୀଙ୍କୁ ଏହି ବୈଠକକୁ ନିମନ୍ତ୍ରଣ କରାଯାଇଛି। ନୂଆଦିଲ୍ଲୀର ଅଶୋକା ହୋଟେଲରେ ମଙ୍ଗଳବାର ସନ୍ଧ୍ୟାରେ ବୈଠକ ଅନୁଷ୍ଠିତ ହେବ। ☞ପୃଷ୍ଠା-୪

# ଇଞ୍ଜିନକୁ ଛାଡ଼ି ୨୦୦ ମିଟର ଗଡ଼ିଗଲା ବଗି



ମାଲବାହୀ ଟ୍ରେନରୁ ଅଲଗା ହୋଇଯାଇଥିବା ବଗି।

**ନନ୍ଦପୁର, ୧୬।୭(ଶଙ୍କର ପୂଜାରୀ)**

କୋରାପୁଟ ଜିଲା ନନ୍ଦପୁର ବ୍ଲକ ଦେଇ ଯାଇଥିବା ବିଶାଖାପାଟଣା-କିରାଣ୍ଡୁଲ ରେଳ ଧାରଣାରେ ପୁଣି ରେଳଇଞ୍ଜିନ ବଗିକୁ ଛାଡି ଚାଲିଯିବା ପରି ଘଟଣା ଦେଖିବାକୁ ମିଳିଛି। ରବିବାର ପୂର୍ବାହ୍ନ ସାଢେ ୧୦ଟାରେ ପାଡୁଆ ଷ୍ଟେଶନ ନିକଟରେ ବିଶାଖାପାଟଣା ଯାଉଥିବା ଏକ ମାଲବାହୀ ଟ୍ରେନର ଇଞ୍ଜିନ ବଗିକୁ ଛାଡି ପ୍ରାୟ ୨ଶହ ମିଟର ଦୂରକୁ ଚାଲିଯାଇଥିଲା। ଟ୍ରେନର ଗାର୍ଡ ଓ ଲୋକୋ ପାଇଲଟଙ୍କ ଉପସ୍ଥିତ ବୁଦ୍ଧି ଯୋଗୁ ଧୀର ଗତିରେ ଗଡ଼ିଯାଉଥିବା ଏହି ମାଲବାହୀ ଟ୍ରେନକୁ ଅଟକାଇ ବଗିଗୁଡିକର ପୁନଃ ସଂଯୋଗ କରାଯାଇଥିଲା। ପରେ ଏହା ଗନ୍ତବ୍ୟ ସ୍ଥଳକୁ ଯାତ୍ରା କରିଥିଲା। ଅନ୍ୟପକ୍ଷରେ ଗତ ମାସକ ମଧ୍ୟରେ ଇଞ୍ଜିନ-ବଗି ଅଲଗା ହେବାପରି ଏକାଧିକ ଘଟଣା ଘଟିଲାଣି। ପୂର୍ବରୁ ଦାର୍ଲିପୁଟ ଓ ମାଛକୁଣ୍ଡ ଷ୍ଟେଶନରେ ସମାନ ଘଟଣା ଘଟିଥିଲା। ତେବେ ଏନେଇ କୌଣସି ଅଘଟଣ ଘଟି ନ ଥିବା କିମ୍ବା କିଛି ବଡଧରଣର କ୍ଷତି ହୋଇ ନ ଥିବା ରେଳ ବିଭାଗ ପକ୍ଷରୁ କୁହାଯାଇଛି। ଏବେ ରେଳଧାରଣାଗୁଡିକର ☞ପୃଷ୍ଠା-୪






# କେମିକାଲ କକ୍‌ଟେଲ୍ ଦେବ ନବଯୌବନ

**ୱାଶିଂଟନ୍,୧୬।୭**

ଚିରଦିନ ପର୍ଯ୍ୟନ୍ତ ମଣିଷ ଯୁବା ଅବସ୍ଥାରେ ରହିବା କେବେ ବି ସମ୍ଭବ ନୁହେଁ। ନିଜ ପ୍ରକୃତ ବୟସଠାରୁ କମ୍ ବୟସ୍କ ଦେଖାଯିବା ପାଇଁ ଆଜିକାଲି ନାନା ପ୍ରକାର ପ୍ରସାଧନ ସାମଗ୍ରୀ ବଜାରରେ ଉପଲବ୍ଧ। କିନ୍ତୁ ଦୀର୍ଘଦିନ ପର୍ଯ୍ୟନ୍ତ ଯୁବା ଦେଖାଯିବା ବାସ୍ତବରେ ଅସମ୍ଭବ ନୁହେଁ ବୋଲି ଆମେରିକାର ହାର୍ଭାର୍ଡ ମେଡିକାଲ ସ୍କୁଲର ବୈଜ୍ଞାନିକମାନେ ଦାବି କରିଛନ୍ତି। ପୁଣିଥରେ ଯୌବନ ଫେରାଇ ଆଣିବା ପାଇଁ ବୈଜ୍ଞାନିକମାନେ ଏକ କେମିକାଲ କକ୍‌ଟେଲ୍ ପ୍ରସ୍ତୁତ କରିଛନ୍ତି। ଏ ସଂକ୍ରାନ୍ତୀୟ ଅଧ୍ୟୟନ ରିପୋର୍ଟ 'ମେଡିକାଲ ଜର୍ନାଲ୍ ଏଜିଙ୍ଗ୍'ରେ ପ୍ରକାଶ ପାଇଛି।



୫ରୁ ୭ଟି କେମିକାଲର ମିଶ୍ରଣରେ ବୈଜ୍ଞାନିକମାନେ ଏହି କକ୍‌ଟେଲ୍ ପ୍ରସ୍ତୁତ କରିଛନ୍ତି। ରିପୋର୍ଟ ମୁତାବକ ମାନସିକ ରୋଗ, ବାତ ଆଦି ରୋଗକୁ ଭଲ କରିବା ପାଇଁ ବ୍ୟବହାର କରାଯାଉଥିବା ଡ୍ରଗ୍ ବା କେମିକାଲରୁ ଏହା ତିଆରି। ତେବେ ଏହି ବିଶେଷ ପ୍ରକାର କକ୍‌ଟେଲ୍‌ରେ ବ୍ୟବହାର କରାଯାଇଥିବା ମେଡିକେଶନ୍‌ଗୁଡ଼ିକ ହେଲା, ଭାଲ୍‌ପ୍ରୋଭଇକ୍ ଏସିଡ୍, ଟ୍ରାମିପେକ୍ସୋଲ ଇତ୍ୟାଦି। ମଣିଷ ଦେହରେ ପୁଣିଥରେ ଯୌବନ ଫେରାଇ ଆଣିବା ଲାଗି କେଉଁ କେଉଁ କଣିକାର ଉପଯୋଗିତା ଆବଶ୍ୟକ ସେ ନେଇ ପାଖାପାଖି ୩ ବର୍ଷ ଧରି ବୈଜ୍ଞାନିକମାନେ ଅଧ୍ୟୟନ କରିଥିବା କହିଛନ୍ତି। ହାର୍ଭାର୍ଡ ବୈଜ୍ଞାନିକ ଡେଭିଡ୍ ସିନ୍‌କ୍ଲେର ଷ୍ଟଡି ରିପୋର୍ଟ ସମ୍ବନ୍ଧରେ କିଛି ତଥ୍ୟ ଟୁଇଟରରେ ଶେୟାର କରିଛନ୍ତି, ଯେଉଁଥିରେ ୟୁଜର୍ସମାନେ ନିଜ ସକାରାତ୍ମକ ମତ ଦେଇଛନ୍ତି। ଜିନ୍ ଥେରାପି ଦ୍ୱାରା ଯୌବନ ଫେରିବ ବୋଲି ପୂର୍ବ ଅଧ୍ୟୟନରେ ବୈଜ୍ଞାନିକମାନେ ଦାବି କରିଥିଲେ। କିନ୍ତୁ ଏହି ଜଟିଳ ପ୍ରଣାଳୀ ଅପେକ୍ଷା କେମିକାଲ୍ କକ୍‌ଟେଲ୍ ଅଧିକ ଉପଯୋଗୀ ବୋଲି ବିଶେଷଜ୍ଞ କହିଛନ୍ତି।

କେମିକାଲ୍ କକ୍‌ଟେଲ୍ ନେଇ ମୂଷା ଏବଂ ମାଙ୍କଡ଼ଙ୍କଠାରେ କରାଯାଇଥିବା କ୍ଲିନିକାଲ ଟ୍ରାଏଲ୍ ସଫଳ ହୋଇଛି। ଏହି କକ୍‌ଟେଲ୍ ଶରୀର କୋଷିକାର ବୟସ କମାଇବା ଦ୍ୱାରା ଯୌବନ ପୁଣିଥରେ ଫେରିଆସୁଛି। ଏହା ପ୍ରୟୋଗ ହେବାର ମାତ୍ର ଗୋଟିଏ ସପ୍ତାହ ମଧ୍ୟରେ ଶରୀରରେ ପାର୍ଥକ୍ୟ ପରିଲକ୍ଷିତ ହେଉଥିବା କୁହାଯାଉଛି। ଚକ୍ଷୁ ଶିରା, ମସ୍ତିଷ୍କ କୋଷିକା, ଯକୃତ ଏବଂ ମାଂସପେଶୀରେ ମଧ୍ୟ ଏହାର ସକାରାତ୍ମକ ପ୍ରଭାବ ପଡ଼ିଥାଏ। ଜିନ୍ ଥେରାପୀ ଭଳି କେମିକାଲ କକ୍‌ଟେଲ ଦ୍ୱାରା ଲୋକଙ୍କ ନବଯୌବନ ଫେରିପାରିବ। ଏ ସଂକ୍ରାନ୍ତରେ ବୈଜ୍ଞାନିକଙ୍କ ଅଧ୍ୟୟନ ଜାରି ରହିଛି। ଆଗାମୀ ଦିନରେ ଯୌବନ ଫେରାଇ ପାରୁଥିବା କକ୍‌ଟେଲ ନେଇ ମଣିଷଙ୍କ ଉପରେ ଟ୍ରାଏଲ୍ କରାଯିବାର ଯୋଜନା ରହିଛି।

## ଭାଜପା ନେତାଙ୍କ ପୁଅ ବଳାତ୍କାର ଅଭିଯୁକ୍ତ

ମଧ୍ୟପ୍ରଦେଶ ଦାତିଆ ଜିଲାରେ ଜଣେ ମହିଳାଙ୍କୁ ଗଣବଳାତ୍କାର ଅଭିଯୋଗ ହୋଇଛି। ଘଟଣାରେ ସମ୍ପୃକ୍ତ ଥିବା ୪ଜଣଙ୍କ ମଧ୍ୟରେ ଭାଜପା ନେତାଙ୍କ ପୁଅଙ୍କ ସମ୍ପୃକ୍ତି ଥିବା ଜଣାପଡ଼ିଛି। ପୀଡ଼ିତା ଓ ତାଙ୍କ ଭଉଣୀଙ୍କୁ ଅଭିଯୁକ୍ତମାନେ ଅପହରଣ କରି ସେମାନଙ୍କୁ ଏ ନିଛାଟିଆ ଘରକୁ ନେଇଯାଇଥିଲେ। ସେଠାରେ ଅଭିଯୁକ୍ତମାନେ ମହିଳାଙ୍କୁ ବଳାତ୍କାର କରିବା ସହ ତାଙ୍କ ସାନ ଭଉଣୀଙ୍କ ସହ ଦୁର୍ବ୍ୟବହାର କରିଥିଲେ। ଦୁହେଁ ଘରକୁ ଫେରିବା ପରେ ପୀଡ଼ିତା ଆତ୍ମହତ୍ୟା ଉଦ୍ୟମ କରିଥିଲେ। ଏହାପରେ ପୀଡ଼ିତାଙ୍କ ଭଉଣୀ ଥାନାରେ ଅଭିଯୋଗ କରିଥିଲେ।

**ସଂକ୍ଷେପରେ**

## ବ୍ରିଟେନ ପ୍ରତିରକ୍ଷା ମନ୍ତ୍ରୀ ଇସ୍ତଫା ଦେବେ

**ଲଣ୍ଡନ, ୧୬।୭:** ବ୍ରିଟେନ୍ ପ୍ରତିରକ୍ଷା ମନ୍ତ୍ରୀ ବେନ୍ ୱାଲାସ୍ କ୍ୟାବିନେଟର ଆଗାମୀ ସମ୍ପ୍ରସାରଣ ବେଳେ ଇସ୍ତଫା ଦେବେ ବୋଲି ରବିବାର କହିଛନ୍ତି। ସେ ୪ ବର୍ଷ ହେଲା ପ୍ରତିରକ୍ଷା ଦାୟିତ୍ୱରେ ଥିଲେ। ୨୦୦୫ରୁ କଞ୍ଜରଭେଟିଭ୍ ପାର୍ଟିର


ବେନ୍ ୱାଲାସ୍

ପାର୍ଲାମେଣ୍ଟ ସଦସ୍ୟ ୫୩ ବର୍ଷୀୟ ୱାଲାସ୍ ଆସନ୍ତା ବର୍ଷ ହେବାକୁ ଥିବା ସାଧାରଣ ନିର୍ବାଚନରେ ଲଢ଼ିବେ ନାହିଁ ବୋଲି କହିଛନ୍ତି। ପ୍ରତିରକ୍ଷା ମନ୍ତ୍ରୀ ଭାବେ ସେ ବ୍ରିଟେନର ୩ ପ୍ରଧାନମନ୍ତ୍ରୀ ବୋରିସ ଜନ୍‌ସନ, ଲିଜ୍ ଟ୍ରସ୍ ଏବଂ ଋଷି ସୁନକଙ୍କ ସହ ଏକାଠି କାମ କରିଛନ୍ତି। ରୁଷିଆ-ୟୁକ୍ରେନ୍ ଯୁଦ୍ଧରେ ବ୍ରିଟେନ ଗ୍ରହଣ କରିଥିବା ପଦକ୍ଷେପରେ ତାଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି।

## ଆଇଏସ୍ଆଇ ପାଇଁ କାମ କରୁଥିବା ୟୁପି ଯୁବକ ଗିରଫ

**ଲକ୍ଷ୍ନୌ, ୧୬।୭:** ପାକିସ୍ତାନୀ ଗୋଇନ୍ଦା ସଂସ୍ଥା ଆଇଏସ୍ଆଇ ପାଇଁ କାର୍ଯ୍ୟ କରୁଥିବା ଉତ୍ତରପ୍ରଦେଶର ଜଣେ ଯୁବକଙ୍କୁ ଆତଙ୍କବାଦୀ ନିରୋଧୀ ସ୍କ୍ୱାଡ୍ (ଏଟିଏସ୍) ଗିରଫ କରିଛି। ମହମ୍ମଦ ରାଇସ୍ ନାମକ ଉକ୍ତ ଯୁବକ ତାଙ୍କର ପାକିସ୍ତାନୀ ପରିଚାଳକଙ୍କୁ ଭାରତୀୟ ସୈନ୍ୟବାହିନୀ ସମ୍ପର୍କରେ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ଯୋଗାଉଥିଲେ ବୋଲି ଉତ୍ତରପ୍ରଦେଶ ଏଟିଏସ୍ କହିଛି। ରାଇସଙ୍କ ଘର ଗୋଣ୍ଡାର ତାରବଗଞ୍ଜ ଅଞ୍ଚଳରେ। ସେ ମୁମ୍ବାଇରେ କାମ କରୁଥିବାବେଳେ ଅର୍ମାନଙ୍କ ସହ ସମ୍ପର୍କରେ ଆସିଥିଲେ। ରାଇସ ଚାକିରି କରିବାକୁ ସାଉଦି ଆରବ ଯିବାକୁ ଚାହୁଁଥିବାରୁ ଅର୍ମାନ ତାଙ୍କ ଫୋନ୍ ନମ୍ବରକୁ ପାକିସ୍ତାନର ଜଣେ ଲୋକଙ୍କୁ ଦେଇ ଭାରତ ବିରୋଧରେ ଗୁପ୍ତଚର ବୃତ୍ତି କରିବାକୁ ପ୍ରବର୍ତ୍ତାଇଥିଲେ। ଏହି କାମ ବଦଳରେ ତାଙ୍କୁ ବଡ଼ ଧରଣର ପାରିଶ୍ରମିକ ମିଳିବ ବୋଲି କୁହାଯାଇଥିଲା। ଏହି କାର୍ଯ୍ୟରେ ରାଇସ ତା'ର ଜଣେ ସାଙ୍ଗ ଓ ଅନ୍ୟମାନଙ୍କୁ ଲଗାଇଥିଲା। ତାଙ୍କ କାର୍ଯ୍ୟରେ ସନ୍ଦେହ ହେବାରୁ ଏଟିଏସ୍ ତାଙ୍କୁ ଜେରା ପାଇଁ ଲକ୍ଷ୍ନୌ ଡକାଇଥିଲା। ସେ ଗୁପ୍ତଚରଗିରି ସମ୍ପର୍କରେ ସ୍ୱୀକାର କରିବା ପରେ ତାଙ୍କୁ ଗିରଫ କରାଯାଇଛି।

## ୮୦ ଟଙ୍କାରେ ଟମୋଟୋ ବିକିଲା କେନ୍ଦ୍ର

**ନୂଆଦିଲ୍ଲୀ, ୧୬।୭:** ଟମାଟୋ ଦର କେତେକ ରାଜ୍ୟରେ ୨୫୦ ଟଙ୍କାରେ ପହଞ୍ଚିଥିବାବେଳେ, ଏହାକୁ କିଣିବା ସାଧାରଣ ଲୋକଙ୍କ ସାମର୍ଥ୍ୟ ବାହାରେ। ଲୋକଙ୍କ ଅସୁବିଧାକୁ ଲକ୍ଷ୍ୟ କରି କେନ୍ଦ୍ର ସରକାର କଣ୍ଟ୍ରୋଲ ଦୋକାନ ଜରିଆରେ ଟମାଟୋ କିଲୋ ପ୍ରତି ୮୦ ଟଙ୍କାରେ ବିକ୍ରି କରିବାକୁ ନିଷ୍ପତ୍ତି ନେଇଛନ୍ତି। ରବିବାର ଦିଲ୍ଲୀ ଓ ଜାତୀୟ ରାଜଧାନୀ ଅଞ୍ଚଳ(ଏନ୍‌ସିଆର୍)ରେ ୮୦ ଟଙ୍କାରେ ଟମାଟୋ ବିକ୍ରି ହୋଇଛି। ଲକ୍ଷ୍ନୌ, ବାରାଣସୀ, କାନପୁର ଓ ପାଟନାରେ ମଧ ରିହାତି ଦରରେ ଟମୋଟା ବିକ୍ରି କରାଯାଇଛି। ଶୁକ୍ରବାରଠାରୁ ସରକାର ମୋବାଇଲ ଭ୍ୟାନ୍‌ରେ ଟମାଟୋ କିଲୋ ପ୍ରତି ୯୦ ଟଙ୍କାରେ ବିକ୍ରି ଆରମ୍ଭ କରିଥିଲେ। ରବିବାର ଏହାକୁ ୮୦ ଟଙ୍କାକୁ କମାଇ ଦିଆଯାଇଛି।

## ଫରାସୀ ମହିଳାଙ୍କୁ ଧକ୍କାଦେଲା ଉଲ୍‌କା ପିଣ୍ଡ

ଫ୍ରାନ୍ସର ଜଣେ ମହିଳା ତାଙ୍କ ବନ୍ଧୁଙ୍କ ସହ ଛାତ ଉପରେ ବସି କଫି ପିଉଥିବାବେଳେ ଏକ ଉଲ୍‌କା ପିଣ୍ଡ ତାଙ୍କୁ ଧକ୍କା ଦେଇଛି। ଏହା ଏକ ବିରଳ ମହାକାଶୀୟ ଘଟଣା। ରହସ୍ୟମୟ ପଥରଟି ମହିଳାଙ୍କ ପଞ୍ଜରାରେ ମାଡ଼ ହୋଇଥିଲା। ଆକାଶରୁ ଏକ ଦୀର୍ଘ ଶବ୍ଦ ଶୁଣିବାର ମୁହୂର୍ତ୍ତକ ପରେ କୌଣସି ଜିନିଷ ତାଙ୍କ ଦେହରେ ମାଡ଼ ହେବାର ସେ ଅନୁଭବ କଲେ ବୋଲି କହିଛନ୍ତି। ପ୍ରଥମେ ସେ ଏହାକୁ ଏକ ବାଦୁଡ଼ି କିମ୍ବା ଅନ୍ୟ କୌଣସି ପ୍ରାଣୀ ବୋଲି ଅନୁମାନ କରିଥିଲେ। ସେ ଉକ୍ତ ପଥରକୁ ଅନ୍ୟମାନଙ୍କୁ ଦେଖାଇବା ପରେ ଏହା ଉଲ୍‌କା ବୋଲି କେତେଜଣ କହିଥିଲେ। ଭୂତତ୍ତ୍ୱବିତ୍ ଡ. ଥିଏରି ରେବ୍‌ମାନ ପରୀକ୍ଷା ନିରୀକ୍ଷା କରି ଏହା ଉକ୍ତ ଉଲ୍‌କା ପିଣ୍ଡ ବୋଲି ସ୍ପଷ୍ଟ କରିଥିଲେ।



## ଯାତ୍ରୀଙ୍କ ଆଗରେ ୭୮ ତିମିଙ୍କୁ ମାରିଦେଲେ

ଫାରୋ ଆଇଲାଣ୍ଡସ୍‌ର ରାଜଧାନୀ ଟୋର୍ଶାଭନ ନିକଟରେ ଯାତ୍ରୀମାନଙ୍କ ସମ୍ମୁଖରେ ୭୮ଟି ପାଇଲଟ୍ ତିମିଙ୍କୁ ନିର୍ମମ ଭାବେ ହତ୍ୟା କରାଯାଇଛି। ଏଥିପାଇଁ କ୍ରୁଜ୍ ଜାହାଜ ପକ୍ଷରୁ ରବିବାର ଯାତ୍ରୀମାନଙ୍କୁ କ୍ଷମା ମଗାଯାଇଛି। ଫାରୋ ଆଇଲାଣ୍ଡସ୍‌ରେ ପାଇଲଟ୍ ତିମି ଶିକାର ବହୁବର୍ଷର ପୁରୁଣା ପରମ୍ପରା। ତେବେ ଗତ ୯ ତାରିଖରେ ହଜାର ହଜାର ଯାତ୍ରୀଙ୍କ ଆଗରେ ଏତେ ସଂଖ୍ୟାରେ ତିମିଙ୍କୁ ମାରିଦିଆଯିବା ସେମାନଙ୍କୁ ବ୍ୟଥିତ ଓ ଭୟଭୀତ କରିଥିଲା। ଫାରୋ ଆଇଲାଣ୍ଡସ୍‌ରେ ଜାହାଜଟି ଅଟକି ରହିଥିବାବେଳେ ଗୋଟିଏ ଗ୍ରୁପ୍ ସେମାନଙ୍କ ନିୟମିତ ତିମି ଶିକାରରେ ସାମିଲ ଥିଲେ। ବ୍ରିଟିଶ କ୍ରୁଜ୍ ଶିପ୍‌ର ଅପରେଟର ଟୁଇଟର ଯୋଗେ ଯାତ୍ରୀଙ୍କୁ କ୍ଷମା ମାଗିଛନ୍ତି।


୭୮ ଲମ୍ବା ଡେଣା ଥିବା ପାଇଲଟ ତିମି ଓସନିକ ଡଲ୍‌ଫିନ୍‌ର ଏକ ପ୍ରଜାତି।

# ସ୍ପେନ୍‌ରେ ବନାଗ୍ନି ଅଣାୟତ୍ତ

### ୪ ହଜାର ଲୋକ ସ୍ଥାନାନ୍ତର

ମାଡ୍ରିଡ୍, ୧୬।୭

ସ୍ପେନ୍ କାନାରି ଆଇଲାଣ୍ଡର ଲା ପାଲମାରେ ବନାଗ୍ନି ସ୍ଥିତି ଅଣାୟତ୍ତ ହେବାରେ ଲାଗିଛି। ସୁରକ୍ଷାକୁ ଦୃଷ୍ଟିରେ ରଖି ସ୍ଥାନୀୟ ଅଞ୍ଚଳରୁ ପାଖାପାଖି ୪୦୦୦ ଲୋକଙ୍କୁ ସ୍ଥାନାନ୍ତର କରାଗଲାଣି। ଲଗାତର ସ୍ପେନ୍‌ରେ ସମାନ ସ୍ଥିତି ଲାଗି ରହୁଥିବାରୁ ୟୁରୋପରେ ଶସ୍ୟ ଉତ୍ପାଦନ ବାଧାପ୍ରାପ୍ତ ହୋଇଛି। ଶନିବାର ସକାଳେ ଆଇଲାଣ୍ଡର ଉତ୍ତରାଞ୍ଚଳର ଏଲ୍ ପିନାର ଅଞ୍ଚଳର ଜଙ୍ଗଲରେ ପ୍ରଥମେ ନିଆଁ ଲାଗିଥିଲା। କମ୍ ସମୟରେ ନିଆଁ ଦ୍ରୁତ ବେଗରେ ବ୍ୟାପିବାକୁ ନେଇ ନିକଟସ୍ଥ ଗ୍ରାମ ପୁଣ୍ଟାଗୋର୍ଡ ଏବଂ ତିଜାରାଫେର ଲୋକଙ୍କୁ ତୁରନ୍ତ ସୁରକ୍ଷିତ ସ୍ଥାନକୁ ନିଆଯାଇଥିଲା। ଜଙ୍ଗଲ ନିଆଁରେ ୧୩ ଘର ପୋଡ଼ିଯାଇଥିବାବେଳେ ପାଖାପାଖି ୪,୬୫୦ ହେକ୍ଟର (୧୧,୪୯୦ ଏକର) ଜମିର ଫସଲ ଜଳି ନଷ୍ଟ ହୋଇଯାଇଛି। ନିଆଁକୁ ଆୟତ୍ତ କରିବା ପାଇଁ ୩୦୦ରୁ ଊର୍ଦ୍ଧ୍ୱ ଅଗ୍ନିଶମ କର୍ମଚାରୀ ଏବଂ ୧୦ ଉଡ଼ାଜାହାଜକୁ ନିୟୋଜିତ କରାଯାଇଛି। ୱାଟର ଡ୍ରପିଂ ପ୍ଲେନ୍‌କୁ ଏଥିରେ ସାମିଲ କରାଯିବ। କମ୍ ସମୟରେ ନିଆଁ ଚାରିଆଡ଼େ ଖେଳିଯାଉଥିବା କାନାରୀ ଆଇଲାଣ୍ଡ ରାଷ୍ଟ୍ରପତି ଫର୍ନାଣ୍ଡୋ କ୍ଲାଭିଜୋ କହିଛନ୍ତି। ଗ୍ରୀଷ୍ମ ପ୍ରବାହ ସାଙ୍ଗକୁ ପରିବର୍ତ୍ତିତ ଜଳବାୟୁ ଅଗ୍ନିକାଣ୍ଡର ମୁଖ୍ୟ କାରଣ। ଏ ସଂକ୍ରାନ୍ତରେ ସ୍ପେନ୍ ରାଜା ଫେଲିପ୍ ଷଷ୍ଠ ରାଷ୍ଟ୍ରପତି କ୍ଲାଭିଜୋଙ୍କ ସହ ଫୋନ୍‌ରେ କଥା ହୋଇଛନ୍ତି। ଲା ପାଲମା ଲୋକଙ୍କୁ ବିପଦରୁ ଉଦ୍ଧାର ପାଇଁ ସମସ୍ତ ପ୍ରକାର ସହଯୋଗ ଯୋଗାଇଦେବା ଲାଗି ସେ ପ୍ରତିଶ୍ରୁତି ଦେଇଛନ୍ତି। ୨୦୨୧ରେ ଲାଭା ଉଦ୍‌ଗିରଣ ଫଳରେ ଆଇଲାଣ୍ଡ ଜଙ୍ଗଲରେ ନିଆଁ ଲାଗିଯାଇଥିଲା। ଏହା ଯୋଗୁ ୨,୦୦୦ ବିଲ୍ଡିଂ ଜଳି ଧ୍ୱଂସ ହୋଇଯାଇଥିଲା। ରିପୋର୍ଟ ମୁତାବକ ଗତବର୍ଷ ସ୍ପେନ୍‌ରେ ୫୦୦ ବନାଗ୍ନି ହୋଇଥିବାବେଳେ ୩୦,୦୦,୦୦୦ ହେକ୍ଟର ପରିମିତ ସ୍ଥାନ ଜଳି ନଷ୍ଟ ହୋଇଯାଇଛି। ୟୁରୋପିଆନ୍ ଫରେଷ୍ଟ ଫାୟାର ଇନ୍‌ଫରମେଶନ୍ ସିଷ୍ଟମ (ଇଏଫ୍ଏଫ୍ଆଇଏସ୍) ଡେଟା ଅନୁସାରେ ଜଙ୍ଗଲ ନିଆଁରେ ଚଳିତବର୍ଷ ମୋଟ ୬୬,୦୦୦ ହେକ୍ଟର ଜମି ଜଳିଯାଇଛି।


ସ୍ପେନ୍ କାନାରୀ ଆଇଲାଣ୍ଡସ୍ଥିତ ଲା ପାଲମାରେ ବନାଗ୍ନି ଯୋଗୁ ତିଜାରାଫେ ସହର ଧୂଆଁମୟ ହୋଇଯାଇଛି।

## ଆଲାସ୍କାରେ ଭୂକମ୍ପ ପରେ ସୁନାମି ସତର୍କତା

ୱାଶିଂଟନ, ୧୬।୭

ଆମେରିକାର ଆଲାସ୍କା ଉପକୂଳରେ ଶନିବାର ବିଳମ୍ବିତ ରାତିରେ ବଡ଼ ଧରଣର ଭୂକମ୍ପ ଅନୁଭୂତ ହୋଇଛି। ରିକ୍ଟର ସ୍କେଲ୍‌ରେ ଏହାର ତୀବ୍ରତା ୭.୪ ଥିଲା ବୋଲି ଆମେରିକା ଭୂତାତ୍ତ୍ୱିକ ସର୍ବେକ୍ଷଣ ସଂସ୍ଥା ପକ୍ଷରୁ କୁହାଯାଇଛି। ଦକ୍ଷିଣ ଆଲାସ୍କା ଏବଂ ଆଲାସ୍କା ଉପଦ୍ୱୀପ ପାଇଁ ସୁନାମି ସତର୍କ ସୂଚନା ଜାରି କରାଯାଇଛି। ସୁନାମି ବିପଦ ଥିବା ଅଞ୍ଚଳଗୁଡ଼ିକରୁ ଲୋକମାନଙ୍କୁ ତୁରନ୍ତ ଉଚ୍ଚ ସ୍ଥାନକୁ ଚାଲିଯିବା ଲାଗି ନ୍ୟାଶନାଲ ସୁନାମୀ ୱାର୍ନିଂ ସେଣ୍ଟର ପକ୍ଷରୁ ପରାମର୍ଶ ଦିଆଯାଇଛି।

## ଆସାମରେ ଭୂକମ୍ପ

ଗୁଆହାଟୀ, ୧୬।୭

ଆସାମର ପଶ୍ଚିମ ଖାସି ହିଲ୍ସରେ ରବିବାର ସନ୍ଧ୍ୟା ୭ଟା ୫୦ ମିନିଟ୍‌ରେ ୪.୨ ତୀବ୍ରତା ବିଶିଷ୍ଟ ଭୂକମ୍ପ ଅନୁଭୂତ ହୋଇଛି। ଭୂକମ୍ପର କେନ୍ଦ୍ରସ୍ଥଳ ୧୦ କି.ମି. ଗଭୀରରେ ଥିବାବେଳେ ଗୁଆହାଟୀରେ ଏହାର ଝଟ୍‌କା ଅନୁଭୂତ ହୋଇଛି।

## ପାକିସ୍ତାନରେ ୧୫୦ ବର୍ଷର ମନ୍ଦିର ଭାଙ୍ଗିଲା





କରାଚି, ୧୬।୭

ପାକିସ୍ତାନରେ ୨୪ ଘଣ୍ଟା ମଧ୍ୟରେ ୨ଟି ମନ୍ଦିର ଉପରେ ଆକ୍ରମଣ ହୋଇଛି। ଶନିବାର କରାଚିଠାରେ ଥିବା ୧୫୦ ବର୍ଷ ପୁରୁଣା ମନ୍ଦିରକୁ ଭାଙ୍ଗି ଦିଆଯାଇଛି। ୨୪ ଘଣ୍ଟା ନ ପୂରୁଣୁ ସିନ୍ଧ ପ୍ରଦେଶର କାଶ୍ମୋରେ ଥିବା ଆଉ ଏକ ହିନ୍ଦୁ ମନ୍ଦିର ଉପରେ ରବିବାର କେତେଜଣ ଡକାୟତ ରକେଟ୍ ଲଞ୍ଚରରେ ଆକ୍ରମଣ କରିଛନ୍ତି। ସୂଚନା ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚିବା ପୂର୍ବରୁ ଡକାୟତମାନେ ଫେରାର୍ ହୋଇଯାଇଥିଲେ। ସ୍ଥାନୀୟ ଲୋକଙ୍କ କହିବା ଅନୁସାରେ, ରକେଟ୍ ଲଞ୍ଚରରେ ନିଆଁ ନ ଲାଗିବାରୁ ଡକାୟତଙ୍କ ଯୋଜନା ପଣ୍ଡ ହୋଇଥିଲା। ଘଟଣା ନେଇ ପୋଲିସ ପକ୍ଷରୁ ସର୍ଚ୍ଚ ଅପରେଶନ୍ ଆରମ୍ଭ କରାଯାଇଛି। ଉକ୍ତ ମନ୍ଦିରଟି ବର୍ଷକୁ ଏକ ନିର୍ଦ୍ଦିଷ୍ଟ ସମୟ ପାଇଁ ଖୋଲାଯାଉଥିବା କାଶ୍ମୋରେ କନ୍ଧକୋଟ ଏସ୍ଏସ୍‌ପି ଇରଫାନ୍ ସାମୋ କହିଛନ୍ତି। ସ୍ଥାନୀୟ ଅଞ୍ଚଳରେ କେତେଜଣ ଅପରାଧୀ ପ୍ରବୃତ୍ତିର ଲୋକ ବିଶୃଙ୍ଖଳା ସୃଷ୍ଟି କରିବାକୁ ଚାହୁଁଥିବାବେଳେ ସିନ୍ଧ ଗୃହ ବିଭାଗ ଘଟଣାର ତଦନ୍ତ କରୁ ବୋଲି ପାକିସ୍ତାନ ମାନବାଧିକାର ଆୟୋଗ ପକ୍ଷରୁ ଦାବି କରାଯାଇଛି।

କରାଚିରେ ବହୁ ପୁରୁଣା ଓ ବିପଦସଙ୍କୁଳ ଅବସ୍ଥାରେ ଥିବାରୁ ମନ୍ଦିର ଭଙ୍ଗାଯାଇଥିବା କୁହାଯାଉଛି। ଶୁକ୍ରବାର ରାତିରେ ବିପୁଳ ପୋଲିସ ଫୋର୍ସ ଉପସ୍ଥିତିରେ ବୁଲ୍‌ଡୋଜର ଲଗାଇ ମାରିମାତା ମନ୍ଦିର ଭଙ୍ଗାଯାଇଥିଲା।

### ୩୦ ହିନ୍ଦୁ ବନ୍ଧକ

ପାକିସ୍ତାନରେ ଏକ ସଂଗଠିତ ଅପରାଧୀ ଗ୍ୟାଙ୍ଗ ସିନ୍ଧ୍ ପ୍ରଦେଶର କାଶ୍ମୋରେ ଏବଂ ଘୋଟ୍‌କି ଜିଲାରୁ ସଂଖ୍ୟାଲଘୁ ହିନ୍ଦୁ ସମ୍ପ୍ରଦାୟର ୩୦ ଜଣଙ୍କୁ ବନ୍ଧକ ରଖିଛି। ସେମାନଙ୍କ ମଧ୍ୟରେ ମହିଳା ଓ ଶିଶୁ ଅଛନ୍ତି। ଏହି ଖବର ପ୍ରକାଶ ପାଇବା ପରେ ପାକିସ୍ତାନର ମାନବାଧିକାର କମିଶନ ପ୍ରତିବାଦ ଜଣାଇଛି। ଉକ୍ତ ଗ୍ୟାଙ୍ଗ ହିନ୍ଦୁ ମନ୍ଦିରଗୁଡ଼ିକ ଉପରେ ଆକ୍ରମଣ ଧମକ ଦେଇଥିବାରୁ ଏହାର ତଦନ୍ତ ଗୃହ ବିଭାଗ ଦ୍ୱାରା ତୁରନ୍ତ କରିବା ପାଇଁ ଅଧିକାର ସଂଗଠନ ଆହ୍ୱାନ ଦେଇଛି।

## ସୀମା ପାକିସ୍ତାନ ଫେରିବା ଚାହୁଁ ନାହାନ୍ତି ସମ୍ପର୍କୀୟ

କରାଚି, ୧୬।୭

ସୀମା ଗୁଲାମ ହାଇଦର ଅନ୍‌ଲାଇନ୍ ପବ୍‌ଜି ଖେଳି ନୋଏଡାର ସଚିନ ମିଣାଙ୍କ ପ୍ରେମରେ ପଡ଼ିବା ପରେ ପାକିସ୍ତାନ ଛାଡ଼ି ଭାରତ ଚାଲିଆସିଥିଲେ। ନିଜ ୪ ପିଲାଙ୍କ ସହ ନେପାଳ ଦେଇ ଭାରତ ଆସିଥିବା ସୀମା ପୁଣିଥରେ ପାକିସ୍ତାନ ନ ଫେରନ୍ତୁ ବୋଲି ତାଙ୍କ ସମ୍ପର୍କୀୟ କହିଛନ୍ତି। ସେମାନଙ୍କ ମତରେ ସୀମା ଏବେ ଅନ୍ୟ ସମ୍ପ୍ରଦାୟର ହୋଇଗଲେଣି। ସେଥିପାଇଁ ତାଙ୍କୁ ପୁଣିଥରେ ଗ୍ରହଣ କରାଯାଇ ପାରିବ ନାହିଁ। ଭାରତରେ ବେଆଇନ ପ୍ରବେଶ ନେଇ ସୀମାଙ୍କୁ ଜୁଲାଇ ୪ରେ ଗିରଫ କରାଯାଇଥିଲା। ଜାମିନରେ ଆସିବା ପରେ ସେ ପାକିସ୍ତାନ ଯିବାକୁ ଅରାଜି। ସେଠାକୁ ଗଲେ ତାଙ୍କୁ ମୃତ୍ୟୁ ଭୟ ଥିବା ସୀମା କହିଛନ୍ତି। ସୀମାଙ୍କ ପୂର୍ବତନ ସ୍ୱାମୀ ଗୁଲାମ ହାଇଦର ସାଉଦି ଆରବରେ ଚାକିରି କରୁଥିବାବେଳେ ସୀମା ତାଙ୍କ ପିଲାଙ୍କ ସହ ଏକୁଟିଆ ଗୁଲିସ୍ତାନ-ଇ-ଜୈହାରସ୍ଥିତ ଘରେ ରହୁଥିଲେ। ୨୦୧୯ରୁ ସୀମା ସଚିନଙ୍କ ପ୍ରେମରେ ପଡ଼ିଥିବା କୁହାଯାଉଛି। ଗୁଲାମ ପୁଣିଥରେ ସୀମାଙ୍କୁ ଆପଣାଇବାକୁ ପ୍ରସ୍ତୁତ ଥିବା ଏକ ଭିଡିଓରେ କହିଛନ୍ତି।


ସୀମା ହାଇଦର

## ବିରୋଧୀ ବୈଠକରେ ଯୋଗଦେବ ଏଏପି

ନୂଆଦିଲ୍ଲୀ, ୧୬।୭

### ଦିଲ୍ଲୀ ଅଧ୍ୟାଦେଶକୁ ସମର୍ଥନ କରିବନି କଂଗ୍ରେସ

୨୦୨୪ ସାଧାରଣ ନିର୍ବାଚନରେ ଭାଜପାକୁ ପରାସ୍ତ କରିବା ପାଇଁ ବିରୋଧୀ ଦଳଗୁଡ଼ିକର ଦ୍ୱିତୀୟ ତଥା ଗୁରୁତ୍ୱପୂର୍ଣ୍ଣ ବୈଠକ ସୋମବାରଠାରୁ ଦୁଇଦିନ ବେଙ୍ଗାଲୁରୁରେ ଅନୁଷ୍ଠିତ ହେବାକୁ ଯାଉଛି। ଏଥିରେ ଆମ୍ ଆଦ୍‌ମୀ ପାର୍ଟି (ଏଏପି) ଯୋଗ ଦେବାକୁ ନିଷ୍ପତ୍ତି ନେଇଛି। ଦିଲ୍ଲୀର ସେବା ପ୍ରଶାସନକୁ ନିୟନ୍ତ୍ରଣ କରିବା ଲାଗି କେନ୍ଦ୍ର ସରକାରଙ୍କ ଅଧ୍ୟାଦେଶକୁ କଂଗ୍ରେସ ସମର୍ଥନ କରିବ ନାହିଁ ବୋଲି ରବିବାର ଘୋଷଣା କରିବା ପରେ ବିରୋଧୀ ବୈଠକରେ ଯୋଗଦେବା ଲାଗି ଏଏପି ପକ୍ଷରୁ ସ୍ପଷ୍ଟ କରିଦିଆଯାଇଛି। ଦେଶର ସଂଘୀୟ ବ୍ୟବସ୍ଥାକୁ ଭାଙ୍ଗିବା ପାଇଁ କେନ୍ଦ୍ର ସରକାରଙ୍କ ଯେକୌଣସି ଉଦ୍ୟମକୁ ବିରୋଧ କରାଯିବ ବୋଲି କଂଗ୍ରେସ ସାଧାରଣ ସମ୍ପାଦକ କେ.ସି. ବେଣୁଗୋପାଳ କହିଛନ୍ତି। ରାଜ୍ୟପାଳଙ୍କ ଜରିଆରେ ବିରୋଧୀ ଦଳ ଶାସିତ ରାଜ୍ୟଗୁଡ଼ିକରେ କେନ୍ଦ୍ରର ହସ୍ତକ୍ଷେପକୁ ବରଦାସ୍ତ କରାଯିବ ନାହିଁ। ଏନେଇ ତାଙ୍କ ଦଳର ଆଭିମୁଖ୍ୟ ସ୍ପଷ୍ଟ ବୋଲି ବେଣୁଗୋପାଳ କହିଛନ୍ତି। ଆସନ୍ତା ବର୍ଷ ହେବାକୁ ଥିବା ଲୋକ ସଭା ନିର୍ବାଚନରେ ଭାଜପାକୁ ପରାସ୍ତ କରିବା ଲାଗି ବେଙ୍ଗାଲୁରୁ ବୈଠକରେ ବିରୋଧୀ ଦଳଗୁଡ଼ିକ ରଣନୀତି ପ୍ରସ୍ତୁତ କରିବେ। କେନ୍ଦ୍ରର ଅଧ୍ୟାଦେଶ ବିରୋଧରେ ଏଏପିର ଅଭିଯାନ ଜାରି ରଖିବାକୁ ଦଳର ରାଜନୈତିକ କ୍ରିୟାନୁଷ୍ଠାନ କମିଟି ବୈଠକରେ ନିଷ୍ପତ୍ତି ନିଆଯାଇଥିବା ଏମ୍‌ପି ରାଘବ ଚଢ଼ା କହିଛନ୍ତି। କେନ୍ଦ୍ରର ଦେଶ ବିରୋଧୀ ଅଧ୍ୟାଦେଶକୁ ତୃଣମୂଳ କଂଗ୍ରେସଠାରୁ ଆରମ୍ଭ କରି ଆର୍‌ଜେଡି, ଜେଡିୟୁ, ଏନ୍‌ସିପି, ସମାଜବାଦୀ ପାର୍ଟି, ଉଦ୍ଧବ ଠାକ୍‌ରେଙ୍କ ଶିବସେନା ପକ୍ଷରୁ ବିରୋଧ କରାଯାଇଛି। ରାଜ୍ୟ ସଭାରେ ଉକ୍ତ ଅଧ୍ୟାଦେଶକୁ ଗୃହୀତ କରାଇବା ଲାଗି ସରକାରଙ୍କ ଉଦ୍ୟମକୁ ବିଫଳ କରିବା ଲାଗି ସମସ୍ତ ଉଦ୍ୟମ ହେବ ବୋଲି ଚଢ଼ା କହିଛନ୍ତି।


ରାଘବ ଚଢ଼ା

## ମସ୍‌ଜିଦ ପ୍ରବେଶ ବନ୍ଦ କଲେ ଜିଲାପାଳ

ଔରଙ୍ଗାବାଦ, ୧୬।୭

### ହାଇକୋର୍ଟ ଗଲା ଟ୍ରଷ୍ଟ

ମହାରାଷ୍ଟ୍ରର ଜଲଗାଁଓ ଜିଲାରେ ଥିବା ଏକ ମସ୍‌ଜିଦ ପରିସରକୁ ପ୍ରବେଶ ଉପରେ ଜିଲାପାଳ ନିଷେଧାଦେଶ ଲଗାଇବା ପରେ ଏହାକୁ ବିରୋଧ କରି ପରିଚାଳନା ଟ୍ରଷ୍ଟ ବମ୍ବେ ହାଇକୋର୍ଟଙ୍କ ଔରଙ୍ଗାବାଦ ବେଞ୍ଚଙ୍କ ଦ୍ୱାରସ୍ଥ ହୋଇଛି। ମସ୍‌ଜିଦ ଢାଞ୍ଚାରେ ମନ୍ଦିର ଆକୃତି ରହିଥିବା ଅଭିଯୋଗ ପରେ ଜିଲାପାଳ ସେଠାରେ ପ୍ରବେଶ ଉପରେ ପ୍ରତିବନ୍ଧକ ଲଗାଇଥିଲେ। ପିଟିଶନର ଶୁଣାଣି ଆସନ୍ତା ୧୮ରେ ହେବ ବୋଲି ଟ୍ରଷ୍ଟର ଓକିଲ ଏସ୍.ଏସ୍. କାଜି କହିଛନ୍ତି। ଜୁମ୍ମା ମସଜିଦ ଟ୍ରଷ୍ଟ କମିଟି ପକ୍ଷରୁ ଏହାର ଅଧ୍ୟକ୍ଷ ଅଲତାଫ ଖାନ୍ ଦାଏର କରିଥିବା ପିଟିଶନରେ ଜିଲାପାଳ ଲଗାଇଥିବା ନିଷେଧାଦେଶ ମନମାନି ଏବଂ ବେଆଇନ ବୋଲି ଦର୍ଶାଇଛନ୍ତି। ମସ୍‌ଜିଦ ଚାବି ଏରାଣ୍ଡୋଲ ମ୍ୟୁନିସିପାଲ କାଉନସିଲ୍‌ର ମୁଖ୍ୟ ଅଧିକାରୀଙ୍କୁ ହସ୍ତକ୍ଷେପ କରିବା ଲାଗି ଜିଲାପାଳ ଟ୍ରଷ୍ଟକୁ ନିର୍ଦ୍ଦେଶ ଦେଇଥିଲେ। ପିଟିଶନରେ କୁହାଯାଇଛି, ବହୁ ଦଶନ୍ଧି ହେଲା ଉକ୍ତ ମସ୍‌ଜିଦ ରହିଥିବାବେଳେ ମହାରାଷ୍ଟ୍ର ସରକାର ଏହାର ଢାଞ୍ଚାକୁ ପୁରାତନ ତଥା ଐତିହାସିକ କୀର୍ତ୍ତିରାଜି ଘୋଷଣ କରିଛନ୍ତି। ସୁରକ୍ଷିତ କୀର୍ତ୍ତିରାଜି ତାଲିକାରେ ଏହାକୁ ସାମିଲ କରାଯାଇଛି। ଟ୍ରଷ୍ଟ ମସ୍‌ଜିଦର ସମ୍ପୂର୍ଣ୍ଣ ଯତ୍ନ ନେଇଆସୁଛି, ଯାହା ଉପରେ ପ୍ରତ୍ନତତ୍ତ୍ୱ ବିଭାଗ କିମ୍ବା ରାଜ୍ୟ ସରକାରଙ୍କର କୌଣସି ଆପତ୍ତି ଅଭିଯୋଗ ନାହିଁ। ତେବେ ଗତ ମେ'ରେ ପାଣ୍ଡଭୱାଡ଼ା ସଂଘର୍ଷ ସମିତି ଜଲଗାଁଓର ଏରାଣ୍ଡୋଲ ତାଲୁକରେ ଅସ୍ଥିରତା ସୃଷ୍ଟି ଲାଗି ଜିଲାପାଳଙ୍କୁ ଏକ ଆବେଦନ ପତ୍ର ଦେଇଥିଲେ। ଉକ୍ତ ପୁରାତନ କୀର୍ତ୍ତିରାଜିରେ ମନ୍ଦିର ଆକୃତି ରହିଥିବା ସେମାନେ ଦାବି କରି ସେଠାରୁ ମୁସଲମାନ ସମ୍ପ୍ରଦାୟଙ୍କୁ ବାହାର କରାଯିବାକୁ ନିବେଦନ କରିଥିଲେ।

# ରାସ୍ତାରୁ ଶୁଖୁନି ପାଣି, ଲୋକେ ହନ୍ତସନ୍ତ

ନୂଆଦିଲ୍ଲୀ, ୧୬।୭

ଯମୁନା ନଦୀରୁ ବନ୍ୟା ଜଳ କମୁଥିବାବେଳେ ଏବେ ବି ଏହାର ଜଳସ୍ତର ବିପଦ ସଙ୍କେତ ତଳକୁ ଖସିନାହିଁ। ସହରର ତଳିଆ ଅଞ୍ଚଳରୁ ଧୀରେ ଧୀରେ ଜଳ ଶୁଖୁଥିବାବେଳେ କିନ୍ତୁ ରାସ୍ତା ଏବେବି ଜଳମଗ୍ନ। ରବିବାର ଯମୁନା ଜଳସ୍ତର ୨୦୫.୯୧ ମିଟରକୁ ଖସିଛି। କିନ୍ତୁ ମଝିରେ ମଝିରେ ହେଉଥିବା ବର୍ଷା ଦିଲ୍ଲୀବାସୀଙ୍କ ବିପଦକୁ ଅଧିକ ବଢ଼ାଇ ଦେଇଛି। ସ୍ଥିତିକୁ ନେଇ ଲୋକେ ହନ୍ତସନ୍ତ ହେଉଥିବା ବେଳେ ପ୍ରଭାବିତ ପରିବାରକୁ ୧୦ ହଜାର ଟଙ୍କା ଲେଖାଏ ସହାୟତା ରାଶି ପ୍ରଦାନ କରିବାକୁ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ ଘୋଷଣା କରିଛନ୍ତି।। ପୁରୁଣା ଦିଲ୍ଲୀ ଯମୁନା ବଜାର ଶୁଖିଲା ରହିଥିବାରୁ ଗତ ଗୁରୁବାର ସେଠାରେ ଅସ୍ଥାୟୀ ଶିବିର ନିର୍ମାଣ କରିଥିଲେ। କିନ୍ତୁ ବର୍ତ୍ତମାନ ଶିବିରରେ ପାଣିପଶିବା ଦ୍ୱାରା ସେଠାରେ ଆଶ୍ରୟ ନେଇଥିବା ଲୋକେ ହଇରାଣ ହୋଇଛନ୍ତି। ସହରର ବିଭିନ୍ନ ସ୍ଥାନରେ ମୋଟ ୨୭୦୦ ଟେଣ୍ଟ ବାନ୍ଧି ଅସ୍ଥାୟୀ ଶିବିର ତିଆରି କରାଯାଇଥିବାବେଳେ ସେଥିରେ ପାଖାପାଖି ୨୭,୦୦୦ ଲୋକ ନାମ ପଞ୍ଜୀକରଣ କରି ଆଶ୍ରୟ ନେଇଛନ୍ତି। ସେହିପରି ପଞ୍ଜାବ ଓ ହରିୟାଣାରେ ବନ୍ୟାସ୍ଥିତି ନିୟନ୍ତ୍ରଣକୁ ଆସିଛି। ଅଦ୍ୟାବଧି ଉଭୟ ରାଜ୍ୟରେ ୬୨ ଜଣଙ୍କ ମୃତ୍ୟୁ ଘଟିଛି। ସ୍ଥିତିକୁ


ଲାଲ୍‌କିଲ୍ଲା ପଛପାଖ ଜଳପ୍ଲାବିତ ରାସ୍ତାରେ ଗାଡ଼ି ଯାଉଛି।

### ଦିଲ୍ଲୀ ବନ୍ୟାକୁ ନେଇ ରାଜନୀତି

ଦୃଷ୍ଟିରେ ରଖି ଶିକ୍ଷାନୁଷ୍ଠାନଗୁଡ଼ିକୁ ୧୭ ପର୍ଯ୍ୟନ୍ତ ବନ୍ଦ କରାଯାଇଛି। ଦିଲ୍ଲୀ ବନ୍ୟାସ୍ଥିତିକୁ ନେଇ ଏଏପି ଓ ଭାଜପା ମୁହାଁମୁହିଁ ସ୍ଥିତିରେ ଅଛନ୍ତି। ବନ୍ୟ ସମ୍ପର୍କିତ ତଥ୍ୟ ପ୍ରଦାନରେ ପିଡବ୍ଲ୍ୟୁଡି ମନ୍ତ୍ରୀ ମିଛ କହୁଛନ୍ତି। ଗତ ୨ ବର୍ଷ ମଧ୍ୟରେ ବନ୍ୟାସ୍ଥିତି ମୁକାବିଲା ପାଇଁ ବିଭାଗ ତରଫରୁ କୌଣସି ବୈଠକ ହୋଇ ନ ଥିବା କେନ୍ଦ୍ର ମନ୍ତ୍ରୀ ମୀନାକ୍ଷୀ ଲେଖି ଅଭିଯୋଗ ଆଣିଛନ୍ତି। କେଜ୍‌ରିୱାଲ ନିଜ ଦାୟିତ୍ୱରୁ ପଳାୟନ କରୁଥିବା କେନ୍ଦ୍ର ସୂଚନା, ପ୍ରସାରଣ ମନ୍ତ୍ରୀ ଅନୁରାଗ ଠାକୁର କହିଛନ୍ତି। ବନ୍ୟାକୁ ନେଇ ଦିଲ୍ଲୀବାସୀଙ୍କ ବିରୋଧରେ ଷଡ଼ଯନ୍ତ୍ର କରାଯାଉଥିବା ଶନିବାର ଏଏପି କହିଥିଲା।

# ଆନ୍ତଃରାଜ୍ୟ ଖଣିଜ ଚୋରି ର୍ୟାକେଟର ପର୍ଦ୍ଦାଫାଶ

■ ୭ ଅଭିଯୁକ୍ତ ଗିରଫ
■ ଏକାଧିକ ଗାଡ଼ି,୧୦୦ ମେଟ୍ରିକ୍ ଟନ୍‌ରୁ ଊର୍ଦ୍ଧ୍ୱ ମାଙ୍ଗାନିଜ ଜବତ

ଯୋଡ଼ା,୧୬।୭(ମାନସ ମହାନ୍ତି)

କେନ୍ଦୁଝର ଜିଲା ବାମେବାରି ପୋଲିସ ଏକ ଆନ୍ତଃରାଜ୍ୟ ଖଣିଜ ଚୋରି ର୍ୟାକେଟର ପର୍ଦ୍ଦାଫାଶ କରିଛି। ଏହି କାରବାରରେ ସମ୍ପୃକ୍ତି ଅଭିଯୋଗରେ ୭ ଅଭିଯୁକ୍ତ ଗିରଫ ହୋଇଛନ୍ତି। ସେମାନେ ହେଲେ ରୁଗୁଡ଼ି ଥାନା ଚୋରମାଲଦା ଅଞ୍ଚଳର ସଚିନ ମହାକୁଡ,ସତୀଶ ଖଛପ, ଝାଡ଼ଖଣ୍ଡ ରାଜ୍ୟ ମଝିଗାଁ ଥାନା ଅଧୀନ ଖରପୋସ ଅଞ୍ଚଳର ଏମ୍‌ଡି ତସିମ, ସହିବୁଲ ଆନ୍‌ସାରୀ, ତସିବୁଲ ଆନ୍‌ସାରୀ, ମହମ୍ମଦ ଅଲ୍ଲୀ ଓ ଆନ୍‌ସାରୁ ଆନ୍‌ସାରୀ। ଚଢ଼ାଉ ବେଳେ ପୋଲିସ ଏକାଧିକ ଗାଡ଼ି ଜବତ କରିଛି। ଏ ନେଇ ପୋଲିସ ଦଫା ୩୭୯,୧୨୦(ବି) ଓ ୨୧ ଏମ୍‌ଏମ୍‌ଡିଆର୍ ଆକ୍ଟରେ ଏକ ମାମଲା(ନଂ.୧୧୬/୨୩) ରୁଜୁ କରି ଅଭିଯୁକ୍ତମାନଙ୍କୁ କୋର୍ଟଚାଲାଣ କରିଛି।

ସୂଚନା ଅନୁଯାୟୀ, ଶନିବାର ରାତି ୮.୩୦ମିନିଟ ସମୟରେ ବାମେବାରି ପୋଲିସ ପାଟ୍ରୋଲିଂ କରୁଥିବା ବେଳେ ସୁନ୍ଦରଗଡ଼-କେନ୍ଦୁଝର ଜିଲା ସୀମାନ୍ତ ଅଞ୍ଚଳରୁ ମାଙ୍ଗାନିଜ ବୋଝେଇ ହୋଇ ୨ ମିନିଟ୍ରକ୍‌ରେ ପରିବହନ ହେଉଥିବା ଖବର ପାଇ ଚଢ଼ାଉ କରିଥିଲା। ପରେ ଏହି କାରବାରରେ ସହଯୋଗ କରୁଥିବା ଗୋଟିଏ ଧଳା ରଙ୍ଗର ହୁଣ୍ଡାଇ କାର ଓ ଏକ ବାଇକ୍‌କୁ ମଧ୍ୟ ପୋଲିସ ଜବତ କରିଥିଲା। ଜବତ ଦୁଇଟି ଟ୍ରକ୍‌ରେ ପ୍ରାୟ ୪ ମେଟ୍ରିକଖ ଟନ୍‌ରୁ ଊର୍ଦ୍ଧ୍ୱ ମାଙ୍ଗାନିଜ ବୋଝେଇ ହୋଇଥିବା ପୋଲିସ ସୂଚନା ଦେଇଛି।




ସେହିପରି ଗତ ଏକ ସପ୍ତାହ ମଧ୍ୟରେ ଯୋଡ଼ା ଖଣି ମଣ୍ଡଳସ୍ଥିତ ସିଲିଯୋଡା କୁଦରସାହି ନିକଟସ୍ଥ ଜଙ୍ଗଲରେ ଚୋରା କାରବାର ହେଉଥିବାବେଳେ ପ୍ରାୟ ୧୧୬ ମେଟ୍ରିକ୍ ଟନ୍ ହାଇଗ୍ରେଡ୍ ମାଙ୍ଗାନିଜ ଜବତ ହୋଇଥିଲା। ବନାଞ୍ଚଳରେ ମାଙ୍ଗାନିଜ ଉତ୍ତୋଳନ କରୁଥିବା ବେଳେ ଗୋଟିଏ ଜେସିବି ମେଶିନ ଓ ଗୋଟିଏ ହାଇୱା ଟ୍ରକ୍‌କୁ ପୋଲିସ ଜବତ କରିଥିଲା। ଏଥିରେ ସମ୍ପୃକ୍ତ ୪ ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ତେଣେ ଯୋଡ଼ା ଖଣି ଉପ ନିର୍ଦ୍ଦେଶାଳୟ ପକ୍ଷରୁ ଚମ୍ପୁଆ-ଝାଡ଼ଖଣ୍ଡ ରାଜ୍ୟ ସୀମାନ୍ତରେ ସିଜି ୦୬ ଏମ ୦୫୯୯ ଟ୍ରକ୍‌ର ଟ୍ରାଞ୍ଜିଟ ପାସ୍ ଯାଞ୍ଚ କରିଥିଲା। ଜାଲ୍ ଟ୍ରାଞ୍ଜିଟ ପାସ୍ ବ୍ୟବହାର କରି ଚୋରାଚାଲାଣ ହେଉଥିବା ଖଣି ବିଭାଗ ଜାଣିବାକୁ ପାଇଥିଲା। ଟ୍ରାଞ୍ଜିଟ ପାସ୍‌ଟି ଓଡ଼ିଶା ଖଣି ନିଗମ ଅଧୀନ ଗୁଆଲି ଖଣିର ବୋଲି ଲେଖାଥିବା ବେଳେ ରାଜ୍ୟ ଖଣି ବିଭାଗ ପକ୍ଷରୁ ନୂତନ ପ୍ରଯୁକ୍ତି ବିଦ୍ୟା କୌଶଳରେ ଟ୍ରାଞ୍ଜିଟ ପାସରେ ଥିବା ବାରକୋଡ୍ ଚିତ୍ରଟି ମେଳ ଖାଇ ନ ଥିଲା। ଏହା ନକଲି ବୋଲି ଖଣି ବିଭାଗ ପକ୍ଷରୁ ସ୍ପଷ୍ଟ କରାଯାଇଛି। ଜବତ ଟ୍ରକ୍‌ରେ ପ୍ରାୟ ୨୪ ମେଟ୍ରିକ୍ ଟନ୍ ମାଙ୍ଗାନିଜ ବୋଝେଇ ହୋଇ ଚୋରାଚାଲାଣ ହେଉଥିଲା। ସୁନ୍ଦରଗଡ଼ ଜିଲା କୋଇଡା, କେନ୍ଦୁଝର ଜିଲା ଯୋଡ଼ା ଓ ବାମେବାରି ପୋଲିସ ସମେତ ଯୋଡ଼ା ଖଣି ବିଭାଗ ଖଣିଜ ଚୋରି ରୋକିବା ଦିଗରେ ସକ୍ରିୟ ହୋଇପଡ଼ିଛନ୍ତି। ତେବେ ଜବତ ହୋଇଥିବା ସମୁଦାୟ ୧୪୪ ମେଟ୍ରିକ୍ ଟନ ମାଙ୍ଗାନିଜ ଖଣିଜର ବଜାର ମୂଲ୍ୟ ପ୍ରାୟ ୩୦ଲକ୍ଷ ଟଙ୍କା ହେବ ବୋଲି ଆକଳନ କରାଯାଇଛି।




## କୁଇ ଭାଷାକୁ ସମ୍ବିଧାନରେ ଅନ୍ତର୍ଭୁକ୍ତ କରିବାକୁ କେନ୍ଦ୍ରକୁ ସୁପାରିସ

ମାଲକାନଗିରି,୧୬।୭(ଦୁର୍ଯ୍ୟୋଧନ ପାତ୍ର)

ଓଡ଼ିଶାରେ ୧୪ ଲକ୍ଷରୁ ଊର୍ଦ୍ଧ୍ୱ କୁଇ ଭାଷାଭାଷୀ ଜନଜାତି ବସବାସ କରୁଛନ୍ତି। ବିଶେଷକରି କନ୍ଧ ସମ୍ପ୍ରଦାୟର ଜନଜାତି ଏହି ଭାଷା ବ୍ୟବହାର କରନ୍ତି। ଏହା ରାଷ୍ଟ୍ରୀୟ ଭାଷା ମାନ୍ୟତା ପାଇ ନ ଥିବାରୁ ମାଲକାନଗିରି ଜିଲା କନ୍ଧ ସମାଜ ବିଭିନ୍ନ ସମୟରେ ରାଜ୍ୟ ଓ କେନ୍ଦ୍ର ସରକାରଙ୍କୁ କୁଇ ଭାଷାକୁ ସମ୍ବିଧାନର ଅଷ୍ଟମ ଅନୁଚ୍ଛେଦରେ ଅନ୍ତର୍ଭୁକ୍ତ କରିବାକୁ ଦାବିକରି ଆସୁଥିଲେ। ଗତ କ୍ୟାବିନେଟ ବୈଠକରେ ରାଜ୍ୟ ସରକାର କୁଇ ଭାଷାକୁ ସମ୍ବିଧାନର ଅଷ୍ଟମ ଅନୁଚ୍ଛେଦରେ ଅନ୍ତର୍ଭୁକ୍ତ କରିବାକୁ କେନ୍ଦ୍ରକୁ ସୁପାରିସ କରିଥିବାରୁ ମାଲକାନଗିରି କନ୍ଧ ସମାଜ ସରକାରଙ୍କୁ ଧନ୍ୟବାଦ ଦେଇଛି। କନ୍ଧ ସମାଜ ସଭାପତି ଗୋପୀ ପାଙ୍ଗୀ ରବିବାର ମାଲକାନଗିରି ଜିଲା ପରିଷଦ ସମ୍ମିଳନୀ କକ୍ଷରେ ଏକ ସାମ୍ବାଦିକ ସମ୍ମିଳନୀରେ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଛନ୍ତି। କୁଇ ଭାଷାକୁ ଆହୁରି ଲୋକାଭିମୁଖୀ କରିବା ଲକ୍ଷ୍ୟରେ ଅଷ୍ଟମ ଅନୁଚ୍ଛେଦରେ ଅନ୍ତର୍ଭୁକ୍ତ କରିବାକୁ ସେ ଦାବି କରିଛନ୍ତି।

## ୪୭୦ ଟଙ୍କା ପାଇଁ ୪୦ ହଜାର ଗଣିବ ଡାକ ବିଭାଗ

ଫୁଲବାଣୀ,୧୬।୭(ରାକେଶ କୁମାର ରାଉତ)

ଫୁଲବାଣୀ ଜିଲା ଦାରିଙ୍ଗିବାଡି ଅଞ୍ଚଳର ପ୍ରିୟବ୍ରତ ସାହୁ ସୂଚନା ଅଧିକାର ଆଇନ ବଳରେ ସ୍ଥାନୀୟ ଥାନାରେ କିଛି ସୂଚନା ମାଗିଥିଲେ। ଏ ବାବଦକୁ ୪୭୦ ଟଙ୍କା ଜମା କରିବାକୁ ଥାନା ପକ୍ଷରୁ କୁହାଯାଇଥିଲା। ୨୦୨୨ ଏପ୍ରିଲ ୧୮ରେ ପ୍ରିୟବ୍ରତ ଭୁବନେଶ୍ୱରର ଅଶୋକନଗର ପୋଷ୍ଟ ଅଫିସରେ ଦାରିଙ୍ଗବାଡି ଥାନାକୁ ୪୭୦ ଟଙ୍କାର ମନି ଅର୍ଡର କରିଥିଲେ। ୧୯ରେ ଉକ୍ତ ଟଙ୍କା ଦାରିଙ୍ଗବାଡି ପୋଷ୍ଟ ଅଫିସ ଗ୍ରହଣ କରିଥିଲା। ହେଲେ ଦାରିଙ୍ଗବାଡି ଥାନା ଅଧିକାରୀଙ୍କ ଚାପରେ ପୋଷ୍ଟ ମାଷ୍ଟର ଟଙ୍କାକୁ ନିଜ ପାଖରେ ରଖି ଦେଇଥିଲେ। ଦୀର୍ଘ ଦିନ ଧରି ଟଙ୍କା ଖର୍ଚ୍ଚ କରି ସୂଚନା ନ ମିଳିବାରୁ ସେ ଡାକ ବିଭାଗରେ ଅଭିଯୋଗ କରିଥିଲେ। ବିଭାଗ ମେ' ୨୦ରେ ତାଙ୍କୁ ୪୭୦ ଟଙ୍କା ଫେରାଇଥିଲା। ଦାରିଙ୍ଗବାଡି ଥାନାଧିକାରୀ ଉକ୍ତ ଟଙ୍କା ଗ୍ରହଣ କରୁ ନ ଥିବାରୁ ଆପଣଙ୍କୁ ଫେରସ୍ତ କରାଗଲା ବୋଲି ପୋଷ୍ଟ ମାଷ୍ଟର କହିଥିଲେ। ପ୍ରିୟବ୍ରତ ଜିଲା ଖାଉଟି ବିବାଦ ସମାଧାନ କମିଶନଙ୍କ ଦ୍ୱାରସ୍ଥ ହୋଇଥିଲେ। ଅଭିଯୋଗକାରୀଙ୍କୁ ୩୦ ଦିନ ମଧ୍ୟରେ ୪୦ ହଜାର ଟଙ୍କା ଜରିମାନା ଦେବା ପାଇଁ ଖାଉଟି ଅଦାଲତ ସଭାପତି ମିଶ୍ର ଡାକ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି।

## କାନ୍ଥ ପଡ଼ି ସ୍ୱାମୀ ମୃତ, ସ୍ତ୍ରୀ ଗୁରୁତର

### ଘର ଭିତରୁ ବର୍ଷାପାଣି କାଢୁଥିଲେ

**ଚାନ୍ଦବାଲି,୧୬।୭ (ଅଶୋକ କୁମାର ପଣ୍ଡା):** ଭଦ୍ରକ ଜିଲା ଚାନ୍ଦବାଲି ବ୍ଲକ ଅଧୀନ କରଣପଲ୍ଲୀ ଗ୍ରାମରେ ଶନିବାର ରାତିରେ କାନ୍ଥ ପଡ଼ି ସ୍ୱାମୀଙ୍କ ମୃତ୍ୟୁ ଘଟିଥିବା ବେଳେ ସ୍ତ୍ରୀ ଗୁରୁତର ହୋଇଛନ୍ତି। ମୃତକ ହେଲେ ଗ୍ରାମର କୁମୁଦ ମଣ୍ଡଳ(୮୦)। ଗୁରୁତର ଥିବା ତାଙ୍କ ସ୍ତ୍ରୀ ନୀହାରିକା ଏବେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସାଧୀନ ଅଛନ୍ତି। ସୂଚନା ଅନୁଯାୟୀ, ଲଗାଣ ବର୍ଷା ଯୋଗୁ କୁମୁଦଙ୍କ କଚ୍ଚାଘରେ ପାଣି ଜମି ରହିଥିଲା। ଦମ୍ପତି ଘର ଭିତରେ ଜମିଥିବା ପାଣି କାଢୁଥିଲେ। ଏହି ସମୟରେ ମାଟିଘର କାନ୍ଥ ଭୁଶୁଡ଼ି ସେମାନଙ୍କ ଉପରେ ପଡ଼ିବାରୁ କାନ୍ଥ ତଳେ ଚାପିହୋଇ ଯାଇଥିଲେ। ପଡ଼ୋଶୀମାନେ ଆସି ସେମାନଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସରେ ପ୍ରଥମେ ବାସୁଦେବପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଡାକ୍ତର କୁମୁଦଙ୍କୁ ମୃତ ଘୋଷଣା କରିଥିଲେ। ନୀହାରିକାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା।

# ରାମ୍‌କୋର ଭୂତଳ ଜଳ ଚୋରି

■ ଗ୍ରାମବାସୀ ଆଣିଲେ ଅଭିଯୋଗ
■ ଶୁଖୁଛି ନଳକୂପ, ପୋଖରୀ ପାଣି

ଯାଜପୁର,୧୬।୭(ହର୍ଷବର୍ଦ୍ଧନ ବେହେରା)

ଯାଜପୁର ଜିଲା ଧର୍ମଶାଳା ବ୍ଲକ ହରିଦାସପୁରଠାରେ ପ୍ରତିଷ୍ଠିତ ରାମ୍‌କୋ ସିମେଣ୍ଟ କାରଖାନା ପ୍ରାୟ ୮ଟି ବୋରୱେଲ ମାଧ୍ୟମରେ ମନଇଚ୍ଛା ଭୂତଳ ଜଳ ଚୋରି କରୁଥିବା ଅଭିଯୋଗ ହେଉଛି। ଏଥିଯୋଗୁ ଆଖପାଖ ୭ଟି ଗ୍ରାମର ନଳକୂପରୁ ପାଣି ବାହାରୁ ନାହିଁ ଏବଂ କୂଅପୋଖରୀ ଶୁଖି ଯାଉଥିବା ସ୍ଥାନୀୟ ଅଞ୍ଚଳର ଶ୍ରୀଧର କୁମାର ରାଉତ, ଜୟଦେବ ନାୟକ, ହେମନ୍ତ କୁମାର ପାଢ଼ୀ ପ୍ରମୁଖ କହିଛନ୍ତି।

ରାଜ୍ୟ ଜଳ ସମ୍ପଦ ବିଭାଗ ଚିଫ୍ ଇଞ୍ଜିନିୟରଙ୍କ କାର୍ଯ୍ୟାଳୟରୁ ୨୦୧୮ ଅଗଷ୍ଟରେ ରାମ୍‌କୋ ସିମେଣ୍ଟ କାରଖାନାର ନିର୍ମାଣ ଏବଂ ପାନୀୟ ଜଳ ଉଦ୍ଦେଶ୍ୟରେ ଦୈନିକ ୧୦୦ କିଲୋଲିଟର ଭୂତଳ ଜଳ ବ୍ୟବହାର କରିବାକୁ ଅନୁମତି ମିଳିଥିଲା। ଉକ୍ତ ଅନୁମତି ପତ୍ରରେ ୧୭ରୁ ଊର୍ଦ୍ଧ୍ୱ ସର୍ତ୍ତ ରହିଥିଲା। ବିଶେଷକରି କାରଖାନାରେ ଉତ୍ପାଦନ ଆରମ୍ଭ ହେବା ପରେ ଭୂପୃଷ୍ଠରେ ବୋହିଯାଉଥିବା ପାଣି ବ୍ୟବହାର କରିବା ଏବଂ ପରବର୍ତ୍ତୀ ସମୟରେ ଭୂତଳ ଜଳ ବ୍ୟବହାରକୁ ବନ୍ଦ କରିବାକୁ ପଡ଼ିବ ବୋଲି ସର୍ତ୍ତ ରହିଥିଲା। ଗତ ପ୍ରାୟ ୩ ବର୍ଷ ହେଲା ରାମ୍‌କୋ ଉତ୍ପାଦନ ଆରମ୍ଭ କରିସାରିଛି। କିନ୍ତୁ ଭୂତଳ ଜଳ ବ୍ୟବହାରକୁ ନେଇ ଜଳ ସମ୍ପଦ ବିଭାଗର କୌଣସି ନୀତିନିୟମକୁ କମ୍ପାନୀ ମାନୁ ନ ଥିବା ଅଭିଯୋଗ ହେଉଛି। ଇପିକଲ ପକ୍ଷରୁ ଯୋଗାଇ ଦିଆଯାଇଥିବା ୧୦୦ ଏକର ଜମିରେ ରାମ୍‌କୋ ସିମେଣ୍ଟ ଗ୍ରାଇଣ୍ଡିଂ ୟୁନିଟ ପ୍ରତିଷ୍ଠା କରିଥିବାବେଳେ ଏଥିପାଇଁ ଜନଶୁଣାଣି ହୋଇନାହିଁ। ଏହାଛଡ଼ା ଏହି ୧୦୦ ଏକର ପରିସର ବାହାରେ ରାମ୍‌କୋ ପାଣି ପାଇଁ ଏକ ପୋଖରୀ ଖନନ କରିଥିବା ଗ୍ରାମବାସୀଙ୍କ ସୂତ୍ରରୁ ଜଣାପଡିଛି। ଏହି ପୋଖରୀ ପାଣିରେ ଖରାଦିନେ ୧୫ ଦିନ ବି କାରଖାନା ଚଳାଇବା ସମ୍ଭବ ନୁହେଁ। ତେଣୁ ବିକଳ୍ପ ଭାବେ ରାମ୍‌କୋ ଏକାଧିକ ବୋରୱେଲ ଖୋଳି ପାଣି ଉତ୍ତୋଳନ କରୁଥିବାରୁ ଯୋଗଡ଼ା, ରଘୁନାଥପୁର, ମୁରାରିପୁର, ଖୁଣ୍ଟା, ଗୁଆରଙ୍ଗ, ଥାନୁଆଲ, ଶ୍ରୀବନ୍ତପୁର ପ୍ରଭୃତି ଗ୍ରାମର ନଳକୂପରୁ ପାଣି ବାହାରୁ ନାହିଁ ବୋଲି ଗ୍ରାମବାସୀ ପ୍ରକାଶ କରିଛନ୍ତି। ବେଆଇନ ଭୂତଳ ଜଳ ଉତ୍ତୋଳନ ଉପରେ ନିୟନ୍ତ୍ରଣ କରିବାକୁ ଗଠିତ ସେଣ୍ଟ୍ରାଲ ଗ୍ରାଉଣ୍ଡ ୱାଟର ବୋର୍ଡ (ସିଜିଡବ୍ଲ୍ୟୁବି) ଓ ଡିଷ୍ଟ୍ରିକ୍ଟ ଲେଭଲ ଇଭାଲ୍ୟୁଏଶନ କମିଟି(ଡିଏଲ୍‌ଇସି) ଏବଂ ଭୁବନେଶ୍ୱରର ଭୂତଳ ଜଳ ବିକାଶ ନିର୍ଦ୍ଦେଶକ ରାମ୍‌କୋର ଏହି ବେଆଇନ କାର୍ଯ୍ୟ ପ୍ରତି ଖାଲି ଆଖି ବନ୍ଦ କରିନାହାନ୍ତି ବରଂ ସହଯୋଗୀ ହୋଇଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଭୂତଳ ଜଳ ହ୍ରାସ ନେଇ ଅଞ୍ଚଳବାସୀ ଯେତେ ଅଭିଯୋଗ କଲେ ବି କେହି ଶୁଣୁନାହାନ୍ତି ବୋଲି ସେମାନେ କହିଛନ୍ତି। ଅନ୍ୟପକ୍ଷରେ ଜଳ ସମ୍ପଦ ବିଭାଗର ଇଞ୍ଜିନିୟର-ଇନ୍-ଚିଫ୍ କାର୍ଯ୍ୟାଳୟର ଚିଫ୍ ଇଞ୍ଜିନିୟର ଦେବୀଦତ୍ତ ଆର୍. ଆର୍. ପଟ୍ଟନାୟକ ୧୩।୭।୨୦୨୩ରେ ତାଙ୍କ ମାସିକ ଅଗ୍ରଗତି ରିପୋର୍ଟରେ ବେଆଇନ ଭୂତଳ ଜଳ ଉତ୍ତୋଳନ ନିୟନ୍ତ୍ରଣ ଉପରେ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଉଛି ବୋଲି ଦର୍ଶାଇଛନ୍ତି।

ଗ୍ରାମବାସୀଙ୍କ ଅଭିଯୋଗ ସଂକ୍ରାନ୍ତରେ ରାମ୍‌କୋର ଜେନେରାଲ ମ୍ୟାନେଜର ଅଜିତ କୁମାର ପଲଙ୍କୁ ପଚାରିବାରୁ ସେ କହିଛନ୍ତି, ଉତ୍ପାଦନ ପାଇଁ ପୋଖରୀ ପାଣି ବ୍ୟବହାର କରାଯାଉଛି। ବୋରୱେଲରୁ ପାଣି ଆଉ ଉତ୍ତୋଳନ କରାଯାଉନାହିଁ। ବୋରୱେଲ ପାଣି ବ୍ୟବହାର ଅଭିଯୋଗର କୌଣସି ସତ୍ୟତା ନାହିଁ।


ବିଧାନସଭା ମୌସୁମୀ ଅଧିବେଶନରେ ଉପସ୍ଥାପିତ ହେବାକୁ ଥିବା ସିଏଜି ରିପୋର୍ଟକୁ ମହାଲେଖାକାର ବିଶ୍ୱନାଥ ସିଂହ ଜାଦୋନ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍‌ଙ୍କୁ ପ୍ରଦାନ କରୁଛନ୍ତି।

# ୫-ଟି ସଚିବଙ୍କ ଗସ୍ତ ପାଇଁ ବିଭ୍ରାଟ

■ ଏନ୍‌ଏସ୍‌ସିବି କଲେଜର ସେମିଷ୍ଟର ପରୀକ୍ଷା ବାତିଲ
■ ସଭା ଶେଷ ପରେ ସଂଘର୍ଷର ଭିଡିଓ ଭାଇରାଲ

ସମ୍ବଲପୁର, ୧୬।୭ (ଶୁଭାଶିଷ ପାଢ଼ୀ)

ସମ୍ବଲପୁର ଜିଲା ଦୁଇଦିନିଆ ଗସ୍ତରେ ୫-ଟି ସଚିବ ଭିକେ ପାଣ୍ଡିଆନ ଆସି ଫେରିଯାଇଛନ୍ତି। ପ୍ରଥମ ଦିନ ଶନିବାର ଧନକଉଡା ସ୍କୁଲ ପଡ଼ିଆରେ କଲେଜ ଛାତ୍ରୀଛାତ୍ରଙ୍କ ସହ ଆଲୋଚନା କାର୍ଯ୍ୟକ୍ରମ ରହିଥିଲା। କାର୍ଯ୍ୟକ୍ରମ ଶେଷ ହୋଇସାରିବା ପରେ ସଚିବ ପାଣ୍ଡିଆନ ଚାଲିଯାଇଥିଲେ। ପରେ ଦୁଇ ଛାତ୍ର ଗୋଷ୍ଠୀ ମଧ୍ୟରେ ମାଡ଼ପିଟ ହେଉଥିବା ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ସଭାସ୍ଥଳରେ ଗୋଟିଏ କଲେଜର ଦୁଇଜଣ ଛାତ୍ର ଆଉ ଗୋଟିଏ କଲେଜର ଜଣେ ଛାତ୍ରଙ୍କୁ ମାରପିଟ କରୁଛନ୍ତି। ସଭାସ୍ଥଳରେ ପଡିଥିବା ଚଉକି ଫିଙ୍ଗୁଛନ୍ତି। ତେବେ ସେମାନେ କେଉଁ କଲେଜର ଛାତ୍ର ଜଣାପଡ଼ିନାହିଁ।

ସେହିପରି ପାଣ୍ଡିଆନଙ୍କ ଗସ୍ତ ପାଇଁ ନେତାଜୀ ସୁଭାଷ ଚନ୍ଦ୍ର ବୋଷ (ଏନ୍‌ଏସ୍‌ସିବି) କଲେଜର ସେମିଷ୍ଟର ପରୀକ୍ଷା ବାତିଲ ହୋଇଥିବା ଛାତ୍ରମାନେ ସୋସିଆଲ ମିଡିଆରେ ଅଭିଯୋଗ କରିଛନ୍ତି। ଛାତ୍ରମାନେ ଅଭିଯୋଗ କରିଛନ୍ତି ଯେ, ପରୀକ୍ଷା ବାତିଲ ନେଇ କୌଣସି ସୂଚନା ପୂର୍ବରୁ ଦିଆଯାଇ ନ ଥିଲା। କଲେଜ ଆସିବା ପରେ ସିଟି ବସ୍


ସମ୍ବଲପୁର ଧନକଉଡା ସଭାସ୍ଥଳରେ ଦୁଇଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ।

ଲାଗିଥିଲା। କଲେଜ କର୍ତ୍ତୃପକ୍ଷ ସିଟିବସ୍‌ରେ ବସିବାକୁ କହିଥିଲେ। କେତେକ ଛାତ୍ର ବିରୋଧ କରିଥିଲେ ହେଲେ କେହି ଶୁଣି ନ ଥିଲେ। ସିଟିବସ୍‌ରେ ସଭାସ୍ଥଳକୁ ନେଇଥିଲେ। ପରୀକ୍ଷା ପାଇଁ ଜୁଲାଇ ୧୦ ତାରିଖ କଲେଜ କର୍ତ୍ତୃପକ୍ଷ ନୋଟିସ କରିଥିଲେ। ସେହି ନୋଟିସରେ ୧୫ ତାରିଖ ଯୁକ୍ତ ୩ ପ୍ରଥମ ବର୍ଷର ଦ୍ୱିତୀୟ ସେମିଷ୍ଟର ଇଣ୍ଟରନାଲ ପରୀକ୍ଷା ଥିଲା। କିନ୍ତୁ ପରୀକ୍ଷା ହେଲା ନାହିଁ। ପରୀକ୍ଷା ବାତିଲ କରି ପିଲାଙ୍କ ଜୀବନ ସହ ଖେଳାଯାଉଛି ବୋଲି ଅଭିଯୋଗ କରିଥିଲେ। ଏନେଇ କଲେଜ ଅଧ୍ୟକ୍ଷ ପ୍ରଫେସର ସିକତା ପଣ୍ଡାଙ୍କୁ ଫୋନ ନମ୍ବରରେ ଯୋଗାଯୋଗ ହୋଇପାରିନାହିଁ।



**ଆଜିର ମନ୍ତବ୍ୟ**

“ ପୂର୍ବରୁ ଅନ୍ତର୍ଜାତୀୟ ଫୋରମ୍‌ରେ ଭାରତର କଥାକୁ ଗୁରୁତ୍ୱର ସହ ନିଆଯାଉ ନ ଥିଲା। ଏବେ ଭାରତ କହିଲା ବେଳେ ସାରା ବିଶ୍ୱ ଏହାକୁ ମନଯୋଗ ଦେଇ ଶୁଣୁଛି। **-ରାଜନାଥ ସିଂ, ପ୍ରତିରକ୍ଷା ମନ୍ତ୍ରୀ**

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

ଚିକିଛିକା
କାଠିଆ କଦଳୀ ମୁହଁକୁ ପକା
ମୁହଁ ଯାକ ହେଲା ଛଉରେ,
ଷୋଳ ବୟସୀ ବାହାରେ ପକେଇ
ବୁଢ଼ୀକି ରସିଣ ଥାଉରେ।

ପରକୀୟା ପ୍ରୀତି ଯେ କେବଳ ଅନୈତିକ ତାହା ନୁହେଁ ବରଂ ପାପ କହିଲେ ଅତ୍ୟୁକ୍ତି ହେବନାହିଁ। ନିଜ ଯୁବତୀ ସ୍ତ୍ରୀକୁ ହେୟଜ୍ଞାନ କରି ଜଣେ ବୟସ୍କା ନାରୀ ପ୍ରତି ଆସକ୍ତ ହୋଇପଡ଼ିଥିବା ବ୍ୟକ୍ତି ପ୍ରତି ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

ଛି ଛି ମଦ ଖାଇବି ନାହିଁ ମୁଁ
କଳା ପାଣି ପରି ଦିଶେ
ଏଇ କଳାପାଣି ପେଟରେ ପଡ଼ିଲେ
ଚଉଦ ଭୁବନ ଦିଶେ।

ମଦ ଏକ ନିଶାଦ୍ରବ୍ୟ ହୋଇଥିବାବେଳେ ଏହା ସ୍ୱାସ୍ଥ୍ୟପକ୍ଷେ ଅତ୍ୟନ୍ତ କ୍ଷତିକାରକ ହୋଇଥାଏ। ମଦ ପିଉଥିବା ବ୍ୟକ୍ତି ନିଜର ହିତାହିତ ଜ୍ଞାନ ହରାଇ ବସିବା ସହ ଅନେକ ଆପରାଧିକ କାର୍ଯ୍ୟ କରିବସିଥାଏ। ମଦର କ୍ରିୟା ଓ ପ୍ରତିକ୍ରିୟା ପ୍ରକାଶ କରାଯାଇଥିବାବେଳେ ମଦ ନ ପିଇବା ନେଇ ମନସ୍ଥ କରିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ - ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲିଃ:

# ‘ମହିଳା ଆତ୍ମନିର୍ଭରଶୀଳ, ଉଦ୍ୟୋଗୀ ହୁଅନ୍ତୁ’



ସମ୍ବଲପୁରରେ ସମଲେଇ ପ୍ରକଳ୍ପର ସମୀକ୍ଷା କରୁଛନ୍ତି ୫-ଟି ସଚିବ ଭି.କେ. ପାଣ୍ଡିଆନ।

### ସମଲେଇ ଦର୍ଶନ, ପ୍ରକଳ୍ପର ସମୀକ୍ଷା କଲେ ୫-ଟି ସଚିବ

**ସମ୍ବଲପୁର, ୧୬।୭ (ଶୁଭାଶିଷ ପାଢ଼ୀ)**

ସମ୍ବଲପୁର ଜିଲ୍ଲାକୁ ଦୁଇଦିନିଆ ଗସ୍ତରେ ଆସିଥିବା ୫-ଟି ସଚିବ ଭି.କେ. ପାଣ୍ଡିଆନ ରବିବାର ସମଲେଇଙ୍କ ଦର୍ଶନ କରିଥିଲେ। ମନ୍ଦିର ପରିସରରେ ଲୋକଙ୍କୁ ଭେଟି ଅଭିଯୋଗ ଶୁଣିଥିଲେ। ଦର୍ଶନ ପରେ ସମଲେଇ ଯୋଜନାରେ ଚାଲିଥିବା ପ୍ରକଳ୍ପ କାର୍ଯ୍ୟର ସମୀକ୍ଷା କରିଥିଲେ। ପ୍ରକଳ୍ପ କାମ ବୁଲି ଦେଖିବା ସହ ଡିସେମ୍ବର ସୁଦ୍ଧା ସମ୍ପୂର୍ଣ୍ଣ କରିବାକୁ କହିଥିଲେ। ଏହି ଅବସରରେ ଉତ୍ତରାଞ୍ଚଳ ରାଜସ୍ୱ କମିଶନର ଡ. ସୁରେଶଚନ୍ଦ୍ର ଦଳେଇ, ଜିଲାପାଳ ଅନନ୍ୟା ଦାସ, ପୋଲିସ ଆଇଜି ଡ. ଦୀପକ କୁମାରଙ୍କ ସମେତ ପ୍ରକଳ୍ପର ଅଧିକାରୀମାନେ ଉପସ୍ଥିତ ରହିଥିଲେ। ପରେ ମନ୍ଦଲିଆ ପଡ଼ିଆରେ ଏସ୍‌ଏଚ୍‌ଜି ମହିଳାମାନଙ୍କୁ ଆତ୍ମନିର୍ଭରଶୀଳ, ଉଦ୍ୟୋଗୀ ହେବାକୁ ପରାମର୍ଶ ଦେଇଥିଲେ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମହିଳାମାନଙ୍କୁ ସଶକ୍ତ କରିବା ପାଇଁ ଅନେକ ଯୋଜନା କରିଛନ୍ତି। ଯୋଜନାରେ ସାମିଲ ହେବାକୁ କହିଥିଲେ। ସେହିପରି ମାନେଶ୍ୱର ବ୍ଲକ ହୁମାସ୍ଥିତ ପ୍ରସିଦ୍ଧ ବକ୍ରମନ୍ଦିର ପରିଦର୍ଶନ କରିଥିଲେ।

## ଭାସିଗଲେ ନାବାଳକ କାଉଡିଆ

**ଜଗତ୍‌ସିଂହପୁର, ୧୬।୭ (ପ୍ରମୋଦ କୁମାର ନାୟକ)**

ଜଗତ୍‌ସିଂହପୁର ଆଳିପିଙ୍ଗଳ ଆରପଟ କେତକେଶ୍ୱର ଘାଟରୁ ରବିବାର ଜଣେ ନାବାଳକ କାଉଡିଆ ନଦୀରେ ଭାସି ଯାଇଛନ୍ତି। ତିର୍ତ୍ତୋଲ ଥାନା ବିଦ୍ୟାଧରପୁର ଗ୍ରାମର ରମେଶ ପ୍ରଧାନଙ୍କ ପୁଅ ଭୋଲା ପ୍ରଧାନ (୧୪)ଙ୍କ ସମେତ ୫ ଜଣ ପିଲା ଏହି ଘାଟରୁ ପାଣି ଉଠାଇବା ପାଇଁ ଅପରାହ୍ନରେ ପହଞ୍ଚିଥିଲେ। ଜଣେ ଭୋଗ ଆଣିବାକୁ ଯାଇଥିବାବେଳେ ଅନ୍ୟ ୪ ଜଣ ନଦୀରେ ସ୍ନାନ କରିବାକୁ ଯାଇଥିଲେ। କିନ୍ତୁ ଗଣ୍ଡ ସ୍ଥାନରେ ପଶିଯିବାରୁ ସେମାନଙ୍କ ଗୋଡ଼ ଖସି ଯାଇଥିଲା। ଉପସ୍ଥିତ ଅନ୍ୟ କାଉଡ଼ିଆମାନେ ୩ ଜଣଙ୍କୁ ଉଦ୍ଧାର କରିଥିବାବେଳେ ଭୋଲା ପାଣିରେ ବୁଡ଼ି ଯାଇଥିଲେ। ଜଗତ୍‌ସିଂହପୁର ଅଗ୍ନିଶମ ବାହିନୀ ପହଞ୍ଚି ଖୋଜାଖୋଜି ଜାରି ରଖିଛି। ଏ ସମ୍ପର୍କରେ ଭାରପ୍ରାପ୍ତ ଅଗ୍ନିଶମ ଅଧିକାରୀ ଅଶୋକ କୁମାର ଶତପଥୀ କହିଛନ୍ତି, ରାତି ହୋଇଥିବାରୁ ବୋଟ୍ ନେବା ସମ୍ଭବ ହେଉନି। ଲାଇଫ ଜ୍ୟାକେଟ୍ ଓ ଅନ୍ୟ ଆନୁଷଙ୍ଗିକ ସାମଗ୍ରୀ ସହ ଅଗ୍ନିଶମ କର୍ମଚାରୀମାନେ ନାବାଳକଙ୍କୁ ଖୋଜି ଚାଲିଛି।

## ଫ୍ଲିପ୍‌କାର୍ଟର ୪୦ ଲକ୍ଷ ଠକେଇ ଅଭିଯୋଗ: ୩ ଗିରଫ

**ବୌଦ୍ଧ,୧୬।୭(ଅଜିତ କୁମାର ବାରିକ)**

ଫ୍ଲିପ୍‌କାର୍ଟର କେତେଜଣ କର୍ମଚାରୀ କମ୍ପାନୀକୁ ଠକି ଲକ୍ଷାଧିକ ଟଙ୍କା ଲୁଟିଥିବା ନେଇ ବୌଦ୍ଧ ଜିଲାର ଦୁଇଟି ଥାନାରେ କିଛି ଦିନ ତଳେ ଅଭିଯୋଗ ହୋଇଥିଲା। କମ୍ପାନୀର ପ୍ରାୟ ୪୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଠକି ନେଇଥିବା ଅଭିଯୋଗରେ ରବିବାର ପୋଲିସ ୩ କର୍ମଚାରୀଙ୍କୁ ଗିରଫ କରିଛି। ଅଭିଯୁକ୍ତମାନେ ହେଲେ ନୟାଗଡ଼ ଜିଲା ଦୁର୍ଗାପ୍ରସାଦ ଗ୍ରାମର ସୁନୀଲ ପ୍ରିୟରଞ୍ଜନ ପାଲ(୨୫), ଖୋର୍ଦ୍ଧା ଜିଲା ପାଇକ ସାହି ଅନ୍ତର୍ଗତ ପୋଡାଡିହ ଗ୍ରାମର ଆଶିଷ ରଞ୍ଜନ ପ୍ରଧାନ(୨୪) ଓ ବାଲେଶ୍ୱର ଜିଲା ଜଳେଶ୍ୱରର ବ୍ୟୋମକେଶ ଗିରି(୩୧)। ସେମାନଙ୍କ ନିକଟରୁ ନଗଦ ୪.୫ ଲକ୍ଷ ଟଙ୍କା, ଗୋଟିଏ ଲାପଟପ୍, ୩ଟି ମୋବାଇଲ ଫୋନ ଓ ୨ ଗୋଟି ମୋଟର ସାଇକେଲ ଜବତ କରାଯାଇଛି। ଗିରଫ ପରେ ବୌଦ୍ଧ ଜିଲା ଆରକ୍ଷୀ ଅଧୀକ୍ଷକ ରାଜ ପ୍ରସାଦ ଏନେଇ ଏକ ଖବରଦାତା ସମ୍ମିଳନୀ କରି ଏହି ସୂଚନା ଦେଇଛନ୍ତି। ଉକ୍ତ ଠକେଇ ଘଟଣା ଚର୍ଚ୍ଚାର ବିଷୟ ପାଲଟିଛି।

## ଭାଲୁ ଆକ୍ରମଣରେ ବାପା ମୃତ, ପୁଅ ଗୁରୁତର

**ନୂଆପଡ଼ା,୧୬।୭(ମକାରୁ ବେମାଲ)**

ନୂଆପଡ଼ା ଜିଲା କୋମନା ଥାନା ଅନ୍ତର୍ଗତ କୋନାବିରା ପଞ୍ଚାୟତ ବିରୁନପଦର ଗାଁରେ ରବିବାର ଭାଲୁ ଆକ୍ରମଣରେ ଘନଶ୍ୟାମ ପଟେଲ (୭୦)ଙ୍କ ମୃତ୍ୟୁ ଘଟିଥିବାବେଳେ ତାଙ୍କ ପୁଅ ଚଇତୁ (୪୦) ଗୁରୁତର ଆହତ ହୋଇଛନ୍ତି। କ୍ଷତିପୂରଣ ଏବଂ ଭାଲୁକୁ ଧରି ଅନ୍ୟତ୍ର ଛଡାଯିବା ଦାବିରେ ଉତ୍ତ୍ୟକ୍ତ ଲୋକେ ୩୫୩ ନଂ. ଜାତୀୟ ରାଜପଥ ଉପରେ ମୃତଦେହ ରଖି କୋମନା ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ୫ଘଣ୍ଟା ଧରି ଅବରୋଧ କରିଥିଲେ। ମୃତକଙ୍କ ପରିବାରଙ୍କୁ ନଗଦ ୬୦ ହଜାର ଟଙ୍କା ଦିଆଯିବା ସହ କାଗଜାତ ସବୁ ଠିକ୍ ହେବା ପରେ ୬ ଲକ୍ଷ ଟଙ୍କା ଦିଆଯିବ। ଆହତଙ୍କୁ ୨ ଲକ୍ଷ ୫୦ ହଜାର ଟଙ୍କା ଓ ପରିବାରର ଜଣଙ୍କୁ ଚାକିରି ଦିଆଯିବ। ଲୋକଙ୍କ ସୁରକ୍ଷା ଦୃଷ୍ଟିରୁ ଭାଲୁକୁ ଧରି ଅନ୍ୟତ୍ର ଛଡ଼ାଯିବ ବୋଲି ଖଡିଆଳ ଡିଏଫଓ ସୁଶୀଲ କୁମାର ତ୍ରିପାଠୀ ଲିଖିତ ପ୍ରତିଶ୍ରୁତି ଦେବା ପରେ ରାସ୍ତା ଅବରୋଧ ହଟିଥିଲା। ପୋଲିସ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଅନ୍ୟପକ୍ଷେ ବାପାଙ୍କୁ ଭାଲୁ ଆକ୍ରମଣ କରିଥିବା ଶୁଣି ଚଇତୁ ଦୌଡି ଆସି ଉଦ୍ଧାର କରିବା ସମୟରେ ତାଙ୍କୁ ମଧ୍ୟ ଆକ୍ରମଣ କରିଥିଲା। ଗାଁ ଲୋକେ ଠେଙ୍ଗାବାଡ଼ି ଧରି ଭାଲୁକୁ ବହୁ କଷ୍ଟରେ ଜଙ୍ଗଲକୁ ଘଉଡାଇଥିଲେ। ଚଇତୁଙ୍କ ମୁଣ୍ଡ, ମୁହଁ ଓ ଶରୀରରେ ଗଭୀର ଆଘାତ ଲାଗିଛି। ତାଙ୍କୁ ଗାଁ ଲୋକେ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଅବସ୍ଥା ସଙ୍କଟାପନ୍ନ ହେବାରୁ ରାୟପୁର ସ୍ଥାନାନ୍ତର କରାଯାଇଛି।

## ଛାତ୍ରୀଙ୍କୁ ଅପହରଣ କରି ଗୃହବନ୍ଦୀ,ବଳାତ୍କାର ଅଭିଯୋଗ

**ସାଲେପୁର,୧୬।୭(ଅରବିନ୍ଦ ଭୂୟାଁ)**

ଯାଜପୁର ଜିଲା ଗୋବିନ୍ଦପୁର ଗ୍ରାମର ଇନ୍ଦ୍ରଜିତ୍ ସାହାଣୀ କଟକ ଜିଲା ସାଲେପୁରରେ ରହୁଥିବା ସମ୍ପର୍କୀୟଙ୍କ ସହାୟତାରେ ସେହି ଅଞ୍ଚଳର ଜଣେ ନାବାଳିକା କଲେଜ ଛାତ୍ରୀଙ୍କୁ ପ୍ରେମଜାଲରେ ଫସାଇଥିଲେ। ବିବାହର ପ୍ରତିଶ୍ରୁତି ଦେଇ ତାଙ୍କୁ ସମ୍ପର୍କୀୟାଙ୍କ ଘରେ ଓ ପୁରୀର ଏକାଧିକ ହୋଟେଲରେ ବାରମ୍ବାର ବଳାତ୍କାର କରିଥିଲେ। ଗତ ୯ ତାରିଖରେ ଇନ୍ଦ୍ରଜିତ୍ ସମ୍ପୃକ୍ତା ଛାତ୍ରୀଙ୍କୁ ଫୋନ୍ କରି ବାଦାମବାଡ଼ି ବସ୍‌ଷ୍ଟାଣ୍ଡକୁ ଡାକିଥିଲେ। ସେଠାରୁ ଇନ୍ଦ୍ରଜିତ୍ ତାଙ୍କୁ ଅପହରଣ କରି ଗୃହବନ୍ଦୀ କରି ରଖିଥିଲେ। ଛାତ୍ରୀ କୌଶଳକ୍ରମେ ଖସିଆସି ପରିବାର ଲୋକଙ୍କୁ ସବୁ କଥା ଜଣାଇଥିଲେ। ଝିଅକୁ ଗୃହବନ୍ଦୀ କରି ବଳାତ୍କାର କରାଯାଇଥିବା ନେଇ ପୀଡ଼ିତାଙ୍କ ମା’ ସାଲେପୁର ଥାନାରେ ଅଭିଯୋଗ କରିବା ପରେ ପୋଲିସ ମାମଲା (ନଂ. ୨୨୮/୨୩) ରୁଜୁ କରିଛି। ତଦନ୍ତ ଜାରି ରହିଥିବା ଆଇଆଇସି ଗିରିଜା ନନ୍ଦନ ପଟ୍ଟନାୟକ ପ୍ରକାଶ କରିଛନ୍ତି।

## ନାବାଳିକାଙ୍କୁ ଅପହରଣ, ଗଣବଳାତ୍କାର

**ଉଦଳା,୧୬।୭(ସନ୍ତୋଷ କୁମାର ବାଛିନୀ)**

ମୟୂରଭଞ୍ଜ ଜିଲା ଉଦଳା ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ଅପହରଣ ପରେ ଭୁବନେଶ୍ୱରରେ ରଖି ଗଣବଳାତ୍କାର କରାଯାଇଥିବା ଅଭିଯୋଗ ହୋଇଛି। ଏନେଇ ପୋଲିସ ମାମଲା(ନଂ.୨୨୬/୨୩) ରୁଜୁ କରି କାର୍ତ୍ତିକ ବିନ୍ଧାଣୀ ଏବଂ ଗଜେନ୍ଦ୍ର ହେମ୍ବ୍ରମଙ୍କୁ ଗିରଫ କରିଛି। ଗତ ୧୦ ତାରିଖ ରାତିରେ ପୀଡ଼ିତା ଘରେ ଶୋଇଥିଲେ। ପରିବାର ଲୋକେ ବାହାରେ ଅନ୍ୟ କାମରେ ବ୍ୟସ୍ତ ଥିବା ବେଳେ ୨ ଅଭିଯୁକ୍ତ ତାଙ୍କୁ ଘରୁ ଉଠାଇ ନେଇ ଭୁବନେଶ୍ୱର ପଳାଇଥିଲେ। ସେଠାରେ ଏକ ଘରେ ରଖି ଦୁଇଦିନ ଧରି ଗଣବଳାତ୍କାର କରିବା ପରେ ନାବାଳିକାଙ୍କୁ ଆଣି ତାଙ୍କ ଘର ପାଖ ଛକରେ ଛାଡ଼ି ଚାଲିଯାଇଥିଲେ। ନାବାଳିକା ଜଣକ ଏ ନେଇ ପରିବାର ଲୋକଙ୍କୁ ଜଣାଇବା ପରେ ଗ୍ରାମରେ ବୈଠକ ବସିଥିଲା। ଏଥିରେ କୌଣସି ନିଷ୍ପତ୍ତି ନ ହେବାରୁ ପରିବାର ଲୋକେ ଥାନାରେ ଅଭିଯୋଗ କରିଥିଲେ।

## କୋଇଲା ବୋଝେଇ ୱାଗନରେ ନିଆଁ

**ଧର୍ମଶାଳା,୧୬।୭(ବଟକୃଷ୍ଣ ପରିଡ଼ା)**

ଯାଜପୁର ଜିଲା ଧର୍ମଶାଳା ବ୍ଲକ ଅନ୍ତର୍ଗତ ହରିଦାସପୁର ରେଳଷ୍ଟେଶନ ନିକଟରେ ଶନିବାରରୁ ଛିଡ଼ା ହୋଇଥିବା ଏକ କୋଇଲା ବୋଝେଇ ରେଳ ୱାଗନରେ ରବିବାର ଅପରାହ୍ନରେ ନିଆଁ ଲାଗିଛି। ଚଣ୍ଡିଖୋଲ ଦମକଳ ବାହିନୀ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଛନ୍ତି। ତେବେ ବର୍ଷା ହେବା ଫଳରେ କୋଇଲା ପାର୍କିଂ ଯୋଗୁ ଏହି ଅଗ୍ନିକାଣ୍ଡ ଘଟିଥିବା ଜଣାଯାଇଛି। ଇଞ୍ଜିନ ନ ଥିବାବେଳେ ଗୋଟିଏ ୱାଗନରୁ ଧୂଆଁ ବାହାରୁଥିବା ଲୋକେ ଦେଖି ଦମକଳ ବାହିନୀକୁ ଜଣାଇଥିଲେ ବୋଲି ଚଣ୍ଡିଖୋଲ ଦମକଳ ବାହିନୀ ଅଧିକାରୀ ରମାକାନ୍ତ ସାହୁ କହିଛନ୍ତି। ଏହି ଅଗ୍ନିକାଣ୍ଡରେ ବିଶେଷ କିଛି କ୍ଷତି ହୋଇ ନ ଥିବା ସୂଚନା ମିଳିଛି।



ଗିରଫ ୯ ଅଭିଯୁକ୍ତ

**ପ୍ରଥମ ପୃଷ୍ଠାରୁ...**

## ଭାଜପା ଖୋଜୁଛି ସାଥୀ...

ବିହାରର ୪ ନେତାଙ୍କୁ ନିମନ୍ତ୍ରଣ କରାଯାଇଛି। ସେମାନେ ହେଲେ ଲୋକ ଜନଶକ୍ତି ପାର୍ଟି (ରାମବିଳାସ) ନେତା ଚିରାଗ ପାଶ୍ୱାନ, ହିନ୍ଦୁସ୍ଥାନୀ ଆୱାମ ମୋର୍ଚ୍ଚା(ଏଚ୍‌ଏଏମ୍)ର ଜିତନରାମ ମାଞ୍ଝି, ରାଷ୍ଟ୍ରୀୟ ଲୋକ ସମତା ପାର୍ଟିର ଉପେନ୍ଦ୍ର ସିଂ କୁଶ୍ୱାହା ଏବଂ ବିକାଶଶୀଳ ଇନ୍‌ସାନ ପାର୍ଟିର ମୁକେଶ ସାହାନି। ଅଖିଳେଶ ଯାଦବଙ୍କ ସମାଜବାଦୀ ପାର୍ଟି (ଏସ୍‌ପି)ର ପୂର୍ବତନ ସହଯୋଗୀ ଓମ୍‌ପ୍ରକାଶ ରାଜଭରଙ୍କ ଦଳ ସୁହେଲଦେବ ଭାରତୀୟ ସମାଜ ପାର୍ଟି ରବିବାର ଏନ୍‌ଡିଏରେ ଯୋଗଦେଇଛି। ଏସ୍‌ପି ବିଧାୟକ ଦାରା ସିଂ ଚୌହାନ ଶନିବାର ଉତ୍ତରପ୍ରଦେଶ ବିଧାନସଭାରୁ ଇସ୍ତଫା ଦେଇ ଭାଜପାରେ ଯୋଗଦେଇଥିଲେ। ଆନ୍ଧ୍ରପ୍ରଦେଶର ପୂର୍ବତନ ମୁଖ୍ୟମନ୍ତ୍ରୀ ଏନ୍. ଚନ୍ଦ୍ରାବାବୁ ନାଇଡୁଙ୍କ ନେତୃତ୍ୱାଧୀନ ତେଲୁଗୁଦେଶମ୍ ପାର୍ଟି (ଟିଡିପି) ଏବଂ ବାଦଲ ପରିବାର ନିୟନ୍ତ୍ରଣରେ ଥିବା ଶିରୋମଣି ଅକାଳୀ ଦଳ ଏନ୍‌ଡିଏରେ ଯୋଗଦେବା ନେଇ କଳ୍ପନା ଜଳ୍ପନା ପ୍ରକାଶ ପାଇଥିବାବେଳେ ଭାଜପା ସେମାନଙ୍କ ସହ ମେଣ୍ଟ କରିବ ନାହିଁ ବୋଲି ଜଣାପଡ଼ିଛି। ପଞ୍ଜାବରେ ଭାଜପା ଏକାକୀ ନିର୍ବାଚନ ଲଢ଼ିବାକୁ ଯୋଜନା କରିଥିବାବେଳେ ଆନ୍ଧ୍ରପ୍ରଦେଶରେ ପଓ୍ୱନ କଲ୍ୟାଣଙ୍କ ଜନସେନା ପାର୍ଟି ସହ ମେଣ୍ଟ କରିବ ବୋଲି ଏକ ସୂତ୍ରରୁ ପ୍ରକାଶ। ସେହିପରି ପୂର୍ବତନ ପ୍ରଧାନମନ୍ତ୍ରୀ ଏଚ.ଡି. ଦେବେଗୌଡ଼ାଙ୍କ ଧର୍ମନିରପେକ୍ଷ ଜନତା ଦଳ (ଜେଡିଏସ୍) ମଧ୍ୟ ଏନ୍‌ଡିଏରେ ସାମିଲ ହେବା ନେଇ ସଙ୍କେତ ଦେଇଛି।

ଉଲ୍ଲେଖଯୋଗ୍ୟ ଏନ୍‌ଡିଏରେ ଏବେ ୨୪ ଦଳ ରହିଛନ୍ତି। ସେଗୁଡ଼ିକ ହେଲେ ଭାଜପା, ଏଆଇଏଡିଏମ୍‌କେ, ଶିବସେନା (ଏକନାଥ ଶିନ୍ଦେ ଗୋଷ୍ଠୀ), ନ୍ୟାଶନାଲ ପିପୁଲ୍‌ସ ପାର୍ଟି(ଏନ୍‌ପିପି), ନ୍ୟାଶନାଲିଷ୍ଟ ପ୍ରୋଗ୍ରେସିଭ୍ ପାର୍ଟି (ଏନ୍‌ଡିପିପି), ଏସ୍‌କେଏମ୍ (ସିକିମ କ୍ରାନ୍ତିକାରୀ ପାର୍ଟି), ଜେଜେପି(ଜନନାୟକ ଜନତା ପାର୍ଟି), ଆଇଏମ୍‌କେଏମ୍‌କେ (ଇଣ୍ଡିଆ ମକ୍କଲ କଲଭି ମୁନେତ୍ରା କାଝାଗମ), ଏଜେଏସୟୁ(ଅଲ୍ ଝାଡ଼ଖଣ୍ଡ ଷ୍ଟୁଡେଣ୍ଟସ ୟୁନିୟନ), ଆର୍‌ପିଆଇ (ରିପବ୍ଲିକ୍ ପାର୍ଟି ଅଫ୍ ଇଣ୍ଡିଆ), ଏମ୍‌ଏନ୍‌ଏଫ୍ (ମିଜୋ ନ୍ୟାଶନାଲ ଫ୍ରଣ୍ଟ), ଟିଏମ୍‌ସି (ତାମିଲ ମାନିଲା କଂଗ୍ରେସ), ଆଇପିଏଫ୍‌ଟି(ତ୍ରିପୁରା), ବିପିପି (ବୋଡୋ ପିପୁଲ୍‌ସ ପାର୍ଟି), ପିଏମ୍‌କେ (ପଟାଲି ମକ୍କାଲ କାଛି), ଏମ୍‌ଜିପି (ମହାରାଷ୍ଟ୍ର ଗୋମନ୍ତକ ପାର୍ଟି), ଅପନା ଦଳ, ଏଜିପି (ଆସାମ ଗଣ ପରିଷଦ), ରାଷ୍ଟ୍ରୀୟ ଲୋକ ଜନଶକ୍ତି ପାର୍ଟି, ନିଶାଦ ପାର୍ଟି, ୟୁପିପିଏଲ୍ (ୟୁନାଇଟେଡ୍ ପିପୁଲ୍ସ ପାର୍ଟି ଲିବେରାଲ), ଏଆଇଆର୍‌ଏନ୍‌ସି (ଅଲ୍ ଇଣ୍ଡିଆ ଏନ୍‌ଆର୍ କଂଗ୍ରେସ ପୁଡୁଚେରି), ଶିରୋମଣି ଅକାଳୀ ଦଳ ସଂଯୁକ୍ତ(ଧିଣ୍ଡସା) ଏବଂ ଜନସେନା (ପଓ୍ୱନ କଲ୍ୟାଣ)। ଏହା ବ୍ୟତୀତ ଶାସକ ମେଣ୍ଟରେ ସାମିଲ ହୋଇଥିବା ନୂଆ ଦଳଗୁଡ଼ିକ ହେଲେ ଏନ୍‌ସିପି ଅଜିତ ପାୱାର ଗୋଷ୍ଠୀ, ଲୋକ ଜନଶକ୍ତି ପାର୍ଟି (ରାମବିଳାସ), ଏଚ୍‌ଏଏମ୍ (ହିନ୍ଦୁସ୍ଥାନୀ ଆୱାମ ମୋର୍ଚ୍ଚା), ଆର୍‌ଏଲ୍‌ଏସ୍‌ପି (ରାଷ୍ଟ୍ରୀୟ ଲୋକ ସମତା ପାର୍ଟି), ଭିଆଇପି (ବିକାଶଶୀଳ ଇନ୍‌ସାନ ପାର୍ଟି) ଏବଂ ଏସ୍‌ବିଏସ୍‌ପି (ସୁହେଲଦେବ ଭାରତୀୟ ସମାଜ ପାର୍ଟି)।

## ଇଞ୍ଜିନକୁ ଛାଡ଼ି ୨୦୦ ମିଟର ...

ଦୋହରୀକରଣ କାର୍ଯ୍ୟ ଚାଲିଥିବାରୁ ପୁରୁଣା ରେଳ ଧାରଣାରେ ରେଳ ଚଳାଚଳ ନେଇ ନିର୍ଭର କରିବାକୁ ପଡୁଛି। ଫଳରେ ଟ୍ରେନ ଚାଲିଲେ ଧାରଣାରେ ଅଧିକ କମ୍ପନ ସୃଷ୍ଟି ହୋଇ ଇଞ୍ଜିନ-ବଗି ଅଲଗା ହେବା ପରି ଘଟଣାମାନ ବାରମ୍ବାର ଘଟୁଛି। ଏ ଦିଗରେ ରେଳ ବିଭାଗ ଗୁରୁତ୍ୱ ଦେବାକୁ ସାଧାରଣରେ ଆଲୋଚନା ହେଉଛି।

## ଆନ୍ତଃରାଜ୍ୟ ର୍‍ୟାକେଟ୍‌ର ...

ସାଇବର ଥାନା ଅଧିକାରୀଙ୍କୁ ନେଇ ସ୍ପେଶାଲ ଟାସ୍କଫୋର୍ସ ଗଠନ କରାଯାଇଥିଲା। ରବିବାର ଭୋର୍ ସମୟରେ ସହଦେବଖୁଣ୍ଟା ଥାନା ଅଧୀନ ୧୬ ନଂ. ଜାତୀୟ ରାଜପଥର ବାରୁଣୀ ବ୍ରିଜ୍‌ଠାରେ ସ୍ୱତନ୍ତ୍ର ଟିମ୍ ଜଗି ରହିଥିଲା। ଏକ କାର୍‌କୁ ଅଟକାଇ ଯାଞ୍ଚ ପରେ ର୍‍ୟାକେଟ୍‌ରେ ସମ୍ପୃକ୍ତ କିଛି ଜଣଙ୍କୁ ଟିମ୍ ଧରିଥିଲା। ସେମାନଙ୍କୁ ପଚରାଉଚରା କରାଯାଇ ତାଳସାରୀ ମେରାଇନ୍ ଥାନା ଅଞ୍ଚଳର ଏକ ହୋଟେଲରେ ଚଢ଼ାଉ କରି ଏହି ସ୍କାମ୍‌ରେ ସମ୍ପୃକ୍ତ ଥିବା ଅନ୍ୟମାନଙ୍କୁ ଗିରଫ କରାଯିବା ସହ ସେମାନଙ୍କ ନିକଟରୁ ବହୁ ମୂଲ୍ୟବାନ କାଗଜପତ୍ର ଜବତ କରାଯାଇଛି। ଏହି ସ୍କାମ୍‌ରେ ସମ୍ପୃକ୍ତ ମୋଟ୍ ୯ଜଣ ଭୁବନେଶ୍ୱରରୁ ଏମ୍‌ଡ଼ି ସମିରୁଦ୍ଦିନ, ମୁସ୍ତାଖିନ ଖାଁ, ସାଇନା ପରବିନ୍ ଓ ଖୋର୍ଦ୍ଧା ଅଞ୍ଚଳରୁ ବିଶ୍ୱରଞ୍ଜନ ମହାପାତ୍ରଙ୍କୁ ଗିରଫ କରାଯିବା ସହ ବିହାର ରାଜ୍ୟର ଅଜୟ କୁମାର, ବିଜେନ୍ଦ୍ର କୁମାର, ରାଜ କୁମାର ଓ ଦୀପକ କୁମାର ଏବଂ ଆନ୍ଧ୍ରପ୍ରଦେଶ ରାଜ୍ୟ ବିଶାଖାପାଟନମ୍ ଅଞ୍ଚଳର ଏମ୍‌ଡ଼ି.କେ.ସିଦ୍ଦିକଙ୍କୁ ଗିରଫ କରାଯାଇଛି। ସେମାନଙ୍କ ନାମରେ ପୂର୍ବରୁ ବାଲୁଗାଁ ଥାନାରେ ମାମଲା (ନଂ.୧୦୭/୨୦୧୩), ଆସିକା ଥାନାରେ ମାମଲା (ନଂ.୧୫୨/୨୦୧୩) ଓ ନିରାକାରପୁର ଥାନାରେ ମାମଲା (ନଂ. ୭୯/୨୦୧୯) ଥିବା ପୋଲିସ କହିଛି।

ଏ ସମ୍ପର୍କରେ ଏସ୍‌ପି ନାଥ କହିଛନ୍ତି, ଚାକିରି ଯୋଗାଇବା ନାଁରେ ବଡ଼ଧରଣର ର୍‍ୟାକେଟ କାମ କରୁଥିବା ଗତ ରାତିରେ ସୂଚନା ମିଳିଥିଲା। ଏଥିପାଇଁ ସ୍ପେଶାଲ ଟାସ୍କଫୋର୍ସ ଗଠନ କରାଯାଇଥିଲା। ଅଭିଯୁକ୍ତମାନେ ଓଜେଇଇ ମେନ୍‌ସ ଓ କମ୍ବାଇନ୍‌ଡ ଗ୍ରାଜୁଏଟ୍ ଲେଭଲ-ଏସ୍‌ଏସ୍‌ସି ପରୀକ୍ଷାରେ ପିଲାମାନଙ୍କୁ ପ୍ରଶ୍ନପତ୍ର ଯୋଗାଇ ଦେବା ଏବଂ ଚାକିରି କରାଇଦେବାର ଲୋଭ ଦେଖାଇ ପାଖାପାଖି ୮ରୁ ୧୬ ଲକ୍ଷ ଟଙ୍କା ନେଉଥିଲେ। ପରୀକ୍ଷା ପୂର୍ବରୁ ଯୁବତୀଯୁବକଙ୍କ ନିକଟରୁ ଅରିଜିନାଲ ସାର୍ଟିଫିକେଟ୍, ବ୍ଲାଙ୍କ ସାଇନ୍ ଚେକ୍ ନେଇଥାନ୍ତି। ବସ୍‌ରେ ବିଭିନ୍ନ ସ୍ଥାନ ବୁଲାଇ ବୁଲାଇ ପ୍ରଶ୍ନପତ୍ର ଦେଇ ଚାକିରି କରାଇଦେବାର ଆଶା ଦେଇଥାନ୍ତି। ଏହି ଗ୍ରୁପ୍ ୮୮ ଜଣ ଯୁବତୀଯୁବକଙ୍କୁ ଠକିଥିବା ଜଣାପଡ଼ିଛି। ୩ଟି ରାଜ୍ୟର ପୋଲିସ ସହିତ ଯୋଗାଯୋଗରେ ରହିଛୁ। ରବିବାର ପରୀକ୍ଷା ହେଉଥିବା କମ୍ବାଇନ୍‌ଡ ଗ୍ରାଜୁଏଟ୍ ଲେଭଲ-ଏସ୍‌ଏସ୍‌ସି ପରୀକ୍ଷାର ପ୍ରଶ୍ନପତ୍ର ଲିକ୍ ହୋଇନାହିଁ। ପରୀକ୍ଷା ଠିକ୍ ଭାବେ ଶେଷ ହୋଇଥିବା ଏସ୍‌ପି କହିଛନ୍ତି। ଆୟୋଜିତ ଖବରଦାତା ସମ୍ମିଳନୀରେ ସହଦେବଖୁଣ୍ଟା ଥାନା ଅଧିକାରୀ ଶୁଭ୍ରାଂଶୁ ଶେଖର ନାୟକ, ସଦର ଥାନା ଆଇଆଇସି ଜୟନ୍ତ ବେହେରା ଉପସ୍ଥିତ ଥିଲେ।

## ୨୧ ଯାଏ ବର୍ଷା...

ହେବାର ସମ୍ଭାବନା ରହିଛି। ଉକ୍ତ ଜିଲାଗୁଡ଼ିକୁ ବିଭାଗ ପକ୍ଷରୁ ଅରେଞ୍ଜ ୱାର୍ନିଂ ଜାରି କରାଯିବା ସହ ଜଳବନ୍ଦୀ ଆଶଙ୍କା ରହିଥିବାରୁ କଚ୍ଚାଘର ପ୍ରତି ବିପଦ ଥିବା ନେଇ ସତର୍କ ସୂଚନା ଜାରି କରାଯାଇଛି। ଧାନ ଆଦି ବିହନ ବୁଣାଯାଇଥିବା ଜମିରେ ଯେପରି ପାଣି ନ ଜମିବ ସେଥିପାଇଁ ଚାଷୀମାନେ ବ୍ୟବସ୍ଥା ଗ୍ରହଣ କରିବାକୁ ସୂଚନା ଦିଆଯାଇଛି। ଅନ୍ୟପଟେ ମାଲକାନଗିରି, କଳାହାଣ୍ଡି, କନ୍ଧମାଳ, ବୌଦ୍ଧ, ବଲାଙ୍ଗୀର, ଅନୁଗୋଳ, କେନ୍ଦୁଝର, ମୟୂରଭଞ୍ଜ, ଢେଙ୍କାନାଳ, ଯାଜପୁର, କୋରାପୁଟ ଆଦି ୧୧ ଜିଲାରେ ପ୍ରବଳ ବର୍ଷା ନେଇ ୟେଲୋ ୱାର୍ନିଂ ଜାରି କରାଯାଇଛି। ସେହିପରି ମଙ୍ଗଳବାର ସୁନ୍ଦରଗଡ଼, କେନ୍ଦୁଝର, ଝାରସୁଗୁଡ଼ା, ସମ୍ବଲପୁର, ନୂଆପଡ଼ା, କନ୍ଧମାଳ, ବଲାଙ୍ଗୀର, ସୋନପୁର, ଦେବଗଡ଼, ନବରଙ୍ଗପୁର, କୋରାପୁଟ, ମାଲକାନଗିରି, କଳାହାଣ୍ଡି ଓ ବରଗଡ଼ ଆଦି ଜିଲାକୁ ୟେଲୋ ୱାର୍ନିଂ ଜାରି କରାଯାଇଛି। ସମ୍ପୃକ୍ତ ଜିଲାଗୁଡ଼ିକରେ ଘଡ଼ଘଡ଼ି ସହ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜିର ଗ୍ରହସ୍ଥିତିର ସ୍ୱତନ୍ତ୍ରତା କାରଣରୁ କୌଣସି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟରେ ହାତ ଦେଲେ ସଫଳତା ପାଇବେ। ନିଜର ମନୋବଳ ହେତୁ ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରିବାରେ ସମର୍ଥ ହେବେ। ପରିସ୍ଥିତି ପ୍ରତି ଦୃଷ୍ଟି ରଖି କାମ କରନ୍ତୁ ଅନ୍ୟଥା ପରୋକ୍ଷ ଶତ୍ରୁତା ସାମୟିକ ବାଧା ସୃଷ୍ଟି କରିପାରେ।

**ବୃଷ** ବ୍ୟୟଭାବକୁ ଶନିଦୃଷ୍ଟିଜନିତ ଧୀର ମନ୍ଥର ଗତିରେ କାମରେ ପ୍ରବୃତ୍ତ ହେବେ। ସକାଳୁ ସକାଳୁ ପ୍ରତୀକ୍ଷିତ ଖବରଟି ବନ୍ଧୁଙ୍କ ନିକଟରୁ ପାଇ ଖୁସି ହୋଇପାରନ୍ତି। ପୁରୁଣା ସମ୍ପର୍କ, ଜମିଜମା, ଗାଡି ମୋଟରରୁ ବିଶେଷ ଲାଭ ମିଳିପାରିବ। ନୀଚ ସଂସର୍ଗରୁ ଦୂରେଇ ନ ରହିଲେ ସମସ୍ୟା ନିୟନ୍ତ୍ରଣ ବାହାରକୁ ଚାଲିଯାଇପାରେ।

**ମିଥୁନ** ଆପଣଙ୍କ ଆକର୍ଷଣୀୟ ବ୍ୟବହାର ଅନ୍ୟମାନଙ୍କୁ ଆକର୍ଷିତ କରିବ। ଶିଳ୍ପ, ବାଣିଜ୍ୟ, ପ୍ରଶାସନ, ଆଇନ, ଅଦାଲତ ଓ କଳା, କାରିଗରି କ୍ଷେତ୍ରରେ ଉଚ୍ଚ ଫଳପ୍ରାପ୍ତି ହୋଇପାରେ। ଆଜି ଦିନଟିରେ ବିବାଦୀୟ କଥାରେ ମୁଣ୍ଡ ନ ପୂରାଇବା ଭଲ। ପ୍ରତ୍ୟେକ କ୍ଷେତ୍ରରେ ବିଳମ୍ବିତ ସମୟରେ କାମଗୁଡିକ ଠିକ୍ ଭାବରେ ସମ୍ପନ୍ନ ହେବ।

**କର୍କଟ** ଆଜି ଯାହା ଖୋଜୁଛନ୍ତି ତାହା ପାଇବେ ଏବଂ ଯେମିତି ଭାବୁଛନ୍ତି ସେମିତି ହିଁ ହେବ। ଦୀର୍ଘଦିନର ଆଶା ଫଳବତୀ ହେବା ସମ୍ଭାବନା ରହିଛି କିନ୍ତୁ ଏଥିସକାଶେ କିଛି ଖର୍ଚ୍ଚାନ୍ତ ହେବାକୁ ପଡିପାରେ। ପ୍ରକାଶନ, ଯାତ୍ରା, ବ୍ୟବସାୟ, ପରିବହନ ଓ ବାଣିଜ୍ୟରେ ପ୍ରତିବନ୍ଧକର ସମ୍ମୁଖୀନ ହେବେ। ପାରିବାରିକ ସ୍ଥିତିରେ ଉନ୍ନତି ଦେଖାଦେବ।

**ସିଂହ** କିଛି ବଡ ଧରଣର ଅସୁବିଧା ନ ହେଲେ ମଧ୍ୟ ଅନ୍ୟ ଉପରେ ନିର୍ଭର କରି ଚିନ୍ତିତ ହୋଇପାରନ୍ତି। ଆଜିର ସକାଳୁଆ ଯାତ୍ରା ଫଳପ୍ରଦ ହେବ କିନ୍ତୁ ସାମୟିକ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇପାରେ। ପାରିବାରିକ କ୍ଷେତ୍ରରେ ଅର୍ଥ ସଙ୍କଟଜନିତ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ଅଟକି ରହିଯିବ। ପରୋକ୍ଷ ଶତ୍ରୁତା ଓ ବନ୍ଧୁଙ୍କ ବେଖାତିର କଥାରୁ ବିବ୍ରତ ରହିବେ।

**କନ୍ୟା** ଦୀର୍ଘ ଦିନରୁ ଲାଗି ରହିଥିବା ରୋଗ, ଋଣ ଯୋଗୁ ବ୍ୟସ୍ତ ରହିପାରନ୍ତି। ବିବାଦୀୟ ଘଟଣା, ଜମିଜମା କଳହ ତଥା ମାଲିମକଦ୍ଦମା କ୍ଷେତ୍ରରେ ସମସ୍ୟା ସମାଧାନ ହେବ। କର୍ମକ୍ଷେତ୍ରରେ ମିଥ୍ୟା ଅଭିଯୋଗ ସକାଶେ ଅନ୍ୟ ଉପରେ ବିରକ୍ତି ପ୍ରକାଶ କରିପାରନ୍ତି। ବନ୍ଧୁଙ୍କ ସହାୟତାରେ ସାୟାହ୍ନେ ଅର୍ଥ ଓ ସମ୍ମାନ ପାଇ ଖୁସି ହେବେ।

**ତୁଳା** କାର୍ଯ୍ୟବ୍ୟସ୍ତତା ମଧ୍ୟରେ ଭୁଲ୍ ଖବର ପାଇ ସାମୟିକ ଭାବରେ ବିବ୍ରତ ହୋଇପାରନ୍ତି। ପାରିବାରିକ ଆବଶ୍ୟକତା ପୂରଣ କ୍ଷେତ୍ରରେ ସମ୍ପର୍କୀୟ ଜଣେ ବନ୍ଧୁ ସାହାଯ୍ୟର ପ୍ରତିଶ୍ରୁତି ଦେବେ। କ୍ରୀଡ଼ା, କଳା, ଚଳଚ୍ଚିତ୍ର ଓ ସଙ୍ଗୀତ କ୍ଷେତ୍ରରୁ ସୁନାମ ଅର୍ଜନ କରିବେ। କୌଣସି ପଦସ୍ଥ ବ୍ୟକ୍ତିଙ୍କ ବଦାନ୍ୟତା ଦୁଃଖ ଲାଘବରେ ସହାୟକ ହେବ।

**ବିଛା** କର୍ମକ୍ଷେତ୍ରରେ ଏକପ୍ରକାର ସମସ୍ୟା ସମାଧାନ ହେତୁ ଆଶ୍ୱସ୍ତି ଅନୁଭବ କରିବେ। ଆନୁଷ୍ଠାନିକ କାର୍ଯ୍ୟ ସକାଶେ ଆତ୍ମୀୟଙ୍କ ସହ ଆଲୋଚନା କରିପାରନ୍ତି। କୌଣସି ବନ୍ଧୁଙ୍କ ଅସଂଯତ କାର୍ଯ୍ୟକଳାପ ସମସ୍ୟାକୁ ବଢ଼ାଇ ଦେଇପାରେ। କ୍ରୀଡା, କଳା, ସାହିତ୍ୟ, ସାମ୍ବାଦିକତା କ୍ଷେତ୍ରରେ ସମସ୍ୟା ସମାଧାନ ହୋଇଯିବ।

**ଧନୁ** ମାନସିକ ଅବସାଦ ବୃଦ୍ଧି ପାଇବା ଯୋଗୁ କୌଣସି କାମ ଉତ୍ସାହପ୍ରଦ ହେବ ନାହିଁ। ସ୍ୱାସ୍ଥ୍ୟ ସମସ୍ୟା ମାନସିକ ଅସୁସ୍ଥତାର କାରଣ ହୋଇପାରେ। ନୀଚ ଜାତିର ବ୍ୟକ୍ତିଙ୍କ ଦ୍ୱାରା ଅପମାନଜନକ ସ୍ଥିତିରୁ ସହସା ରକ୍ଷା ପାଇଯିବେ। ବାଣିଜ୍ୟ, ପରିବହନ, ସଭାସମିତି ଓ ରାଜନୈତିକ କ୍ଷେତ୍ରରୁ ସୁଫଳ ପାଇବାର ଆଶା ରହିଛି।

**ମକର** ସ୍ୱାସ୍ଥ୍ୟ ସମସ୍ୟା କ୍ରମଶଃ ଦୂରେଇ ଯିବ ଓ ଆରୋଗ୍ୟ ଲାଭ କରିବେ। ପରିବାରରେ ବୁଝାମଣାରୁ ଅଶାନ୍ତିକର ପରିବେଶ ସୃଷ୍ଟି ହେବାର ଆଶଙ୍କା ରହିଛି। ଆନୁଷ୍ଠାନିକ କାମରେ ବନ୍ଧୁମାନଙ୍କ ସହ ଆଳାପ ଆଲୋଚନାରେ ସମୟ କଟାଇବେ। ଶିଳ୍ପ, ବାଣିଜ୍ୟ, ପ୍ରଶାସନ ଓ ରାଜନୈତିକ କ୍ଷେତ୍ର ସମସ୍ୟା ବହୁଳ ରହିବ।

**କୁମ୍ଭ** ଅସାବଧାନତା କାରଣରୁ ଧନହାନି ଓ ଅସଂଯମ କଥାବାର୍ତ୍ତାରୁ କଳହର ସୂଚନା ରହିଛି। ଆବଶ୍ୟକତା ପୂରଣ ସକାଶେ ଧାର ଉଧାର କରିବାକୁ ପଡିପାରେ। ସାମାଜିକ କ୍ଷେତ୍ରରେ ବିଜାତୀୟ ବ୍ୟକ୍ତିଙ୍କ ଦ୍ୱାରା ପ୍ରଭାବିତ ହୋଇ ଅସମ୍ମାନିତ ହୋଇପାରନ୍ତି। ବନ୍ଧୁଙ୍କ ଅନୁରୋଧ କ୍ରମେ ପରିଜନ ସହ ଭ୍ରମଣ ସୁଯୋଗ ଜୁଟିବ।

**ମୀନ** କୌଣସି କାର୍ଯ୍ୟରେ ହେଉନା କାହିଁକି ଶୁଣାକଥାକୁ ବିଶ୍ୱାସ କଲେ ଅସୁବିଧାର ସମ୍ମୁଖୀନ ହେବାକୁ ପଡିପାରେ। ଶତ୍ରୁତା କରୁଥିବା ବ୍ୟକ୍ତିମାନେ ଆଗରେ ନ ହେଲେ ମଧ୍ୟ ପଛରେ ବହୁତ କଥା କହିପାରନ୍ତି। ଆଜି ବାଣିଜ୍ୟ, ଲେଖାପଢା, ଆଲୋଚନା, ମନୋରଞ୍ଜନରୁ ଖୁସି ରହିବେ। ଆଲୋଚନା କାଳରେ ନିଜର ସିଦ୍ଧାନ୍ତ ବଦଳାଇ ଅସୁବିଧାର ସମ୍ମୁଖୀନ ହୋଇପାରନ୍ତି।

ଆଜି ଦକ୍ଷିଣାୟନ କର୍କଟ ସଂକ୍ରାନ୍ତି, ଚିତାଲାଗି ଅମାବାସ୍ୟା ଶ୍ରୀମନ୍ଦିରରେ ଶ୍ରୀଜୀଉଙ୍କ ସୁବର୍ଣ୍ଣ ଚିତାଲାଗି, ଗୃହୀମାନଙ୍କର ଚିତାଲାଗି ପର୍ବ, ଅମାବାସ୍ୟାର ନିଶା ପାଳନ, ଜୁଲାଇ ୧୭ ତାରିଖ, ସୋମବାର, ଅନ୍ତର୍ଜାତୀୟ ନ୍ୟାୟ ଦିବସ, ନଦୀ ରଜସ୍ୱଳା, ରାଶି ନକ୍ଷତ୍ର-ପୁନର୍ବସୁ/ମିଥୁନ, ଅମାବାସ୍ୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୦୫।୨୦ ଗତେ, ଘ.୦୬।୫୮ ମଧ୍ୟେ, ୧୦।୩୪ ଗତେ, ଘ୦୧।୧୧ ମଧ୍ୟେ ଶୁଦ୍ଧ ଶୁଭ ବେଳା। ସକାଳ ଘ.୦୬।୫୮ ଗତେ, ଘ.୦୮।୩୬ ମଧ୍ୟେ ରାହୁକାଳ ।।

# ତେଲ ନଦୀ ପୋଲ ଉପରେ ୫ ଫୁଟ ପାଣି

## କେନ୍ଦୁଝର-ମୟୂରଭଞ୍ଜ ଯୋଗାଯୋଗ ବିଚ୍ଛିନ୍ନ

ପାଟଣା,୧୬।୭(ବୀରକିଶୋର ଦାଶ)

କେନ୍ଦୁଝର ଜିଲାରେ ଶନିବାରଠାରୁ ଅବିଶ୍ରାନ୍ତ ବର୍ଷା ଲାଗିରହିଛି। ଫଳରେ କେତେକ ସ୍ଥାନରେ ଜନଜୀବନ ପ୍ରଭାବିତ ହୋଇଛି। ଜିଲାର ପାଟଣା ଓ ସାହାରପଡ଼ା ବ୍ଲକ ଅଞ୍ଚଳରୁ ମୟୂରଭଞ୍ଜ ଜିଲା ଠାକୁରମୁଣ୍ଡାକୁ ସଂଯୋଗ କରୁଥିବା ପିଡବ୍ଲ୍ୟୁଡି ରାସ୍ତାର ଦାମାହୁଦା ପଞ୍ଚାୟତ କୁମୁଳାବାହାଲି ଗାଁସ୍ଥିତ ତେଲ ନଦୀ ପୋଲ ଉପରେ ରବିବାର ସକାଳୁ ୫ ଫୁଟର ବର୍ଷାଜଳ ପ୍ରବାହିତ ହେଉଥିବା ଦେଖିବାକୁ ମିଳିଥିଲା। ଫଳରେ କେନ୍ଦୁଝର-ମୟୂରଭଞ୍ଜ ଜିଲା ମଧ୍ୟରେ ଯୋଗାଯୋଗ ବିଚ୍ଛିନ୍ନ ହୋଇପଡ଼ିଛି। ଉପରମୁଣ୍ଡ ଶିମିଳିପାଳ ଅଞ୍ଚଳରେ ପ୍ରବଳ ବର୍ଷା ଯୋଗୁ ତେଲ ନଦୀ ଦେଇ ଜଳ ପ୍ରବାହିତ ହେଉଥିବାରୁ ପୋଲ ଉପରେ ୫ ଫୁଟର ବର୍ଷାଜଳ ପ୍ରବାହିତ ହେଉଛି। ଦାମାହୁଦା ପଞ୍ଚାୟତର କୁମୁଳା ବାହାଲି, ଘୋଲକୁଣ୍ଡ, ଡାଳପକା ପଞ୍ଚାୟତର ବନବୀର, ଗୋପୀନାଥପୁର, ମାଛଗଡ଼ ପଞ୍ଚାୟତର ଅସ୍ତଯୋଡ଼ି ଗାଁ ଲୋକଙ୍କ ସହ କଲେଜ ଛାତ୍ରୀଛାତ୍ର ଠାକୁରମୁଣ୍ଡା, ପଣସଗଡ଼ିଆ, ମନୋହରପୁର ଓ ପଡ଼ିଆବେଡ଼ା କଲେଜ ଯାଇପାରିନାହାନ୍ତି। କେନ୍ଦୁଝର ଜିଲାରୁ ୧୦ ଖଣ୍ଡ ବସ୍ ଠାକୁରମୁଣ୍ଡା ନ ଯାଇ ଅଟକି ରହିଛି। ସାହାରପଡ଼ା ବ୍ଲକରୁ ଠାକୁରମୁଣ୍ଡାକୁ ଯୋଗାଯୋଗ ବିଚ୍ଛିନ୍ନ ହୋଇଛି। ପୋଲର ଉଭୟ ପାର୍ଶ୍ୱରେ ଶତାଧିକ ଗାଡ଼ିମୋଟର ଅଟକି ରହିଛି। ଲଗାଣ ବର୍ଷା ଯୋଗୁ ଦାମାହୁଦା ପଞ୍ଚାୟତ ଅଞ୍ଚଳର ଅନେକ କଚ୍ଚାଘର ଭାଙ୍ଗିଥିବା ସୂଚନା ମିଳିଛି। ବେଲସରେଇ ଓ ଘୋଲକୁଣ୍ଡ ଗାଁ ମଧ୍ୟ ବାହ୍ୟ ଜଗତରୁ ବିଚ୍ଛିନ୍ନ ହୋଇଛି। ରବିବାର ସନ୍ଧ୍ୟାରେ ପୋଲ ଉପରୁ ଜଳସ୍ତର ସାମାନ୍ୟ କମିବାରୁ କେତେକ ବସ୍ ବିପଜ୍ଜନକ ଭାବେ ଯାତାୟାତ କରୁଥିବା ଦେଖିବାକୁ ମିଳିଥିଲା।



ପୋଲ ଉପରେ ବର୍ଷା ଜଳ ପ୍ରବାହିତ ହେଉଥିବା ବେଳେ ବିପଜ୍ଜନକ ଭାବେ ଏକ ବସ୍ ଯାତାୟାତ କରୁଛି।

# ମାଛଗାଁ କେନାଲ ଭାଙ୍ଗି ତରିକୁନ୍ଦ, ଦଳେଇଘାଇ ନିକଟରେ ଘାଇ

ଜଗତ୍‌ସିଂହପୁର,୧୬।୭
(ପ୍ରମୋଦ ନାୟକ)

ବିରିବାଟୀଠାରୁ ଜଗତ୍‌ସିଂହପୁର ଦେଇ ଲମ୍ବିଥିବା ମାଛଗାଁ କେନାଲର ତରିକୁନ୍ଦ ଓ ଦଳେଇଘାଇ ନିକଟରେ ଯଥାକ୍ରମେ ୨୦ ଓ ୧୫ ଫୁଟର ଘାଇ ହୋଇଛି। ଫଳରେ ଜଗତ୍‌ସିଂହପୁର-କନ୍ଦରପୁର ୫୫ ନଂ. ଜାତୀୟ ରାଜପଥରେ ୩ ଫୁଟ ଉଚ୍ଚରେ ଜଳ ପ୍ରବାହିତ ହେବା ସହ ପାଖାପାଖି ୧ ଘଣ୍ଟା ପର୍ଯ୍ୟନ୍ତ ଗମନାଗମନ ଠପ୍ ହୋଇ ଯାଇଥିଲା। କେବଳ ଏତିକି ନୁହେଁ, ଏହା ଏକ କୃତ୍ରିମ ବନ୍ୟା ପରିସ୍ଥିତି ସୃଷ୍ଟି କରିଛି। ତରିକୁନ୍ଦ ବଜାରର ଅଧିକାଂଶ ଦୋକାନରେ ପାଣି ପଶିଯାଇଛି। ଫଳରେ ବ୍ୟାପକ କ୍ଷୟକ୍ଷତି ହୋଇଛି। ସେହିପରି ତରିକୁନ୍ଦ ପାଣ୍ଠି, ସ୍ୱାସ୍ଥ୍ୟ କେନ୍ଦ୍ର ଓ ଲୋକଙ୍କ ଘରେ ପାଣି ପଶିବା ସହ ଶତାଧିକ ହେକ୍ଟର ଜମି ଜଳାର୍ଣ୍ଣବ ହୋଇଯାଇଛି। ଏନେଇ କ୍ଷତିପୂରଣ ଦାବିରେ ତରିକୁନ୍ଦ ବଜାରର ବ୍ୟବସାୟୀମାନେ ଆନ୍ଦୋଳନ କରିଛନ୍ତି।

ଏ ସମ୍ପର୍କରେ ସ୍ଥାନୀୟ ତରିକୁନ୍ଦ ଗ୍ରାମର ପଞ୍ଚୁ ସାହୁ, କାହ୍ନୁଚରଣ ସାହୁ, ଜୟଦେବ ବେହେରା, ବାପୁନି ସାହୁ ପ୍ରମୁଖଙ୍କ କହିବା କଥା ହେଲା ଶନିବାର ବିଳମ୍ବିତ ରାତିରେ ଏହି ଅଘଟଣ ହୋଇଥିଲା। ଏହି ସମୟରେ ସେମାନେ ଶୋଇଥିଲେ। ହଠାତ୍ ଘର ଓ ଅଗଣାରେ ପାଣି ପଶିବାରୁ ଭୟର ବାତାବରଣ ସୃଷ୍ଟି ହୋଇଥିଲା। ତା'ପରେ କେନାଲ ଭାଙ୍ଗିଥିବା ଜଣାପଡ଼ିଥିଲା। ଏହି କୃତ୍ରିମ ବନ୍ୟାରେ ତରିକୁନ୍ଦ ବଜାରରେ ଦୋକାନ କରିଥିବା ଅନେକ ବ୍ୟବସାୟୀଙ୍କ ବହୁ ସାମଗ୍ରୀ ନଷ୍ଟ ହୋଇଯାଇଛି। ବ୍ୟବସାୟୀ ସରୋଜ କୁମାର ମହାନ୍ତିଙ୍କ କହିବା କଥା ହେଲା, ତାଙ୍କର ବିସ୍କୁଟ ଡିଲରଶିପ୍ ରହିଛି। ପାଣି ଆସିବାରୁ ଗୋଦାମରେ ଗଚ୍ଛିତ ଥିବା ପାଖାପାଖି ୩ ଲକ୍ଷ ଟଙ୍କାର ବିସ୍କୁଟ, ସିମେଇ ଓ ଧୂପକାଠି ନଷ୍ଟ ହୋଇଯାଇଛି। କୈଳାସ ଚନ୍ଦ୍ର ମଲ୍ଲିକ କହିଛନ୍ତି, ତାଙ୍କ ଦୋକାନରେ ୨ କୁଇଣ୍ଟାଲ ଚାଉଳ ଥିଲା। ବ୍ୟବସାୟ ପାଇଁ ମାଛ ଗଚ୍ଛିତ ଥିଲା। ପାଣି ମାଡ଼ି ଆସିବା ଯୋଗୁ ଚାଉଳ ନଷ୍ଟ ହେବା ସହ ମାଛ ଭାସିଯାଇଛି। ବହୁ ଲୋକଙ୍କ ଘରେ ପାଣି ଢେଉ ମାରୁଛି। ପଞ୍ଚାୟତ କାର୍ଯ୍ୟାଳୟରେ ଚାଉଳ ଭିଜିଯାଇଛି।




ତରିକୁନ୍ଦଠାରେ ସୃଷ୍ଟି ହୋଇଥିବା ଘାଇ।

## ଜାତୀୟ ରାଜପଥରେ ପାଣି

- ଦୋକାନ, ବଜାର ସମେତ ଶତାଧିକ ହେକ୍ଟର ଜମି ଜଳମଗ୍ନ
- ଜଳ ସମ୍ପଦ ବିଭାଗର ଦାୟିତ୍ୱହୀନତା ଅଭିଯୋଗ

ରବିବାର ସକାଳେ ଜାତୀୟ ରାଜପଥରେ ଦୀର୍ଘ ସମୟ ଧରି ଗମନାଗମନ ଠପ୍ ସାଙ୍ଗକୁ ଜଳ ପ୍ରବାହ ବଢ଼ିଥିଲା। ଏହାସତ୍ତ୍ୱେ ଜିଲା ପ୍ରଶାସନ କିମ୍ବା ଜଳ ସମ୍ପଦ ବିଭାଗର କୌଣସି ଯନ୍ତ୍ରୀ ଘଟଣାସ୍ଥଳରେ ନ ପହଞ୍ଚିବାରୁ ଅସନ୍ତୋଷ ବଢ଼ିଥିଲା। ଶେଷରେ ଉତ୍ତ୍ୟକ୍ତ ଲୋକେ ହୋ ହଲ୍ଲା କରିବାରୁ ଅସ୍ୱାଭାବିକ ପରିସ୍ଥିତି ସୃଷ୍ଟି ହୋଇଥିଲା। ଏହାପରେ ପୋଲିସ ପହଞ୍ଚି ବୁଝାଶୁଝା କରିବା ସହ ପରିସ୍ଥିତି ନିୟନ୍ତ୍ରଣକୁ ଆଣିଥିଲା। ଲୋକଙ୍କ ଅଭିଯୋଗ ହେଲା, ପ୍ରତିବର୍ଷ ଜଳ ସମ୍ପଦ ବିଭାଗ କେନାଲରେ ପାଣି ଛାଡ଼ିଲା ବେଳକୁ ସଫେଇ କରୁଛି। ଏହି କାମ ଜୁନ୍ ସୁଦ୍ଧା ଶେଷ କରା ନ ଯାଇ ଉଦ୍ଦେଶ୍ୟମୂଳକ ଭାବେ ବିଳମ୍ବ କରାଯାଉଛି। ଏଭଳି କରାଯିବାର ଉଦ୍ଦେଶ୍ୟ ହେଉଛି କେନାଲରେ ପାଣି ଆସିଲେ ଅନାବନା ଗଛ ଓ ଘାସ ଆଦି ପାଣିରେ ବୁଡ଼ିଯିବ ଏବଂ ଉପରେ ଯେଉଁ ଘାସ, ଦଳ ଆଦି ରହିଥିବ ସେଗୁଡ଼ିକୁ ମେସିନ କିମ୍ବା କମ୍ ସଂଖ୍ୟକ ଶ୍ରମିକ ଲଗାଇ ସଫା କରିଦିଆଯିବ। ଏଭଳି କରି ଜଳ ସମ୍ପଦ ବିଭାଗ ଯନ୍ତ୍ରୀ ଓ ଠିକାଦାରମାନେ ପ୍ରତିବର୍ଷ ଲକ୍ଷ ଲକ୍ଷ ଟଙ୍କା ଆତ୍ମସାତ କରୁଛନ୍ତି। କେବଳ ସଫେଇ ନୁହେଁ, କେନାଲ ଓ ନଦୀ ବନ୍ଧ ମରାମତି ନାଁରେ ମୋଟା ଅଙ୍କର ଅର୍ଥ ଚଳୁ କରାଯାଉଛି। ଅପରପକ୍ଷେ ତରିକୁନ୍ଦ ଓ ଦଳେଇଘାଇ ନିକଟରେ କେନାଲର ଦୁର୍ବଳ ସ୍ଥାନ ମରାମତି କରାଯାଇ ନ ଥିବାରୁ ଏଭଳି ଘଟଣା ଘଟିଛି। ଏ ସମ୍ପର୍କରେ ନବ ନିର୍ମାଣ କୃଷକ ସଙ୍ଗଠନ ରାଜ୍ୟ ସହ ସଂଯୋଜକ ରଶ୍ମିରଞ୍ଜନ ସ୍ୱାଇଁ କହିଛନ୍ତି, ପ୍ରତିବର୍ଷ ଖରିଫ ପ୍ରସ୍ତୁତିକୁ ନେଇ ଜିଲା ପ୍ରଶାସନ ପକ୍ଷରୁ ବୈଠକ ହେଉଛି। ଏଥିରେ ନଦୀ ଓ କେନାଲ ବନ୍ଧର ସୁରକ୍ଷା ସାଙ୍ଗକୁ ଚାଷ ଜମିକୁ ପାଣି ପହଞ୍ଚାଇବା ପାଇଁ କି ପ୍ରକାର ପଦକ୍ଷେପ ନିଆଯାଉଛି ତା'ଉପରେ ବିସ୍ତୃତ ଆଲୋଚନା ହେଉଛି। କିନ୍ତୁ ତାହା କେବଳ ଔପଚାରିକତା ପାଇଁ ହେଉଛି। ତରିକୁନ୍ଦ ଓ ଦଳେଇଘାଇ ନିକଟରେ କେନାଲ ଭାଙ୍ଗି ଯେଉଁଭଳି ପରିସ୍ଥିତି ସୃଷ୍ଟି କରିଛି ତାହା ବିଭାଗୀୟ ଦାୟିତ୍ୱହୀନତାର ନଗ୍ନ ନମୁନା। ଏ ସମ୍ପର୍କରେ ଜଳ ସମ୍ପଦ ବିଭାଗ ଜଗତ୍‌ସିଂହପୁର ଡିଭିଜନ ଅଧୀକ୍ଷଣ ଯନ୍ତ୍ରୀ ପ୍ରତାପ ଶତପଥୀ କହିଛନ୍ତି, ପାଣି କମିଲା ପରେ କେଉଁ କାରଣରୁ ଏଭଳି ଘଟିଲା ଅନୁଧ୍ୟାନ ହେବ। ତେବେ ବାଲି ବସ୍ତା ଦ୍ୱାରା ବନ୍ଧ ବନ୍ଧାଯିବା ପାଇଁ ଚେଷ୍ଟା କରାଯିବ।

# ଯୁବବର୍ଗଙ୍କ ଲୁକ୍କାୟିତ ସାମର୍ଥ୍ୟକୁ ପ୍ରସ୍ଫୁଟିତ କରିବାର ଉତ୍ତମ ମାଧ୍ୟମ: ଧର୍ମେନ୍ଦ୍ର




## ସିଙ୍ଗାପୁର-ଭାରତ ହକାଥନ ୨୦୨୩ ସମାରୋହରେ ଯୋଗଦେଲେ କେନ୍ଦ୍ରମନ୍ତ୍ରୀ

ଭୁବନେଶ୍ୱର, ୧୬।୭(ସୁନିତ୍ ମିଶ୍ର)

କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏବଂ ସିଙ୍ଗାପୁର ଉପପ୍ରଧାନମନ୍ତ୍ରୀ ତଥା ଅର୍ଥମନ୍ତ୍ରୀ ଲାରେନ୍ସ ଓଙ୍ଗ୍ ରବିବାର ଆଇଆଇଟି ଗାନ୍ଧୀନଗରରେ ଅନୁଷ୍ଠିତ 'ଜି-୨୦ ସିଙ୍ଗାପୁର-ଭାରତ ହକାଥନ-୨୦୨୩'ର ୩ୟ ସଂସ୍କରଣରେ ଯୋଗ ଦେଇଛନ୍ତି। ଭାରତ ସରକାରଙ୍କ ଶିକ୍ଷା ମନ୍ତ୍ରଣାଳୟର ସର୍ବଭାରତୀୟ ବୈଷୟିକ ଶିକ୍ଷା ପରିଷଦ(ଏଆଇସିଟିଇ) ଏବଂ ନାନୟାଙ୍ଗ୍ ଟେକ୍ନୋଲୋଜିକାଲ ବୈଷୟିକ ବିଶ୍ୱବିଦ୍ୟାଳୟ(ଏନ୍‌ଟିୟୁ) ପକ୍ଷରୁ ଏହି ହକାଥନର ୩ୟ ସଂସ୍କରଣ ଆୟୋଜିତ ହୋଇଛି।

ଏହି ସମାରୋହରେ ଉଭୟ ମନ୍ତ୍ରୀ ଜଳବାୟୁ ପରିବର୍ତ୍ତନ ଏବଂ ଆର୍ଥିକ ଅନ୍ତର୍ଭୁକ୍ତୀକରଣ ପାଇଁ ସମାଧାନ ସୃଷ୍ଟି କରିବା ଲାଗି ସହଯୋଗ କରୁଥିବା ହକାଥନର ବିଜେତାମାନଙ୍କୁ ସମ୍ବର୍ଦ୍ଧିତ କରିଛନ୍ତି। ଧର୍ମେନ୍ଦ୍ର ହକାଥନରେ ଅଂଶଗ୍ରହଣ କରିଥିବା ଛାତ୍ରୀଛାତ୍ର ଏବଂ ଷ୍ଟାର୍ଟଅପ୍ ସହ ଆଲୋଚନା କରିଛନ୍ତି। ଏହାସହ ନବସୃଜନ ଏବଂ ଉଦ୍ୟମିତା ମାଧ୍ୟମରେ ଲୋକଙ୍କ ଜୀବନରେ ସକାରାତ୍ମକ ପ୍ରଭାବ ପକାଇବା ଏବଂ ବିଶ୍ୱକୁ ଏକ ସର୍ବଶ୍ରେଷ୍ଠ ସ୍ଥାନରେ ରଖିବା ଦିଗରେ ସେମାନଙ୍କ ଉଦ୍ୟମକୁ ଧର୍ମେନ୍ଦ୍ର ପ୍ରଶଂସା କରିଛନ୍ତି। ସିଙ୍ଗାପୁର-ଭାରତ ହକାଥନ ୨୦୨୩ର ସମସ୍ତ ବିଜେତାଙ୍କୁ ଅଭିନନ୍ଦନ ଜଣାଇ ସେ କହିଛନ୍ତି, ଏହିଭଳି ହକାଥନ ଜ୍ଞାନ ବିନିମୟକୁ ସୁଗମ କରିବା ଏବଂ ଉଭୟ ଦେଶର ଯୁବବର୍ଗଙ୍କ ଲୁକ୍କାୟିତ ସାମର୍ଥ୍ୟକୁ ପ୍ରସ୍ଫୁଟିତ କରିବାର ଏକ ଉତ୍ତମ ମାଧ୍ୟମ। ଏହି କାର୍ଯ୍ୟକ୍ରମରେ ଯୋଗଦେବା ପୂର୍ବରୁ ଧର୍ମେନ୍ଦ୍ରଙ୍କ ସହ ସିଙ୍ଗାପୁର ଉପପ୍ରଧାନମନ୍ତ୍ରୀଙ୍କ ମଧ୍ୟରେ ଏକ ବୈଠକ ଅନୁଷ୍ଠିତ ହୋଇଛି। ସ୍କୁଲରେ ଧନ୍ଦାମୂଳକ ଶିକ୍ଷାର ସମନ୍ୱୟ, ଗୁରୁତ୍ୱପୂର୍ଣ୍ଣ ସ୍କିଲ୍ ସହ ଯୁବବର୍ଗଙ୍କୁ ସଶକ୍ତ କରିବା, ଭବିଷ୍ୟତର ମାନବସମ୍ବଳ ପ୍ରସ୍ତୁତ କରିବା ଉପରେ ଧର୍ମେନ୍ଦ୍ର ଚର୍ଚ୍ଚା କରିଛନ୍ତି। ସେହିପରି ଶିକ୍ଷାନୁଷ୍ଠାନ, ଶିକ୍ଷକ ଏବଂ ପ୍ରଶିକ୍ଷକମାନଙ୍କ କ୍ଷମତା ନିର୍ମାଣ ଓ ଭାରତର ପ୍ରାଥମିକତାରେ ଥିବା ଗବେଷଣା ଏବଂ ନବଉନ୍ମେଷ ଉପରେ ସହଯୋଗ ହେବା ଉପରେ ବୈଠକରେ ଗୁରୁତ୍ୱ ଦିଆଯାଇଛି। ଉଲ୍ଲେଖନୀୟ ଯେ, ପ୍ରାୟ ୮୦୦ରୁ ଅଧିକ ଛାତ୍ରୀଛାତ୍ର, ଷ୍ଟାର୍ଟଅପ୍, ନିବେଶକ, ନୀତି ସଂସ୍କାରକ, କର୍ପୋରେଟ ଏବଂ ଏକାଡେମିକ୍ସ ଏହି ହକାଥନରେ ଯୋଗ ଦେଇଥିଲେ।

## ବଜ୍ରକାପ୍ତା ଉଦ୍ଧାର: ବନ ବିଭାଗକୁ ହସ୍ତାନ୍ତର



ବଡ଼ମ୍ବା,୧୬।୭(ମାୟାଧର ମଲ୍ଲିକ)

କଟକ ଜିଲା ବଡ଼ମ୍ବା ବ୍ଲକ ଅନ୍ତର୍ଗତ ଭଙ୍ଗାରିକା ପଞ୍ଚାୟତର ଗମେଇ ଗ୍ରାମ ନୂଆସାହି ନିକଟରୁ ରବିବାର ଏକ ବଜ୍ରକାପ୍ତା ଉଦ୍ଧାର ହୋଇଛି। ସକାଳେ ନିକଟରେ ଥିବା ନଦୀକୁ କିଛି ପିଲା ଗାଧୋଇବାକୁ ଯାଉଥିଲେ। ଏହି ସମୟରେ ଉକ୍ତ ବଜ୍ରକାପ୍ତାକୁ ଦେଖି ସେମାନେ ଭୟଭୀତ ହୋଇ ଗାଁ ଲୋକଙ୍କୁ ଆସି ଜଣାଇଥିଲେ। ଏହାପରେ ଗ୍ରାମର କିଛି ଲୋକ ସେଠାରେ ପହଞ୍ଚି ତାକୁ ଧରିବା ସହ ବଡ଼ମ୍ବା ବନ ବିଭାଗକୁ ଜଣାଇଥିଲେ। ଖବରପାଇ ବଡ଼ମ୍ବା ସଦର ବନପାଳ କୃଷ୍ଣଚନ୍ଦ୍ର ସ୍ୱାଇଁ, ଗୋପପୁର ବନପାଳ ରଶ୍ମିତା ମହାନ୍ତି ଓ ଅନ୍ୟ କର୍ମଚାରୀ ଗାଁରେ ପହଞ୍ଚି ବଜ୍ରକାପ୍ତାକୁ ଉଦ୍ଧାର କରିଥିଲେ। ଏହାପରେ ତା'ର ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ନିକଟସ୍ଥ ଜଙ୍ଗଲରେ ଛାଡି ଦିଆଯାଇଛି। ଉକ୍ତ ବଜ୍ରକାପ୍ତାର ଓଜନ ପ୍ରାୟ ୩ କିଲୋ ହେବ ବୋଲି ବନପାଳ ସ୍ୱାଇଁ କହିଛନ୍ତି।



କନିକା ପ୍ରଜା ଆନ୍ଦୋଳନର ମୁଖ୍ୟ ପୁରୋଧା ତଥା ମହାନ ବିପ୍ଳବୀ ଚକ୍ରଧର ବେହେରାଙ୍କ ୧୨୯ତମ ଜୟନ୍ତୀରେ ରବିବାର ଭୁବନେଶ୍ୱର ରାଜଭବନ ଛକସ୍ଥିତ ତାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ଅବସରରେ 'ଭଦ୍ରକ ସମ୍ମିଳନୀ ଭୁବନେଶ୍ୱର' ଓ 'ନିଜ ଗାଁ ହଳଦିଆ'ର କର୍ମକର୍ତ୍ତାମାନେ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛନ୍ତି। ନିଶାକର ରାଉତ, ଧୀରେନ୍ଦ୍ର ବେହେରା, ଶକୁନ୍ତଳା ରାଉତ, ଚକ୍ରଧର ବିଶ୍ୱାଳ, ଦ୍ୱିପାଞ୍ଜଳି ବେହେରା, ଗୋଲକ ବିଶ୍ୱାଳ, ପ୍ରଭାକର ପରିଡା, ବିଚିତ୍ର ସାହୁ ପ୍ରମୁଖ ଉପସ୍ଥିତ ଅଛନ୍ତି।

# ଲୋକେ କାମ ପାଇଁ ହିଁ ଚିହ୍ନନ୍ତୁ

## ଧରିତ୍ରୀ ଆଳାପ

**ଗତ କିଛି ବର୍ଷ ଧରି ଓଡ଼ିଆ ଚଳଚ୍ଚିତ୍ର ଜଗତର ଏକ ପରିଚିତ ନାମ ହେଉଛି ଅଭିନେତା ଦ୍ୱୀପନ୍ୱିତ ଦାଶମହାପାତ୍ର। ୨୦୧୪ରୁ ଆରମ୍ଭ ହୁଏ ତାଙ୍କର ନାଟକରେ ଯାତ୍ରା। ରାଜ୍ୟ ଓ ବାହାରେ ଅନେକ ମଞ୍ଚ ନାଟକ ପ୍ରଦର୍ଶନ କରି ଦର୍ଶକଙ୍କ ମନ ଜିଣି ଚାଲିଥିଲେ। ଆଇଟିଆରରେ ଇଞ୍ଜିନିୟରିଂ ପଢ଼ିବା ବେଳେ ୨୦୧୭ରେ ଫିଚର ଫିଲ୍ମ 'କ୍ଷଣିକା' ପାଇଁ ଦେଇଥିଲେ ଅଡିଶନ। ଏହାପରେ ଆରମ୍ଭ ହୋଇଯାଇଥିଲା ଓଡ଼ିଆ ଚଳଚ୍ଚିତ୍ରରେ ଯାତ୍ରା। ଓଡ଼ିଆ ସିନେମାର ସ୍ଥିତି ଠିକ୍ ନ ଥିବା ବେଳେ ତାଙ୍କ ଅଭିନୀତ ଚଳଚ୍ଚିତ୍ର ଦେଖାଇଛି ନୂଆ ଆଶା। ୨୦୨୨ରେ ତାଙ୍କର ୩ଟି ଚଳଚ୍ଚିତ୍ର 'ଆଦିୟୁ ଗୋଦାର୍ଡ', 'ଦମନ', 'ପ୍ରତୀକ୍ଷା'ରେ ସେ ସିନେପ୍ରେମୀଙ୍କ ମନରେ ଏକ ସ୍ୱତନ୍ତ୍ର ସ୍ଥାନ ଗ୍ରହଣ କରିପାରିଛନ୍ତି। ସେହିପରି କ୍ଷୁଦ୍ର ଚଳଚ୍ଚିତ୍ର 'ବ୍ୟାସେ ଶୁଣୁଛ' ମଧ୍ୟ ତାଙ୍କୁ ଆହୁରି ଲୋକପ୍ରିୟ କରାଇଛି। ଯାଦୁକରି ଅଭିନୟରେ ଦର୍ଶକଙ୍କୁ ବାନ୍ଧି ରଖି ପାରୁଥିବା ଦ୍ୱୀପନ୍ୱିତଙ୍କ ସହ ଏଥରର 'ଧରିତ୍ରୀ ଆଳାପ'।**

**- ସାକ୍ଷାତ୍: ଶର୍ମିଷ୍ଠା ପାଣିଗ୍ରାହୀ, ଭୁବନେଶ୍ୱର**




***ମଞ୍ଚ ନାଟକରୁ ଚଳଚ୍ଚିତ୍ର ଯାତ୍ରା କିପରି ଥିଲା?***

- ନାଟକ ଓ ଚଳଚ୍ଚିତ୍ରରେ ଅଭିନୟ ବହୁତ ଅଲଗା। ମୋ ପାଇଁ ନାଟକରେ ଅଭିନୟ ସହଜ ଥିଲା। କିନ୍ତୁ ଚଳଚ୍ଚିତ୍ର ପାଇଁ ଅନେକ ୱାର୍କଶପ୍‌ରେ ଯୋଗଦେଲା ପରେ ଧୀରେ ଧୀରେ ଶିଖିଲି। ଚଳଚ୍ଚିତ୍ରରେ ଅଭିନୟ ଗୋଟିଏ ଲମ୍ବା ପ୍ରକ୍ରିୟା। ଅନେକ କଳାକାର ନାଟକରେ ଭଲ ଅଭିନୟ କରିପାରନ୍ତି, କିନ୍ତୁ ଚଳଚ୍ଚିତ୍ରରେ କରିପାରନ୍ତିନି।

***ଚଳଚ୍ଚିତ୍ରରେ ଦ୍ୱୀପନ୍ୱିତ ସମ୍ବେଦନଶୀଳ ମନେହୁଅନ୍ତି, ବ୍ୟକ୍ତିଗତ ଜୀବନରେ?***

- ଜାଣତରେ ହେଉ କି ଅଜାଣତରେ, ଚଳଚ୍ଚିତ୍ରରେ ନିଜସ୍ୱ ପଣ ଆସିଯାଏ। ତାହା କେତେ ଭଲ କେତେ ଖରାପ ମୁଁ ଜାଣିନି। ପ୍ରତୀକ୍ଷା ଚଳଚ୍ଚିତ୍ରର ସଂଘର୍ଷ କାହାଣୀ ମୋ ଜୀବନର ସଂଘର୍ଷ ସହିତ ଖାପ ଖାଉଥିବା ଅନୁଭବ କରିପାରିଥିଲି। ଦେଖିବାକୁ ଗଲେ ବ୍ୟକ୍ତିଗତ ଜୀବନରେ ସେହି ସମ୍ବେଦନଶୀଳତା ଅଛି ବୋଲି ହିଁ ମୁଁ କରିଥିବା ଚରିତ୍ରଗୁଡ଼ିକରେ କିଛିମାତ୍ରାରେ ମୋର ଛାପ ଛାଡ଼ିପାରିଛି।

***'ଦମନ' ଚଳଚ୍ଚିତ୍ରରେ ସହକଳାକାର ଏବଂ 'ପ୍ରତୀକ୍ଷା'ରେ ମୁଖ୍ୟ ଭୂମିକାରେ ଅଭିନୟ, ଆପଣଙ୍କୁ କେଉଁଟା ବେଶି ଭଲ ଲାଗିଥିଲା?***

- ନିଜ କାମକୁ ମୁଁ ଏତେ ମାତ୍ରାରେ ସମୀକ୍ଷା କରିପାରେନି। କିନ୍ତୁ ମୋର ପୁରୁଣା କାମ ଦେଖିଲେ ଲାଗେ ବହୁତ କିଛି ଭଲ ହୋଇପାରିଥାନ୍ତା। ଦମନ ବେଳେ ଲାଗିଥିଲା ଆଉ ଟିକେ ଭଲ ହୋଇପାରିଥାନ୍ତା, ଯଦି ମୋତେ ଆଉ ଟିକେ ସମୟ ମିଳି ପାରିଥାନ୍ତା। ସେହିପରି ପ୍ରତୀକ୍ଷା ରିଲିଜ୍ ସମୟକୁ ଦେଖିଲେ ଲାଗେ ଟିକେ ପୁରୁଣା ହୋଇଗଲା। ଦମନ ହେଉ କି ପ୍ରତୀକ୍ଷା, ଲୋକଙ୍କ ମନକୁ ଛୁଇଁପାରିଲା ଭଳି ମୁଁ ଶତ ପ୍ରତିଶତ ଉଦ୍ୟମ କରିଥିବା ମୋତେ ଲାଗେନି। କହିବାକୁ ଗଲେ ଆଉ ଟିକେ ଭଲ କରିବାର ସମ୍ଭାବନାଟା ସବୁବେଳେ ମୋ ଭିତରେ ରହୁଛି।

***-ଆପଣଙ୍କ ଅଭିନୀତ ଚରିତ୍ରଗୁଡ଼ିକ ଗମ୍ଭୀର। ଆପଣ ଭାବୁଛନ୍ତି କି ଏଭଳି କିଛି ଚରିତ୍ର ପାଇଁ ହିଁ ଆପଣଙ୍କୁ ବଛାଯାଉଛି?***

- ମୁଁ ଅଭିନୟ କରିଥିବା ଚରିତ୍ରଗୁଡ଼ିକ ସେମିତି ହିଁ କିଛି। ସବୁଠି ଗୋଟେ ସେ ଭାରିପଣର କଥା ଆସେ। ସେଥିପାଇଁ ବୋଧହୁଏ ଦର୍ଶକଙ୍କୁ ସେମିତି ଲାଗିଥାଇପାରେ।

***ଆପଣଙ୍କ ଶାରୀରିକ ଗଠନ ପାଇଁ କେବେ କିଛି ସାମ୍ନା କରିଛନ୍ତି?***

- ହଁ। ଏମିତି ବି ଅନେକ ସମୟରେ ପ୍ରୋଜେକ୍ଟ ମଧ୍ୟ ହାତରୁ ଯାଇଛି। ଆଉ ଟିକେ ଡେଙ୍ଗା ହୋଇଥିଲେ ମ୍ୟାଚ୍ ହୋଇଥାନ୍ତା। ଆଉ ଟିକେ ପତଳା ହୋଇଥିଲେ ସେ ଚରିତ୍ର ସହ ଖାପ ଖୁଆଇଥାନ୍ତା। ତାହା ନିର୍ମାତାଙ୍କ ପସନ୍ଦ। ଆମ ହାତରେ ନ ଥାଏ। ଯାହା ମିଳୁଛି ସେ ନେଇ କ'ଣ କରିହେବ ସେଥିପାଇଁ ଧ୍ୟାନ ଦେବା ଆବଶ୍ୟକ।

***ଚଳଚ୍ଚିତ୍ର କରିବା ପୂର୍ବରୁ ସ୍କ୍ରିପ୍ଟକୁ ଧ୍ୟାନ ଦିଅନ୍ତି ନା ଚରିତ୍ରକୁ?***

- ସ୍କ୍ରିପ୍ଟକୁ ଧ୍ୟାନ ଦେଇଥାଏ।

***ଓଡ଼ିଆ ଚଳଚ୍ଚିତ୍ରର ଉନ୍ନତି ପାଇଁ କ'ଣ ସବୁ ହେବା ଆବଶ୍ୟକ ବୋଲି ଭାବୁଛନ୍ତି?***

- ଓଡ଼ିଶାରେ ଫିଲ୍ମ, ୱେବସିରିଜ, ଫିଚର ଫିଲ୍ମ, ମ୍ୟୁଜିକ୍ ଭିଡିଓ ସବୁ କିଛି ଚାଲିଛି। କିନ୍ତୁ ଦକ୍ଷତାର ଅଭାବ ରହିଛି। ଯାହା ଉପରେ କେହି କଥା ହେଉନାହାନ୍ତି। ବହୁତ ଜଣ ଆସୁଛନ୍ତି, ଅନେକ କାମ ହେଉଛି। କିନ୍ତୁ ହାର୍ଡ ୱାର୍କ ଓ ସ୍ମାର୍ଟ ୱାର୍କ ଭିତରେ ଫରକ ରହିଛି। ଦକ୍ଷତା ପରୀକ୍ଷା ଉପରେ କିଛି ଧ୍ୟାନ ଦିଆଯାଉନାହିଁ। ପ୍ରୋଜେକ୍ଟ ପରେ ପ୍ରୋଜେକ୍ଟ ହୋଇ ଚାଲିଛି। ୱାର୍କଶପ୍ ହେବା ଆବଶ୍ୟକ। ବାହାରେ କ'ଣ ଚାଲିଛି ସେସବୁକୁ ବି ନଜରରେ ରଖିବା ଆବଶ୍ୟକ। ବ୍ୟକ୍ତିଗତ ସ୍ତରରେ ନିଜର ଦକ୍ଷତା ବୃଦ୍ଧି ପାଇଁ ଚେଷ୍ଟା କରିବା ଉଚିତ।

***ସାମାଜିକ ଗଣମାଧ୍ୟମରେ ଓଡ଼ିଆ ଚଳଚ୍ଚିତ୍ରକୁ ନେଇ ହେଉଥିବା ତର୍କ ସମ୍ପର୍କରେ କ'ଣ କହିବେ?***

- ଏହା ବ୍ୟବସାୟ ଭଳି ହିଁ ଅନୁଭବ ହୁଏ। ମୋତେ ଲାଗେ ଏହା କଳୁଷିତ ହୋଇ କି ଅଛି। ଲୋକେ କାମ ପାଇଁ ହିଁ ଚିହ୍ନନ୍ତୁ ସେତିକି ଇଚ୍ଛା।

***ଅନ୍ୟ କେଉଁଥିରେ ରୁଚି ରହିଛି?***

- ଲେଖାଲେଖି କରିବାକୁ ଭଲ ଲାଗେ। ପଢ଼ିବାକୁ ବି। ତା' ଛଡ଼ା ଗୀତ ପ୍ରତି ଦୁର୍ବଳତା ଅଛି। ଆଗରୁ ମ୍ୟୁଜିକ କ୍ୟାସେଟ୍ ସଂଗ୍ରହ କରି ରଖୁଥିଲି। ଏବେ କେତେ ନୂଆ ଗୀତ ଆସୁଛି, ଅଲଗା ଅଲଗା ଭାଷାରେ ଶୁଣିବାକୁ ଭଲ ଲାଗେ।

***କ'ଣ ଖାଇବାକୁ ପସନ୍ଦ କରନ୍ତି?***

-ଘରେ ରନ୍ଧା ଭାତ, ଡାଲମା।

***କେଉଁ ରଙ୍ଗ ପସନ୍ଦ, କ'ଣ ପିନ୍ଧିବାକୁ ଭଲ ଲାଗେ?***

-କଳା ଓ ନୀଳ। ଜିନ୍ସ ସହ ଟି-ଶାର୍ଟ ପିନ୍ଧିବାକୁ ଭଲ ଲାଗେ।

***ଅଭିନୟ କ୍ଷେତ୍ରରେ କିଛି ଅଭୁଲା ମୁହୂର୍ତ୍ତ?***

-ଦମନ ଚଳଚ୍ଚିତ୍ର ବେଳେ ଗାଁ ଗାଁ ବୁଲି ଲୋକଙ୍କ ସହ ମିଶିବାର ସମୟ। ସେହିପରି ପ୍ରତୀକ୍ଷା ଯେତେବେଳେ ଇଣ୍ଟରନ୍ୟାଶନାଲ ଫିଲ୍ମ ଫେଷ୍ଟିଭାଲରେ ଅଫ୍ ଇଣ୍ଡିଆରେ ମନୋନୀତ ହେଲା। ସେହି ସମୟରେ ବରିଷ୍ଠ ଅଭିନେତା ତଥା ଫିଲ୍ମ ନିର୍ମାତା ଅନୁପମ ଖେର୍ ଏହାର ରିମେକ୍ ପାଇଁ କହିଥିଲେ, ସେହି ମୁହୂର୍ତ୍ତ ସ୍ୱତନ୍ତ୍ର ଅଟେ।

***ଓଲିଉଡ୍‌ରେ ପ୍ରିୟ ଅଭିନେତା ଓ ଅଭିନେତ୍ରୀ?***

- ଚୌଧୁରୀ ଜୟପ୍ରକାଶ ଦାଶ, ହର ରଥ ଭଲ ଲାଗନ୍ତି। ଅପରାଜିତା ମହାନ୍ତି, ଅନୁ ଚୌଧୁରୀଙ୍କ ଅଭିନୟ ଭଲ ଲାଗେ।

***ବର୍ତ୍ତମାନ ସମୟର କେହି ପ୍ରିୟ ଅଭିନେତ୍ରୀ?***

-ଅଭିନେତ୍ରୀଙ୍କୁ ନେଇ କିମ୍ବା ସେମାନଙ୍କୁ ମୁଖ୍ୟ ଭୂମିକାରେ ନଜର ଆସିବା ଭଳି ଚଳଚ୍ଚିତ୍ର ନାହିଁ। ଓଡ଼ିଶାରେ ଅଭିନେତ୍ରୀମାନଙ୍କୁ ନେଇ ଭଲ ସିନେମା ଏବେ କିଛି ହେଉନାହିଁ। କିଛି ସେମିତି ସିନେମା ଆସିଲେ ହିଁ କାହା ଅଭିନୟ ଭଲ କହିହେବ। ସୂର୍ଯ୍ୟମୟୀଙ୍କ ଭଳି କିଛି ଅଭିନେତ୍ରୀ ଭଲ କରିପାରିବେ।

ଯେଉଁ ସମାଜରେ ଦାରିଦ୍ର୍ୟ ରହିଛି- ତଦ୍ୱାରା ପ୍ରମାଣିତ ହୁଏ ଯେ, ସେ ସମାଜରେ ଅନ୍ୟାୟ ଓ ଅବ୍ୟବସ୍ଥା ପୂରି ରହିଛି। ଆମର ଦାନ ଖଇରାତ ପାଇଁ ଯେଉଁସବୁ ସାଧାରଣ ପ୍ରତିଷ୍ଠାନ ରହିଛି- ସେ ସବୁ ଯେପରି ଚୋରଙ୍କ ମନରେ ଅବଶେଷରେ ବିବେକର ସର୍ବପ୍ରଥମ ଜାଗରଣ !! -ଶ୍ରୀଅରବିନ୍ଦ



# ଆୟ ବହିର୍ଭୂତ

ବିଗତ କିଛି ଦଶନ୍ଧି ଧରି ଭାରତୀୟ ଛାତ୍ରୀଛାତ୍ରଙ୍କ ମନରେ ଇଞ୍ଜିନିୟରିଂ ଓ ଡାକ୍ତରୀ ପାଠ୍ୟକ୍ରମ ପ୍ରତି ପ୍ରବଳ ଦୁର୍ବଳତା ରହିଆସିଥିବା ଲକ୍ଷ୍ୟ କରାଯାଇଛି। ଇଞ୍ଜିନିୟରିଂ ପାଇଁ ଯୁଗ୍ମ ପ୍ରବେଶିକା ପରୀକ୍ଷା (ଜେଇଇ) ଓ ଡାକ୍ତରୀ ପାଠ୍ୟକ୍ରମରେ ନାମ ଲେଖାଇବା ସକାଶେ ଜାତୀୟ ଯୋଗ୍ୟତା ପ୍ରବେଶିକା ପରୀକ୍ଷା (ଏନ୍‌ଇଇଟି)ରେ ଉତ୍ତୀର୍ଣ୍ଣ ହେବା ଲାଗି ଯୁକ୍ତ ୨ ବିଜ୍ଞାନ ପିଲାଙ୍କ ମଧ୍ୟରେ ପ୍ରବଳ ପ୍ରତିଦ୍ୱନ୍ଦ୍ୱିତା ହେଉଥିବା ଦେଖାଯାଉଛି। ଏପରିକି ରାଜସ୍ଥାନର କୋଟା ଭଳି ଛୋଟିଆ ସହରରେ ଏଥିପାଇଁ କୋଚିଂ ନେବାକୁ ଯାଇ ବିଫଳ ହୋଇ କିଛି ଛାତ୍ରୀଛାତ୍ର ଆତ୍ମହତ୍ୟା କରିବାର ଦୁଃଖଦ ଖବର ଶୁଣିବାକୁ ମିଳୁଛି। ଯେଉଁ ମାତାପିତା ନିଜ ପିଲାଙ୍କ ଉପରେ ପ୍ରବଳ ଚାପ ପକାଇ ଚାକିରିର ସ୍ୱପ୍ନ ଦେଖୁଛନ୍ତି, ସେହିଭଳି ପିଲାଙ୍କର ମାନସିକତା ବିରକ୍ତିଭାବ ଆଡ଼କୁ ଯାଇ ଆତ୍ମହତ୍ୟା କରିବା ପର୍ଯ୍ୟନ୍ତ ଟାଣି ନେଉଛି। ଇଞ୍ଜିନିୟର, ଡାକ୍ତର କିମ୍ବା ଆଇଏଏସ୍ ବା ଆଇପିଏସ୍ ଅଫିସର ଭଳି ଲାଭଦାୟକ ଚାକିରି ପାଇଁ ସମସ୍ତେ ଧାଉଁଥିବାରୁ ଏହିଭଳି ପ୍ରବଳ ପ୍ରତିଯୋଗିତା ଲାଗି ରହିଛି। ଅବଶ୍ୟ ଏବେ ଅଳ୍ପ ଅଭିଭାବକ ବୁଝିଲେଣି ଏବଂ ନିଜର ଆଭିମୁଖ୍ୟରେ ପରିବର୍ତ୍ତନ ଆଣିବାକୁ ଯାଇ ପିଲାଙ୍କ ପାଠପଢ଼ାରେ ଅଯଥା ଚାପ ପକାଉ ନାହାନ୍ତି। ତେବେ ସେମାନଙ୍କ ସଂଖ୍ୟା ଅତି ନଗଣ୍ୟ।

ଆଜିର ସ୍ଥିତି ଦେଖିଲେ ଛାତ୍ରୀଛାତ୍ରଙ୍କ ପସନ୍ଦରେ ପରିବର୍ତ୍ତନ ଆସୁଥିବା ଲକ୍ଷ୍ୟ କରାଗଲାଣି। ଏହାର ସଦ୍ୟ ଦୃଷ୍ଟାନ୍ତ ହେଉଛି ଯୁକ୍ତ ୨ ପରେ ସ୍ନାତକ ଶ୍ରେଣୀରେ ନାମ ଲେଖାଇବା ପାଇଁ କରାଯାଇଥିବା କମନ୍ ୟୁନିଭର୍ସିଟି ଏନ୍‌ଟ୍ରାନ୍ସ ଟେଷ୍ଟ-ଅଣ୍ଡରଗ୍ରାଜୁଏଟ୍ (ସିୟୁଇଟି-ୟୁଜି)ରେ ଚଳିତ ବର୍ଷ ୨୨,୮୩୬ ବିଦ୍ୟାର୍ଥୀ ୧୦୦ ପର୍ସେଣ୍ଟାଇଲ୍ ରଖିଛନ୍ତି, ଯାହା ଗତବର୍ଷ ଥିଲା ୨୧,୧୫୯। ଫଳାଫଳରୁ ଜଣାପଡ଼ିଛି ଯେ, ୨ ଲକ୍ଷ ୫୪ ହଜାର ପ୍ରାର୍ଥୀ ୯୫ ଓ ତଦୂର୍ଦ୍ଧ୍ୱ ପର୍ସେଣ୍ଟାଇଲ ହାସଲ କରିଛନ୍ତି, ଯେଉଁମାନଙ୍କ ସଂଖ୍ୟା ଗତବର୍ଷ ତୁଳନାରେ ୪୫ ହଜାର ପାଖାପାଖି ଅଧିକ ରହିଛି। ଦେଶର ୨୦୦ରୁ ଊର୍ଦ୍ଧ୍ୱ ବିଶ୍ୱବିଦ୍ୟାଳୟରେ ପ୍ରାୟ ୩ ଲକ୍ଷ ସ୍ନାତକ ସିଟ୍ ଥିବା ବେଳେ ଚଳିତବର୍ଷ ୧୬ ଲକ୍ଷରୁ ଅଧିକ ବିଦ୍ୟାର୍ଥୀ ନାମ ପଞ୍ଜୀକରଣ କରିଥିଲେ। ସେଥିପାଇଁ ଏବେକାର ଫଳ ଦେଖିଲେ ୯୫ ପ୍ରତିଶତରୁ ଊର୍ଦ୍ଧ୍ୱ ପର୍ସେଣ୍ଟାଇଲ ହାସଲ କରିଥିବା ଛାତ୍ରୀଛାତ୍ରଙ୍କ ସଂଖ୍ୟା ୩ ଲକ୍ଷ ପାଖାପାଖି ପହଞ୍ଚିଯାଉଛି।

> **କେବଳ ଚାକିରି ମାୟାରେ ଭାରତର ସବୁ ପିଲା ପାଠ ପଢ଼ୁଛନ୍ତି। ହୁଏତ ଚାକିରିର ଆବଶ୍ୟକତା ନ ଥିଲେ ଅଧିକାଂଶ ପାଠ ମଧ୍ୟ ପଢ଼ନ୍ତେ ନାହିଁ। ଚାକିରିରେ ବି ଚାକିରି ଅଛି। ଆଇଏଏସ୍, ଆଇପିଏସ୍ ଅଫିସର କିମ୍ବା ସରକାରୀ ଇଞ୍ଜିନିୟର ବା ଡାକ୍ତର ସମସ୍ତଙ୍କ ଇଚ୍ଛା ଆୟବହିର୍ଭୂତ ଅସାଧାରଣ ଜୀବନଯାପନ କରିବାକୁ।**

ବାୟୋଲୋଜି ବା ବାୟୋଟେକ୍ନୋଲୋଜିଠାରୁ ଆରମ୍ଭ କରି ଅର୍ଥନୀତି, ଆକାଉଣ୍ଟାନ୍ସି, ଗଣିତ, ଇତିହାସ, ପଦାର୍ଥ ବିଜ୍ଞାନ ଓ ରାଜନୀତି ବିଜ୍ଞାନରେ ଚାହିଦା ଯଥେଷ୍ଟ ବଢ଼ିଛି। ସେହିଭଳି ଇଂଲିଶ, ମନସ୍ତତ୍ତ୍ୱ, ସମାଜବିଜ୍ଞାନ ଭଳି ହ୍ୟୁମାନିଟିଜ୍ ପାଠ୍ୟକ୍ରମ ପଢ଼ିବା ଲାଗି ପିଲାଙ୍କ ମଧ୍ୟରେ ଆଗ୍ରହ ବଢ଼ିଥିବା ସିୟୁଇଟି ଫଳାଫଳରୁ ଜଣାପଡ଼ିଛି। ଏସବୁକୁ ଲକ୍ଷ୍ୟକରି ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ(ୟୁଜିସି) ମେଡିକାଲ ଓ ଇଞ୍ଜିନିୟରିଂ ଢାଞ୍ଚାରେ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟରେ ସ୍ନାତକ ପାଠ ପଢ଼ିବା ଲାଗି ଆସନ୍ତାବର୍ଷ କମନ୍ କାଉନ୍‌ସେଲିଂ କରିବା ସକାଶେ ଚିନ୍ତା କଲାଣି।

ଆଜିର ଜଗତୀକରଣ ଯୁଗରେ ନୂଆ କ୍ଷେତ୍ରରେ ଚାହିଦା ବଢ଼ିବାରେ ଲାଗିଛି। ସେହିସବୁ ଚାହିଦାକୁ ଅନିଶା କରି ଯେଉଁମାନେ ନିଜର ଦକ୍ଷତାକୁ ବିନିଯୋଗ କରିପାରୁଛନ୍ତି ସେମାନେ ସଫଳ ହେଉଥିବା ଲକ୍ଷ୍ୟ କରାଯାଉଛି। ପୂର୍ବରୁ ଶାରୀରିକ ଶିକ୍ଷା ବା ଫିଜିକାଲ ଏଜୁକେଶନ ଏତେଟା ଗୁରୁତ୍ୱ ପାଇ ନ ଥିଲା। ବର୍ତ୍ତମାନ ପରିପ୍ରେକ୍ଷୀରେ କ୍ରୀଡ଼ାର ପରିଭାଷା ଓ ପରିସର ବ୍ୟାପ୍ତ ହୋଇଥିବାରୁ ଏଭଳି ଶିକ୍ଷାର ଆବଶ୍ୟକତା ବଢ଼ିଛି। ଭାରତର ଜନସଂଖ୍ୟାକୁ ଦେଖିଲେ କ୍ରୀଡ଼ା କ୍ଷେତ୍ରରେ ଅନ୍ତର୍ଜାତୀୟ ସ୍ତରର ସଫଳତା ଖୁବ୍ କମ୍। ସ୍କୁଲ ସ୍ତରରୁ ଖେଳ କେବଳ ମାତ୍ର ଏକ ପିରିୟଡ୍‌ରେ ସୀମିତ ହୋଇ ରହିଯାଏ। ସର୍ବାଧିକ ପ୍ରାଥମିକତା ପାଠପଢ଼ାକୁ ଦିଆଯାଇଥାଏ। ଖେଳରେ ସମୟ ନଷ୍ଟ ନ କରି ପାଠପଢ଼ାରେ ମନ ଦେବା ଲାଗି ମାତାପିତା ବାଧ୍ୟ କରିଥାଆନ୍ତି। ପାଶ୍ଚାତ୍ୟକୁ ଦେଖିଲେ କେବଳ ଖେଳ ନୁହେଁ, ଉଦ୍ୟୋଗ ପ୍ରତି ମଧ୍ୟ କମ୍ ବୟସରୁ ପିଲାଙ୍କର ଆକର୍ଷଣ ରହିଥାଏ। ଅନ୍ୟପକ୍ଷରେ ଭାରତରେ କିଏ କେତେ ବଡ଼ ପଦବୀରେ ରହି କେତେ ଅର୍ଥ ଉପାର୍ଜନ କରୁଛି, ତାହାକୁ ତୁଳନା କରି ଦେଖାଯାଇଥାଏ। ଚାକିରିଆ ମାନସିକତା ଚରିତ୍ରଗତ ହୋଇଯାଇଥିବାରୁ ଅଭିନବତ୍ୱ କିମ୍ବା ନିଜ ଚିନ୍ତାକୁ ନେଇ ନୂଆ ଉଦ୍ୟୋଗ ଗଢ଼ିବା ଲାଗି କଷ୍ଟ ସ୍ୱୀକାର କରିବାକୁ ଅନେକେ ଅମଙ୍ଗ ହେଉଛନ୍ତି। ସେହିଭଳି ଖେଳ କ୍ଷେତ୍ରରେ ସଫଳତା ପାଇବା ପାଇଁ ଯେଉଁ କଠିନ ପରିଶ୍ରମ ଦରକାର, ସେଥିପ୍ରତି ଅନେକେ ମନ ବଳାଇ ନ ଥାଆନ୍ତି।

ଏଥିରୁ ବୁଝିବାକୁ ହେବ ଯେ, କେବଳ ଚାକିରି ମାୟାରେ ଭାରତର ସବୁ ପିଲା ପାଠ ପଢ଼ୁଛନ୍ତି। ହୁଏତ ଚାକିରିର ଆବଶ୍ୟକତା ନ ଥିଲେ ଅଧିକାଂଶ ପାଠ ମଧ୍ୟ ପଢ଼ନ୍ତେ ନାହିଁ। ଚାକିରିରେ ବି ଚାକିରି ଅଛି। ଆଇଏଏସ୍, ଆଇପିଏସ୍ ଅଫିସର କିମ୍ବା ସରକାରୀ ଇଞ୍ଜିନିୟର ବା ଡାକ୍ତର ସମସ୍ତଙ୍କ ଇଚ୍ଛା ଆୟବହିର୍ଭୂତ ଅସାଧାରଣ ଜୀବନଯାପନ କରିବାକୁ।

## su | do | ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 8 | 3 | 4 | | 9 | | | | |
| | | | 8 | 6 | 1 | | | |
| | | | | 3 | | | | |
| | 2 | | 4 | | | 7 | | |
| 4 | | 3 | | | | | | 2 |
| | 6 | | | | | | | |
| 3 | | 9 | | 8 | | | 2 | |
| | 8 | 5 | 7 | | | | | 3 |
| | | 2 | 1 | | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 1 | 2 | 5 | 8 | 3 | 4 | 7 | 6 | 9 |
| 4 | 9 | 8 | 6 | 5 | 7 | 1 | 2 | 3 |
| 3 | 7 | 6 | 9 | 1 | 2 | 4 | 5 | 8 |
| 7 | 6 | 1 | 3 | 8 | 5 | 9 | 4 | 2 |
| 8 | 3 | 9 | 2 | 4 | 6 | 5 | 1 | 7 |
| 2 | 5 | 4 | 1 | 7 | 9 | 3 | 8 | 6 |
| 6 | 4 | 7 | 5 | 2 | 3 | 8 | 9 | 1 |
| 5 | 1 | 2 | 7 | 9 | 8 | 6 | 3 | 4 |
| 9 | 8 | 3 | 4 | 6 | 1 | 2 | 7 | 5 |

ଗତକାଲିର ଉତ୍ତର

# ଗଣସଂଗଠନ ଉପରେ ରାଜନୈତିକ ପ୍ରଭାବ



ଅକ୍ଷୟ କୁମାର ମିଶ୍ର

ଆମ ଦେଶରେ ଗଣସଂଗଠନ କଥା ଉଠିଲେ ପ୍ରଥମେ ଭାରତୀୟ ଜାତୀୟ କଂଗ୍ରେସର କଥା ଆସେ। ୧୮୮୫ ଡିସେମ୍ବର ୨୮ ଦିନ ବମ୍ବେର (ମୁମ୍ବାଇ) ଗୋକୁଳଦାସ ତେଜପାଲ ସଂସ୍କୃତ କଲେଜ ପରିସରରେ ମାତ୍ର ୭୨ ଜଣଙ୍କୁ ନେଇ ଆଲାନ ଅକ୍ଟୋଭିଆନ ହ୍ୟୁମଙ୍କ ଦ୍ୱାରା ଗଠିତ ହୋଇଥିଲା ଏହି ସଂଗଠନ। ବ୍ରିଟିଶ ସରକାର ଉପରେ ଚାପ ପ୍ରୟୋଗ କରି ପ୍ରଶାସନରେ କାର୍ଯ୍ୟ କରୁଥିବା ଶିକ୍ଷିତ ବୃତ୍ତିଧାରୀଙ୍କୁ କିଛି ସୁବିଧାସୁଯୋଗ କରେଇଦେବା ଥିଲା ଏହି ସଂଗଠନର ପ୍ରାଥମିକ ଲକ୍ଷ୍ୟ। ବିଧିବଦ୍ଧ ଭାବେ ହୁଏତ ଜାତୀୟ କଂଗ୍ରେସକୁ ଗଣସଂଗଠନ କୁହାଯାଉ ନ ଥିଲା, କିନ୍ତୁ ଏହାର କାର୍ଯ୍ୟଶୈଳୀକୁ ବିଚାର କଲେ ଭାରତୀୟ ଜାତୀୟ କଂଗ୍ରେସକୁ ଦେଶର ପ୍ରଥମ ଗଣସଂଗଠନ କହିଲେ ଭୁଲ୍ ହେବ ନାହିଁ। ଠିକ୍ ସେମିତି ଅଷ୍ଟାଦଶ ଶତାବ୍ଦୀର ଶେଷାର୍ଦ୍ଧରେ ବହୁ ଶ୍ରମିକ ଆନ୍ଦୋଳନ ଦେଖିବାକୁ ମିଳିଥିଲେ ବି ଏଗୁଡ଼ିକ ସଂଗଠନର ରୂପ ନେଇ ପାରି ନ ଥିଲା। ୧୯୧୮ରେ ମାନ୍ଦ୍ରାଜ ୱାର୍କର୍ସ ୟୁନିୟନ ପ୍ରଥମ ଶ୍ରମିକ ସଂଗଠନ ଭାବରେ ଆମ ଦେଶରେ ଜନ୍ମ ନେଲା ଏବଂ ଶୋଷଣ ବିରୋଧରେ ସ୍ୱର ଉଠାଇଲା। ଏହାପରେ ୧୯୩୬ରେ ତିନୋଟି ଗଣସଂଗଠନ ଜନ୍ମ ନେଲା। ସେଗୁଡ଼ିକ ହେଲା ଅଲ୍‌ଇଣ୍ଡିଆ କିଷାନ ସଭା, ଅଲ୍‌ଇଣ୍ଡିଆ ଷ୍ଟୁଡେଣ୍ଟ ଫେଡେରେଶନ ଏବଂ ପ୍ରୋଗ୍ରେସିଭ ରାଇଟର୍ସ ଆସୋସିଏଶନ। ଏହି ତିନୋଟି ଗଣସଂଗଠନର ଗଠନ ପଛରେ ଥିବା ମୁଖ୍ୟ ଉଦ୍ଦେଶ୍ୟ ହେଲା ପ୍ରଚଳିତ ସାମାଜିକ ବ୍ୟବସ୍ଥାର ରୂପାନ୍ତରଣ। ତତ୍‌ସହିତ ସମ୍ପୃକ୍ତ ଜନସାଧାରଣଙ୍କ ଉପରେ ଶାସକ ଶ୍ରେଣୀର ଅନ୍ୟାୟ ଅତ୍ୟାଚାର ଶୋଷଣ କଷଣର ଅବସାନ ଘଟାଇ ଏକ ସୁସ୍ଥ ଜୀବନ ଜିଇବାର ପରିବେଶ ସୃଷ୍ଟି କରିବା। କିଷାନସଭା ଯେମିତି ଜମିଦାରି ପ୍ରଥାର ଉଚ୍ଛେଦ, ପ୍ରକୃତ କୃଷକ ହାତକୁ ଜମି ଦେବା ସହିତ ଅତ୍ୟଧିକ ଖଜଣା ବିରୋଧରେ ସ୍ୱର ଉତ୍ତୋଳନ କରୁଥିଲା, ଛାତ୍ର ସଂଗଠନ ସେମିତି ମାଗଣା ଶିକ୍ଷା, ବିଦ୍ୟାଳୟ ସ୍ଥାପନ, ଛାତ୍ରାବାସ ତିଆରିର ଦାବି ଉଠାଇ ଆନ୍ଦୋଳନ କରୁଥିଲା। ସମାନ ଭାବେ ଫାସିବାଦ ତଥା ସାମ୍ରାଜ୍ୟବାଦକୁ ବିରୋଧ କରିବା ସହିତ ତତ୍କାଳୀନ ସମାଜରେ ଥିବା ଅନ୍ଧବିଶ୍ୱାସ, କୁସଂସ୍କାର ଓ କୁତ୍ସିତ ଜାତିପ୍ରଥା ବିରୋଧରେ ଜନଜାଗରଣ ସୃଷ୍ଟିକରିବା ଥିଲା ଲେଖକ ସଂଗଠନର କାମ। ପରବର୍ତ୍ତୀ ସମୟରେ ଭାରତୀୟ ଜାତୀୟ କଂଗ୍ରେସ ସହିତ ହାତ ମିଳାଇ ଏହି ସମସ୍ତ ଗଣସଂଗଠନ ସାଧୀନତା ଆନ୍ଦୋଳନକୁ ଆଗେଇ ନେବାରେ ସହାୟକ ହୋଇଥିଲେ ଏବଂ ଅନ୍ତିମ ଲକ୍ଷ୍ୟ ହାସଲରେ ମଧ୍ୟ ସଫଳତା ଅର୍ଜନ କରିଥିଲେ।

ସାଧୀନତା ପରେ ଭାରତୀୟ ଜାତୀୟ କଂଗ୍ରେସର ଆଭିମୁଖ୍ୟରେ ପରିବର୍ତ୍ତନ ଆସିଲା। ଏକ ରାଜନୈତିକ ଦଳ ଭାବରେ କଂଗ୍ରେସ ଉଭା ହେଲା। ନିର୍ବାଚନରେ ଅଂଶଗ୍ରହଣ କରି ଶାସନ କ୍ଷମତା ଅକ୍ତିଆର କଲା। ଗୋଟିଏ ଗଣସଂଗଠନ ରାଜନୀତିର ଖୋଳପା ଭିତରେ ଲୀନ ହୋଇଗଲା। ଅପରପକ୍ଷେ ଗୋଟିଏ ପରେ ଗୋଟିଏ ରାଜନୈତିକ ଦଳ ଗଢ଼ା ହେଲା। ଏହାପରେ ଏହି ଦଳଗୁଡ଼ିକ ଆରମ୍ଭ କଲେ ଗଣଅଭିଯାନ। ଏଥିପାଇଁ ବିଭିନ୍ନ ଗଣସଂଗଠନ ଗଢ଼ିଲେ। ଛାତ୍ର, ଯୁବ, ମହିଳା, ଶିକ୍ଷକ, ଶ୍ରମିକ, କୃଷକ, ଓକିଲ, ଲେଖକ ସଂଗଠନ ଦଳୀୟ ଭିତ୍ତିରେ ଗଢ଼ିଉଠିଲା। ଏପରିକି ଏହିସବୁ ସଂଗଠନଗୁଡ଼ିକ ଚାଲିବା ପାଇଁ ଯେଉଁ ଅର୍ଥର ଆବଶ୍ୟକତା ପଡ଼ିଲା ତାହା ମଧ୍ୟ ରାଜନୈତିକ ଦଳଗୁଡ଼ିକ ଯୋଗାଇଲେ। ଫଳରେ ଗଣସଂଗଠନର ସ୍ୱାଧୀନ ବିଚାରବୋଧ, କାର୍ଯ୍ୟଧାରା ଉପରେ ଲଗାମ ଲାଗିଗଲା। ଗଣର ସାର୍ଥ ଅପେକ୍ଷା ଦଳର ସାର୍ଥକୁ ଏହି ସଂଗଠନଗୁଡ଼ିକ ଅଧିକ ଗୁରୁତ୍ୱ ଦେଲେ। ବିଭିନ୍ନ ଘଟଣାବଳୀ କିମ୍ବା ଇସ୍ୟୁ ଉପରେ ଦଳର ମତ ହିଁ ପ୍ରତିଫଳିତ ହେଲା। ସମ୍ପ୍ରତି ଅଧିକାଂଶ ଗଣସଂଗଠନ ରାଜନୈତିକ ଦଳର ପୃଷ୍ଠପୋଷକତାରେ ପରିଚାଳିତ।



ଶାସକ ଶ୍ରେଣୀର ଜନବିରୋଧୀ ନୀତି ଯୋଗୁ ଜନତା ଯେଉଁ କ୍ଷତି ସହନ୍ତି ଅଥବା ଶୋଷଣର ଶିକାର ହୁଅନ୍ତି ତା' ବିରୋଧରେ ପ୍ରତିବାଦ କରିବା ଗଣସଂଗଠନର କାମ। ସାଧୀନତା ପୂର୍ବରୁ ଯେଉଁସବୁ ଗଣସଂଗଠନ ଦେଶରେ ଗଢ଼ି ଉଠିଥିଲା ସେମାନେ ଏହି ଧାରାରେ କାର୍ଯ୍ୟ କରୁଥିଲେ ଏବଂ ଲୋକଙ୍କୁ ସଚେତନ କରାଉଥିଲେ। ଯେମିତି କାରଖାନାର ମାଲିକ ଶ୍ରମିକ ଶୋଷଣ ନୀତି ଆପଣେଇଲେ ଶ୍ରମିକ ସଂଗଠନଗୁଡ଼ିକ ପ୍ରତିବାଦ କରୁଥିଲେ। କୃଷକର ବିକାଶ ତଥା କୃଷି ବ୍ୟବସ୍ଥାର ଉନ୍ନତି ପାଇଁ କୃଷକ ସଂଗଠନଗୁଡ଼ିକ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନେଉଥିଲେ । ଶିକ୍ଷା, ଶିକ୍ଷକ, ଶିକ୍ଷାୟତନ ପାଇଁ ଶିକ୍ଷକ ସଂଗଠନ ଓ ଶିକ୍ଷା ବ୍ୟବସ୍ଥାରେ କୌଣସି ତ୍ରୁଟିବିଚ୍ୟୁତି ବିରୋଧରେ ଛାତ୍ରସଂଗଠନଗୁଡ଼ିକ ରାଜରାସ୍ତାକୁ ଆସୁଥିଲେ। ଆଇନ ବ୍ୟବସ୍ଥାରେ ସୁଧାର ଆଣିବା ପାଇଁ ଓକିଲ ସଂଘ ଲଢ଼େଇ କରୁଥିଲେ। ଫଳରେ ସରକାର ସଚେତନ ହେଉଥିଲେ ଓ ଜନ ବିରୋଧୀ ନୀତି ଆପଣେଇବାକୁ ଦୁଃସାହସ କରୁ ନ ଥିଲେ। କିନ୍ତୁ ଅଧୁନା ଏସବୁଥିରେ ପରିବର୍ତ୍ତନ ପରିଲକ୍ଷିତ ହେଉଛି। ଯେଉଁ ରାଜନୈତିକ ଦଳଟି ଶାସନ କ୍ଷମତାରେ ରହୁଛି ସେହି ଦଳର ଛତ୍ରଛାୟା ତଳେ ଗଢ଼ି ଉଠିଥିବା ଗଣସଂଗଠନଗୁଡ଼ିକ ସରକାରଙ୍କର ସବୁ କାମକୁ ଆଖି ବୁଜି ସମର୍ଥନ କରୁଛନ୍ତି। ଆଉ ଯେଉଁ ଗଣସଂଗଠନଗୁଡ଼ିକ ବିଭିନ୍ନ ଦାବି ଉପରେ ଆନ୍ଦୋଳନ କରୁଛନ୍ତି ସେମାନଙ୍କୁ ସରକାର ବିରୋଧୀ ବୋଲି ଚିତ୍ରଣ କରାଯାଉଛି। ଆନ୍ଦୋଳନଜୀବୀ କହି ତୀବ୍ର ସମାଲୋଚନା କରାଯାଉଛି। ଏହାର ଜ୍ୱଳନ୍ତ ଉଦାହରଣ ବିଗତ କୃଷକ ଆନ୍ଦୋଳନ।

ଆଉ କିଛି ରୋଚକ ଘଟଣା ମଧ୍ୟ ଦେଖିବାକୁ ମିଳୁଛି। ଅନେକ ଗଣସଂଗଠନଙ୍କର ନେତୃତ୍ୱରେ ଅଥବା ଉପଦେଷ୍ଟା ମଣ୍ଡଳୀରେ ଶାସକଦଳର ନେତାମାନଙ୍କୁ ନିଆଯାଇଛି। ଏହିସବୁ ସଂଗଠନ ଯେତେବେଳେ ଆନ୍ଦୋଳନ ଡାକରା ଦିଅନ୍ତି ଏହାର ପୁରୋଧା ସାଜିଥିବା ତଥାକଥିତ ନେତାମାନେ ମଧ୍ୟସ୍ଥ ସାଜି ସମସ୍ୟା ସମାଧାନର ପନ୍ଥା ବାହାର କରନ୍ତି ଓ ପ୍ରତିଶ୍ରୁତି ମାଧ୍ୟମରେ ଆନ୍ଦୋଳନକୁ ସ୍ଥଗିତ ରଖିବାରେ ସଫଳ ନାୟକ ସାଜନ୍ତି। ନୀତିଗତ ନିଷ୍ପତ୍ତି ଉପରେ ଏହି ଗଣସଂଗଠନଗୁଡ଼ିକ ମୁହଁ ଖୋଲିବା ଶୁଣାଯାଏ ନାହିଁ। ଦରବୃଦ୍ଧି, ବେକାରି ସମସ୍ୟା, କୃଷିଜାତ ସାମଗ୍ରୀର ସହାୟକ ମୂଲ୍ୟ ନିର୍ଦ୍ଧାରଣ, ସାର୍ବଜନୀନ ସରକାରୀ ଶିକ୍ଷାର ପ୍ରସାର, ଶିକ୍ଷାରେ ବ୍ୟୟବୃଦ୍ଧି ଆଦି ପ୍ରସଙ୍ଗକୁ ନେଇ ଏମାନେ କେବେ ଆନ୍ଦୋଳନ କରିବା ଦେଖାଯାଏ ନାହିଁ।

ଆଜିର ଦିନରେ କେତେ ଯେ ଗଣସଂଗଠନ ଅଛି ତା'ର ହିସାବ ରଖିବା ଅସମ୍ଭବ। ଯେତେ ରାଜନୈତିକ ଦଳ ଅଛି ପ୍ରତି ବର୍ଗ ପାଇଁ ସେତିକି ଗଣସଂଗଠନ ନୁହେଁ,ତା'ଠାରୁ ଢେର ବେଶି ଗଣସଂଗଠନ ଗଢ଼ିଉଠିଛି। ଏପରିକି ଗୋଟିଏ ରାଜନୈତିକ ଦଳକୁ ସମର୍ଥନ କରି ଏକାଧିକ ସଂଗଠନ ହୋଇଛି, ତାହା ପୁଣି ଏକ ନିର୍ଦ୍ଦିଷ୍ଟ ଶ୍ରେଣୀ ଭିତରେ। ସେମାନଙ୍କ ଭିତରେ ମତପାର୍ଥକ୍ୟ ରହୁଛି । ବିଶେଷକରି ପ୍ରତ୍ୟେକ ସଂଗଠିତ କ୍ଷେତ୍ରରେ ଛତୁଫୁଟିବା ପରି ସଂଗଠନ ଜନ୍ମନେଉଛି। ଏହାର ପ୍ରମାଣ ମିଳିଯିବ ଯଦି ଆମେ ବିଧାନସଭା ଚାଲୁଥିବା ସମୟରେ ରାଜଧାନୀ ଆଡ଼େ ଘେରାଏ ବୁଲିଆସିବା। ଗାନ୍ଧୀମାର୍ଗର ଉଭୟ ପାର୍ଶ୍ୱରେ ଧାରଣାରେ ବସିଥିବା ସଂଗଠନଗୁଡ଼ିକୁ ଦେଖିଲେ କଟକ ବାଲିଯାତ୍ରାର ଭ୍ରମ ସୃଷ୍ଟିହୁଏ। ଏହାବାଦ ପ୍ରତିଦିନ ଡଜନ ଡଜନ ସଂଗଠନ ବିକ୍ଷୋଭ ପ୍ରଦର୍ଶନ କରିବାକୁ ଆସନ୍ତି। ପୁଣି ଏମାନଙ୍କ ମଧ୍ୟରେ ସର୍ବାଧିକସଂଖ୍ୟକ ହେଉଛନ୍ତି ଶିକ୍ଷକ ସଂଗଠନ। ଏଥିରୁ ସ୍ପଷ୍ଟ କୁହାଯାଇପାରେ ସଂଗଠନ ଆଉ ସଂଗଠିତ କରୁନାହିଁ ବରଂ ବିଭାଜିତ କରୁଛି। ଛାତ୍ର, ଯୁବ, କୃଷକ, ଶ୍ରମିକ, ଶିକ୍ଷକ, କର୍ମଚାରୀ, ଓକିଲ ସମସ୍ତଙ୍କ ଭିତରେ ଅସଂଖ୍ୟ ସଂଗଠନ। ଅଧିକାଂଶ ରାଜନୈତିକ ଚାପର ବଶବର୍ତ୍ତୀ, ଯଦ୍ୱାରା ଏକତା ବ୍ୟାହତ ହେଉଛି। ଏହା ଶାସକ ଶ୍ରେଣୀକୁ ସୁହାଉଛି।

ଗଣତାନ୍ତ୍ରିକ ଶାସନ ବ୍ୟବସ୍ଥାରେ ଗଣସଂଗଠନର ଭୂମିକା ଗୁରୁତ୍ୱପୂର୍ଣ୍ଣ। ଅଧିକାର ସମ୍ପର୍କରେ ଲୋକଙ୍କୁ ସଚେତନ କରାଇବା ସହିତ ଅନ୍ୟାୟ ଅତ୍ୟାଚାର ଅନୀତି ବିରୋଧରେ ଐକ୍ୟବଦ୍ଧ ସ୍ୱର ଉତ୍ତୋଳନ କରିବା ପ୍ରତ୍ୟେକ ଗଣସଂଗଠନର ଅନ୍ତଃସ୍ୱର ହେବା ଆବଶ୍ୟକ। ଏହା ସମ୍ଭବ ହେବ ସେତିକିବେଳେ ଯେତେବେଳେ ଗଣସଂଗଠନକୁ ନେତୃତ୍ୱ ଦେଉଥିବା ବ୍ୟକ୍ତିମାନେ ରାଜନୈତିକ ଚେତନାରେ ପରିପୁଷ୍ଟ ହୋଇଥିବେ, ମାତ୍ର ରାଜନୈତିକ ଚାପରୁ ମୁକ୍ତ ଥିବେ।

ସଭାପତି(ଓଷ୍ଟା)
ମୋ-୭୦୦୮୦୭୩୫୯୯

# ଦୂର ଦାରିଦ୍ର୍ୟ



ଶୈଳେନ୍ଦ୍ର ଦ୍ୱିବେଦୀ

ନିକଟରେ ଜଣେ ବନ୍ଧୁ କହିଲେ, ଆମେରିକାରେ ଦାରିଦ୍ର୍ୟ ନାହିଁ। ଲେଖକ ଚଟାପଟ ଉତ୍ତର ଦେଇଥିଲେ, ଅବିକଳ ଭାରତ ପରି ନ ଥାଇ ପାରେ, କିନ୍ତୁ ଆମେରିକାରେ ଦାରିଦ୍ର୍ୟ କିଛି କମ୍ ଐତିହାସିକ ନୁହେଁ। ୨୦୨୧ ତଥ୍ୟ ଅନୁସାରେ ଆମେରିକା ଜନସଂଖ୍ୟାର ପ୍ରାୟ ୧୨ ପ୍ରତିଶତ ଦରିଦ୍ର, ଅର୍ଥାତ୍ ୩୭.୯ ନିୟୁତ ଏଠି ଗରିବ ଯାହା ୨୦୨୦ରେ ୩୭ ନିୟୁତ ଥିଲା। ଏମିତିକି ୧୯୭୦ରେ ଆମେରିକାରେ ଦାରିଦ୍ର୍ୟ ହାର ଥିଲା ସେଇ ୬୨ ପ୍ରତିଶତ। ବନ୍ଧୁଙ୍କ କଥାରେ ମୁଁ ଯୋଡ଼ିଲି, ତଥାକଥିତ ସମୃଦ୍ଧ ଆମେରିକାରେ ସବୁ ସ୍ୱପ୍ନ ପୂରଣ ହେବା ତଥାପି ବାକି ଅଛି। ଦାରିଦ୍ର୍ୟ ତ ଏମିତି ହ୍ରାସ ପାଉଛି, କିନ୍ତୁ ଜନସଂଖ୍ୟାର ଏକ ଅଂଶ ପାଇଁ ଦୁର୍ଭାଗ୍ୟକୁ ଏହା ଆରୋଗ୍ୟଜନକ ନ ହୋଇ ଦୀର୍ଘସ୍ଥାୟୀ ବ୍ୟାଧିରେ ପରିଣତ ହୋଇଛି। ଆମେରିକାରେ ୪୮ ପ୍ରତିଶତ ଗରିବଙ୍କ ଆୟ ବାର୍ଷିକ ୧୩,୫୯୦ ଡଲାର, ଯାହାକୁ ଏଠି ଆଖ୍ୟା ଦିଆଯାଇଛି ଅତି ଦରିଦ୍ର। ଏକ୍ସଟ୍ରିମ୍ ବା ଡିପ୍ ପୋଭର୍ଟି।

ବନ୍ଧୁ ଉଁ କି ଚୁଁ କିଛି କହୁ ନ ଥିଲେ। ମୁଁ କହିଲି, ଭାଗ୍ୟ ଭଲ କରୋନା ମହାମାରୀ ସମୟରେ ଆମେରିକାରେ ଗରିବମାନଙ୍କୁ ବିଶେଷ ସହାୟତା ଦିଆଯାଉ ନ ଥିଲା, ନଚେତ୍ ପରିସ୍ଥିତି ଆହୁରି ଖରାପ ହୋଇଯାଇଥାନ୍ତା। ଯୁକ୍ତରାଷ୍ଟ୍ରରେ ସରକାରୀ ଭାବେ ସ୍ଥିରୀକୃତ ହୋଇଥିବା ଦାରିଦ୍ର୍ୟ ସୀମାରେଖା ସ୍ତର ହେଉଛି ୪ ଜଣ ସଦସ୍ୟ ଥିବା ଗୋଟିଏ ପରିବାର ପାଇଁ ବାର୍ଷିକ ଆୟ ୨୫,୭୦୦ ଡଲାର। ଏକ ହିସାବ ଅନୁଯାୟୀ ଯୁକ୍ତରାଷ୍ଟ୍ର ରେ ୧୨.୯ ପ୍ରତିଶତ ମହିଳା ଏବଂ ୧୦.୬ ପ୍ରତିଶତ ପୁରୁଷ ଦାରିଦ୍ର୍ୟ ସୀମାରେଖା ତଳେ। ୨୦୧୮ରେ ଦେଶରେ ମୋଟ ୧୬.୨ ପ୍ରତିଶତ ପିଲା, ଅର୍ଥାତ୍ ପ୍ରାୟ ୬ ଜଣରେ ଗୋଟିଏ ପିଲା ଦାରିଦ୍ର୍ୟ ସ୍ତର ତଳେ ଥିଲା। ସିନିୟର ସିଟିଜେନ୍ ବା ୬୦ ବର୍ଷ ବା ତା'ଠୁ ଅଧିକ ବୟସ୍କ ନାଗରିକଙ୍କ ମଧ୍ୟରୁ ୯.୭ ପ୍ରତିଶତ ଥିଲେ ଦାରିଦ୍ର୍ୟ ସୀମାରେଖା ତଳେ। ଅନ୍ୟାନ୍ୟ ସୂତ୍ର ଅନୁସାରେ କରୋନା ସମୟରେ ୧୪ ପ୍ରତିଶତ ବୟସ୍କ ଦାରିଦ୍ର୍ୟ ସୀମାରେଖା ତଳକୁ ଚାଲିଆସିଥିଲେ। ସେତିକି ନୁହେଁ, ୨୦୧୮ରେ ୫୬ ପ୍ରତିଶତ ଆମେରିକୀୟ ପରିବାର ପାଇଁ ଖାଦ୍ୟ ନିରାପତ୍ତା ନ ଥିଲା। ଦାରିଦ୍ର୍ୟର ବର୍ଗୀକରଣ ଗୋଟିଏ ଦୃଷ୍ଟିକୋଣରୁ ଆମେରିକାରେ ଥିଲା କୁଆଡ଼େ ଏମିତି। (କ) ମହିଳା କୈନ୍ଦ୍ରିକ ପରିବାର ଯେଉଁଠି ସ୍ୱାମୀ ଅନୁପସ୍ଥିତ : ୨୪.୩ ପ୍ରତିଶତ। (ଖ) ଅତି ବେଶିରେ ହାଇସ୍କୁଲ, ଡିପ୍ଲୋମା ହାସଲ କରିଥିବା ବେରୋଜଗାର ଯୁବକଯୁବତୀ : ୨୩.୭ ପ୍ରତିଶତ। (ଗ ) ଯେଉଁମାନେ ଏମିତି ପରିବାର ସଦସ୍ୟ ଯେଉଁଠି ବୟସ୍କ ସଦସ୍ୟଙ୍କ ପାଇଁ ନିଯୁକ୍ତି ସୁଯୋଗ ନାହିଁ : ୨୬.୪ ପ୍ରତିଶତ। (ଘ) ସଂଖ୍ୟାଲଘୁ (କୃଷ୍ଣକାୟ) : ୧୮.୮ ପ୍ରତିଶତ। ଯୁକ୍ତରାଷ୍ଟ୍ରରେ ଯେଉଁ ଅଞ୍ଚଳରେ (ଷ୍ଟେଟ) ଦାରିଦ୍ର୍ୟ ସର୍ବାଧିକ ସେସବୁ ଭିତରେ



ଅଛି ମିସିସିପି, ଆର୍କାନ୍‌ସାସ, ଲୁଇଜିଆନା, ପଶ୍ଚିମ ଭର୍ଜିନିଆ, କେଣ୍ଟୁକି, ଆଲାବାମା, ଦକ୍ଷିଣ କାରୋଲିନା, ଜର୍ଜିଆ,ଉତ୍ତର କାରୋଲିନା ଓ ନ୍ୟୁ ମେକ୍ସିକୋ।

ବନ୍ଧୁ ମଝିରେ ପଚାରିଥିଲେ, ଆମେରିକାରେ ଜିଡିପି ବା ମୋଟ ଘରୋଇ ଉତ୍ପାଦ ଅଧିକ ରହିଥିବା ବେଳେ ଏଠି ତଥାପି ଏତେ ଦାରିଦ୍ର୍ୟ କ'ଣ ପାଇଁ ! ମୁଁ କହିଲି, ୨୦୧୭ 'ପୁଲିତ୍‌ଜର' ବିଜେତା ମ୍ୟାଥ୍ୟୁ ଡେସ୍‌ମଣ୍ଡ ତାଙ୍କର ଚର୍ଚ୍ଚିତ ପୁସ୍ତକ 'ଏଭିକ୍‌ଟେଡ୍ : ପୋଭର୍ଟି ଆଣ୍ଡ ପ୍ରଫିଟ୍ ଇନ୍ ଆମେରିକାନ୍ ସିଟି ' ରେ ଲେଖିଛନ୍ତି , ଉପରକୁ କେହି କିଛି ଦେଖିପାରୁ ବା ନ ପାରୁ, ଆମେରିକାରେ ଶ୍ରେଣୀ ସଂଘର୍ଷ ତୀବ୍ର। ଏକଥା ନୁହେଁ ଯେ ଏଠି ସମ୍ବଳ ନାହିଁ ବା ସୁଯୋଗ ନାହିଁ ଅଥଚ ଏଠି ପ୍ରତି ମୁହୂର୍ତ୍ତରେ ଧନୀମାନେ ଗରିବମାନଙ୍କୁ ସେମିତି ଗରିବ ରଖି ଅଧିକ ଧନୀ ହେବା ପାଇଁ ପ୍ରତିଯୋଗିତାକୁ ଓହ୍ଲେଇଛନ୍ତି। ଆମେରିକାରେ ଅର୍ଥନୀତି ବହୁ ବର୍ଷ ଧରି ଅନ୍ତର୍ଭୁକ୍ତି ହେବା ଭୁଲିଯାଇଛି। ପରିବର୍ତ୍ତିତ ବ୍ୟବସ୍ଥା ସୁହାଉଛି ଏବଂ ସର୍ବାଧିକ ସୁବିଧା ହେଉଛି ଧନୀମାନଙ୍କୁ। କର ରିହାତିଠୁ ଆରମ୍ଭକରି ଯାବତୀୟ ଋଣ ଓ ଅନ୍ୟାନ୍ୟ ସହାୟତା ଆମେରିକା ଅର୍ଥନୀତି କେବଳ ସ୍ୱଚ୍ଛଳମାନଙ୍କ ସ୍ୱାର୍ଥରେ ଲଗେଇଛି। ଡେସ୍‌ମଣ୍ଡ ଦର୍ଶାଇଛନ୍ତି, ଦୁର୍ଭାଗ୍ୟ ହେଉଛି ଆମେରିକୀୟ ଅର୍ଥନୀତିର ନିର୍ମାଣ ଢାଞ୍ଚା ଏମିତି ଯେ ଏହା କେବଳ ସ୍ୱଚ୍ଛଳମାନଙ୍କୁ, କର୍ପୋରେଟମାନଙ୍କୁ ସୁହାଇବ। ଆଉ ଏମିତି ଏକ ବ୍ୟବସ୍ଥାରେ ୯୦ ପ୍ରତିଶତ ଫାଇଦା ଥିଲାବାଲା ପାଇବା ପରେ ଗରିବମାନଙ୍କ କଲ୍ୟାଣ ପାଇଁ କ'ଣ ବା ବଳିବ ! ଡେସ୍‌ମଣ୍ଡ ଅନ୍ୟ ଏକ ପ୍ରବନ୍ଧରେ ଏକଥା ମଧ୍ୟ କହିଛନ୍ତି , ସ୍ୱଚ୍ଛଳ ଆମେରିକୀୟମାନେ ଶସ୍ତାରେ ବିଭିନ୍ନ ସାମଗ୍ରୀ ଓ ସେବା ପାଇବାକୁ ଚାହାନ୍ତି। ସେମାନଙ୍କ ପୁଞ୍ଜିନିବେଶ ଉପରେ ଆକର୍ଷଣୀୟ ସୁଧ ଚାହାନ୍ତି - ଏସବୁ ଜଣେ ଗରିବ ଲୋକକୁ ଯେତେ କ୍ଷତି ପହଞ୍ଚାଉ ପଛକେ।

ପାଠକେ, ଦୃଷ୍ଟି ଦିଅନ୍ତୁ ଆମ ସମୟର ପୃଥିବୀରେ ବୀଭତ୍ସତମ କର୍ପୋରେଟୀକରଣ ବୈଷମ୍ୟକୁ ରୀତିମତ ପ୍ରୋତ୍ସାହନ ଯୋଗେଇ ଆସିଛି ଏବଂ ସେହି କ୍ରମରେ ଆମେରିକା ଏକ ଚମତ୍କାର ଉଦାହରଣ। ବନ୍ଧୁ କହିଲେ , ଆମ ଅର୍ଥନୀତି ସେଇ ଦୌଡ଼ରେ ସାମିଲ ହୋଇସାରିଛି।

ନୀତି ଆୟୋଗର ୨୦୨୧ ରିପୋର୍ଟ ଅନୁଯାୟୀ ଭାରତୀୟ ଜନସଂଖ୍ୟାର ୨୫.୦୧ ପ୍ରତିଶତ ବହୁବିଧ ଦାରିଦ୍ର୍ୟକୁ ସାମ୍ନା କରିଛନ୍ତି। ୨୦୦୫-୦୬ ରୁ ୨୦୧୯-୨୦ ଭିତରେ ୪୦୦ ନିୟୁତ ଭାରତୀୟ ଦାରିଦ୍ର୍ୟ ସୀମାରେଖାରୁ ଉପରକୁ କୁଆଡ଼େ ଉଠିଛନ୍ତି, ତଥାପି ଗୋଟିଏ ଦେଶ ଜନସଂଖ୍ୟାର ୨୫ ପ୍ରତିଶତ ଦରିଦ୍ର ହୋଇ ରହିବା କିଛି କମ୍ ଚିନ୍ତାଜନକ ନୁହେଁ। ଗ୍ରାମାଞ୍ଚଳରେ ଏହା ୩୨.୭୫ ପ୍ରତିଶତ। ଆପଣ ଚିନ୍ତା କରିପାରନ୍ତି, ଭାରତରେ ଦାରିଦ୍ର୍ୟ ନେଇ ଆଉ ଗୋଟିଏ ମତ ବି ଅଛି ଏବଂ ତାହା ହେଉଛି ଜଣେ ଯେମିତି ନିଜ ଭାଷା ଓ ସଂସ୍କୃତିକୁ ଭଲ ପାଏ ଠିକ୍ ସେମିତି ଭାରତୀୟମାନେ ଦରିଦ୍ରତା ସହ ପ୍ରେମ ଓ ଅନୁରାଗର ବନ୍ଧନରେ ବନ୍ଧା। ଅର୍ଥାତ୍ ସେମାନେ ଐତିହାସିକ ଦାରିଦ୍ର୍ୟରୁ ମୁକ୍ତି ସତରେ ଚାହାନ୍ତି ନାହିଁ। ଭୋଟ ଆସିଲେ କିଛି ପଇସା, ସବ୍‌ସିଡି ଖାଦ୍ୟ ଏବଂ ମଝିରେ ମଝିରେ ଆଉ କିଛି ସହାୟତା ମିଳିଗଲେ ହେଲା।

ମୋ: ୯୪୩୭୧୩୭୦୬୦

## ଏଇ ଭାରତରେ

ଭାରତରେ ବାହାଘରରେ ପ୍ଲାଷ୍ଟିକ୍ ବ୍ୟବହାର ଏକ ବଡ଼ ସମସ୍ୟା ଭାବେ ଉଭା ହୋଇଥିବାବେଳେ ଏହାକୁ ଦୂର କରିବା ଲାଗି ବେଙ୍ଗାଲୁରୁର ଦୁଇ ମହିଳାଙ୍କ ପ୍ରୟାସ ପ୍ରେରଣାଦାୟକ। ଏହି ଦୁଇ ମହିଳା ହେଉଛନ୍ତି ବର ଓ କନ୍ୟାଙ୍କ ମାତା। କନ୍ୟାଙ୍କ ମାତା ଚାରୁଲତା ଆର୍. ଏବଂ ବରଙ୍କ ମାତା ଅନୁପମା ହରିଶ ଏଭଳି ପ୍ଲାଷ୍ଟିକ୍‌ମୁକ୍ତ ବାହାଘର ପାଇଁ ନିଷ୍ପତ୍ତି ନେଇଥିଲେ ଓ ସେଥିରେ ସଫଳ ହୋଇଛନ୍ତି। ଆଶୁତୋଷ ଓ ନିଧିଙ୍କ ଲଗ୍ନ ସ୍ଥିର ହେବାପରେ ଚାରୁଲତା ଏମିତିକା ବାହାଘର ପାଇଁ ସର୍ତ୍ତ ରଖିଥିଲେ ଓ ଅନୁପମା ଏଥିରେ ସହମତି ପ୍ରକାଶ କରିଥିଲେ। ବାହାଘରରେ ପ୍ରାୟ ୧୦୦୦ ଅତିଥିଙ୍କୁ ଷ୍ଟିଲ୍ ପ୍ଲେଟ୍ ଓ କଦଳୀ ପତ୍ରରେ ଖାଦ୍ୟ ପରଷା ଯାଇଥିଲା। କୌଣସିଠାରେ ପ୍ଲାଷ୍ଟିକ୍ ଫୁଲ ବ୍ୟବହାର ହୋଇ ନ ଥିଲା। କେବଳ ଏତିକି ନୁହେଁ, ଖାଦ୍ୟ ନଷ୍ଟ ନ ହେବା ଲାଗି ସେମାନେ ସେଠାରେ ଅତିଥିମାନଙ୍କ ପାଇଁ ସଚେତନତାର ବାର୍ତ୍ତା ଉଲ୍ଲେଖ କରିଥିଲେ। ସାଜସଜ୍ଜାରେ ମଧ୍ୟ ପ୍ଲାଷ୍ଟିକ୍ ବ୍ୟବହାରକୁ ବାରଣ କରାଯାଇଥିଲା। ଏହି ବାହାଘର ଶେଷ ହେବା ପରେ ବର୍ଜ୍ୟକୁ ଖତ ତିଆରି କରୁଥିବା ୟୁନିଟ୍‌କୁ ପଠାଇଥିଲେ। ବଡ଼ କଥା ହେଉଛି ନିମନ୍ତ୍ରଣପତ୍ରରେ ଉଭୟପକ୍ଷ ଲେଖିଥିଲେ ଯେ ଆମେ ସବୁଠୁ କମ୍ ବର୍ଜ୍ୟରେ ବାହାଘର କରିବାକୁ ଚେଷ୍ଟା କରୁଛୁ, ଏଣୁ କେହି କୌଣସି ଉପହାର ନ ଆଣିବାକୁ ଅନୁରୋଧ।

## ୨୫ ବର୍ଷ ତଳର ଧରିତ୍ରୀ

**୧୭ ଜୁଲାଇ ୧୯୯୮**

- ବିଜେଡି ସାଂସଦ ପ୍ରଭାତ ସାମନ୍ତରାୟ ପବ୍ଲିକ୍ ଆକାଉଣ୍ଟସ୍ କମିଟିକୁ ସଦସ୍ୟ ଭାବେ ନିର୍ବାଚିତ।
- ଓଡ଼ିଆ ଚଳଚ୍ଚିତ୍ର ଜଗତର ଜଣାଶୁଣା ପ୍ରଯୋଜକ ତଥା ବିତରକ ବଟକୃଷ୍ଣ ନାୟକଙ୍କ ୬୫ ବର୍ଷ ବୟସରେ ପରଲୋକ।

## ଚିରନ୍ତନୀ

ହେ ଗାୟକ ତୋର ମୁଖରିତ ମୂରଛନା
ନୀରବିଲା ସବୁ ଅନ୍ତର ଅରଚନା
ଯେ ଗୀତ ରଚିଲୁ ଆରେ ଚିର
ଆନମନା !
କଣ୍ଠ ତୋହର ନ ପାରିଲା ତାହା ଗାଇ,
ପଥ କାହିଁ? ପଥ କାହିଁ?

(ପଥ କାହିଁ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ହାତୀ-ମଣିଷ ଲଢ଼େଇ ରୋକାଯାଉ

ମହାଶୟ,

ଜଙ୍ଗଲରେ ଖାଦ୍ୟ ନ ପାଇ ହାତୀପଲ ଜନବସତି ମୁହାଁ ହେଉଥିବାରୁ ହାତୀ-ମଣିଷ ଲଢ଼େଇରେ ଉଭୟ ପକ୍ଷରୁ ମୃତାହାତଙ୍କ ସଂଖ୍ୟା ବୃଦ୍ଧିପାଉଛି। ଆକ୍ରୋଶ ହେଉ କି ଫସଲ ରକ୍ଷା ଲୋକେ ହାତୀକୁ ହତ୍ୟା କରୁଛନ୍ତି। ଫଳରେ ହାତୀ ବଂଶ ଲୋପପାଉଛି। ବିଶେଷକରି ହାତୀଙ୍କ ପ୍ରିୟ ଖାଦ୍ୟ ତାଳ ହୋଇଥିବା ବେଳେ ତାଳଗଛ କଟାଯାଇ ଅନ୍ୟତ୍ର ଚାଲାଣ କରାଯାଉଥିବାରୁ ହାତୀ ପଲ ଏହି ତାଳ ଖାଇବାକୁ ଜନବସତି ମୁହାଁ ହେଉଛନ୍ତି। ହାତୀ ଆକ୍ରମଣଜନିତ ମୃତ୍ୟୁହାର କମ୍ କରିବା ପାଇଁ ରାଜ୍ୟ ସରକାର କୋଟି କୋଟି ଟଙ୍କା ଖର୍ଚ୍ଚ କରୁଥିଲେ ମଧ୍ୟ ହାତୀ-ମଣିଷ ଲଢ଼େଇକୁ ପ୍ରତିହତ କରାଯାଇପାରୁନାହିଁ। ସେହିଭଳି ବନ୍ୟପ୍ରାଣୀ ବିଭାଗ ଅଧିକାରୀଙ୍କ ବେପରୁଆ ମନୋଭାବ ସମେତ ଜନସଚେତନତା ଅଭାବରୁ ଏଭଳି ଲଢ଼େଇ ଜାରି ରହୁଛି। ରାଜ୍ୟ ସରକାରଙ୍କୁ ଓଡ଼ିଶା ୱାଇଲ୍ଡ ଲାଇଫ୍ ସୋସାଇଟି ପକ୍ଷରୁ ଏଥିପାଇଁ ପ୍ରସ୍ତାବ ଦିଆଯାଇଥିଲେ ମଧ୍ୟ ବିଭାଗୀୟ ଅଧିକାରୀ ଏହାକୁ ଗ୍ରହଣ କରୁ ନ ଥିବାରୁ ପ୍ରତିକାର ହୋଇପାରୁନାହିଁ।

**- ବିଷ୍ଣୁ ପ୍ରସାଦ ମହାରଣା, ବାଜିଚୌକ, ଢେଙ୍କାନାଳ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସଂକ୍ଷେପରେ

### ବିଦ୍ୟୁତ୍ ସେବା କେନ୍ଦ୍ରରେ ସୁପରଭାଇଜର୍, ଲାଇନ୍ ମ୍ୟାନ୍ ପିଟାପଟି

**ଭୁବନେଶ୍ୱର,୧୬।୭(ସତ୍ୟଜିତ୍ ରାଉତ):** ଭୁବନେଶ୍ୱର ଚନ୍ଦ୍ରଶେଖରପୁରସ୍ଥିତ ଇଲେକ୍ଟ୍ରିକାଲ୍ ସେକ୍ସନ-୨ ଜୁନିଅର୍ ମ୍ୟାନେଜରଙ୍କ କର୍ଯ୍ୟାଳୟ (ବିଦ୍ୟୁତ ସେବା କେନ୍ଦ୍ର)ରେ ରବିବାର ସନ୍ଧ୍ୟାରେ ଗଣ୍ଡଗୋଳ ହୋଇଛି। ସୁପରଭାଇଜର୍ ସୌମ୍ୟରଞ୍ଜନ ପ୍ରଧାନ ଓ ଲାଇନ ମ୍ୟାନ୍ ଦୀପକ ରାଉତ ଉଭୟ ପିଟାପିଟି ହୋଇଛନ୍ତି। ଫଳରେ ଉଭୟ ସାମାନ୍ୟ ଆହତ ହୋଇଛନ୍ତି। ଖବର ପାଇ ପୋଲିସ ପହଞ୍ଚି ବୁଝାସୁଝା କରିବା ପରେ ସ୍ଥିତି ସୁଧୁରିଥିଲା। ତେବେ ଖବର ଲେଖାହେବା ପର୍ଯ୍ୟନ୍ତ ପୋଲିସ ଉଭୟଙ୍କୁ ଥାନାରେ ଅଟକ ରଖି ଘଟଣା ସଂକ୍ରାନ୍ତରେ ପଚରାଉଚରା କରୁଥିବା ସୂଚନା ମିଳିଛି। ବିଦ୍ୟୁତ ଦେୟ ଆଦାୟକୁ ନେଇ ଏହି ଗଣ୍ଡଗୋଳ ହୋଇଥିବା ପୋଲିସ ପକ୍ଷରୁ କୁହାଯାଇଛି।

### ଗ୍ରାମ୍ୟ ଜଙ୍ଗଲ ଉନ୍ନୟନ କମିଟି ପକ୍ଷରୁ ଚାରାରୋପଣ

**ବାଲିପାଟଣା,୧୬।୭(ଅଭିମନ୍ୟୁ ନାୟକ):** ବାଲିପାଟଣା ବ୍ଲକ ଅନ୍ତର୍ଗତ ଇଣ୍ଡଲକୁସିଆରୀ ଗ୍ରାମ୍ୟ ଜଙ୍ଗଲ ଉନ୍ନୟନ କମିଟି ପକ୍ଷରୁ ଗ୍ରାମ ନିକଟ ସରକାରୀ ଜାଗାରେ ଗ୍ରାମବାସୀଙ୍କ ପ୍ରଚେଷ୍ଟାରେ ଚାରାରୋପଣ କରାଯାଇଛି। ଗ୍ରାମର ମହିଳା ଓ ପୁରୁଷମାନେ ବିଭିନ୍ନ କିସମର ଗଛ ଲଗାଇଥିଲେ। ଏହି ଉପଲକ୍ଷେ ଆୟୋଜିତ ସଭାରେ ଜୟଦେବ ବିଧାୟକ ଡ.ଅରବିନ୍ଦ ଢାଲି ମୁଖ୍ୟ ଅତିଥିଭାବେ ଯୋଗଦେଇ କହିଥିଲେ, ସାମ୍ପ୍ରତିକ ପରିସ୍ଥିତିରେ ବୃକ୍ଷ ହିଁ ଜୀବନ, ଜଙ୍ଗଲ ବୃଦ୍ଧି ଘଟିଲେ ଜୀବଜଗତ ବଞ୍ଚିବ। ଏଥିପ୍ରତି ସମସ୍ତେ ଯତ୍ନବାନ ହେବା ଉଚିତ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ପ୍ରଧାନ ଶିକ୍ଷକ କୈଳାସ ମିଶ୍ର, ଅଜୟ ଦାସଙ୍କ ସମେତ ଶତାଧିକ ଜନସାଧାରଣ ଯୋଗଦେଇଥିଲେ।

### ୩ଜଣଙ୍କୁ ପରିପୂର୍ଣ୍ଣା ସମ୍ମାନ

**ଭୁବନେଶ୍ୱର,୧୬।୭(ଶର୍ମିଷ୍ଠା ପାଣିଗ୍ରାହୀ):** ଗୁରୁ ଦେବପ୍ରସାଦ ଦାସ ଫାଉଣ୍ଡେସନ ନିବେଦିତ ୭ମ ନୃତ୍ୟ ଉତ୍ସବ ପରିପୂର୍ଣ୍ଣା ରବିବାର ସ୍ଥାନୀୟ ଭଞ୍ଜକଳା ମଣ୍ଡପଠାରେ ଅନୁଷ୍ଠିତ ହୋଇଯାଇଛି। ସନ୍ଧ୍ୟାରେ ଅତିଥି ଭାବେ ଓଡ଼ିଆ ଭାଷା,ସାହିତ୍ୟ ଓ ସଂସ୍କୃତି ବିଭାଗର ଅତିରିକ୍ତ ଶାସନ ସଚିବ ମଧୁସୂଦନ ଦାସ, ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର, ସଂସ୍କୃତି ବିଶେଷଜ୍ଞ ବୀରେନ୍ଦ୍ର କିଶୋର ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଅଭିନେତ୍ରୀ ତ୍ରିପୁରା ମିଶ୍ର, କାଦମ୍ବିନୀର ସମ୍ପାଦିକା ଇତି ସାମନ୍ତ, ନୃତ୍ୟଶିଳ୍ପୀ ନମିତା ରାୟଙ୍କୁ ପରିପୂର୍ଣ୍ଣା ସମ୍ମନା ପ୍ରଦାନ କରାଯାଇଥିଲା। ସନ୍ଧ୍ୟାରେ ନୃତ୍ୟଶିଳ୍ପୀମାନେ ନୃତ୍ୟ ମାଧମରେ ଗୁରୁଙ୍କୁ ସ୍ମରଣ କରିଥିଲେ।

# ଆଜିଠୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ମାର୍କେଟ ବିଲ୍ଡିଂ ବନ୍ଦ

- ଦାବି ପୂରଣ ନ ହେବାରୁ ଆସୋସିଏଶନ୍ ନେଲା ନିଷ୍ପତ୍ତି
- ବଟି ନେଇ ଉଠାଦୋକାନୀଙ୍କୁ ବିଏମ୍‌ସି ଅଧିକାରୀ ପ୍ରଶ୍ରୟ ଦେଉଥିବା ଅଭିଯୋଗ
- ଅଭିଯୋଗର ପ୍ରମାଣ ରଖିବା ପାଇଁ କହିଲେ କମିଶନର

ଭୁବନେଶ୍ୱର, ୧୬।୭ (ବନ୍ଦନା ସେଠୀ)



ଆଜିଠାରୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ବନ୍ଦ ରହିବ ୟୁନିଟ-୨ ସ୍ଥିତ ମାର୍କେଟ ବିଲ୍ଡିଂ। ସ୍ଥାୟୀ ଅସ୍ଥାୟୀ ଦୋକାନୀଙ୍କ ମଧ୍ୟରେ ଥିବା ବିବାଦ ତୁଟୁ ନ ଥିବାବେଳେ ଏନେଇ ବିଏମ୍‌ସି କୌଣସି ଦୃଢ଼ ପଦକ୍ଷେପ ନେଉନାହିଁ। ଫଳରେ ମାର୍କେଟ ବିଲ୍ଡିଂ ଭିତରେ ଏବେ ଉଠାଦୋକାନୀମାନେ ଏକ ପ୍ରକାର କବ୍‌ଜା କରିସାରଲେଣି। ଏନେଇ ସେଣ୍ଟ୍ରାଲ ମାର୍କେଟ ଆସୋସିଏଶନ୍ ବାରମ୍ବାର ବିଏମ୍‌ସିର ଦୃଷ୍ଟି ଆକର୍ଷଣ କରୁଥିଲେ ମଧ୍ୟ କିଛି ସୁଫଳ ମିଳୁନାହିଁ। କେବଳ ନାମକୁ ମାତ୍ର ଲୋକଦେଖାଣିଆ ଭାବେ ଉଠାଦୋକାନୀଙ୍କୁ ଉଠାଇ ପୁଣି ବସିବାର ସୁଯୋଗ ଦିଆଯାଉଛି। ଗୁରୁବାର ଆସୋସିଏଶନ ପକ୍ଷରୁ ଏକ ଖବରଦାତା ସମ୍ମିଳନୀ କରାଯାଇ ଉଠାଦୋକାନୀଙ୍କୁ ଉଠାଇବା ପାଇଁ ବିଏମ୍‌ସିକୁ ୩ଦିନ ସମୟ ଦିଆଯାଇଥିଲା। ମାତ୍ର ଏହା ମଧ୍ୟରେ ବିଏମ୍‌ସି ଆସୋସିଏଶନକୁ ଆଲୋଚନା ପାଇଁ ଡାକିବା ତ ଦୂରର କଥା କୌଣସି ଉତ୍ତର ମଧ୍ୟ ରଖିନାହିଁ। ଏଥିରୁ ବିଏମ୍‌ସି ପରୋକ୍ଷ ଭାବେ ଉଠାଦୋକାନୀଙ୍କୁ ସମର୍ଥନ କରୁଥିବା ଆସୋସିଏଶନ ପକ୍ଷରୁ ଅଭିଯୋଗ କରାଯାଇଛି। ତେଣୁ ସୋମବାରଠାରୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ମାର୍କେଟ ବିଲ୍ଡିଂ ବନ୍ଦ କରିବା ନେଇ ଆସୋସିଏଶନ ନିଷ୍ପତ୍ତି ନେଇଛି। ଏଥିସହ ସେହିଠାରେ ସ୍ଥାୟୀ ଦୋକାନୀମାନେ ଧାରଣା ଦେବେ ବୋଲି ସୂଚନା ଦିଆଯାଇଛି। ଅପରପକ୍ଷେ ଘଟଣା ସମ୍ପର୍କରେ ବିଏମ୍‌ସି କମିଶନର ବିଜୟ ଅମୃତା କୁଲାଙ୍ଗେ କହିଛନ୍ତି, ଉଠାଦୋକାନୀଙ୍କ ମଧ୍ୟରୁ ଅନେକ କୋର୍ଟରୁ ଷ୍ଟେ' ଅର୍ଡର ଆଣିଥିବାରୁ ସେମାନଙ୍କୁ ଉଚ୍ଛେଦ କରିବା ସମ୍ଭବ ହୋଇପାରୁନି। ତେବେ ଏନେଇ ପଦକ୍ଷେପ ନିଆଯାଉଛି। ଆବଶ୍ୟକ ପଡିଲେ ଆସୋସିଏଶନ ସହିତ ଏନେଇ ଆଲୋଚନା କରାଯିବ। ସେହିପରି ବିଏମ୍‌ସି ଅଧିକାରୀଙ୍କ ବିପକ୍ଷରେ ଆସୋସିଏଶନ ଆଣୁଥିବା ଅଭିଯୋଗ ଭିତ୍ତିହୀନ। କୌଣସି ଅଧିକାରୀ ବଟି ନେଇ ଉଠାଦୋକାନୀଙ୍କୁ ବସିବାକୁ ପ୍ରଶ୍ରୟ ଦେଉନାହାନ୍ତି। ଯଦି ଆସୋସିଏଶନ ଏଭଳି ଅଭିଯୋଗ ଆଣୁଛି ତେବେ ଏହାର ପ୍ରମାଣ ରଖିବା ପାଇଁ କମିଶନର କହିଛନ୍ତି।

ସୂଚନାଯୋଗ୍ୟ, ପ୍ରାୟ ୨ଶହ ଉଠାଦୋକାନୀଙ୍କ କବଳରେ ଏବେ ମାର୍କେଟ ବିଲ୍ଡିଂ ରହିଛି। ଉଠାଦୋକାନୀଙ୍କ ପାଇଁ ମାର୍କେଟ ବିଲ୍ଡିଂର ସୌନ୍ଦର୍ଯ୍ୟକରଣ ନଷ୍ଟ ହେଉଥିବାବେଳେ ଅନେକ ସମୟରେ ଛିନ୍‌ତାଇ ଭଳି ଅପରାଧ ଘଟୁଛି। ଏଥିସହ ରାସ୍ତା ଅବରୋଧ ପାଇଁ ଗ୍ରାହକମାନଙ୍କ ଯାତାୟାତରେ ସମସ୍ୟା ଉପୁଜୁଛି। ଏନେଇ ଆସୋସିଏଶନ ବିଏମ୍‌ସିରେ ବହୁବାର ଅଭିଯୋଗ କରିବା ସହ ମାର୍କେଟ ବିଲ୍ଡିଂକୁ ସମ୍ପୂର୍ଣ୍ଣ ଭାବେ ଉଠାଦୋକାନୀମୁକ୍ତ କରିବାକୁ ଦାବି କରି ଆସୁଛି। ମାତ୍ର ଏହାର ସ୍ଥାୟୀ ସମାଧାନ ବାହାରିପାରୁ ନ ଥିବାରୁ ଆସୋସିଏଶନ୍ ପକ୍ଷରୁ ଅସନ୍ତୋଷ ପ୍ରକାଶ କରାଯାଇଛି। ଏଥିସହ ବିଏମ୍‌ସିର କିଛି ଅଧିକାରୀ ମାସିକିଆ ବଟି ନେଇ ଉଠାଦୋକାନୀଙ୍କୁ ପ୍ରଶ୍ରୟ ଦେଉଥିବା ଅଭିଯୋଗ କରିଛି।

## ଆଜନ୍ମ ବିପ୍ଲବୀ ଥିଲେ ଚକ୍ରଧର ବେହେରା




### ୧୨୯ତମ ରାଜ୍ୟସ୍ତରୀୟ ଜୟନ୍ତୀ

ଭୁବନେଶ୍ୱର,୧୬।୭(ଶର୍ମିଷ୍ଠା ପାଣିଗ୍ରାହୀ)

ଚକ୍ରଧର ବେହେରା ଥିଲେ ଆଜନ୍ମ ବିପ୍ଲବୀ। ରାଜତନ୍ତ୍ରର ଶୋଷଣ ଓ ଅତ୍ୟାଚାର ବିରୁଦ୍ଧରେ କନିକା ପ୍ରଜାଙ୍କୁ ମୁକ୍ତ କରିବା ପାଇଁ ସେ ବହୁ କଷ୍ଟ ସ୍ୱୀକାର କରିଥିଲେ। ଅନ୍ୟାୟର ପ୍ରତିବାଦ ପାଇଁ ସେ ମୁହୂର୍ତ୍ତେ ବିଳମ୍ବ କରୁ ନ ଥିଲେ। କନିକାର ସ୍ୱାର୍ଥ ପାଇଁ ତାଙ୍କ ସଂଘର୍ଷ, ତ୍ୟାଗ ଓ ସେବା ଉତ୍ତରପିଢ଼ିଙ୍କ ପାଇଁ ପ୍ରେରଣାର ସ୍ରୋତ ହୋଇ ରହିବ ବୋଲି ରବିବାର ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଭବନଠାରେ ଆୟୋଜିତ ମହାନ ବିପ୍ଲବୀ ଚକ୍ରଧର ବେହେରାଙ୍କ ୧୨୯ତମ ରାଜ୍ୟସ୍ତରୀୟ ଜୟନ୍ତୀ ଉତ୍ସବରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ମୁଖ୍ୟ ଅତିଥି ଭାବେ ଭଣ୍ଡାରିପୋଖରୀ ବିଧାୟକ ପ୍ରଫୁଲ୍ଲ ସାମଲ, ସମ୍ମାନିତ ଅତିଥି ଧାମନଗର ବିଧାୟକ ସୂରଜ ସୂର୍ଯ୍ୟବଂଶୀ ଏବଂ ଉତ୍କଳ ପ୍ରସଙ୍ଗ ଓ ଓଡ଼ିଶା ରିଭ୍ୟୁର ସମ୍ପାଦିକା କସ୍ତୁରୀ ମହାପାତ୍ର, ମୁଖ୍ୟବକ୍ତା ବିଶିଷ୍ଟ ସାହିତ୍ୟିକ ଗୌରହରି ଦାସ ପ୍ରମୁଖ ଉପସ୍ଥିତ ଥିଲେ। ସୂଚନା ଓ ଲୋକସଂପର୍କ ବିଭାଗ ନିର୍ଦ୍ଦେଶକ ବୈଷୟିକ ସୁରେନ୍ଦ୍ରନାଥ ପରିଡ଼ା ସ୍ୱାଗତ ଭାଷଣ ଓ ଅତିରିକ୍ତ ନିର୍ଦ୍ଦେଶକ ସନ୍ତୋଷ କୁମାର ଦାସ ଧନ୍ୟବାଦ ଦେଇଥିଲେ। ସହକାରୀ ନିର୍ଦ୍ଦେଶକ ସୁଚେତା ପ୍ରିୟଦର୍ଶିନୀ ସଂଯୋଜନା କରିଥିଲେ।

## ୨୫ଶିଳ୍ପୀଙ୍କ ଚିତ୍ରକୁ ନେଇ ଆଦିବାସୀ ଚିତ୍ରକଳା ପ୍ରଦର୍ଶନୀ




ପ୍ରଦର୍ଶନୀରେ ଚିତ୍ରଶିଳ୍ପୀଙ୍କ ଗହଣରେ ମନ୍ତ୍ରୀ ଅଶ୍ୱିନୀ କୁମାର ପାତ୍ର ଓ ଅନ୍ୟ ଅତିଥିମାନେ।

ଭୁବନେଶ୍ୱର,୧୬।୭ (ଶର୍ମିଷ୍ଠା ପାଣିଗ୍ରାହୀ)

ଚେନ୍ନାଇର ଚୋଳମଣ୍ଡଳ ଶିଳ୍ପୀଗ୍ରାମ ଆର୍ଟ ଗ୍ୟାଲେରୀଠାରେ ଓଡିଶାର ପ୍ରସିଦ୍ଧ ଆଦିବାସୀ ଚିତ୍ରକଳା ପ୍ରଦର୍ଶନୀ ରବିବାର ଉଦଘାଟିତ ହୋଇଛି। ମୁଖ୍ୟ ଅତିଥି ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ଏବଂ ପର୍ଯ୍ୟଟନ ମନ୍ତ୍ରୀ ଅଶ୍ୱିନୀ କୁମାର ପାତ୍ର ଉପସ୍ଥିତ ରହି ଆମର କଳା ଓ ସ୍ଥାପତ୍ୟକୁ ନେଇ କିପରି ଶିଳ୍ପୀମାନେ ଭାରତର ପ୍ରମୁଖ ସହର ମାନଙ୍କରେ ପ୍ରଦର୍ଶନୀ କରି ନିଜକୁ ପ୍ରତିଷ୍ଠିତ କରିପାରିବେ ତାହା ପ୍ରକାଶ କରିଥିଲେ । ସମ୍ମାନୀତ ଅତିଥି ସଂସ୍କୃତି ବିଭାଗର ନିର୍ଦ୍ଦେଶକ ଦିଲୀପ କୁମାର ରାଉତରାଏ, ଚେନ୍ନାଇର ବିଶିଷ୍ଟ କବି, କଳା ସମୀକ୍ଷକ ଇନ୍ଦ୍ରନ ରାଜେନ୍ଦ୍ରନ ଏବଂ ଓଡିଶା ଲଳିତ କଳା ଏକାଡେମୀର ସଭାପତି ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକ ପ୍ରମୁଖ ଶିଳ୍ପୀମାନଙ୍କ ଚିତ୍ରକଳାକୁ ଅବଲୋଚନ କରିବା ସହ ସେଥିରେ ଆଦିବାସୀ ଜନଜାତି ସଂସ୍କୃତି, ଫସଲ ଅମଳ, ନାଚ ଗୀତ, ପୂଜା ପାର୍ବଣ ଆଦି ବିଷୟ ବସ୍ତୁ ସବୁ ଖୁବ ମର୍ମସ୍ପର୍ଶୀ ହୋଇଛି ବୋଲି ପ୍ରକାଶ କରିଥିଲେ । ପ୍ରାରମ୍ଭରେ ଏକାଡେମୀର ସଚିବ ପଞ୍ଚାନନ ସାମଲ ଅତିଥିମାନଙ୍କୁ ସ୍ୱାଗତ କରିଥିଲେ। ଉଲ୍ଲେଖଯୋଗ୍ୟ, ଚୋଳମଣ୍ଡଳ ଶିଳ୍ପୀଗ୍ରାମଠାରେ ଗତ ଜୁଲାଇ୧୪ ତାରିଖଠାରୁ ଆରମ୍ଭ ହୋଇଥିବା ଆଦିବାସୀ ଚିତ୍ରକଳା ଶିବିରରେ ଶିଳ୍ପୀମାନେ ୩ଦିନ ଧରି ଅଙ୍କନ କରିଥିବା ଚିତ୍ରଗୁଡିକୁ ନେଇ ଆୟୋଜିତ ହୋଇଥିଲା ଏହି ପ୍ରଦର୍ଶନୀ। ଓଡିଶାର ବିଭିନ୍ନ ଜିଲାରୁ ଆସିଥିବା ୨୫ଜଣ ଆଦିବାସୀ ଶିଳ୍ପୀ ଏଠାକାର ପ୍ରଦର୍ଶନୀ ଗୃହ ଓ ଆର୍ଟ ଗ୍ୟାଲେରୀ ବୁଲି ଦେଖିଥିଲେ । ଏହି ପ୍ରଦର୍ଶନୀ ୨୦ ତାରିଖ ପର୍ଯ୍ୟନ୍ତ ସମସ୍ତଙ୍କ ପାଇଁ ଖୋଲା ରହିବ।

## 'ବରିଷ୍ଠ ନାଗରିକ-ପୋଲିସ ମଧ୍ୟରେ ସୁସମ୍ପର୍କ ରହୁ'

ଝାଁଳା,୧୬।୭(ବୁଲା ବାରିକ)

କମିଶନରେଟ ପୋଲିସ ପକ୍ଷରୁ ରବିବାର ଇନ୍‌ଫୋଭ୍ୟାଲି ଥାନା ଅଧୀନ ଏକ ଘରୋଇ ଇଞ୍ଜିନିୟରିଂ କଲେଜ ସଭାକକ୍ଷରେ ପୋଲିସ ଏବଂ ବରିଷ୍ଠ ନାଗରିକମାନଙ୍କୁ ନେଇ ବୈଠକ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ଏସିପି ଜୋନ-୩ ପ୍ରଦୀପ କୁମାର ରାଉତ, ଇନ୍‌ଫୋଭ୍ୟାଲି ଥାନା ଅଧିକାରୀ ବିଜୟ କୁମାର ବାରିକ, ପ୍ରସନ୍ନ କୁମାର ନାୟକ ଏବଂ ବରିଷ୍ଠ ଆଇନଜୀବୀ ରବି ନାରାୟଣ ସାମନ୍ତରାୟ, ସୁଧୀର କୁମାର ବେହେରା, ଗୋଲକ ଚନ୍ଦ୍ର ମାର୍ଥାଙ୍କ ସମେତ ୫୦ଜଣ ବରିଷ୍ଠ ନାଗରିକ ଯୋଗଦେଇଥିଲେ। ବୈଠକରେ ବରିଷ୍ଠ ନାଗରିକଙ୍କ ବିଭିନ୍ନ ସମସ୍ୟା ଉପରେ ଆଲୋକପାତ କରାଯିବା ସହ ବିଶେଷକରି ସ୍ଥାନୀୟ ଅଞ୍ଚଳରେ ପାଟ୍ରୋଲିଂ ଏବଂ ଆଲୋକ ବ୍ୟବସ୍ଥା ଉପରେ ଗୁରୁତ୍ୱ ଦିଆଯାଇଥିଲା। ପୋଲିସ ଏବଂ ବରିଷ୍ଠ ନାଗରିକମାନଙ୍କୁ ନେଇ ଆମ ପୋଲିସ ସମିତି ଗଠନ କରାଯିବା ସହ ବରିଷ୍ଠ ନାଗରିକଙ୍କୁ ନେଇ ଏକ ଗ୍ରୁପ ମଧ୍ୟ କରାଯାଇଛି। ବରିଷ୍ଠ ନାଗରିକ ଓ ପୋଲିସ ମଧ୍ୟରେ ସୁସମ୍ପର୍କ ରହିଲେ ସମସ୍ୟାର ସମାଧାନ ହୋଇପାରିବ ବୋଲି ମତପ୍ରକାଶ ପାଇଥିଲା।

## ଗ୍ରୀନ୍ ୱାର୍ଲ୍ଡ ଟ୍ରଷ୍ଟ ପକ୍ଷରୁ ଚାରାରୋପଣ




ଭୁବନେଶ୍ୱର, ୧୬।୭ (ବନ୍ଦନା ସେଠୀ)

ଗ୍ରୀନ୍ ୱାର୍ଲ୍ଡ ଟ୍ରଷ୍ଟ ପକ୍ଷରୁ ଜେଏନ୍‌ୟୁ ଆଲୁମିନି ଆସୋସିଏଶନ୍‌ର ମିଳିତ ସହଯୋଗରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ରବିବାର ଏକାମ୍ର କଲେଜ ପରିସରରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବନ ବିଭାଗ ସ୍ୱତନ୍ତ୍ର ସଚିବ, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ସ୍ୱତନ୍ତ୍ର ସଚିବ, ବିଏମ୍‌ସି ଅତିରିକ୍ତ କମିଶନର, ବିଡିଏର ଅତିରିକ୍ତ ସଚିବ, ଏକାମ୍ର କଲେଜ ଅଧ୍ୟକ୍ଷ, ପ୍ରାଧ୍ୟାପକ ଓ ଅନ୍ୟ କର୍ମଚାରୀ ଉପସ୍ଥିତ ଥିଲେ। ଆସୋସିଏଶନ ଅଧ୍ୟକ୍ଷ ନୃପେଶ ନାୟକ, ସାଧାରଣ ସମ୍ପାଦକ ଡ. ମାନସ ରଞ୍ଜନ ନନ୍ଦଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ଗ୍ରୀନ୍ ୱାର୍ଲ୍ଡ ଓ ଏନ୍‌ସିସିର ଭଲ୍ୟୁଣ୍ଟିୟରମାନେ ପରିଚାଳନା କରିଥିଲେ।

## ମୁକୁଳା ଡ୍ରେନ୍‌ରେ ଯୁବକଙ୍କ ମୃତ୍ୟୁ ଘଟଣା

# ସମ୍ପର୍କୀୟଙ୍କ ଘରକୁ ବୁଲି ଆସି ଜୀବନ ଗଲା

କଟକ,୧୬।୭ (କାର୍ତ୍ତିକ ସାହୁ)

କଟକ ମହାନଗର ନିଗମ(ସିଏମ୍‌ସି) ୨୬ନଂ. ୱାର୍ଡ ଅନ୍ତର୍ଗତ ଖୋଲାସାହି ନିକଟ ମୁକୁଳା ଡ୍ରେନ୍‌ରେ ପଡ଼ି ଜଣେ ଯୁବକଙ୍କ ଜୀବନ ଯାଇଛି। ସେ ହେଲେ ରାଜସ୍ଥାନର ବାସିନ୍ଦା ରାହୁଲ ଖଟିକ୍(୨୧)। କଟକ ସହରକୁ ଖୁସିରେ ବୁଲିବାକୁ ଆସିଥିବାବେଳେ ଶନିବାର ଅପରାହ୍ଣରେ ଏଭଳି ଅଘଟଣ ଘଟିଛି। ଏସ୍‌ସିବି ମେଡିକାଲରେ ମୃତଦେହ ବ୍ୟବଚ୍ଛେଦ ପରେ ତାଙ୍କ ବାପା ଜିତେନ୍ଦ୍ର ଖଟିକ୍‌ଙ୍କୁ ହସ୍ତାନ୍ତର କରାଯାଇଥିଲା। ରବିବାର ଖାନ୍‌ନଗର ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି।

ଜିତେନ୍ଦ୍ରଙ୍କ କହିବାନୁଯାୟୀ, ସେ ପୁରୀ ମାଉସୀ ମା' ମନ୍ଦିର ନିକଟରେ ଚା'ଦୋକାନ କରି ପରିବାର ପ୍ରତିପୋଷଣ କରନ୍ତି। ତାଙ୍କର ୩ ପୁଅ ଓ ୨ ଝିଅ ଅଛନ୍ତି। ରାହୁଲ ପୁଅଙ୍କ ମଧ୍ୟରେ ସାନ। କଟକରେ ତାଙ୍କର ସମ୍ପର୍କୀୟମାନେ ରହୁଥିବାରୁ ରାହୁଲ ଗତ ସୋମବାର ଏଠାକୁ ବୁଲିବାକୁ ଆସିଥିଲେ। ଖୋଲାସାହି ଅଞ୍ଚଳରେ ରହିଥିଲେ। ଶନିବାର ଅପରାହ୍ଣରେ ପ୍ରବଳ ବର୍ଷା ହେଉଥିବା ସମୟରେ ସେ ମୁକୁଳା ଡ୍ରେନ୍ ପାର୍ଶ୍ୱରେ ଯାଉଥିଲେ। କୌଣସି କାରଣରୁ ହଠାତ୍ ଡ୍ରେନ୍ ଭିତରକୁ ଖସି ପଡ଼ିଥିଲେ। ବର୍ଷା ହେଉଥିବାରୁ ସ୍ଥାନୀୟ ଲୋକେ ଏ ବାବଦରେ କିଛି ଜାଣିପାରି ନ ଥିଲେ। ବର୍ଷା କମିବା ପରେ ଡ୍ରେନ୍ ପାଣି ଭିତରେ ରାହୁଲଙ୍କ ହାତ ଦେଖାଯିବାରୁ ଲୋକମାନେ ତାଙ୍କୁ ଉଦ୍ଧାର କରିଥିଲେ। ଚିକିତ୍ସା ଲାଗି ତାଙ୍କୁ ପ୍ରଥମେ ନିକଟସ୍ଥ ଏକ ଘରୋଇ ହସ୍ପିଟାଲ ପରେ ଏସ୍‌ସିବି ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଉକ୍ତ ଅଞ୍ଚଳରେ ଲୋକଙ୍କ ଯାତାୟାତ ବହୁ ଭାବେ ହେଉଥିବାବେଳେ ଡ୍ରେନ୍‌ର କୌଣସି ଗାର୍ଡୱାଲ ନ ଥିବାରୁ ଏଭଳି ଅଘଟଣ ଘଟିଥିବା ସ୍ଥାନୀୟ ଲୋକେ କହିଛନ୍ତି। ସିଏମ୍‌ସି ମେୟର ସୁବାସ ସିଂ ମୃତକଙ୍କ ପରିବାରକୁ ଭେଟି ସମବେଦନା ଜଣାଇଛନ୍ତି। ରାଜ୍ୟ ସରକାରଙ୍କ ପକ୍ଷରୁ ୪ ଲକ୍ଷ ଟଙ୍କାର ଅନୁକମ୍ପାମୂଳକ ସହାୟତା ପ୍ରଦାନ ନିମନ୍ତେ ପଦକ୍ଷେପ ନେବେ ବୋଲି ମେୟର କହିଛନ୍ତି। ମୁକୁଳା ଡ୍ରେନ୍‌ଗୁଡ଼ିକୁ ଘୋଡ଼ାଇବା ନିମନ୍ତେ ସରକାରଙ୍କ ପକ୍ଷରୁ ପର୍ଯ୍ୟାୟକ୍ରମେ ଯୋଜନା କରାଯାଉଛି। ଆଗାମୀ ଦିନରେ ଏଭଳି ଅଘଟଣ ନ ଘଟିବା ପାଇଁ ପଦକ୍ଷେପ ନିଆଯିବ ବୋଲି ମେୟର ସୂଚନା ଦେଇଛନ୍ତି।



ମୃତ ରାହୁଲ ଖଟିକ

## ମୋ ବସ୍ ଧକ୍କାରେ ଛାତ୍ର ଆହତ

ଭୁବନେଶ୍ୱର,୧୬।୭ (ସୂର୍ଯ୍ୟକାନ୍ତ ବେହେରା)

ଚନ୍ଦ୍ରଶେଖରପୁର ଥାନା ଅନ୍ତର୍ଗତ ପଣ୍ଡାପାର୍କ ବସ୍ତି ନିକଟରେ ରବିବାର ମଧ୍ୟାହ୍ନରେ ମୋ ବସ୍ ଧକ୍କାରେ ଜଣେ ଛାତ୍ର ଆହତ ହୋଇଛନ୍ତି। ସେ ହେଲେ ସ୍ଥାନୀୟ ଅଞ୍ଚଳର ସମିର କୁମାର ନାୟକ। ସେ ପଣ୍ଡାପାର୍କ ବସ୍ତି ପାଖ ରାସ୍ତାରେ କିଛି ସାଙ୍ଗମାନଙ୍କ ସହିତ ଖେଳୁଥିଲା ବେଳେ ବସ ସାମ୍ନାକୁ ଆସିଯାଇଥିଲେ। ଫଳରେ ବସ ନିୟନ୍ତ୍ରଣ ହରାଇ ସମିର୍‌ଙ୍କୁ ଧକ୍କା ଦେଇଥିଲା। ସମୀର ରାସ୍ତାରେ ଛିଟିକି ପଡିଥିଲେ। ସ୍ଥାନୀୟଲୋକ ତାଙ୍କୁ ଉଦ୍ଧାର କରି ନିକଟସ୍ଥ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ଅପରପକ୍ଷରେ ଘଟଣାସ୍ଥଳରେ ଏହାକୁ ନେଇ ଉତ୍ତେଜନା ଦେଖା ଦେଇଥିଲା।

## ପାଣ୍ଡରାରେ ଥଣ୍ଡା ପାନୀୟ ଜଳ ଯୋଗାଣ ଉଦ୍‌ଘାଟିତ

ବାଲିଅନ୍ତା,୧୬।୭(ନୀଳମାଧବ ସାହୁ)

ଭୁବନେଶ୍ୱର ମହାନଗର ନିଗମର ୧୮ନଂ. ୱାର୍ଡ ଅଧୀନ ପାଣ୍ଡରା ଗ୍ରାମର ମା' ଦୁଲାଦେଇ ମନ୍ଦିର ପରିସରରେ ରବିବାର ଏକ ଥଣ୍ଡାପାନୀୟ ଜଳ ଯୋଗାଣର ଶୁଭାରମ୍ଭ ହୋଇଛି। ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀ ଅତିଥି ରୂପେ ଯୋଗଦେଇ ଏହି ଜଳ ବ୍ୟବସ୍ଥାର ଉଦ୍‌ଘାଟନ କରିଥିଲେ। ପାଣ୍ଡରା ଛକରୁ ଏକ ଶୋଭାଯାତ୍ରାରେ ଏମ୍‌ପି ଷଡ଼ଙ୍ଗୀ ଶତାଧିକ ମହିଳାଙ୍କ ସହ ଚାଲିଚାଲି ମନ୍ଦିରରେ ପହଞ୍ଚିଥିଲେ। ଏମ୍‌ପି ଷଡ଼ଙ୍ଗୀ ତାଙ୍କ ବକ୍ତବ୍ୟରେ ବିକାଶର କୌଣସି ଦଳ ନ ଥାଏ। ଗ୍ରାମର ବିକାଶ ଉପରେ ସେ ଗୁରୁତ୍ୱ ଦିଅନ୍ତି। ଗ୍ରାମର ପ୍ରମୋଦ ଭୋଇ, ମହିଳା ମହାସଂଘର ଏକ ଗୃହ, ମନ୍ଦିରରେ ପ୍ରସାଦ ସେବନ ପାଇଁ ଗୃହ ନିର୍ମାଣ ଓ ମେଳନ ପଡ଼ିଆକୁ ଗ୍ରାମବାସୀଙ୍କ ଅଧୀନକୁ ଦେବାକୁ ଦାବି ରଖିଥିଲେ। ଏହି ଅବସରରେ ଏମ୍‌ପି ଷଡ଼ଙ୍ଗୀ ଗ୍ରାମର କିଛି ବ୍ୟକ୍ତି ଓ ମହିଳା ମହାସଂଘର କର୍ମକର୍ତ୍ତାଙ୍କୁ ସମ୍ବର୍ଦ୍ଧିତ କରିଥିଲେ।

# କେନାଲକୁ ପଶିଗଲା ବିଏମ୍‌ସି ସଫେଇଗାଡ଼ି

### ବେପରୁଆ ଗାଡ଼ି ଚାଳନା

- ଦୋଷୀ ବିରୋଧରେ ହେବ କାର୍ଯ୍ୟାନୁଷ୍ଠାନ

ଭୁବନେଶ୍ୱର, ୧୬।୭ (ବନ୍ଦନା ସେଠୀ)

ରବିବାର ସକାଳ ୮ଟା ୩୦ରେ ବଡ଼ଗଡ଼-ପଳାଶୁଣୀ କେନାଲ ରୋଡ୍‌ର ସନ୍ତୋଷୀ ବିହାର ଛକରେ ବିଏମ୍‌ସିର ଏକ ସଫେଇଗାଡ଼ି ଭାରସାମ୍ୟ ହରାଇ କେନାଲ ଭିତରକୁ ପଶି ଯାଇଥିଲା। ପ୍ରତ୍ୟକ୍ଷଦର୍ଶୀଙ୍କ କହିବା ମୁତାବକ, ସଫେଇଗାଡ଼ିଟି ବଡ଼ଗଡ଼ ପଟୁ ଆସୁଥିଲା। ହଠାତ ଡାହାଣ ପଟକୁ ଗାଡ଼ି ବୁଲେଇବା ସମୟରେ ଗାଡ଼ିର ବେଗ ଅଧିକ ଥିବାରୁ ଏହା ଭାରସାମ୍ୟ ହରାଇ ନାଳକୁ ଖସିଯାଇଥିଲା। ଗାଡ଼ିରେ ଥିବା ସଫେଇକର୍ମୀ ଜଣକ ଡେଇଁ ପଡିଥିଲେ। ମାତ୍ର ଡ୍ରାଇଭର ଗାଡ଼ି ଭିତରେ ଫସି ରହିଥିଲେ। ପରେ ସ୍ଥାନୀୟ କର୍ପୋରେଟର ଭରତ କୁମାର ଲେଙ୍କା ଏକ କ୍ରେନ ଡକାଇ ଗାଡ଼ି କେନାଲରୁ କାଢି ନିର୍ଦ୍ଧାରିତ ଏମ୍‌ସିକୁ ପଠାଇଛନ୍ତି।



ଗାଡିଟି ବ୍ରେକ୍ ଫେଲ ହୋଇଯିବାରୁ ଏପରି ଘଟିଥିବା ଡ୍ରାଇଭର କହିଛନ୍ତି। ସେପଟେ ଡ୍ରାଇଭର ନିଶାସକ୍ତ ଅବସ୍ଥାରେ ଗାଡ଼ି ଚଳାଉଥିବା କିଛି ସ୍ଥାନୀୟ ଲୋକ ଅଭିଯୋଗ କରିଛନ୍ତି। ଦୁର୍ଘଟଣା ନେଇ ଖବର ମିଳିବା ପରେ ବିଏମ୍‌ସି ଦକ୍ଷିଣ ପୂର୍ବ ଜୋନ୍‌ର ଜୁନିୟର ସାନିଟାରି ଏକ୍ସପର୍ଟ, ସ୍ଥାନୀୟ ସାନିଟାରି ଇନ୍ସପେକ୍ଟର ଓ ସ୍ୱଚ୍ଛ ସାଥୀଙ୍କୁ ନେଇ ଏକ ଟିମ୍ ଘଟଣା ସ୍ଥଳ ସହ ଗାଡ଼ି ଯାଞ୍ଚ କରିଥିଲେ। ଗାଡ଼ିରେ କୌଣସି ଯାନ୍ତ୍ରିକ ତ୍ରୁଟି ନ ଥିଲା। କେବଳ ଅସାବଧାନତା କାରଣରୁ ଏଭଳି ଘଟଣା ଘଟିଥିବା ଟିମ ସୂଚନା ଦେଇଥିବା ଜୋନାଲ ଡେପୁଟି କମିଶନର ପ୍ରିୟବ୍ରତ ପାଢୀ ସୂଚନା ଦେଇଛନ୍ତି। ଏନେଇ ସଫେଇଗାଡ଼ି ପରିଚାଳନା ଦାୟିତ୍ୱରେ ଥିବା ଜୀବନ ବିକାଶ ଏନଜିଓକୁ ଧ୍ୟାନ ରଖିବାକୁ ତାଗିଦ୍ କରାଯାଇଛି। କମିଶନର ବିଜୟ ଅମୃତା କୁଲାଙ୍ଗେ କହିଛନ୍ତି, କାର୍ଯ୍ୟରେ ଅବହେଳାକୁ କେବେହେଲେ ଗ୍ରହଣ କରାଯିବ ନାହିଁ। ପୂର୍ବରୁ ମଧ୍ୟ ଗୋଟିଏ ଏଜେନ୍ସିକୁ ଆମେ କଳା ତାଲିକାଭୁକ୍ତ କରିଛୁ। ଦୋଷୀ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।

# ୟୁନିଟ୍-୯ ବାଳକ ଓ ବାଳିକା ଉଚ୍ଚ ବିଦ୍ୟାଳୟ ମିଶ୍ରଣକୁ ବିରୋଧ

### ଆନ୍ଦୋଳନକୁ ଓହ୍ଲାଇବେ ଅଭିଭାବକ

ଭୁବନେଶ୍ୱର,୧୬।୭ (ଅନୁରାଧା ମହାରଣା)

ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟରୁ ଜୁନିୟର କଲେଜକୁ ୟୁନିଟ୍-୯ ବାଳିକା ଉଚ୍ଚ ବିଦ୍ୟାଳୟକୁ ସ୍ଥାନାନ୍ତରିତ ହେବା ନେଇ ନିଷ୍ପତ୍ତି ହୋଇଛି। ଅନ୍ୟପଟେ ବହୁ ପୁରାତନ ୟୁନିଟ୍-୯ ବାଳିକା ଉଚ୍ଚ ବିଦ୍ୟାଳୟ ୟୁନିଟ୍-୯ ବାଳକ ଉଚ୍ଚ ବିଦ୍ୟାଳୟ ସହ ମିଶ୍ରଣ ହେବାନେଇ ବିଜ୍ଞପ୍ତି ପ୍ରକାଶ ପାଇଛି। ତେବେ ବାଳିକାଙ୍କ ପାଇଁ ଉଦ୍ଦିଷ୍ଟ ଏହି ବାଳିକା ଉଚ୍ଚ ବିଦ୍ୟାଳୟ ବନ୍ଦ ହେବା ନେଇ ଅଭିଭାବକଙ୍କ ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇବାରେ ଲାଗିଛି। ଏଥିସହ ଏହାର ମିଶ୍ରଣକୁ ବିରୋଧ କରି ସୋମବାର ୟୁନିଟ-୯ ବାଳିକା ଉଚ୍ଚ ବିଦ୍ୟାଳୟ ଫାଟକ ସମ୍ମୁଖରେ ଅଭିଭାବକମାନେ ବିକ୍ଷୋଭ ପ୍ରଦର୍ଶନ କରିବେ ବୋଲି ଜଣାପଡ଼ିଛି। କେତେଜଣ ଅଭିଭାବକଙ୍କ କହିବାନୁସାରେ, ରମାଦେବୀ ଯୁକ୍ତ୨ କଲେଜ ୟୁନିଟ-୯ ବାଳିକା ଉଚ୍ଚ ବିଦ୍ୟାଳୟକୁ ସ୍ଥାନାନ୍ତର ହେଉ, ମାତ୍ର ଉଚ୍ଚ ବିଦ୍ୟାଳୟକୁ ବନ୍ଦ କରା ନ ଯାଉ। ଏଠାରେ ଯୁକ୍ତ୨ ସହିତ ବାଳିକା ଉଚ୍ଚ ବିଦ୍ୟାଳୟ ମଧ୍ୟ ଚାଲିବା ପାଇଁ ଅଭିଭାବକମାନେ ଦାବି ରଖିଛନ୍ତି। ୧୯୬୭ ମସିହାରୁ ପ୍ରତିଷ୍ଠିତ ଏହି ବାଳିକା ଉଚ୍ଚ ବିଦ୍ୟାଳୟକୁ ବନ୍ଦ କରିବା ନିଷ୍ପତ୍ତି ଦୁର୍ଭାଗ୍ୟଜନକ ବୋଲି ଅନେକ ଦର୍ଶାଇଛନ୍ତି। ସରକାର ନିଷ୍ପତ୍ତିର ପୁନର୍ବିଚାର କରନ୍ତୁ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି। ପୂର୍ବରୁ ଏହି ନିଷ୍ପତ୍ତିକୁ ବିରୋଧ କରିବା ପରେ ବିଦ୍ୟାଳୟ ଓ ଗଣଶିକ୍ଷା ସଚିବ ଏ ଦିଗରେ ପୁନର୍ବିଚାର କରାଯିବ ବୋଲି କହିଥିଲେ। ମାତ୍ର ଏବେ ପୁଣିଥରେ ବିଦ୍ୟାଳୟ ସ୍ଥାନାନ୍ତର ନେଇ ପ୍ରକ୍ରିୟା ଆରମ୍ଭ ହୋଇଥିବାରୁ ଅଭିଭାବକଙ୍କୁ ଅତିଷ୍ଠ କରିଛି।

ସୂଚନା ଥାଉ କି, ରମାଦେବୀ ମହିଳା ଡିଗ୍ରୀ କଲେଜକୁ ଏକ ବିଶ୍ୱବିଦ୍ୟାଳୟରେ ପରିଣତ ହେବା ପରେ ଗୋଟିଏ କ୍ୟାମ୍ପସରେ ବିଶ୍ୱବିଦ୍ୟାଳୟ ଏବଂ ଯୁକ୍ତ ୨ ନେଇ ଅନେକ ଅସୁବିଧାର ସମ୍ମୁଖୀନ ହେଉଥିବା ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ଦର୍ଶାଇବା ପରେ ରମାଦେବୀ ଉଚ୍ଚମାଧ୍ୟମିକ ବିଦ୍ୟାଳୟ ସ୍ଥାନାନ୍ତର ନେଇ ବିଭାଗ ନିଷ୍ପତ୍ତି ନିଆଯାଇଛି। ଅନ୍ୟପଟେ ଚଳିତବର୍ଷ ୟୁନିଟ-୯ ବାଳକ ବିଦ୍ୟାଳୟରେ ପ୍ରଥମରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ୭୫୨ଜଣ ଛାତ୍ରୀଛାତ୍ର (ବାଳକ ୪୪୦ ଓ ବାଳିକା ୩୧୨ ଜଣ) ନାମ ଲେଖାଇଛନ୍ତି। ୟୁନିଟ୍-୯ ବାଳିକା ଉଚ୍ଚ ବିଦ୍ୟାଳୟରେ ଷଷ୍ଠ ଶ୍ରେଣୀରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ୩୮୧ ଜଣ ଛାତ୍ରୀଛାତ୍ର ରହିଛନ୍ତି। ତେବେ ଏହି ମିଶ୍ରଣ ପରେ ଏଠାରେ ମୋଟ ଛାତ୍ରୀଛାତ୍ରଙ୍କ ସଂଖ୍ୟା ୧୧୩୩ରେ ପହଞ୍ଚିବ। ତେବେ ତିନି ଶିକ୍ଷାନୁଷ୍ଠାନ ମଧ୍ୟରେ ସ୍ଥାନାନ୍ତରଣ ଓ ମିଶ୍ରଣ ଛକାପଞ୍ଝା ମଧ୍ୟରେ ବିଦ୍ୟାର୍ଥୀ ଯେପରି କ୍ଷତିଗ୍ରସ୍ତ ନ ହୁଅନ୍ତି ସେନେଇ ଶିକ୍ଷାବିତ୍‌ମାନେ ମତ ରଖିଛନ୍ତି।

## ସଂକ୍ଷେପରେ

### ଯୁବକଙ୍କଠାରୁ ଟଙ୍କା, ମୋବାଇଲ ଲୁଟ୍

ବଲଙ୍ଗା,୧୬।୭(କେଦାରେଶ୍ୱର ନନ୍ଦ): ବଲଙ୍ଗା ଥାନା ଅଧୀନ ସମରେଇ ଶାସନ ଗାଁ ମୁଣ୍ଡରୁ ଜଣେ ଯୁବକଙ୍କଠାରୁ ଟଙ୍କା ସହ ମୋବାଇଲ୍ ଲୁଟ ହୋଇଥିବା ନେଇ ରବିବାର ଥାନାରେ ଅଭିଯୋଗ ହୋଇଛି। ଏନେଇ ପୋଲିସ ୧୨୫/୨୩ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଜାରି ରଖିଛି। ପ୍ରକାଶ ଯେ ।ଙ୍ଗଶ ଶାସନ ଗ୍ରାମର ଦୀପକ ସେଠୀ(୩୦) ଶନିବାର ରାତି ୯ଟାରେ ତାଙ୍କର ଜଣେ ସାଙ୍ଗଙ୍କ ସହିତ ବାଇକ ଯୋଗେ ଭୁବନେଶ୍ୱରରୁ ଘରକୁ ଫେରୁଥିଲେ। ହରିପୁର କେନାଲ ବନ୍ଧ ରାସ୍ତାର ସମରେଇ ଗାଁ ମୁଣ୍ଡରେ ୪ ଜଣ ଯୁବକ ସେମାନଙ୍କୁ ଅଟକାଇ ଗାଳିଗୁଲଜ କରିବା ସହ ମାଡ଼ମାରି ଭୟଭୀତ କରାଇ ଦୀପକଙ୍କଠାରୁ ୧୯ ହଜାର ଟଙ୍କା ଓ ଏକ ମୋବାଇଲ ଛଡ଼ାଇ ନେଇଥିଲେ।

### ଘର ତାଲା ଭାଙ୍ଗି ସୁନାଅଳଙ୍କାର, ୧୦ ହଜାର ଟଙ୍କା ଚୋରି

ନିମାପଡ଼ା,୧୬।୭(ବିଚିତ୍ରାନନ୍ଦ ସାହୁ): ନିମାପଡ଼ା ଥାନା ଅଧୀନ ଓଲିକଣା ଗ୍ରାମର ଜଣଙ୍କ ଘରର ତାଲା ଭାଙ୍ଗି କେହି ଦୁର୍ବୃତ୍ତ ନଗଦ ୧୦ ହଜାର ଟଙ୍କା, ହଳେ ସୁନା କାନଫୁଲ, ଗୋଟିଏ ସୁନା ମୁଦି ଚୋରି କରିଥିବା ରବିବାର ଅଭିଯୋଗ ହୋଇଛି। ଶାନ୍ତିଲତା ଦାସଙ୍କ ଘରେ ଶନିବାର ରାତିରେ କେହି ନ ଥିବା ସୁଯୋଗରେ ଦୁର୍ବୃତ୍ତ ତାଙ୍କ ଟ୍ରଙ୍କ ତାଲା ଖୋଲି ଏଭଳି କାଣ୍ଡ ଘଟାଇଛନ୍ତି। ଅଭିଯୋଗ ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛି। ରିପୋର୍ଟ ଲେଖାଯିବା ବେଳକୁ ଏ ସମ୍ପର୍କରେ ମାମଲା ରୁଜୁ ହୋଇ ନ ଥିବା ଜଣାପଡ଼ିଛି।

### ମୁକୁଳା ଡ୍ରେନ୍‌ରେ ପଡ଼ି ଯୁବକଙ୍କ ଜୀବନ ଗଲା

କଟକ,୧୬।୭ (କାର୍ତ୍ତିକ ସାହୁ): କଟକ ମହାନଗର ନିଗମ(ସିଏମ୍‌ସି) ୨୬ନଂ. ୱାର୍ଡ ଅନ୍ତର୍ଗତ ଝୋଲାସାହି ନିକଟ ମୁକୁଳା ଡ୍ରେନ୍‌ରେ ପଡ଼ି ଜଣେ ଯୁବକଙ୍କ ଜୀବନ ଯାଇଛି। ସେ ହେଲେ ରାଜସ୍ଥାନର ବାସିନ୍ଦା ରାହୁଲ ଖଟିକ୍(୨୧)। କଟକ ସହରକୁ ଖୁସିରେ ବୁଲିବାକୁ ଆସିଥିବାବେଳେ ଶନିବାର ଅପରାହ୍ନରେ ଏଭଳି ଅଘଟଣ ଘଟିଛି। ଏସ୍‌ସିବି ମେଡିକାଲରେ ମୃତଦେହ ବ୍ୟବଚ୍ଛେଦ ପରେ ତାଙ୍କ ବାପା ଜିତେନ୍ଦ୍ର ଖଟିକ୍‌ଙ୍କୁ ହସ୍ତାନ୍ତର କରାଯାଇଥିଲା। ରବିବାର ଖାନ୍‌ନଗର ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି। ଜିତେନ୍ଦ୍ରଙ୍କ କହିବାନୁଯାୟୀ, ସେ ପୁରୀ ମାଉସୀ ମା' ମନ୍ଦିର ନିକଟରେ ଚା'ଦୋକାନ କରି ପରିବାର ପ୍ରତିପୋଷଣ କରନ୍ତି। ତାଙ୍କର ୩ ପୁଅ ଓ ୨ ଝିଅ ଅଛନ୍ତି। ରାହୁଲ ପୁଅଙ୍କ ମଧ୍ୟରେ ସାନ। କଟକରେ ତାଙ୍କର ସମ୍ପର୍କୀୟମାନେ ରହୁଥିବାରୁ ରାହୁଲ ଗତ ସୋମବାର ଏଠାକୁ ବୁଲିବାକୁ ଆସିଥିଲେ। ଝୋଲାସାହି ଅଞ୍ଚଳରେ ରହିଥିଲେ। ଶନିବାର ଅପରାହ୍ନରେ ପ୍ରବଳ ବର୍ଷା ହେଉଥିବା ସମୟରେ ସେ ମୁକୁଳା ଡ୍ରେନ୍ ପାର୍ଶ୍ୱରେ ଯାଉଥିଲେ। କୌଣସି କାରଣରୁ ହଠାତ୍ ଡ୍ରେନ୍ ଭିତରକୁ ଖସି ପଡ଼ିଥିଲେ। ବର୍ଷା ହେଉଥିବାରୁ ସ୍ଥାନୀୟ ଲୋକେ ଏ ବାବଦରେ କିଛି ଜାଣିପାରି ନ ଥିଲେ। ବର୍ଷା କମିବା ପରେ ଡ୍ରେନ୍ ପାଣି ଭିତରେ ରାହୁଲଙ୍କ ହାତ ଦେଖାଯିବାରୁ ଲୋକମାନେ ତାଙ୍କୁ ଉଦ୍ଧାର କରିଥିଲେ। ଚିକିତ୍ସା ଲାଗି ତାଙ୍କୁ ପ୍ରଥମେ ନିକଟସ୍ଥ ଏକ ଘରୋଇ ହସ୍ପିଟାଲ ପରେ ଏସ୍‌ସିବି ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଉକ୍ତ ଅଞ୍ଚଳରେ ଲୋକଙ୍କ ଯାତାୟାତ ବହୁ ଭାବେ ହେଉଥିବାବେଳେ ଡ୍ରେନ୍‌ର କୌଣସି ଗାର୍ଡୱାଲ ନ ଥିବାରୁ ଏଭଳି ଅଘଟଣ ଘଟିଥିବା ଲୋକେ କହିଛନ୍ତି। ସିଏମ୍‌ସି ମେୟର ସୁବାସ ସିଂ ମୃତକଙ୍କ ପରିବାରକୁ ଭେଟି ସମବେଦନା ଜଣାଇଛନ୍ତି।

# ଆଜିଠୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ମାର୍କେଟ ବିଲ୍ଡିଂ ବନ୍ଦ

ଭୁବନେଶ୍ୱର, ୧୬।୭ (ବନ୍ଦନା ସେଠୀ)



- ଦାବି ପୂରଣ ନ ହେବାରୁ ଆସୋସିଏଶନ୍ ନେଲା ନିଷ୍ପତ୍ତି
- ବଟି ନେଇ ଉଠାଦୋକାନୀଙ୍କୁ ବିଏମ୍‌ସି ଅଧିକାରୀ ପ୍ରଶ୍ରୟ ଦେଉଥିବା ଅଭିଯୋଗ
- ଅଭିଯୋଗର ପ୍ରମାଣ ରଖିବା ପାଇଁ କହିଲେ କମିଶନର

ଆଜିଠାରୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ବନ୍ଦ ରହିବ ୟୁନିଟ-୨ ସ୍ଥିତ ମାର୍କେଟ ବିଲ୍ଡିଂ। ସ୍ଥାୟୀ ଅସ୍ଥାୟୀ ଦୋକାନୀଙ୍କ ମଧ୍ୟରେ ଥିବା ବିବାଦ ତୁଟୁ ନ ଥିବାବେଳେ ଏନେଇ ବିଏମ୍‌ସି କୌଣସି ଦୃଢ଼ ପଦକ୍ଷେପ ନେଉନାହିଁ। ଫଳରେ ମାର୍କେଟ ବିଲ୍ଡିଂ ଭିତରେ ଏବେ ଉଠାଦୋକାନୀମାନେ ଏକ ପ୍ରକାର କବ୍‌ଜା କରିସାରଲେଣି। ଏନେଇ ସେଣ୍ଟ୍ରାଲ ମାର୍କେଟ ଆସୋସିଏଶନ୍ ବାରମ୍ବାର ବିଏମ୍‌ସିର ଦୃଷ୍ଟି ଆକର୍ଷଣ କରୁଥିଲେ ମଧ୍ୟ କିଛି ସୁଫଳ ମିଳୁନାହିଁ। କେବଳ ନାମକୁ ମାତ୍ର ଲୋକଦେଖାଣିଆ ଭାବେ ଉଠାଦୋକାନୀଙ୍କୁ ଉଠାଇ ପୁଣି ବସିବାର ସୁଯୋଗ ଦିଆଯାଉଛି। ଗୁରୁବାର ଆସୋସିଏଶନ ପକ୍ଷରୁ ଏକ ଖବରଦାତା ସମ୍ମିଳନୀ କରାଯାଇ ଉଠାଦୋକାନୀଙ୍କୁ ଉଠାଇବା ପାଇଁ ବିଏମ୍‌ସିକୁ ୩ଦିନ ସମୟ ଦିଆଯାଇଥିଲା। ମାତ୍ର ଏହା ମଧ୍ୟରେ ବିଏମ୍‌ସି ଆସୋସିଏଶନକୁ ଆଲୋଚନା ପାଇଁ ଡାକିବା ତ ଦୂରର କଥା କୌଣସି ଉତ୍ତର ମଧ୍ୟ ରଖିନାହିଁ। ଏଥିରୁ ବିଏମ୍‌ସି ପରୋକ୍ଷ ଭାବେ ଉଠାଦୋକାନୀଙ୍କୁ ସମର୍ଥନ କରୁଥିବା ଆସୋସିଏଶନ ପକ୍ଷରୁ ଅଭିଯୋଗ କରାଯାଇଛି। ତେଣୁ ସୋମବାରଠାରୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ମାର୍କେଟ ବିଲ୍ଡିଂ ବନ୍ଦ କରିବା ନେଇ ଆସୋସିଏଶନ ନିଷ୍ପତ୍ତି ନେଇଛି। ଏଥିସହ ସେହିଠାରେ ସ୍ଥାୟୀ ଦୋକାନୀମାନେ ଧାରଣା ଦେବେ ବୋଲି ସୂଚନା ଦିଆଯାଇଛି। ଅପରପକ୍ଷେ ଘଟଣା ସମ୍ପର୍କରେ ବିଏମ୍‌ସି କମିଶନର ବିଜୟ ଅମୃତା କୁଲାଙ୍ଗେ କହିଛନ୍ତି, ଉଠାଦୋକାନୀଙ୍କ ମଧ୍ୟରୁ ଅନେକ କୋର୍ଟରୁ ଷ୍ଟେ' ଅର୍ଡର ଆଣିଥିବାରୁ ସେମାନଙ୍କୁ ଉଚ୍ଛେଦ କରିବା ସମ୍ଭବ ହୋଇପାରୁନି। ତେବେ ଏନେଇ ପଦକ୍ଷେପ ନିଆଯାଉଛି। ଆବଶ୍ୟକ ପଡିଲେ ଆସୋସିଏଶନ ସହିତ ଏନେଇ ଆଲୋଚନା କରାଯିବ। ସେହିପରି ବିଏମ୍‌ସି ଅଧିକାରୀଙ୍କ ବିପକ୍ଷରେ ଆସୋସିଏଶନ ଆଣୁଥିବା ଅଭିଯୋଗ ଭିତ୍ତିହୀନ। କୌଣସି ଅଧିକାରୀ ବଟି ନେଇ ଉଠାଦୋକାନୀଙ୍କୁ ବସିବାକୁ ପ୍ରଶ୍ରୟ ଦେଉନାହାନ୍ତି। ଯଦି ଆସୋସିଏଶନ ଏଭଳି ଅଭିଯୋଗ ଆଣୁଛି ତେବେ ଏହାର ପ୍ରମାଣ ରଖିବା ପାଇଁ କମିଶନର କହିଛନ୍ତି। ସୂଚନାଯୋଗ୍ୟ, ପ୍ରାୟ ୨ଶହ ଉଠାଦୋକାନୀଙ୍କ କବଳରେ ଏବେ ମାର୍କେଟ ବିଲ୍ଡିଂ ରହିଛି। ଉଠାଦୋକାନୀଙ୍କ ପାଇଁ ମାର୍କେଟ ବିଲ୍ଡିଂର ସୌନ୍ଦର୍ଯ୍ୟକରଣ ନଷ୍ଟ ହେଉଥିବାବେଳେ ଅନେକ ସମୟରେ ଛିନ୍‌ତାଇ ଭଳି ଅପରାଧ ଘଟୁଛି। ଏଥିସହ ରାସ୍ତା ଅବରୋଧ ପାଇଁ ଗ୍ରାହକମାନଙ୍କ ଯାତାୟାତରେ ସମସ୍ୟା ଉପୁଜୁଛି। ଏନେଇ ଆସୋସିଏଶନ ବିଏମ୍‌ସିରେ ବହୁବାର ଅଭିଯୋଗ କରିବା ସହ ମାର୍କେଟ ବିଲ୍ଡିଂକୁ ସମ୍ପୂର୍ଣ୍ଣ ଭାବେ ଉଠାଦୋକାନୀମୁକ୍ତ କରିବାକୁ ଦାବି କରି ଆସୁଛି। ମାତ୍ର ଏହାର ସ୍ଥାୟୀ ସମାଧାନ ବାହାରିପାରୁ ନ ଥିବାରୁ ଆସୋସିଏଶନ୍ ପକ୍ଷରୁ ଅସନ୍ତୋଷ ପ୍ରକାଶ କରାଯାଇଛି। ଏଥିସହ ବିଏମ୍‌ସିର କିଛି ଅଧିକାରୀ ମାସିକିଆ ବଟି ନେଇ ଉଠାଦୋକାନୀଙ୍କୁ ପ୍ରଶ୍ରୟ ଦେଉଥିବା ଅଭିଯୋଗ କରିଛି।

## 'ବରିଷ୍ଠ ନାଗରିକ-ପୋଲିସ ମଧ୍ୟରେ ସୁସମ୍ପର୍କ ରହୁ'



ବୈଠକରେ ଉପସ୍ଥିତ ପୋଲିସ ଅଧିକାରୀ ଏବଂ ଅନ୍ୟମାନେ।

ଯାଁଳା,୧୬।୭(ବୁଲା ବାରିକ)

କମିଶନରେଟ ପୋଲିସ ପକ୍ଷରୁ ରବିବାର ଇନ୍‌ଫୋଭ୍ୟାଲି ଥାନା ଅଧୀନ ଏକ ଘରୋଇ ଇଞ୍ଜିନିୟରିଂ କଲେଜ ସଭାକକ୍ଷରେ ପୋଲିସ ଏବଂ ବରିଷ୍ଠ ନାଗରିକମାନଙ୍କୁ ନେଇ ବୈଠକ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ଏସିପି ଜୋନ-୩ ପ୍ରଦୀପ କୁମାର ରାଉତ, ଇନ୍‌ଫୋଭ୍ୟାଲି ଥାନା ଅଧିକାରୀ ବିଜୟ କୁମାର ବାରିକ, ପ୍ରସନ୍ନ କୁମାର ନାୟକ ଏବଂ ବରିଷ୍ଠ ଆଇନଜୀବୀ ରବି ନାରାୟଣ ସାମନ୍ତରାୟ, ସୁଧୀର କୁମାର ବେହେରା, ଗୋଲକ ଚନ୍ଦ୍ର ମାର୍ଥାଙ୍କ ସମେତ ୫୦ଜଣ ବରିଷ୍ଠ ନାଗରିକ ଯୋଗଦେଇଥିଲେ। ବୈଠକରେ ବରିଷ୍ଠ ନାଗରିକଙ୍କ ବିଭିନ୍ନ ସମସ୍ୟା ଉପରେ ଆଲୋକପାତ କରାଯିବା ସହ ବିଶେଷକରି ସ୍ଥାନୀୟ ଅଞ୍ଚଳରେ ପାଟ୍ରୋଲିଂ ଏବଂ ଆଲୋକ ବ୍ୟବସ୍ଥା ଉପରେ ଗୁରୁତ୍ୱ ଦିଆଯାଇଥିଲା। ପୋଲିସ ଏବଂ ବରିଷ୍ଠ ନାଗରିକମାନଙ୍କୁ ନେଇ ଆମ ପୋଲିସ ସମିତି ଗଠନ କରାଯିବା ସହ ବରିଷ୍ଠ ନାଗରିକଙ୍କୁ ନେଇ ଏକ ଗ୍ରୁପ ମଧ୍ୟ କରାଯାଇଛି। ବରିଷ୍ଠ ନାଗରିକ ଓ ପୋଲିସ ମଧ୍ୟରେ ସୁସମ୍ପର୍କ ରହିଲେ ସମସ୍ୟାର ସମାଧାନ ହୋଇପାରିବ ବୋଲି ମତପ୍ରକାଶ ପାଇଥିଲା।



ଶ୍ରୀକ୍ଷେତ୍ର କଳାକାର ମଞ୍ଚ ପକ୍ଷରୁ ପୁରୀ ବାଟମଙ୍ଗଳାଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କଳାକାରମାନେ ଭଜନ ପରିବେଷଣ କରୁଛନ୍ତି।

## କେନାଲକୁ ପଶିଗଲା ବିଏମ୍‌ସି ସଫେଇଗାଡ଼ି

ଭୁବନେଶ୍ୱର, ୧୬।୭ (ବନ୍ଦନା ସେଠୀ)

କେନାଲରେ ପଡିଲା ବିଏମ୍‌ସିର ସଫେଇଗାଡ଼ି। ରବିବାର ସକାଳୁ ବଡ଼ଗଡ଼ ପଳାଶୁଣୀକୁ ସଂଯୋଗ କରୁଥିବା କେନାଲ ରୋଡ୍‌ରେ ଏପରି ଦୃଶ୍ୟ ଦେଖିବାକୁ ମିଳିଥିଲା। ୱାର୍ଡ ନମ୍ବର ୪୩ ଅନ୍ତର୍ଗତ ସନ୍ତୋଷ ବିହାର ଛକରେ ଏକ ସଫେଇଗାଡ଼ି ଭାରସାମ୍ୟ ହରାଇ ରାସ୍ତାପାର୍ଶ୍ୱରେ ଥିବା କେନାଲ ଭିତାକୁ ପଶି ଯାଇଥିଲା। ସକାଳ ପ୍ରାୟ ୮ଟା ୩୦ରେ ଏହି ଘଟଣା ଘଟିଥିବାବେଳେ ପୂର୍ବାହ୍ନ ୧୧ଟା ଯାଏ ଗାଡ଼ି ନାଳ ଭିତରେ ପଡ଼ି ରହିଥିଲା। ଗାଡ଼ି ସହିତ ଡ୍ରାଇଭର ମଧ୍ୟ କେନାଲକୁ ଖସିପଡିଥିଲେ। ତେବେ ଉକ୍ତ ଗାଡ଼ିରେ ଥିବା ସଫେଇକର୍ମୀ ଓ ସ୍ଥାନୀୟ ଲୋକ ଡ୍ରାଇଭରଙ୍କୁ ଉଦ୍ଧାର କରିଥିଲେ। ପରେ ସ୍ଥାନୀୟ କର୍ପୋରେଟର ଭରତ କୁମାର ଲେଙ୍କା ଏକ କ୍ରେନ ଡକାଇ ଗାଡ଼ି କେନାଲରୁ କାଢି ନିର୍ଦ୍ଧାରିତ ଏମ୍‌ସିସିକୁ ପଠାଇଛନ୍ତି।

## ରାସ୍ତାରେ ଗୋରୁ, ପଥଚାରୀ ହଇରାଣ


ରାସ୍ତାରେ ଶୋଇଥିବା ଗୋରୁ।

ନିରାକାରପୁର, ୧୬।୭ (ମାନସ ଚନ୍ଦ୍ର ପଟ୍ଟନାୟକ)

ଜମି ମାଫିଆ ଓ ପ୍ରଭାବଶାଳୀ ବ୍ୟକ୍ତିଙ୍କ ଦଖଲରେ ରହିଛି ଗୋଚର ଜମି। ଫଳରେ ଗୃହପାଳିତ ପ୍ରାଣୀ ଚରିବାକୁ ଏବଂ ବୁଲାବୁଲି କରିବାକୁ ନ ପାଇ ରାଜରାସ୍ତାରେ ଶୋଉଛନ୍ତି। ଫଳରେ ଉକ୍ତ ରାସ୍ତା ଦେଇ ଯାତାୟାତ କରୁଥିବା ପଥଚାରୀ ହଇରାଣ ହେଉଛନ୍ତି। ବହୁ ସମୟରେ ଦୁର୍ଘଟଣା ଘଟୁଥିବା ମଧ୍ୟ ନଜର ରହିଛି। ଏଭଳି ଦୃଶ୍ୟ ଖୋର୍ଦ୍ଧା ଜିଲା ଗୋଳବାଇ ପଞ୍ଚାୟତସ୍ଥିତ ଗୁଣଣ୍ଡୁଣି ମୌଜାରେ ଦେଖିବାକୁ ମିଳିଛି। ଏହି ମୌଜାରେ ବହୁ ଗୋଚର ଜମି ରହିଛି। ବିଶେଷକରି ଏଠାରେ ଥିବା ରାଜସ୍ୱ ନିରୀକ୍ଷକ ଓ ଏଏନ୍‌ଏମ୍ କାର୍ଯ୍ୟାଳୟ ପାଖରେ ଥିବା ଗୋଚର ଜମିରେ ଅଟାଳିକା ଗଢିଉଠିଛି। ଏଠାରେ ଘର କରିଥିବା ବ୍ୟକ୍ତିମାନେ ପ୍ରଭାବଶାଳୀ ହୋଇଥିବାରୁ ଗ୍ରାମର କୌଣସି ବ୍ୟକ୍ତି କିଛି କହୁନାହାନ୍ତି। ସୂଚନାଥାଉ କି, ଏହାର ପାଖ ପଞ୍ଚାୟତ ଓରବରସିଂହ। ଏହା ଏକ ବନ୍ୟା ପ୍ରପୀଡ଼ିତ ଅଞ୍ଚଳ ହୋଇଥିବାରୁ ବର୍ଷା ଚାରି ମାସ ଉକ୍ତ ପଞ୍ଚାୟତର ଗୋରୁ ଏହି ଗୋଚରଜମିରେ ରହିଥାନ୍ତି। ଏହା ଜବରଦଖଲ ହେବାରୁ ଗୋଳବାଇ ଅଞ୍ଚଳର ଗୋରୁ ଚରିବାକୁ ନ ପାଇ ଅଧିକାଂଶ ରାସ୍ତା ଉପରେ ଶୋଇ ରହୁଛନ୍ତି। ବିଶେଷକରି ସନ୍ଧ୍ୟାରେ ଗୋରୁଙ୍କ ଗୋଠ ରହୁଥିବା ଯୋଗୁ ଛୋଟବଡ଼ ଘଟଣା ଦୁର୍ଘଟଣା ଘଟୁଛି। ଅନ୍ୟପକ୍ଷରେ ମାଲିକମାନେ ଗୋରୁଙ୍କୁ ରାସ୍ତା ଉପରେ ଛାଡିଦେଇ ନେବାକୁ ଆସୁନାହାନ୍ତି। ଗୋଚର ଜମିରେ ହୋଇଥିବା ଜବରଦଖଲକୁ ଉଚ୍ଛେଦ କରିବା ସହିତ ରାସ୍ତାରେ ଛାଡୁଥିବା ଗୋରୁ ମାଲିକଙ୍କ ବିରୋଧରେ ପ୍ରଶାସନ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଗ୍ରାମବାସୀଙ୍କ ପକ୍ଷରୁ ଦାବି ହେଉଛି।

# ମୁଖ୍ୟ ଅଭିଯୁକ୍ତଙ୍କ ସମେତ ୫ ଗିରଫ

ପୁରୀ,୧୬।୭(ଅଜିତ ମହାନ୍ତି)



ଖବରଦାତା ସମ୍ମିଳନୀରେ ଅତିରିକ୍ତ ଏସ୍‌ପି ସୁଶୀଲ କୁମାର ମିଶ୍ର ସୂଚନା ଦେଉଛନ୍ତି।

**ଗୌଡ଼ବାଡ଼ ସାହି ମାଛ ମାର୍କେଟ ବୋମାମାଡ଼ ଘଟଣା**

- ୪ ବୋମା, ୨ ବାଇକ୍, ମୋବାଇଲ, ଭୁଜାଲି ଜବତ
- ବଟି ନ ଦେବାରୁ ଦୋକାନ ଉପରକୁ ଫିଙ୍ଗିଥିଲେ ବୋମା

ସମୁଦ୍ରକୂଳ ଥାନା ଅନ୍ତର୍ଗତ ଗୌଡ଼ବାଡ଼ ସାହି ମାଛ ମାର୍କେଟରେ ଘଟିଥିବା ବୋମାମାଡ଼ ଘଟଣାରେ ପୋଲିସ ମୁଖ୍ୟ ଅଭିଯୁକ୍ତ ଏବଂ ତାଙ୍କର ୪ ଜଣ ସହଯୋଗୀଙ୍କୁ ଗିରଫ କରିଛି। ସମ୍ପୃକ୍ତ ଅଭିଯୁକ୍ତମାନେ ହେଲେ ଟାଉନ ଥାନା ଅନ୍ତର୍ଗତ ତିଆଡ଼ିସାହି ବାଲି ଉପର ଅଞ୍ଚଳର ରାଜା ମଲ୍ଲିକ୍ ଓରଫ ସତ୍ୟ ପ୍ରକାଶ (୨୩), ରଘୁ ମଲ୍ଲିକ୍ (୨୦), ସଦର ଥାନା ଅନ୍ତର୍ଗତ ବାଟଗାଁର ଅକ୍ଷୟ ରାଉତ ଓରଫ ଅଖୁ (୪୪), ସମୁଦ୍ରକୂଳ ଥାନା ଅନ୍ତର୍ଗତ ଗୌଡ଼ବାଡ଼ ସାହିର ସୁନୀଲ କୁମାର ସାହୁ (୨୨) ଏବଂ ଚନ୍ଦନପୁର ଥାନା ଅନ୍ତର୍ଗତ ଗୋପୀନାଥପୁରର ମାନସ କୁମାର ଭୋଇ (୩୨)। ପୋଲିସ ଅଭିଯୁକ୍ତଙ୍କଠାରୁ ୪ଟି ଜୀବନ୍ତ ବୋମା, ଦୁଇଟି ବାଇକ୍, ଗୋଟିଏ ମୋବାଇଲ ଫୋନ୍ ଏବଂ ଗୋଟିଏ ଭୁଜାଲି ଜବତ କରିଛି। ଏନେଇ ପୋଲିସ ଏକ କେସ୍ (ନଂ. ୧୮୩/୨୩) ରୁଜୁ କରିଛି। ରବିବାର ପୋଲିସ ପକ୍ଷରୁ ଏସ୍‌ପିଙ୍କ କାର୍ଯ୍ୟାଳୟ ପରିସରରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଅତିରିକ୍ତ ଏସ୍‌ପି ସୁଶୀଲ କୁମାର ମିଶ୍ର ଏହି ସୂଚନା ଦେଇଛନ୍ତି।

ଘଟଣା ସମ୍ପର୍କରେ ଅତିରିକ୍ତ ଏସ୍‌ପି ମିଶ୍ର କହିଥିଲେ, ଗତ ୧୩ ତାରିଖ ରାତି ପ୍ରାୟ ୧୧ଟାରେ ମୁଖ୍ୟ ଅଭିଯୁକ୍ତ ରାଜା ମଲ୍ଲିକ ଏବଂ ତାଙ୍କ ସହଯୋଗୀମାନେ ସମୁଦ୍ରକୂଳ ଥାନା ଅନ୍ତର୍ଗତ ଗୌଡ଼ବାଡ଼ସାହି ମାଛ ମାର୍କେଟ ପରିସରରେ ଚିକେନ୍ ଦୋକାନ କରିଥିବା ସନ୍ତୋଷ ସାହୁଙ୍କୁ ଦାଦାବଟି ମାଗିଥିଲେ। ସେ ବଟି ଦେବାକୁ ମନା କରିବାରୁ ତାଙ୍କ ଦୋକାନ ଉପରକୁ ଅଭିଯୁକ୍ତମାନେ ବୋମାମାଡ଼ କରିଥିଲେ। ଏନେଇ ସନ୍ତୋଷ ୧୪ ତାରିଖରେ ଥାନାରେ ଅଭିଯୋଗ କରିଥିଲେ। ଏସ୍‌ପିଙ୍କ ନିର୍ଦ୍ଦେଶକ୍ରମେ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇ ତଦନ୍ତ ପରେ ଅଭିଯୁକ୍ତମାନଙ୍କୁ ଗିରଫ କରାଯାଇଥିଲା। ତେବେ ରାଜା ନିକଟରେ ଜେଲ ଯାଇ ଆସିବା ପରେ ଏକ ଗ୍ୟାଙ୍ଗ କରି ଆତଙ୍କ ଖେଳାଇଥିଲେ। ସ୍ଥାନୀୟ ଅଞ୍ଚଳରେ ଦାଦାବଟି ମାଗିବା ସହ ଛୋଟବଡ଼ ଆପରାଧିକ ଘଟଣାରେ ସମ୍ପୃକ୍ତ ଥିଲେ। ଅପରପକ୍ଷରେ ରାଜା ସନ୍ତୋଷଙ୍କ ଜଣେ ସମ୍ପର୍କୀୟ ଭାଇଙ୍କୁ ଗୁଳି କରିବା କେସ୍‌ରେ ଜେଲରେ ଥିଲେ। ରାଜାଙ୍କ ନାମରେ ପୂର୍ବରୁ ସମୁଦ୍ରକୂଳ ଥାନାରେ ୪ଟି ମାମଲା ରହିଛି ବୋଲି ଅତିରିକ୍ତ ଏସ୍‌ପି କହିଥିଲେ। ଖବରଦାତା ସମ୍ମିଳନୀରେ ସିଟି ଡିଏସ୍‌ପି କେ.କେ. ହରିପ୍ରସାଦ ଏବଂ ସମୁଦ୍ରକୂଳ ଥାନା ଆଇଆଇସି ମାନସ ରଞ୍ଜନ ଚକ୍ର ଉପସ୍ଥିତ ଥିଲେ।

# ଜନସୂଚନା ଅଧିକାରୀଙ୍କୁ ୨୫ ହଜାର ଟଙ୍କା ଜରିମାନା

କୋଣାର୍କ,୧୬।୭(ଜ୍ୟୋତିରାଜ ମହାନ୍ତି)

**ସୂଚନା ପ୍ରଦାନରେ ଅବହେଳା ଅଭିଯୋଗ**

ସୂଚନା ପ୍ରଦାନରେ ଅବହେଳା ଏବଂ ଓଡ଼ିଶା ସୂଚନା କମିଶନଙ୍କ କାରଣ ଦର୍ଶାଅ ନୋଟିସର ଉତ୍ତର ନ ଦେବାରୁ ନିମାପଡ଼ା ଗ୍ରାମ୍ୟ ନିର୍ମାଣ ଡିଭିଜନ କାର୍ଯ୍ୟାଳୟର ଜନସୂଚନା ଅଧିକାରୀ ରଶ୍ମି ବେହେରାଙ୍କୁ ସୂଚନା କମିଶନ ୨୫ହଜାର ଟଙ୍କା ଜରିମାନା ପୈଠ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ସୂଚନା ମୁତାବକ, କୋଣାର୍କ ଥାନା ଅଧୀନ କାଦୁଆନୂଆଗାଁ ପଞ୍ଚାୟତର ସୂଚନାକର୍ମୀ ଭାଗୀରଥି ସାଇଁ ଗତ ୨୫.୮.୨୨ରେ ସୂଚନା ଅଧିକାର ଆଇନ-୨୦୦୫ ଅନୁଯାୟୀ ଫର୍ମ ୬-କ ରେ ନିମାପଡ଼ା ଗ୍ରାମ୍ୟ ନିର୍ମାଣ ଡିଭିଜନ ଅଫିସ ଅଧୀନ କୋଣାର୍କ ଗ୍ରାମ୍ୟ ନିର୍ମାଣ ଉପଖଣ୍ଡ ବାଲିଘାଇ ଗ୍ରାମ୍ୟ ନିର୍ମାଣ କନିଷ୍ଠ ଯନ୍ତ୍ରୀ ସେକ୍ସନ, ଗୋପ ଗ୍ରାମ୍ୟ ନିର୍ମାଣ କନିଷ୍ଠ ଯନ୍ତ୍ରୀ ସେକ୍ସନ ଏବଂ କୋଣାର୍କ ଗ୍ରାମ୍ୟ ନିର୍ମାଣ କନିଷ୍ଠ ଯନ୍ତ୍ରୀ ସେକ୍ସନରେ ୨୦୦୮ ମସିହାରୁ ୨୦୧୭ ମସିହା ପର୍ଯ୍ୟନ୍ତ ସମ୍ପାଦିତ କେ-୨,ଏଫ-୨ କାମ ବିଷୟରେ ତଥ୍ୟ ମାଗିଥିଲେ। ତେବେ ନିର୍ଦ୍ଧାରିତ ସମୟ ମଧ୍ୟରେ ସୂଚନା ନ ମିଳିବା ଯୋଗୁ ଭାଗୀରଥି ୧୧.୧୦.୨୨ରେ ନିମାପଡ଼ା ଗ୍ରାମ୍ୟ ନିର୍ମାଣ ଡିଭିଜନ କାର୍ଯ୍ୟାଳୟର ଅଧୀକ୍ଷଣ ଯନ୍ତ୍ରୀ ତଥା ପ୍ରଥମ ଅପିଲ କର୍ତ୍ତୃପକ୍ଷ ଇଂ.ସତ୍ୟଜିତ ଦଳାଇଙ୍କ କୋର୍ଟରେ ପ୍ରଥମ ଅପିଲ କରିଥିଲେ। ତେବେ କର୍ତ୍ତୃପକ୍ଷ କୌଣସି ପଦକ୍ଷେପ ଗ୍ରହଣ ନ କରିବାରୁ ଭାଗୀରଥି ୩୦.୧୨.୨୨ରେ ଓଡ଼ିଶା ସୂଚନା କମିଶନଙ୍କ କୋର୍ଟରେ ଫର୍ମ -ଘ ରେ ଦ୍ୱିତୀୟ ଅପିଲ ନିମନ୍ତେ ଅଭିଯୋଗଫର୍ଦ୍ଦ ଦାଖଲ କରିଥିଲେ। ସୂଚନା କମିଶନର ବିକ୍ରମ ସେନାପତି ଗତ ଏପ୍ରିଲ ୧୦ରେ ଉଭୟ ପକ୍ଷଙ୍କୁ ନୋଟିସ ଜାରି କରି ଶୁଣାଣି ସମୟରେ ଉପସ୍ଥିତ ରହିବା ଲାଗି ନିର୍ଦ୍ଦେଶ ଦେଇଥିଲେ। ଏହି ଶୁଣାଣି ସମୟରେ ଭାଗୀରଥି ପକ୍ଷ ରଖିଥିବା ବେଳେ ନିମାପଡ଼ା ଗ୍ରାମ୍ୟ ନିର୍ମାଣ ଡିଭିଜନ କାର୍ଯ୍ୟାଳୟର ଜନ ସୂଚନା ଅଧିକାରୀ ରଶ୍ମି ଓ ପ୍ରଥମ ଅପିଲ କର୍ତ୍ତୃପକ୍ଷ ଅନୁପସ୍ଥିତ ଥିଲେ। ଫଳରେ ସୂଚନା କମିଶନର ସେନାପତି ଜନ ସୂଚନା ଅଧିକାରୀ ରଶ୍ମିଙ୍କୁ ଆପଣଙ୍କ ବିରୋଧରେ କାହିଁକି ଜରିମାନା ଆଦାୟ କରା ନ ଯିବ ସେଥିପାଇଁ କାରଣ ଦର୍ଶାଅ ନୋଟିସ ଜାରି କରିଥିଲେ। ଏହି କେଶର ଦ୍ୱିତୀୟ ଶୁଣାଣି ସମୟରେ ଜନ ସୂଚନା ଅଧିକାରୀ ରଶ୍ମି କାରଣ ଦର୍ଶାଅ ନୋଟିସର ଉତ୍ତର ନ ଦେବା ସହିତ ଶୁଣାଣି ସମୟରେ ଅନୁପସ୍ଥିତ ଥିଲେ। ଗତ ଜୁନ ୧୯ରେ ଓଡିଶା ସୂଚନା କମିଶନଙ୍କ ସୂଚନା କମିଶନର ବିକ୍ରମ ସେନାପତି ସୂଚନା କମିଶନଙ୍କ ପତ୍ରସଂଖ୍ୟା. ୩୮୫୧୮,୧୦-୦୭-୨୩ ଅନୁଯାୟୀ ନିମାପଡ଼ା ଗ୍ରାମ୍ୟ ନିର୍ମାଣ ଡିଭିଜନ ଅଫିସର ଜନ ସୂଚନା ଅଧିକାରୀ ରଶ୍ମିଙ୍କୁ ୨୫ହଜାର ଟଙ୍କା ଜରିମାନା ଆସନ୍ତା ୩୦ଦିନ ମଧ୍ୟରେ ପୈଠ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି।

# କଳାବ୍ୟାଜ୍ ପିନ୍ଧି ଗ୍ରାମ୍ୟ କୃଷି କର୍ମଚାରୀଙ୍କ ବିକ୍ଷୋଭ

ସାକ୍ଷୀଗୋପାଳ,୧୬।୭(ପ୍ରଶାନ୍ତ କୁମାର ବାରିକ/ କିଶୋର ମହାପାତ୍ର/ଭରତ ରାଉତ)

କୃଷି କର୍ମଚାରୀଙ୍କ ପ୍ରତି ସରକାରଙ୍କ ଅବହେଳା ପ୍ରତିବାଦରେ ଗତ ୧୪ ତାରିଖରୁ ରାଜ୍ୟରେ ଗ୍ରାମ୍ୟ କୃଷି କର୍ମଚାରୀ ଓ ମହିଳା ଗ୍ରାମ୍ୟ କୃଷି କର୍ମଚାରୀ ସଂଘର ଆହ୍ୱାନକ୍ରମେ ୬ଦଫା ନେଇ ଗ୍ରାମ୍ୟ କୃଷି କର୍ମଚାରୀମାନେ ଶାନ୍ତିପୂର୍ଣ୍ଣ ଭାବେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି। ଏହି ପରିପ୍ରେକ୍ଷୀରେ ସତ୍ୟବାଦୀରେ ସ୍ଥାନୀୟ କୃଷି କାର୍ଯ୍ୟାଳୟରେ କର୍ମଚାରୀମାନେ କଳାବ୍ୟାଜ ପିନ୍ଧି ଦାବିକୁ ଉପସ୍ଥାପନା କରିବା ସହ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଗ୍ରାମ୍ୟ କୃଷି କର୍ମଚାରୀ ପଦ ପରିବର୍ତ୍ତନ କରାଯାଇ କୃଷି ସମ୍ପ୍ରସାରଣ ଅଧିକାରୀ କରାଯିବା, ଗ୍ରେଡ ପେ ୨ହଜାର ଟଙ୍କାରୁ ୪ହଜାର ୨ଶହ ଟଙ୍କାକୁ ବୃଦ୍ଧି, ଚାକିରି କାଳ ମଧ୍ୟରେ ସର୍ବନିମ୍ନ ୩ରୁ ୪ଟି ପଦୋନ୍ନତି, ୨୦୧୩ ମସିହା ପୂର୍ବରୁ ନିଯୁକ୍ତି ପାଇଥିବା ଗ୍ରାମ୍ୟ କୃଷି କର୍ମଚାରୀଙ୍କ ୬ବର୍ଷ ଚୁକ୍ତିଭିତ୍ତିକ ସମୟକୁ ମୂଳ ଚାକିରିରେ ଗଣନା ଆଦି ୬ଦଫା ଦାବି ରହିଛି। ତୃଣମୂଳ ସ୍ତରରେ ଏହି କର୍ମଚାରୀଙ୍କ ପରିଶ୍ରମ ଯୋଗୁ ରାଜ୍ୟ ସରକାର ୪ଥର କୃଷିକର୍ମଣ ପୁରସ୍କାର ପାଇଛନ୍ତି। 'କାଳିଆ' ଓ 'ବଳିଆ' ଯୋଜନା ସହ ଅନ୍ୟ ଯୋଜନାଗୁଡିକ ସଫଳ ହୋଇଛି। ତେବେ ସେମାନଙ୍କ ଦାବିକୁ ସରକାର ଅନୁମୋଦନ ନ କଲେ ଆସନ୍ତା ଅଗଷ୍ଟ ୧ରୁ ସମୂହ ଛୁଟିରେ ଯିବେ ବୋଲି ସତ୍ୟବାଦୀ କୃଷି କାର୍ଯ୍ୟାଳୟର କର୍ମଚାରୀ ମୋହନ ବେହେରା, ରତିକାନ୍ତ ପ୍ରଧାନ, ସରୋଜ କୁମାର ସେଠୀ, ସୁଜାତା ବିଶ୍ୱାଳ, ରଶ୍ମିତା ପାତ୍ର ପ୍ରମୁଖ କହିଛନ୍ତି।


କର୍ମଚାରୀମାନେ କଳାବ୍ୟାଜ୍ ପିନ୍ଧି ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

**ଦାବି ପୂରଣ ନ ହେଲେ ଅଗଷ୍ଟ ୧ରୁ ସମୂହ ଛୁଟିରେ ଯିବେ**

# ଶ୍ରୀମନ୍ଦିର ୪ ଦ୍ୱାର ଖୋଲାଯିବାକୁ ତେଜିଲା ଦାବି

ପୁରୀ,୧୬।୭(ଅଜିତ ମହାନ୍ତି)

**୧ ଲକ୍ଷ ଦସ୍ତଖତ ଅଭିଯାନର ଶୁଭାରମ୍ଭ**



ଭକ୍ତଙ୍କ ନିମନ୍ତେ ଶ୍ରୀମନ୍ଦିର ଚାରିଦ୍ୱାର ଖୋଲାଯିବାକୁ ପୁଣି ଦାବି ଉଠିଛି। ଏହି ଦାବିକୁ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ପହଞ୍ଚାଇବା ପାଇଁ ରବିବାର ଶ୍ରୀମନ୍ଦିର ସିଂହଦ୍ୱାର ସମ୍ମୁଖରୁ ସଚେତନ ନାଗରିକ ମଞ୍ଚ ପକ୍ଷରୁ ଦସ୍ତଖତ ଅଭିଯାନ ଆରମ୍ଭ ହୋଇଛି। ଭକ୍ତଙ୍କଠାରୁ ୧ଲକ୍ଷ ଦସ୍ତଖତ ସଂଗ୍ରହ କରାଯିବ। ସେହି ଦସ୍ତଖତ ସମ୍ବଳିତ ଦାବିପତ୍ରକୁ ଆସନ୍ତା ଅଗଷ୍ଟ ୧ରେ ମୁଖ୍ୟମନ୍ତ୍ରୀଙ୍କ ନିକଟକୁ ପ୍ରେରଣ କରାଯିବ ବୋଲି ମଞ୍ଚ ପକ୍ଷରୁ କୁହାଯାଇଛି।

ଶ୍ରୀମନ୍ଦିରର ୪ ଦ୍ୱାର ଭକ୍ତଙ୍କ ପାଇଁ ଖୋଲାଯିବାକୁ ମୁଖ୍ୟମନ୍ତ୍ରୀଙ୍କୁ ଏହି ପତ୍ର ମାଧ୍ୟମରେ ନିବେଦନ କରାଯିବ। ସମସ୍ତ ବୁଦ୍ଧିଜୀବୀ, ସେବକ, ନିଯୋଗ, ଭକ୍ତଙ୍କୁ ଏ ନେଇ ଦସ୍ତଖତ ଦେଇ ସହଯୋଗ କରିବାକୁ ମଞ୍ଚ ପକ୍ଷରୁ ଅନୁରୋଧ କରାଯାଇଛି। ପ୍ରଥମ ଦିନରେ ୨୦୦ରୁ ଊର୍ଦ୍ଧ୍ୱ ଭକ୍ତ ଦସ୍ତଖତ କରିଥିବା ଜଣାପଡ଼ିଛି। ଉକ୍ତ ପ୍ରସଙ୍ଗରେ ଗଜପତି ମହାରାଜା, ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟ, ଛତିଶା ନିଯୋଗ, ମନ୍ଦିର ପରିଚାଳନା କମିଟି ସଦସ୍ୟଙ୍କ ସହିତ ଆଲୋଚନା କରି ସହଯୋଗ କାମନା କରାଯିବ। ଗୁଣ୍ଡିଚା ମନ୍ଦିର, ରେଳ ଷ୍ଟେଶନ ଓ ଶ୍ରୀମନ୍ଦିର ନିକଟବର୍ତ୍ତୀ ଅଞ୍ଚଳ ସମେତ ସମସ୍ତ ସାହି ବୁଲି ଦସ୍ତଖତ ସଂଗ୍ରହ କରାଯିବ। କାର୍ଯ୍ୟକ୍ରମ ଶୁଭାରମ୍ଭ ଅବସରରେ ସଚେତନ ନାଗରିକ ମଞ୍ଚର ସଭାପତି ପ୍ରସନ୍ନ ଦାଶ, ସମ୍ପାଦକ ତ୍ରିଲୋଚନ ଦାସ, ସଙ୍ଗଠନ ସମ୍ପାଦକ ସଚ୍ଚିଦାନନ୍ଦ ଦାଶ, ସହସମ୍ପାଦକ ଅଶୋକ ଆଢ୍ୟ, ଉପଦେଷ୍ଟା ହରିଶଙ୍କର ମିଶ୍ର, ବିଚିତ୍ରାନନ୍ଦ ସାହୁ, ପ୍ରଶାନ୍ତ କୁମାର ସାହୁ, ଆଦିତ୍ୟ ନାରାୟଣ ବାରିକ, ସୁଧାଂଶୁ ଜେନା ପ୍ରମୁଖ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### 'ଶାନ୍ତିଶୃଙ୍ଖଳା ବଜାୟ ରଖିବା ଉପରେ ଗୁରୁତ୍ୱ'

କଣାସ,୧୬।୭(ବିଭୂତି ଭୂଷଣ ତ୍ରିପାଠୀ): ପୁରୀ ଜିଲା କଣାସ ଥାନାରେ ରବିବାର ନୂତନ ଭାରପ୍ରାପ୍ତ ଅଧିକାରୀ ଆଇଆଇସି ରାକେଶ କୁମାର ତ୍ରିପାଠୀ ଯୋଗଦେଇ ଦାୟିତ୍ୱ ଗ୍ରହଣ କରିଛନ୍ତି। ପୂର୍ବରୁ ଯାଜପୁର ଜିଲା ଧର୍ମଶାଳା ଥାନା ଅଧିକାରୀ ଭାବେ ତ୍ରିପାଠୀ କାର୍ଯ୍ୟ କରୁଥିଲେ। କଣାସ ଥାନାର ପୂର୍ବତନ ଭାରପ୍ରାପ୍ତ ଅଧିକାରୀ ଆଇଆଇସି ସୁଜିତ୍ କୁମାର ଦାସଙ୍କ ନୟାଗଡ ଜିଲାକୁ ବଦଳି ହୋଇଛି। ଆଗାମୀ ୨୦୨୪ ନିର୍ବାଚନରେ କଣାସ ଥାନା ଅଞ୍ଚଳରେ କିପରି ଶାନ୍ତିଶୃଙ୍ଖଳା ବଜାୟ ରହିବ ସେଥିପାଇଁ ପ୍ରଥମେ ଧ୍ୟାନ ଦେବେ ବୋଲି ତ୍ରିପାଠୀ କହିଛନ୍ତି।

### ଶିକ୍ଷକ ନେତା ଉମ୍ବରୁଧରଙ୍କ ପରଲୋକ



ପିପିଲି,୧୬।୭ (ପ୍ରଭାତ କୁମାର ମହାପାତ୍ର): ରାଜ୍ୟ ନିମ୍ନ ମାଧମିକ ଶିକ୍ଷକ ସଂଘର ପୂର୍ବତନ ସହ ସମ୍ପାଦକ, ଶିକ୍ଷାବିତ୍ ତଥା ସାମାଜିକ କର୍ମୀ ଉମ୍ବରୁଧର ମୁଦୁଲିଙ୍କ ଶନିବାର ପରଲୋକ ହୋଇଯାଇଛି। ତାଙ୍କ ବିୟୋଗରେ ଶିକ୍ଷକଙ୍କ ମହଲରେ ଶୋକର ଛାୟା ଖେଳିଯାଇଛି। ସହଜପୁରଠାରେ ୧୯୭୪ରେ ସହଜପୁର ମଧ ଇଂରାଜୀ ବିଦ୍ୟାଳୟ ପ୍ରତିଷ୍ଠା ସହ ପରେ ଶିକ୍ଷାର ବିକାଶ ଶିକ୍ଷାର ପ୍ରସାର କରାଇଥିଲେ। ସହଜପୁର ଉଚ୍ଚ ବିଦ୍ୟାଳୟ ପ୍ରତିଷ୍ଠାରେ ତାଙ୍କର ଉଦ୍ୟମ ପ୍ରଶଂସନୀୟ। ସ୍ଥାନୀୟ ବାସିନ୍ଦାଙ୍କ ସହଯୋଗରେ ବାଲୁଙ୍କେଶ୍ୱର ମନ୍ଦିର, କପିଳେଶ୍ୱର ମନ୍ଦିର ପ୍ରତିଷ୍ଠା, ମଙ୍ଗଳା ମନ୍ଦିର ପ୍ରତିଷ୍ଠା କରି ଆଧାତ୍ମିକ ଜାଗରଣ ସୃଷ୍ଟି କରିଥିଲେ। ସେ ପିପିଲି ବ୍ଲକର ସହଜପୁର, କଣାସର ମନ୍ଦାରବସ୍ତ, ଡେଲାଙ୍ଗର ପ୍ରହରାଜପୁର, ବରପଦା, ଖେଲାଉର, ବ୍ରାହ୍ମଣ ତରବୋଇ ବିଦ୍ୟାଳୟରେ ଶିକ୍ଷକତା ଜୀବନ ବିତାଇ ଜଣେ ଛାତ୍ର ବତ୍ସଳ, ମେଳାପୀ, କର୍ତ୍ତବ୍ୟନିଷ୍ଠ, ସମୟାନୁବର୍ତ୍ତୀ, ସ୍ୱାଭିମାନୀ ଶିକ୍ଷକଭାବେ ପରିଚିତ ଥିଲେ। ଗତ ଶନିବାର ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା। ସହଜପୁରରେ ମୃତଦେହ ପହଞ୍ଚିବା ପରେ ବରିଷ୍ଠ ଶିକ୍ଷକ ରମେଶ ପ୍ରଧାନ, ଗୁରୁ ଚରଣ ବଳ, ଅଭୟ ଚରଣ ସାହୁ, ରବିନ୍ଦ୍ର ବେହେରା, ଭଗବାନ ସାହୁ, ଚୈତନ୍ୟ ସେଠୀ, ଲକ୍ଷ୍ମୀଧର ବସ୍ତିଆ ପ୍ରମୁଖ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଏକ ଶୋକାକୁଳ ପରିବେଶରେ ଗ୍ରାମ୍ୟ ପରିକ୍ରମା ପରେ ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଛି। ପୁଅ ଦୀପ୍ତିକାନ୍ତ ଓ ସୂର୍ଯ୍ୟକାନ୍ତ ମୁଦୁଲି ମୁଖାଗ୍ନି ଦେଇଥିଲେ। ଝିଅ ରଶ୍ମିରଞ୍ଜିତା, ଝିଆରୀ ଗାୟତ୍ରୀ, ପୁତୁରା ମିହିର ଓ ରମେଶ, ଭାଇ ସୁବୁଦ୍ଧି ଏବଂ ଅନ୍ୟମାନେ ଉପସ୍ଥିତ ଥିଲେ।

### ନନ୍ଦନକାନନରେ ଚିତ୍ରାହରିଣ ଶାବକ ଜନ୍ମ

ବାରଙ୍ଗ,୧୬।୭(ଲିଙ୍ଗରାଜ ରାଉତ): ନନ୍ଦନକାନନ ପ୍ରାଣୀଉଦ୍ୟାନର ୬୯ ନମ୍ବର ଏନ୍‌କ୍ଲୋଜରରେ ରହୁଥିବା ଏକ ମାଈ ଚିତ୍ରାହରିଣ ରବିବାର ଅପରାହ୍ନରେ ଗୋଟିଏ ଶାବକ ଜନ୍ମ ଦେଇଛି। ଉଭୟ ମା' ଓ ଛୁଆ ସୁସ୍ଥ ଥିବାବେଳେ ଛୁଆଟିର ଲିଙ୍ଗ ଚିହ୍ନଟ ହୋଇନାହିଁ। ଏହି ଶାବକଟି ଜନ୍ମ ହେବା ପରେ ଏମାନଙ୍କ ସଂଖ୍ୟା ୨୫୫କୁ ବୃଦ୍ଧି ପାଇଛି। ସାଧାରଣତଃ ଏହି ପ୍ରଜାତିର ହରିଣ ପଞ୍ଜାବ ପ୍ରଦେଶ ବ୍ୟତୀତ ଭାରତର ଅନ୍ୟସ୍ଥାନରେ ମଧ ଦେଖାଯାଆନ୍ତି।

# ମନ୍ଥର ଗତିରେ ଚାଲିଛି ବସ୍‌ଷ୍ଟାଣ୍ଡ ନିର୍ମାଣ

କାକଟପୁର, ୧୬।୭(ଶୁଭଦର୍ଶନ ମିଶ୍ର):




କାକଟପୁରର ଅତ୍ୟାଧୁନିକ ବସ୍‌ଷ୍ଟାଣ୍ଡ ନିର୍ମାଣ କାର୍ଯ୍ୟ ମନ୍ଥର ଗତିରେ ଚାଲିଛି। ଫଳରେ ଧାର୍ଯ୍ୟ ସମୟରେ ଏହି କାମ ସରିବା ନେଇ ଅନିଶ୍ଚିତତା ଦେଖାଦେଇଛି। ଏପରିକି କାର୍ଯ୍ୟସ୍ଥଳରେ ସୂଚନାଫଳକ ନାହିଁ। ତେଣୁ କାର୍ଯ୍ୟ ବିଷୟରେ ଠିକ୍ ତଥ୍ୟ ମିଳିପାରୁନାହିଁ। ଅନ୍ୟପକ୍ଷରେ ନିର୍ମାଣ କାର୍ଯ୍ୟ ନିମ୍ନମାନର ହେଉଥିବା ସାଧାରଣରେ ଅଭିଯୋଗ ହେଉଛି।

ସୂଚନା ଅନୁଯାୟୀ, ଯାତ୍ରୀଙ୍କ ସୁବିଧା ଓ ବସ୍ ରହଣି ପାଇଁ କାକଟପୁରରେ ଅତ୍ୟାଧୁନିକ ବସ୍‌ଷ୍ଟାଣ୍ଡ ନିର୍ମାଣ କରିବାକୁ ରାଜ୍ୟ ସରକାର ନିଷ୍ପତ୍ତି ନେଇଥିଲେ। ଏଥିଲାଗି ଜମି ଚିହ୍ନଟ ହେବା ପରେ ସରକାର ଅନୁଦାନ ମଞ୍ଜୁର କରିଥିଲେ। ବସ୍‌ଷ୍ଟାଣ୍ଡ ନିର୍ମାଣ ଲାଗି ପ୍ରାୟ ୬ କୋଟି ଟଙ୍କା ବ୍ୟୟ ଅଟକଳ ହୋଇଛି। ଗତ ୫ବର୍ଷ ହେଲା ନିର୍ମାଣ କାର୍ଯ୍ୟ ଚାଲିଥିଲେ ବି ସରିବାର ନାଁ ଧରୁନାହିଁ। ଠିକାଦାର ଓ ପ୍ରଶାସନ ମଧ୍ୟରେ ମଧୁଚନ୍ଦ୍ରିକା ଯୋଗୁ କାର୍ଯ୍ୟ ବିଳମ୍ବ ହେଉଥିବା ସାଧାରଣରେ ଚର୍ଚ୍ଚା ଚାଲିଛି। ନିର୍ମାଣସ୍ଥଳରେ ସମ୍ପୃକ୍ତ ଠିକାଦାର ଏବଂ ଅଧିକାରୀଙ୍କ ଦେଖା ମିଳୁନାହିଁ। ସୂଚନାଫଳକ ଲଗାଯାଇ ନ ଥିବାରୁ ଜାଣିଶୁଣି କାର୍ଯ୍ୟ ସମ୍ପର୍କରେ ସୂଚନା ଦେବାକୁ ଠିକାଦାର ଦୂରେଇ ରହୁଥିବା ସ୍ପଷ୍ଟ ହେଉଛି। ଏପରିକି କେଉଁ ଯନ୍ତ୍ରୀଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟ ତଦାରଖ ହେଉଛି ତାହା ମଧ ଜଣାପଡୁନାହିଁ। ନିର୍ମାଣ କାର୍ଯ୍ୟରେ ନିୟୋଜିତ ଶ୍ରମିକଙ୍କୁ ସମ୍ପୃକ୍ତ ଠିକାଦାର ଏବଂ ଅଧିକାରୀଙ୍କ ସମ୍ପର୍କରେ ପଚାରିଲେ ସେମାନେ ଜାଣି ନ ଥିବା କହୁଛନ୍ତି। ଧାର୍ଯ୍ୟ ସମୟରେ ବସ୍‌ଷ୍ଟାଣ୍ଡ ନିର୍ମାଣ ଶେଷ ହେଲେ ଯାତ୍ରୀଙ୍କ ସେବାରେ ଲାଗିପାରନ୍ତା। ସେହିପରି ବଜାର ମଧ୍ୟରେ ଟ୍ରାଫିକ୍ ସମସ୍ୟା ମଧ ଦୂର ହୋଇପାରନ୍ତା। ତେବେ ପ୍ରଶାସନର ଅଣଦେଖା ଯୋଗୁ ନିର୍ମାଣ କାର୍ଯ୍ୟ ଆହୁରି ବିଳମ୍ବ ହେବା ନେଇ ଅଞ୍ଚଳବାସୀ ଆଶଙ୍କା ବ୍ୟକ୍ତ କରିଛନ୍ତି। ବସ୍‌ଷ୍ଟାଣ୍ଡ ପଛପଟେ ବହିଯାଉଥିବା ପ୍ରାଚୀ ନଦୀ ନାମରେ ପତିତ ଜମି ରେକର୍ଡଭୁକ୍ତ ହେବା ଦରକାର। ନଚେତ ଭବିଷ୍ୟତରେ ସେହି ଜମି ଜବରଦଖଲ କରି ନଦୀ ପୋତିବା ଭଳି ସମସ୍ୟା ଆସିପାରେ ବୋଲି ଅନେକ ବୁଦ୍ଧିଜୀବୀ ଆଶଙ୍କା ବ୍ୟକ୍ତ କରିଛନ୍ତି। ସେହିପରି ବସ୍‌ଷ୍ଟାଣ୍ଡ ଅପର ପାର୍ଶ୍ୱରେ ରହିଥିବା ଜଗନ୍ନାଥ ମହାପ୍ରଭୁଙ୍କ ସମ୍ପତ୍ତିକୁ ଜବରଦଖଲକାରୀଙ୍କ ଠାରୁ ମୁକ୍ତ କରିବା ସହିତ ସର୍ବସାଧାରଣଙ୍କ ଦୃଷ୍ଟିଗୋଚର ହେଉଥିବା ସ୍ଥାନରେ ଫଳକ ଲଗାଯିବା ଏବଂ ତୁରନ୍ତ କାର୍ଯ୍ୟ ସମ୍ପୂର୍ଣ୍ଣ କରାଯିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।




ଶ୍ରୀକ୍ଷେତ୍ର କଳାକାର ମଞ୍ଚ ପକ୍ଷରୁ ପୁରୀ ବାଟମଙ୍ଗଳାଠାରେ ଅନୁଷ୍ଠିତ ଭଜନ କାର୍ଯ୍ୟକ୍ରମରେ କଣ୍ଠଶିଳ୍ପୀ ଭଜନ ପରିବେଷଣ କରୁଛନ୍ତି । (ଫଟୋ- ଯଜ୍ଞେଶ୍ୱର ମହାନ୍ତି)

# 'ଧରିତ୍ରୀ ମାତା ପାଇଁ ଦିନଟିଏ'



କାର୍ଯ୍ୟକ୍ରମରେ ପରିଷଦର ସଦସ୍ୟା ସଦସ୍ୟମାନେ ସଚେତନତା ସୃଷ୍ଟି କରୁଛନ୍ତି।

ନିମାପଡ଼ା,୧୬।୭(ବିଚିତ୍ରାନନ୍ଦ ସାହୁ)

ବ୍ରହ୍ମଚେତନା ପରିଷଦ ଓଡ଼ିଶା ପକ୍ଷରୁ ଏକ ସଚେତନତା ଧର୍ମୀ ଆଲୋଚନାଚକ୍ର, ଚାରାରୋପଣ, ବୃଦ୍ଧାବୃଦ୍ଧଙ୍କୁ ଛତା ବଣ୍ଟନ କାର୍ଯ୍ୟକ୍ରମ ନିମାପଡ଼ା ବ୍ଲକ ଅଧୀନ ଶଗଡ଼ା ପଞ୍ଚାୟତ ଶ୍ରୀଶ୍ରୀ ଜଟେଶ୍ୱର ମହାଦେବଙ୍କ ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ଅତିଥି ଭାବେ ପରିଷଦର ସମ୍ପାଦକ କବି ସୁକାନ୍ତ ଚନ୍ଦ୍ର ନନ୍ଦ, ଯୁଗ୍ମ ସମ୍ପାଦକ କୃଷ୍ଣଚନ୍ଦ୍ର ନାଥ, କୋଷାଧ୍ୟକ୍ଷ ହୃଷୀକେଶ ନନ୍ଦ, ମୁଖ୍ୟ ପରାମର୍ଶଦାତା ପ୍ରଦୀପ ମିଶ୍ର, ସଂଗଠକ ବାଦଲ ସାହେବ ରଥ, ସରପଞ୍ଚ ମଧୁସ୍ମିତା ସାହୁ, ସମିତି ସଭ୍ୟ ତପନ ପ୍ରଧାନ, ସାମାଜିକ କର୍ମୀ ଆଦିତ୍ୟ ନାରାୟଣ ସାହୁ ପ୍ରମୁଖ ଯୋଗଦେଇଥିଲେ । ଧରିତ୍ରୀ ମାତାର ସୁରକ୍ଷା ପାଇଁ 'ଧରିତ୍ରୀ ମାତା ପାଇଁ ରବିବାର ଦିନଟିଏ' ଶୀର୍ଷକ କାର୍ଯ୍ୟକ୍ରମର ଲକ୍ଷ୍ୟ, ଉଦ୍ଦେଶ୍ୟ, ଆଭିମୁଖ୍ୟ, ବିଶ୍ୱତାପନ, ଜଳବାୟୁ ପରିବର୍ତ୍ତନ, ଜଙ୍ଗଲ ଅବକ୍ଷୟ, ପ୍ଲାଷ୍ଟିକ ବର୍ଜ୍ୟବସ୍ତୁର ବହୁଳ ବ୍ୟବହାରର କୁପରିଣାମ ସମ୍ପର୍କରେ ସେମାନେ ଆଲୋକପାତ କରିଥିଲେ। ଏହାର ନିରାକରଣ ପ୍ରତିବିଧାନ ପାଇଁ ଗ୍ରାମ୍ୟସ୍ତରରୁ ସମ୍ମିଳିତ ପ୍ରଚେଷ୍ଟା ଓ ଉଦ୍ୟମ ଆବଶ୍ୟକ ବୋଲି ଆହ୍ୱାନ ଦେଇଥିଲେ। ଏହି ଅବସରରେ ଅନୁଷ୍ଠାନ ପକ୍ଷରୁ ୫୦ଜଣ ନିରାଶ୍ରୟ ବୃଦ୍ଧାବୃଦ୍ଧଙ୍କୁ ମାଗଣା ଛତା ବଣ୍ଟନ କରାଯାଇଥିବାବେଳେ ପ୍ରଭୁ ଜଟେଶ୍ୱର ଦେବଙ୍କ ମନ୍ଦିର ପ୍ରାଙ୍ଗଣ ଓ ଚତୁଃପାର୍ଶ୍ୱରେ ଓ ପ୍ରତିହାରୀ ସାହିଠାରୁ ଶ୍ରୀମୁଖ ଛକ ପର୍ଯ୍ୟନ୍ତ ୨ କିମି ମୁଖ୍ୟ ରାସ୍ତା ଉଭୟ ପାର୍ଶ୍ୱରେ ବିଭିନ୍ନ କିସମର ୨ଶହରୁ ଊର୍ଦ୍ଧ୍ୱ ଚାରାରୋପଣ କରାଯାଇଥିଲା। ପରିଷଦର ଏହି ଜନହିତକର କାର୍ଯ୍ୟକୁ ପଞ୍ଚାୟତବାସୀଙ୍କ ପକ୍ଷରୁ ଭୂୟସୀ ପ୍ରଶଂସା କରାଯାଇଥିଲା। ଏହି ସମାରୋହ ଓ ଆଲୋଚନାଚକ୍ରରେ ବହୁ ପରିବେଶବିତ୍, ସାମାଜିକ କର୍ମୀ, ଜନପ୍ରତିନିଧି, ସ୍ଥାନୀୟ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେଇଥିଲେ।

## ବୋହୂ ପନିକି ଚୋଟରେ ଶାଶୁ, ଶ୍ୱଶୁର ଗୁରୁତର

### ପାରିବାରିକ କଳହର ପରିଣତି

ନିମାପଡ଼ା,୧୬।୭(ବିଚିତ୍ରାନନ୍ଦ ସାହୁ)

ନିମାପଡ଼ା ଥାନା ଅଧୀନ ତେରୁଣ୍ଡିଆ ପଞ୍ଚାୟତର ଜାଗେଶ୍ୱରପୁର ଗ୍ରାମରେ ପାରିବାରିକ କଳହରୁ ସାନ ବୋହୂ ନିଜ ଶାଶୁ ଶ୍ୱଶୁରଙ୍କୁ ଗାଳିଗୁଲଜ କରିବା ସହ ପନିକିରେ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି। ବୋହୂଙ୍କୁ ଶାଶୁ ଶ୍ୱଶୁର ମଧ ମାଡ଼ମାରିଥିବା ନେଇ ପାଲଟା ଅଭିଯୋଗ ହୋଇଛି। ଏସମ୍ପର୍କରେ ଥାନାରେ ଅଭିଯୋଗ ପରେ ପୋଲିସ ୨୪୨/୨୩ ଓ ୨୪୩/୨୩ରେ ୨ଟି ପୃଥକ ପୃଥକ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

ସୂଚନା ମୁତାବକ, ସାନ ବୋହୂ ଲକ୍ଷ୍ମୀପ୍ରିୟା ବେହେରା କ୍ରୋଧାନ୍ୱିତ ହୋଇ ଶାଶୁ ନୟନ ବେହେରାଙ୍କୁ ଗାଳି ଦେବା ସହ ପନିକିରେ ତାଙ୍କ ମୁଣ୍ଡ, ହାତ, କାନ୍ଧକୁ ହାଣି ଦେଇଛନ୍ତି। ଏଥିରେ ଶାଶୁ ଚିତ୍କାର କରିବାରୁ ତାଙ୍କ ସ୍ୱାମୀ ଭାସ୍କର ବେହେରା ଘଟଣାସ୍ଥଳରେ ପହଞ୍ଚି ବୋହୂକୁ ଅଟକାଇବାରୁ ଲକ୍ଷ୍ମୀପ୍ରିୟା ଶ୍ୱଶୁରଙ୍କ ଡାହାଣ ହାତକୁ ପନିକିରେ ହାଣି ଦେଇଥିଲେ। ଲକ୍ଷ୍ମୀପ୍ରିୟାଙ୍କ ପନିକି ଚୋଟରେ ଉଭୟ ଶାଶୁ ଶ୍ୱଶୁର ଆହତ ହୋଇ ନିମାପଡ଼ା ମେଡିକାଲରେ ଚିକିତ୍ସିତ ହୋଇଛନ୍ତି। ଏପରି କି ଲକ୍ଷ୍ମୀପ୍ରିୟାଙ୍କ ସ୍ୱାମୀ ଦୁର୍ଯ୍ୟୋଧନ ବେହେରା ଘରେ ପହଞ୍ଚି କିଛି ନ ବୁଝି ତାଙ୍କ ମା'-ବାପାଙ୍କୁ ମାଡ଼ ମାରିବା ସହ ଖରାପ ଭାଷାରେ ଗାଳିଗୁଲଜ କରିଥିଲେ। ଏ ସମ୍ପର୍କରେ ଆହତ ନୟନ ନିଜ ପୁଅ ଦୁର୍ଯ୍ୟୋଧନ ଓ ବୋହୂ ଲକ୍ଷ୍ମୀପ୍ରିୟାଙ୍କ ବିରୋଧରେ ଥାନାରେ ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷରେ ଲକ୍ଷ୍ମୀପ୍ରିୟା ନଳକୂପକୁ ପାଣି ଆଣିବାକୁ ଯିବାବେଳେ ଶାଶୁ ଶ୍ୱଶୁର ତାଙ୍କୁ ବିରୋଧ କରିଥିଲେ। ସେ ବିରୋଧ କରିବାରୁ ତାଙ୍କ ସ୍ୱାମୀ ଘରେ ନ ଥିବା ସୁଯୋଗରେ ଲକ୍ଷ୍ମୀପ୍ରିୟାଙ୍କୁ ଏକାକୀ ପାଇ ଶାଶୁ ଶ୍ୱଶୁର ନିଘୁଣ୍ଟ ମାଡ଼ ମାରିବା ସହ ଭ୍ୟାନିଟି ବ୍ୟାଗରୁ ୨ ହଜାର ଟଙ୍କା ନେଇଯାଇଥିବା ପାଲଟା ଅଭିଯୋଗ କରିଛନ୍ତି।

# 'ଶିଶୁଙ୍କ ଭିତରେ ଓଡ଼ିଆ ଭାଷା ପ୍ରୀତି ସୃଷ୍ଟି କରାଯିବା ଉଚିତ'

ପୁରୀ, ୧୬।୭(ଅଜିତ ମହାନ୍ତି)

**'ଶିଶୁ ସମାଚାର' ପକ୍ଷରୁ ଓଡ଼ିଆ ଶୁଦ୍ଧ ଲିଖନ, ବକ୍ତୃତା, ସାଧାରଣ ଜ୍ଞାନ ପ୍ରତିଯୋଗିତା**

'ଶିଶୁ ସମାଚାର'ର ଷୋଡ଼ଶ ସ୍ୱନକ୍ଷତ୍ର ସମାରୋହ ଉପଲକ୍ଷେ ରବିବାର ପୁରୀ ପୋଲିସ ଉଚ୍ଚ ବିଦ୍ୟାଳୟ ପରିସରରେ ବିଦ୍ୟାଳୟସ୍ତରୀୟ ଓଡ଼ିଆ ଶୁଦ୍ଧ ଲିଖନ, ବକ୍ତୃତା ଓ ସାଧାରଣ ଜ୍ଞାନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶିବରାମ ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଅନୁଷ୍ଠାନର ଉପଦେଷ୍ଟା ଚକ୍ରଧର ମହାପାତ୍ର, ଅଭ୍ୟର୍ଥନା କମିଟିର ପୁଷ୍ପିତା ପଟ୍ଟନାୟକ, ପରିଚାଳନା କମିଟି ସଦସ୍ୟ ଶରତ ରାୟଗୁରୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଓଡ଼ିଆ ଭାଷାର ସୁରକ୍ଷା ପାଇଁ ଶିଶୁଙ୍କ ଭିତରେ ଓଡ଼ିଆ ଭାଷା ପ୍ରୀତି ସୃଷ୍ଟି କରିବାରେ ଶିଶୁ ସମାଚାରର ପ୍ରୟାସକୁ ପ୍ରଶଂସା କରିଥିଲେ। ପ୍ରତିଯୋଗିତାରେ ବିଚାରକ ଭାବେ ଶିକ୍ଷାବିତ୍ ଅବନୀଶ ରଥ, ଶିବ ସୁନ୍ଦର ମିଶ୍ର, ସଦାଶିବ ମିଶ୍ର, ସୁବାସ ଚନ୍ଦ୍ର ମିଶ୍ର, ରେଣୁକା ମିଶ୍ର, ବାସନ୍ତୀ ଦେବୀ ଏବଂ ମନୋଜ ଦାସ ପ୍ରମୁଖ ଯୋଗଦେଇଥିଲେ। ଅନ୍ନପୂର୍ଣ୍ଣା ରଥ, ପ୍ରୀତିଶା ମହାପାତ୍ର, ଓମ୍ ମହାନ୍ତି, ବର୍ଷା ବନାନୀ ପଟ୍ଟନାୟକ, ଅଭିଳାଷ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଶିଶୁ ସମାଚାର ସମ୍ପାଦକ ସୁକାନ୍ତ ପଣ୍ଡା କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଏବଂ ପରିଚାଳନା କମିଟି ସଦସ୍ୟ ବିଜୟ ପଣ୍ଡା ଧନ୍ୟବାଦ ଦେଇଥିଲେ। ଶୁଦ୍ଧ ଓଡ଼ିଆ ଲିଖନ ପ୍ରତିଯୋଗିତାରେ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ବିଶ୍ୱରୂପା ମିଶ୍ର ପ୍ରଥମ, ବିଶ୍ୱମ୍ଭର ବିଦ୍ୟାପୀଠର ପାୟଲ ପ୍ରିୟଦର୍ଶିନୀ ଦ୍ୱିତୀୟ, ସୁଖଲତା ସ୍ମୃତି ସରକାରୀ ଉଚ୍ଚ ବିଦ୍ୟାଳୟର ଶୁଭଲକ୍ଷ୍ମୀ ମହାନ୍ତି ତୃତୀୟ ସ୍ଥାନ ଅଧିକାର କରିଥିଲେ। ସେହିପରି ସାଧାରଣଜ୍ଞାନ ପ୍ରତିଯୋଗିତାରେ ଘୋଡ଼ାବଜାର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ସୋମ୍ୟାଶ୍ରୀ ବେହେରା ପ୍ରଥମ, ମଧୁବନ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ଆଶିଷ କୁମାର ତ୍ରିପାଠୀ ଦ୍ୱିତୀୟ ଏବଂ ସତ୍ୟବାଦୀ ଉଚ୍ଚ ବିଦ୍ୟାଳୟର ଲିଙ୍ଗରାଜ ସାମନ୍ତସିଂହାର ଓ ଘୋଡ଼ାବଜାର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଅନନ୍ୟା ଜେନା ତୃତୀୟ ସ୍ଥାନ ହାସଲ କରିଥିଲେ। ବକ୍ତୃତା ପ୍ରତିଯୋଗିତା (ବରିଷ୍ଠ) ବିଭାଗରେ ଘୋଡ଼ାବଜାର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ସୌମ୍ୟାଶ୍ରୀ ବେହେରା ପ୍ରଥମ, ଚନ୍ଦନପୁର ମହନ୍ତ ଗଦାଧର ଉଚ୍ଚ ବିଦ୍ୟାଳୟର ପ୍ରିୟଶ୍ରୀ ସାହୁ ଦ୍ୱିତୀୟ ଏବଂ ପୁରୀ ଜିଲା ସ୍କୁଲର ଶୀତଳ ସ୍ନେହାଶିଷ ଦାଶ ତୃତୀୟ ସ୍ଥାନ ଅଧିକାର କରିଥିଲେ। ସେହିପରି ବକ୍ତୃତା (କନିଷ୍ଠ) ବିଭାଗରେ ସାରସ୍ୱତ ବିଦ୍ୟା ନିକେତନର ସାଇଶ୍ରୀ ତ୍ରିପାଠୀ, ମଦର୍ସ ପବ୍ଲିକ ସ୍କୁଲର ସଦ୍ୟାନ୍ତ ଶତପଥୀ ଏବଂ ଡିଏଭି ପବ୍ଲିକ ସ୍କୁଲର ଅନୁରାଗ ଆଚାର୍ଯ୍ୟ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଏବଂ ତୃତୀୟ ସ୍ଥାନ ହାସଲ କରିଥିଲେ। 'ଶିଶୁ ସମାଚାର'ର ସ୍ୱନକ୍ଷତ୍ର ଉତ୍ସବରେ ସମସ୍ତ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯିବ ବୋଲି ସମ୍ପାଦକ ସୁକାନ୍ତ ପଣ୍ଡା ସୂଚନା ଦେଇଛନ୍ତି।

## ସମୁଦ୍ରରେ ଭାସିଯିବାବେଳେ ପର୍ଯ୍ୟଟକ ଉଦ୍ଧାର

ପୁରୀ, ୧୬।୭(ଅଜିତ ମହାନ୍ତି):

ସମୁଦ୍ରରେ ଭାସିଯାଉଥିବା ଜଣେ ପର୍ଯ୍ୟଟକଙ୍କୁ ରବିବାର ଲାଇଫ ଗାର୍ଡମାନେ ଉଦ୍ଧାର କରିଛନ୍ତି। ସମ୍ପୃକ୍ତ ପର୍ଯ୍ୟଟକ ହେଲେ ଉତ୍ତରପ୍ରଦେଶ ଆଜମଗଡର ଆଶିଷ ଯାଦବ (୨୨)। ସୂଚନା ଅନୁଯାୟୀ, ବେଳାଭୂମିର ୭ନମ୍ବର ସେକ୍ଟର ହୋଟେଲ ସାଗରିକା ସମ୍ମୁଖ ସମୁଦ୍ରରେ ଆଶିଷ ଗାଧୋଉଥିଲେ। ଏହି ସମୟରେ ହଠାତ୍ ବଡ଼ ଲହଡ଼ି ମାଡ଼ରେ ସେ ସମୁଦ୍ର ଭିତରକୁ ଭାସିଯାଇଥିଲେ। ଏହି ସମୟରେ ଅନ୍ୟ ପର୍ଯ୍ୟଟକମାନଙ୍କ ପାଟି ଶୁଣି ସେଠାରେ ମୁତୟନ ଥିବା ଲାଇଫଗାର୍ଡମାନେ ଆଶିଷଙ୍କୁ ସମୁଦ୍ରରୁ ଉଦ୍ଧାର କରିଥିଲେ।

## ଆଖଣ୍ଡଳେଶ୍ୱର ମନ୍ଦିରର ପୁନରୁଦ୍ଧାର ହେବ



ବୈଠକରେ ଯୋଗ ଦେଇଥିବା ଯୁବଗୋଷ୍ଠୀ ଓ ଅନ୍ୟମାନେ ।

ଗୋପ,୧୬।୭(ଭାରତୀ ଭୂଷଣ ଉପାଧ୍ୟାୟ)

ରାଜ୍ୟର ବିଭିନ୍ନ ମଠ, ମନ୍ଦିରର ପୁନରୁଦ୍ଧାର ରାଜ୍ୟ ସରକାର କରୁଥିବାବେଳେ ଏବେ ଗୋପର ପ୍ରସିଦ୍ଧ ଆଖଣ୍ଡଳେଶ୍ୱର ଶୈବପୀଠର ଉନ୍ନତୀକରଣ କିପରି କରାଯିବ ସେନେଇ ରବିବାର ଏକ ବୈଠକ ଗୋପସ୍ଥିତ ପଞ୍ଚାୟତ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଗୋପ ଯୁବ ଶିଳ୍ପପତି ସତ୍ୟ ନାରାୟଣ ସେନାପତି ଅଧକ୍ଷତା କରିଥିଲେ। ବୈଠକରେ ଭେଙ୍କଟ ସତ୍ୟ ନାରାୟଣ ରାଓ, ପ୍ରଭାକର ସେନାପତି, ରମାକାନ୍ତ ସାହୁ, ବିଭୂତି ଭୂଷଣ ପଟ୍ଟନାୟକ, ବିଦ୍ୟାଧର ଦାସଙ୍କ ସହିତ ଆଉ କେତେକ ସ୍ଥାନୀୟ ଅଞ୍ଚଳର ଯୁବଗୋଷ୍ଠୀ ଯୋଗ ଦେଇଥିଲେ। ଅତି ପୁରାତନ ଭାବେ ଏହି ଆଖଣ୍ଡଳେଶ୍ୱର ଶୈବପୀଠ ଗୋପ ଅଞ୍ଚଳର ହୋଇଥିବାରୁ ଏହି ମନ୍ଦିରର କିପରି ପୁନରୁଦ୍ଧାର ସହିତ ଏହାର ଢାଞ୍ଚା ବଦଳିବ ସେ ସମ୍ପର୍କରେ ମତାମତ ନିଆଯାଇଥିଲା। ପ୍ରଥମତଃ ଏପରି ଏକ ପୁରାତନ ମନ୍ଦିରର ଜମି ଚିହ୍ନଟ ପରେ ଏହାର ନବୀକରଣ ସହିତ ଅନ୍ୟାନ୍ୟ କାର୍ଯ୍ୟ କରାଯିବା ପୂର୍ବରୁ ଗୋପ ଅଞ୍ଚଳର ସମସ୍ତ ବର୍ଗର ଲୋକଙ୍କୁ ସାମିଲ କରାଯିବ ବୋଲି ନିଷ୍ପତ୍ତି ନିଆଯାଇ ଖୁବ୍‌ଶୀଘ୍ର ଅନ୍ୟାନ୍ୟ କାର୍ଯ୍ୟକ୍ରମ ଓ ପୁନଃ ବୈଠକ ଅନୁଷ୍ଠିତ ହେବ ବୋଲି ଜଣାପଡ଼ିଛି। ଏହି ମନ୍ଦିରର ପୁନରୁଦ୍ଧାର ପାଇଁ ଆବଶ୍ୟକ ପଡ଼ିଲେ ରାଜ୍ୟ ସରକାରଙ୍କୁ ଅବଗତ କରାଯିବ ବୋଲି ମଧ ବୈଠକରେ ମତପ୍ରକାଶ ପାଇଛି। ବୈଠକରେ ଗୋପ ଅଞ୍ଚଳର ଅନେକ ବ୍ୟକ୍ତି ଉପସ୍ଥିତ ଥିଲେ।

# ଚାରିଛକ ସାମ୍ବାଦିକ ସଂଘ ଗଠିତ

ନିମାପଡ଼ା,୧୬।୭(ବିଚିତ୍ରାନନ୍ଦ ସାହୁ)

ନିମାପଡ଼ା ବ୍ଲକ ଅଧୀନ ଚାରିଛକଠାରେ ଚାରିଛକ ସାମ୍ବାଦିକ ସଂଘ ନାମରେ ଏକ ନୂତନ ମିଡିଆ ଅନୁଷ୍ଠାନ ଗଠିତ ହୋଇଛି। ଏହି ଅବସରରେ ତୁଳସୀପୁର ପଞ୍ଚାୟତ କଲ୍ୟାଣ ମଣ୍ଡପଠାରେ ନୂତନ ସାମ୍ବାଦିକ ସଂଘର ସାଧାରଣ ଅଧିବେଶନ ଅନୁଷ୍ଠିତ ହୋଇଥିଲା। ଅତିଥି ଭାବେ ସାମାଜିକ କର୍ମୀ କୃଷ୍ଣଚନ୍ଦ୍ର ରାଉତ, ଶିକ୍ଷାବିତ୍ ପ୍ରଫେସର ଗୋପୀନାଥ କର, ଡ. ସନ୍ତୋଷ ମିତ୍ର, ଅରୁଣ ସ୍ୱାଇଁ, ବ୍ୟବସାୟୀ ସଂଘ ସଭାପତି ମହେନ୍ଦ୍ର ନାୟକ, ଯୁବନେତା ପୂର୍ଣ୍ଣଚନ୍ଦ୍ର ଓଝା, ମହେନ୍ଦ୍ର ମହାପାତ୍ର, ଆଇନଜୀବୀ ରଜନୀକାନ୍ତ ତ୍ରିପାଠୀ, ବନବିହାରୀ ଦାଶ ପ୍ରମୁଖ ଯୋଗଦେଇ ନୂତନ ସଂଘର ଭବିଷ୍ୟତ ଉଜ୍ଜ୍ୱଳମୟ ହେବା ସହ ସଂଘର ଉନ୍ନତି କାମନା କରିଥିଲେ। ନବଗଠିତ ସାମ୍ବାଦିକ ସଂଘରେ ଥିବା ସମସ୍ତ ଗଣମାଧ୍ୟମ ପ୍ରତିନିଧି ନିର୍ଭୀକ ଭାବେ ନିଷ୍ଠାର ସହ ସତ୍ୟ ଖବର ପ୍ରକାଶ କରି ଚାରିଛକ ଅଞ୍ଚଳର ସମ୍ମାନ ଓ ମର୍ଯ୍ୟାଦା ରଖିବାକୁ ଅତିଥିମାନେ ଆହ୍ୱାନ ଦେଇଥିଲେ। ଏହି ଅବସରରେ ନୂତନ ସଂଘର ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା। ସଭାପତି ଭାବେ ପ୍ରଫୁଲ୍ଲ କର, କାର୍ଯ୍ୟକାରୀ ସଭାପତି ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ଉପସଭାପତି ସନ୍ତୋଷ ଦାଶ, ସମ୍ପାଦକ ବସନ୍ତ ଦାଶ, ସହସମ୍ପାଦକ ବିଜୟ ବେହେରା, କୋଷାଧ୍ୟକ୍ଷ ଭାବେ ସୌମ୍ୟ ରଞ୍ଜନ ତ୍ରିପାଠୀ ପ୍ରମୁଖ ସର୍ବସମ୍ମତିକ୍ରମେ ମନୋନୀତ ହୋଇଥିଲେ। ଏହି ନୂତନ କର୍ମକର୍ତ୍ତାମାନେ ସଂଘକୁ ମଜଭୁତ, ଶକ୍ତିଶାଳୀ, କ୍ରିୟାଶୀଳ କରିବା, ଚାରିଛକ ଅଞ୍ଚଳର ସାମଗ୍ରିକ ବିକାଶ ପାଇଁ ପ୍ରଗାଢ ଉଦ୍ୟମ କରିବେ ବୋଲି ମତପ୍ରକାଶ କରିଛନ୍ତି। ସମାରୋହରେ ବହୁ ଗଣମାଧ୍ୟମ ପ୍ରତିନିଧି ଓ ସ୍ଥାନୀୟ ବିଶିଷ୍ଟ ବ୍ୟକ୍ତି ଯୋଗଦେଇଥିଲେ।



ସାଧାରଣ ଅଧିବେଶନରେ ଅତିଥି ଏବଂ ସଂଘର ସଦସ୍ୟମାନେ ।

# 'ଘରୋଇ ବିଦ୍ୟାଳୟ ପ୍ରତି ସରକାର ଅବହେଳା କରୁଛନ୍ତି'

**ବନ୍ଦକୁ ଆପୋସା ପୁରୀ ଜିଲା କମିଟିର ସମର୍ଥନ**

ପୁରୀ, ୧୬।୭ (ଅଜିତ ମହାନ୍ତି ):




ବୈଠକରେ ଯୋଗ ଦେଇଥିବା ଅଲ୍ ଓଡ଼ିଶା ବେସରକାରୀ ସ୍କୁଲ ସଙ୍ଗଠନ ପୁରୀ ଜିଲା ଶାଖାର କର୍ମକର୍ତ୍ତାମାନେ । (ଫଟୋ- ଯଜ୍ଞେଶ୍ୱର ମହାନ୍ତି)

ଘରୋଇ ବିଦ୍ୟାଳୟଗୁଡ଼ିକ ପ୍ରତି ରାଜ୍ୟ ସରକାରଙ୍କ ବୈମାତୃକ ମନୋଭାବର ବିରୋଧ କରିବା ସମେତ ଘରୋଇ ବିଦ୍ୟାଳୟରେ ପଢୁଥିବା ଛାତ୍ରୀଛାତ୍ରଙ୍କୁ ମଧ୍ୟାହ୍ନ ଭୋଜନ, ନିଃଶୁଳ୍କ ପାଠ୍ୟପୁସ୍ତକ, ପୋଷାକ, ସାଇକେଲ ଯୋଗାଣ ଆଦି ସମସ୍ତ ସୁବିଧା ସୁଯୋଗ ପ୍ରଦାନ ଏବଂ ଭଡ଼ାଘରେ ଚାଲୁଥିବା ବିଦ୍ୟାଳୟକୁ ସ୍ୱୀକୃତି ଦେବା ଆଦି ବିଭିନ୍ନ ଦାବିରେ ଅଲ୍ ଓଡ଼ିଶା ବେସରକାରୀ ସ୍କୁଲ ସଙ୍ଗଠନ (ଆପୋସା) ପକ୍ଷରୁ ଆସନ୍ତା ୨୧ ତାରିଖରେ ସମସ୍ତ ଘରୋଇ ବିଦ୍ୟାଳୟ ବନ୍ଦ ଡାକରା ଦିଆଯାଇଛି। ଏହାକୁ ପୁରୀ ଜିଲା କମିଟି ପକ୍ଷରୁ ସମର୍ଥନ କରାଯିବା ସହ ଭୁବନେଶ୍ୱରରେ ହେବାକୁ ଥିବା ରାଜ୍ୟସ୍ତରୀୟ ବିକ୍ଷୋଭ ସମାବେଶରେ ସାମିଲ ହେବା ନିମନ୍ତେ ନିଷ୍ପତ୍ତି ନିଆଯାଇଛି। ଏନେଇ ଶନିବାର ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚଠାରେ ଆପୋସା ପୁରୀ ଜିଲା କମିଟିର ସାଧାରଣ ପରିଷଦ ବୈଠକ ଜିଲା ସଭାପତି ପ୍ରଦ୍ୟୁମ୍ନ କୁମାର ମିଶ୍ରଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ରାଜ୍ୟ କମିଟି ଅଧକ୍ଷ ସତ୍ୟ ମିଶ୍ର ଯୋଗଦେଇଥିବାବେଳେ ପୁରୀ ଜିଲା କମିଟି କର୍ମକର୍ତ୍ତା ମହେନ୍ଦ୍ର ବିଶୋଇ, ବିମଳ ଦାଶ, ବିଜୟ କୁମାର ମହାନ୍ତି ପ୍ରମୁଖ ମଞ୍ଚାସୀନ ଥିଲେ। ନିମାପଡ଼ା, ଗୋପ, ପିପିଲି, ସତ୍ୟବାଦୀ, ଡେଲାଙ୍ଗ, କଣାସ, ବ୍ରହ୍ମଗିରି, ପୁରୀ ସଦର ଏବଂ ସହରାଞ୍ଚଳର ଶତାଧିକ ଶିକ୍ଷକ ପ୍ରତିନିଧି ଉପସ୍ଥିତ ଥିଲେ। ବୈଠକରେ ଶିକ୍ଷକ ମନୋରଞ୍ଜନ ତ୍ରିପାଠୀ, ଲକ୍ଷ୍ମୀଧର ମାଝୀ, ବିଜୟ ମିଶ୍ର, ଯୋଗେନ୍ଦ୍ର ମହାପାତ୍ର, ହରିହର ନାୟକ, ବିଶ୍ୱଜିତ୍ ରାୟ, ରାଜେଶ କୁମାର ଜେନା, ମଧୁସ୍ମିତା ନାଥଶର୍ମା, ଚୌଧୁରୀ ପ୍ରତାପ କୁମାର ସାହୁ, ପରିକ୍ଷିତ ଦାସ, ବିଶ୍ୱଭୂଷଣ ବିଶ୍ୱାଳ, ହରେରାମ କୃଷ୍ଣ ଜେନା, ପ୍ରଦୀପ କୁମାର ଶତପଥୀ, କାଳନ୍ଦୀ ଚରଣ ପଲେଇ, ରାଜଲକ୍ଷ୍ମୀ ପ୍ରଧାନ, ଭରତ ଭୂଷଣ ଦାସ ପ୍ରମୁଖ ଉଦବୋଧନ ଦେଇ ବେସରକାରୀସ୍ତରରେ ଗଢ଼ିଉଠିଥିବା ବିଦ୍ୟାଳୟଗୁଡ଼ିକୁ ସରକାର ଜାଣିଶୁଣି ଅବହେଳା ପ୍ରଦର୍ଶନ ସହ ସାବତ ପୁଅ ଭଳି ବ୍ୟବହାର କରୁଥିବା ଅଭିଯୋଗ କରିଥିଲେ। ସଂଘର ଏକତା ବୃଦ୍ଧି ଉପରେ ବକ୍ତାମାନେ ଗୁରୁତ୍ୱାରୋପ କରିଥିଲେ। ଆସନ୍ତା ୨୧ ତାରିଖରେ ସମସ୍ତ ଘରୋଇ ବିଦ୍ୟାଳୟ ବନ୍ଦ ରଖି ଭୁବନେଶ୍ୱର ବିକ୍ଷୋଭ ସମାବେଶରେ ସାମିଲ ହେବାକୁ ପ୍ରସ୍ତାବ ଗୃହୀତ ହୋଇଥିଲା। ଶେଷରେ ରବି ନାରାୟଣ ପାତ୍ର ଧନ୍ୟବାଦ ଦେଇଥିଲେ।

**ଗୁହାଳରୁ ୧୮ ଛେଳି ଚୋରି**

ନିଆଳି,(ସୁକାନ୍ତ ସିଂ): ନିଆଳି ଥାନା ଅଧୀନ ପତ୍ରକଣା ନଦୀକୂଳ ସାହି ଗ୍ରାମର ଗୋପିନା ସାହୁଙ୍କ ଗୁହାଳରୁ ୧୮ଟି ଛେଳି ଚୋରି ହୋଇଥିବା ରବିବାର କସର୍ଦ୍ଦା ଫାଣ୍ଡିରେ ଅଭିଯୋଗ ହୋଇଛି। ଫଳରେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଗୋପିନା ଛେଳି ପାଳନ କରି ପରିବାର ପ୍ରତିପୋଷଣ କରନ୍ତି। ଶନିବାର ରାତିରେ ତାଙ୍କ ଗୁହାଳ କବାଟର ତାଲା ଭାଙ୍ଗି କେହି ଦୁର୍ବୃତ୍ତ ଛେଳି ଚୋରିକରି ନେଇଯାଇଛନ୍ତି।

## ସଂକ୍ଷେପରେ

### ଗୋଟିଏ ବାଛୁରି, ୪ ମେଣ୍ଢା ମୃତ

**ନିଆଳିରେ ଅଜଣା ଜନ୍ତୁ ଆତଙ୍କ**

ନିଆଳି, ୧୬।୭(ସୁକାନ୍ତ ସିଂ): ନିଆଳି ଅଞ୍ଚଳରେ ପୁଣିଥରେ ଅଜଣା ଜନ୍ତୁ ଆତଙ୍କ ଦେଖିବାକୁ ମିଳିଛି। ଏହାକୁ ନେଇ ମେଣ୍ଢା ପାଳନ କରି ପରିବାର ପ୍ରତିପୋଷଣ କରୁଥିବା ଲୋକମାନେ ଭୟଭୀତ ହୋଇପଡିଛନ୍ତି। ଅଲଣା ପଞ୍ଚାୟତ ଅଧୀନ ଓଲାଂଶ ଗ୍ରାମର ନିକୁଞ୍ଜ ସାହୁଙ୍କ ଗୁହାଳରେ ଶନିବାର ରାତିରେ ଅଜଣା ଜନ୍ତୁ ପଶି ଏକ ବାଛୁରିକୁ ମାରି ଦେଇଛି। ସେହିପରି ନିଆଳି ତହସିଲ ନିକଟ ପୂର୍ବଖଣ୍ଡ ଗ୍ରାମର ନିରଞ୍ଜନ ସେଠୀଙ୍କ ଗୁହାଳରେ ପଶି ୪ଟି ମେଣ୍ଢାକୁ ମାରି କଲିଜା ନେଇଯାଇଥିବା ଜଣାପଡିଛି। ତୁରନ୍ତ ଏ ଦିଗରେ ପ୍ରଶାସନ ଦୃଷ୍ଟି ଦେବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି। ସୂଚନାଯୋଗ୍ୟ, ୨ ବର୍ଷ ତଳେ ନିଆଳି ଅଞ୍ଚଳରେ ଅଜଣା ଜନ୍ତୁ ଆକ୍ରମଣରେ ଶତାଧିକ ମେଣ୍ଢାଙ୍କ ମୃତ୍ୟୁ ଘଟିଥିଲା।

### ସଫେଇ କାର୍ଯ୍ୟକ୍ରମ

ଫୁଲନଖରା,୧୬।୭(ସତ୍ୟରଞ୍ଜନ ଦାସମହାପାତ୍ର): କଟକ ମହାନଗର ନିଗମ(ସିଏମ୍‌ସି) ଅନ୍ତର୍ଗତ ବର୍ଣ୍ଣକୁଦ ସହରାଞ୍ଚଳ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ କଟକ ଜିଲା ଯାଦବ ମହାସଭା ପକ୍ଷରୁ ରବିବାର ଚାରାରୋପଣ ଓ ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ୫୮ନଂ. ୱାର୍ଡ କର୍ପୋରେଟର ଜନାର୍ଦ୍ଦନ ପରିଡାଙ୍କ ନେତୃତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସର୍ବଭାରତୀୟ ଯୁବ ଯାଦବ ମହାସଭା ସଭାପତି ପ୍ରଦୀପ କୁମାର ବେହେରା ଓ ଅନ୍ୟ ଅତିଥି ଭାବେ ଭାଜପା ଜିଲା ଉପସଭାପତି ସ୍ୱାଧୀନଚେତା ମହାନ୍ତି, ୫୯ନଂ. ୱାର୍ଡ କର୍ପୋରେଟର ମମତା ମହାନ୍ତି, ପ୍ରତାପନଗରୀ ଗ୍ରାମ୍ୟ କମିଟି ସମ୍ପାଦକ ପ୍ରମୋଦ କୁମାର ବେହେରା, ପ୍ରଭାସ ଦାସ, ବିଚିତ୍ରାନନ୍ଦ ଦଳାଇ, ଶିବରାମ ବେହେରା, ପାର୍ଥସାରଥି ସାହୁ, ପ୍ରମୋଦ କୁମାର ବେଉରା, ଶିବରାମ ରାଉତ, ଶୁଭ୍ରାଂଶୁ ଶେଖର ବେହେରା, ସୁହାନା ବେଗମଙ୍କ ସହ ରାହୁଲ ଜୀ ସେବା ଟ୍ରଷ୍ଟର ସଦସ୍ୟମାନେ ଯୋଗଦେଇ ବିଭିନ୍ନ ଫଳ, ଔଷଧୀୟ ଚାରା ରୋପଣ କରିଥିଲେ।

### ଆଦିବାସୀ ଫାଉଣ୍ଡେଶନ୍ ପକ୍ଷରୁ ଚାରା ରୋପଣ

ଚୌଦ୍ୱାର,୧୬।୭(ଆଶୁତୋଷ ଦାସ): ଓଡ଼ିଶା ଆଦିବାସୀ ଫାଉଣ୍ଡେଶନ ଓ ଦିଶୁମ୍ 'ହୋ' ସମାଜର ମିଳିତ ଆୟୋଜନରେ ଆମ୍ବିଳିଝରୀ ଗ୍ରାମରେ ରବିବାର ଚାରା ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଫାଉଣ୍ଡେଶନ୍‌ର ସହସମ୍ପାଦକ କୃଷ୍ଣଚନ୍ଦ୍ର ସାଣ୍ଡିଲଙ୍କ ନେତୃତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମଙ୍ଗରାଜପୁର ବନପାଳ ସଞ୍ଜୀବ କୁମାର ବୈପାଲ ଓ ଜିଲା ପରିଷଦ ସଦସ୍ୟ ବିଶ୍ୱଜିତ୍ ପ୍ରଧାନ ଅତିଥି ଭାବେ ଯୋଗଦେଇ ପରିବେଶ ସୁରକ୍ଷା ଓ ବନୀକରଣ ସମ୍ପର୍କରେ ଉପସ୍ଥିତ ଜନତାଙ୍କୁ ବୁଝାଇଥିଲେ। ଏହି ଅବସରରେ ଶତାଧିକ ଚାରା ରୋପଣ କରାଯାଇଥିଲା। ବୀରବର ପ୍ରଧାନ, ଦମୟନ୍ତୀ ପ୍ରଧାନ, ଶଶି ପୂର୍ତ୍ତି, ଲାଣ୍ଡୁ ବଦରା, ଦେବ କୁର୍ଲୀ, ଛବୀନ୍ଦ୍ର ନାଏକ, ବୈଜୟନ୍ତୀ ଦେହୁରୀ, ବୀରବର ମୁଣ୍ଡା, ଧୀରେନ ଜେନାଙ୍କ ସହ ଅନ୍ୟମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ବର୍ଷାଜଳ ନିଷ୍କାସନ ବ୍ୟବସ୍ଥା ତଦାରଖ କଲେ ପୌରାଧ୍ୟକ୍ଷା

ଚୌଦ୍ୱାର,୧୬।୭(ଆଶୁତୋଷ ଦାସ)- ଲଘୁଚାପଜନିତ ଲଗାଣ ବର୍ଷାରେ ଚୌଦ୍ୱାର ପୌରପାଳିକା ଅଧୀନ ୧୭ନଂ. ୱାର୍ଡର ବିଭିନ୍ନ ଅଞ୍ଚଳ ଜଳମଗ୍ନ ହୋଇଛି। ରାସ୍ତାରେ ପାଣି ଜମିବା ଫଳରେ ଯାତାୟାତରେ ସମସ୍ୟା ହୋଇଛି। ଏହି ୱାର୍ଡର ଧୂମାବତୀ ନଗର, କଳିଙ୍ଗ ନଗର, ସାଇ ବିହାର ଅଞ୍ଚଳର ଅନେକ ଲୋକଙ୍କ ଘରେ ବର୍ଷାଜଳ ପ୍ରବେଶ କରିଛି। ସ୍ଥାନୀୟ ଲୋକେ ଏନେଇ ବିଧାୟକ ସୌଭିକ୍ ବିଶ୍ୱାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ବିଧାୟକଙ୍କ ପରାମର୍ଶକ୍ରମରେ ପୌରାଧ୍ୟକ୍ଷା ମାନସୀ ସ୍ୱର୍ଣ୍ଣପ୍ରଭା ସାମଲ ରବିବାର ପ୍ରଭାବିତ ଅଞ୍ଚଳକୁ ଯାଇ ସ୍ଥିତି ଅନୁଧ୍ୟାନ କରିବା ସହିତ ଜେସିବି ସାହାଯ୍ୟରେ ରାସ୍ତା ସଫେଇ ସହିତ ବର୍ଷାଜଳ ନିଷ୍କାସନ ବ୍ୟବସ୍ଥା କରାଇଥିଲେ। ସେହିପରି ଆବଶ୍ୟକ ସ୍ଥାନରେ ହ୍ୟୁମ୍ ପାଇପ ସହାୟତାରେ ଜଳ ନିଷ୍କାସନ ବ୍ୟବସ୍ଥା କରାଯାଇଛି। ପୌର ନିର୍ବାହୀ ଅଧିକାରୀ ସଞ୍ଜୀବ କୁମାର ମହାପାତ୍ର, କାଉନସିଲର ଆଶୁତୋଷ ଦାସ, ୱାର୍ଡ ଅଧିକାରୀ ରଶ୍ମିରଞ୍ଜନ ଦାସ, ପୌର କନିଷ୍ଠଯନ୍ତ୍ରୀ ସଞ୍ଜୟ କୁମାର ସାମଲ ପ୍ରମୁଖ ଏଥିରେ ସହଯୋଗ କରିଥିଲେ।

# ସମ୍ପର୍କୀୟଙ୍କ ଘରକୁ ବୁଲି ଆସି ଜୀବନ ଗଲା

କଟକ,୧୬।୭ (କାର୍ତ୍ତିକ ସାହୁ)



ମୁକୁଳା ଅବସ୍ଥାରେ ଥିବା ଡ୍ରେନ।



ମୃତକ ରାହୁଲ ଖଟିକ।

କଟକ ମହାନଗର ନିଗମ(ସିଏମ୍‌ସି) ୨୬ନଂ. ୱାର୍ଡ ଅନ୍ତର୍ଗତ ଖୋଲାସାହି ନିକଟ ମୁକୁଳା ଡ୍ରେନ୍‌ରେ ପଡ଼ି ଜଣେ ଯୁବକଙ୍କ ଜୀବନ ଯାଇଛି। ସେ ହେଲେ ରାଜସ୍ଥାନର ବାସିନ୍ଦା ରାହୁଲ ଖଟିକ୍(୨୧)। କଟକ ସହରକୁ ଖୁସିରେ ବୁଲିବାକୁ ଆସିଥିବାବେଳେ ଶନିବାର ଅପରାହ୍ନରେ ଏଭଳି ଅଘଟଣ ଘଟିଛି। ଏସ୍‌ସିବି ମେଡିକାଲରେ ମୃତଦେହ ବ୍ୟବଚ୍ଛେଦ ପରେ ତାଙ୍କ ବାପା ଜିତେନ୍ଦ୍ର ଖଟିକ୍‌ଙ୍କୁ ହସ୍ତାନ୍ତର କରାଯାଇଥିଲା। ରବିବାର ଖାନ୍‌ନଗର ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି।

ଜିତେନ୍ଦ୍ରଙ୍କ କହିବାନୁଯାୟୀ, ସେ ପୁରୀ ମାଉସୀ ମା' ମନ୍ଦିର ନିକଟରେ ଚା'ଦୋକାନ କରି ପରିବାର ପ୍ରତିପୋଷଣ କରନ୍ତି। ତାଙ୍କର ୩ ପୁଅ ଓ ୨ ଝିଅ ଅଛନ୍ତି। ରାହୁଲ ପୁଅଙ୍କ ମଧ୍ୟରେ ସାନ। କଟକରେ ତାଙ୍କର ସମ୍ପର୍କୀୟମାନେ ରହୁଥିବାରୁ ରାହୁଲ ଗତ ସୋମବାର ଏଠାକୁ ବୁଲିବାକୁ ଆସିଥିଲେ। ଖୋଲାସାହି ଅଞ୍ଚଳରେ ରହିଥିଲେ। ଶନିବାର ଅପରାହ୍ନରେ ପ୍ରବଳ ବର୍ଷା ହେଉଥିବା ସମୟରେ ସେ ମୁକୁଳା ଡ୍ରେନ୍ ପାର୍ଶ୍ୱରେ ଯାଉଥିଲେ। କୌଣସି କାରଣରୁ ହଠାତ୍ ଡ୍ରେନ୍ ଭିତରକୁ ଖସି ପଡ଼ିଥିଲେ। ବର୍ଷା ହେଉଥିବାରୁ ସ୍ଥାନୀୟ ଲୋକେ ଏ ବାବଦରେ କିଛି ଜାଣିପାରି ନ ଥିଲେ। ବର୍ଷା କମିବା ପରେ ଡ୍ରେନ୍ ପାଣି ଭିତରେ ରାହୁଲଙ୍କ ହାତ ଦେଖାଯିବାରୁ ଲୋକମାନେ ତାଙ୍କୁ ଉଦ୍ଧାର କରିଥିଲେ। ଚିକିତ୍ସା ଲାଗି ତାଙ୍କୁ ପ୍ରଥମେ ନିକଟସ୍ଥ ଏକ ଘରୋଇ ହସ୍ପିଟାଲ ପରେ ଏସ୍‌ସିବି ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଉକ୍ତ ଅଞ୍ଚଳରେ ଲୋକଙ୍କ ଯାତାୟାତ ବହୁ ଭାବେ ହେଉଥିବାବେଳେ ଡ୍ରେନ୍‌ର କୌଣସି ଗାର୍ଡୱାଲ ନ ଥିବାରୁ ଏଭଳି ଅଘଟଣ ଘଟିଥିବା ସ୍ଥାନୀୟ ଲୋକେ କହିଛନ୍ତି। ସିଏମ୍‌ସି ମେୟର ସୁବାସ ସିଂ ମୃତକଙ୍କ ପରିବାରକୁ ଭେଟି ସମବେଦନା ଜଣାଇଛନ୍ତି। ରାଜ୍ୟ ସରକାରଙ୍କ ପକ୍ଷରୁ ୪ ଲକ୍ଷ ଟଙ୍କାର ଅନୁକମ୍ପାମୂଳକ ସହାୟତା ପ୍ରଦାନ ନିମନ୍ତେ ପଦକ୍ଷେପ ନେବେ ବୋଲି ମେୟର କହିଛନ୍ତି। ମୁକୁଳା ଡ୍ରେନ୍‌ଗୁଡ଼ିକୁ ଘୋଡ଼ାଇବା ନିମନ୍ତେ ସରକାରଙ୍କ ପକ୍ଷରୁ ପର୍ଯ୍ୟାୟକ୍ରମେ ଯୋଜନା କରାଯାଉଛି। ଆଗାମୀ ଦିନରେ ଏଭଳି ଅଘଟଣ ନ ଘଟିବା ପାଇଁ ପଦକ୍ଷେପ ନିଆଯିବ ବୋଲି ମେୟର ସୂଚନା ଦେଇଛନ୍ତି। ଅପରପକ୍ଷରେ ପୁରୀ ଘାଟ ଥାନାରେ ଏନେଇ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଥିବା ଆଇଆଇସି ଯତୀନ୍ଦ୍ର ନାଥ ସେଠୀ କହିଛନ୍ତି।

ଉଲ୍ଲେଖଯୋଗ୍ୟ, ବିଭିନ୍ନ ସମୟରେ ମୁକୁଳା ଡ୍ରେନ୍‌ରେ ସାଧାରଣ ଲୋକଙ୍କ ଜୀବନ ଯାଉଛି। ଗତ ଜାନୁୟାରୀରେ ମୁକୁଳା ଡ୍ରେନ୍‌ରେ ପଡି ଜଣେ ୯ ବର୍ଷର ଛାତ୍ରଙ୍କ ମୃତ୍ୟୁ ଘଟିଥିଲା। ସେହିପରି ଗତ ମେ' ୩୦ ତାରିଖରେ କେଶରପୁର-ଗହ୍ମାଡିଆ ଅଞ୍ଚଳରେ ବକ୍ସଡ୍ରେନ କାମ ଚାଲୁଥିବାବେଳେ ପାଇପ୍ ତଳେ ଚାପି ହୋଇ ଜଣେ ନାବାଳିକାଙ୍କ ମୃତ୍ୟୁ ଘଟିଥିଲା। ଚଳିତ ବର୍ଷାଋତୁ ଆରମ୍ଭରୁ ଏଭଳି ଅଘଟଣକୁ ନେଇ ସହରବାସୀ ଅତ୍ୟନ୍ତ ଭୟଭୀତ ହୋଇପଡ଼ିଛନ୍ତି। ତୁରନ୍ତ ପ୍ରଶାସନ ଏ ଦିଗରେ ଗମ୍ଭୀରତାର ସହ ଦୃଷ୍ଟି ଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

**ମୁକୁଳା ଡ୍ରେନ୍‌ରେ ଯୁବକଙ୍କ ମୃତ୍ୟୁ ଘଟଣା**

- ମୃତକଙ୍କ ପରିବାରକୁ ଭେଟିଲେ ମେୟର
- ଅଘଟଣ ରୋକିବା ପାଇଁ ପଦକ୍ଷେପ ନିଆଯିବ

# ଅଗ୍ନିକାଣ୍ଡରେ ମାଆ, ପୁଅ ଗୁରୁତର

ଖୁଣ୍ଟୁଣୀ,୧୬।୭(ସଚ୍ଚିଦାନନ୍ଦ ପଣ୍ଡା)



ଖୁଣ୍ଟୁଣୀ ଷ୍ଟେଶନ ରୋଡ଼ଠାରେ ଥିବା ସ୍ୱର୍ଗତ କୈଳାସ ବେହେରାଙ୍କ କୋଠାଘରେ ଶନିବାର ବିଳମ୍ବିତ ରାତିରେ ବିଦ୍ୟୁତ୍ ଶର୍ଟସର୍କିଟ୍‌ରୁ ଅଗ୍ନିକାଣ୍ଡ ଘଟିଛି। ଏଥିରେ ତାଙ୍କ ସ୍ତ୍ରୀ ଓ ପୁଅ ଗୁରୁତର ହୋଇଛନ୍ତି। ଚିକିତ୍ସା ପାଇଁ ସେମାନଙ୍କୁ ପ୍ରଥମେ ଆଠଗଡ଼ ଡାକ୍ତରଖାନା ପରେ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ଅଗ୍ନିକାଣ୍ଡରେ ଘର ଭିତରେ ଥିବା ଦୁଇଟି ଏସି, ୩ଟି ବାଇକ ଓ ଇଲେକ୍ଟ୍ରୋନିକ୍ସ ସ୍କୁଟି ସମେତ ପ୍ରାୟ ୧୦ ଲକ୍ଷ ଟଙ୍କା ସମ୍ପତ୍ତି ନଷ୍ଟ ହୋଇଛି। ଖବରପାଇ ଅଗ୍ନିଶମ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଖବର ନେବାରେ ଜଣାପଡିଛି, ସୌଭାଗ୍ୟ ଓ ତାଙ୍କ ମାଆ ଖାଇସାରି ରାତି ୧୧ଟାରେ ଶୋଇଥିଲେ। ରାତି ପ୍ରାୟ ୧ଟାରେ ଘରେ ନିଆଁ ଲାଗିଥିବା ଦେଖି ସେମାନେ ଚିତ୍କାର କରିଥିଲେ। ସେମାନଙ୍କ ପାଟିଶୁଣି ସ୍ଥାନୀୟ ଲୋକେ ସେଠାରେ ପହଞ୍ଚିଥିଲେ। ଖବରପାଇ ଖୁଣ୍ଟୁଣୀ ଥାନାଧିକାରୀ ଭବାନୀ ଶଙ୍କର ଖୁଣ୍ଟିଆ ଓ ଏସ୍‌ଆଇ ପାନାମଣି ସରେନ ଘଟଣାସ୍ଥଳରେ ପହଞ୍ଚିଥିଲେ। ସ୍ଥାନୀୟ ଲୋକେ ତୁରନ୍ତ ଉକ୍ତ ଘରର ଝରକା ତାଡି ଉଭୟ ମାଆ ଓ ପୁଅଙ୍କୁ ଉଦ୍ଧାର କରିଥିଲେ। ଖବରପାଇ ପ୍ରଥମେ ଆରତୀ ଷ୍ଟିଲ କାରଖାନାର ଦମକଳ ପହଞ୍ଚି ନିଆଁ ଲିଭା କାର୍ଯ୍ୟରେ ନିୟୋଜିତ ହୋଇଥିଲା। ପରେ ଆଠଗଡ ଅଗ୍ନିଶମ କେନ୍ଦ୍ରର କର୍ମଚାରୀ ପହଞ୍ଚି ରାତି ପ୍ରାୟ ସାଢେ ୩ଟା ସୁଦ୍ଧା ନିଆଁକୁ ଆୟତ୍ତ କରିଥିଲେ।

# ମିଶନଶକ୍ତି ବିଭାଗକୁ ହସ୍ତାନ୍ତର ହେବ ୨୦ ସ୍କୁଲଗୃହ

କଟକ ସଦର,୧୬।୭ (ସୁଶାନ୍ତ କୁମାର ଜେନା)

କଟକ ସଦର ବ୍ଲକ ଅଞ୍ଚଳରେ ଦୀର୍ଘଦିନ ହେବ ବନ୍ଦ ହୋଇଯାଇଥିବା ପ୍ରାଥମିକ ସ୍କୁଲଗୃହକୁ ମିଶନଶକ୍ତି ବିଭାଗକୁ ହସ୍ତାନ୍ତର କରିବା ପ୍ରକ୍ରିୟା ଆରମ୍ଭ ହୋଇଛି। କଟକ ସଦର ବିଡିଓ ରାଜୀବ ଲୋଚନ ପରିଡ଼ାଙ୍କ ନେତୃତ୍ୱରେ ଏକ ଟିମ୍ ପ୍ରହରାଜପୁର, କନ୍ଦରପୁର, ପରମହଂସ ଓ ଯଶପଡ଼ା ପଞ୍ଚାୟତ ପରିଦର୍ଶନ କରି ସ୍କୁଲଗୃହର ଭିତ୍ତିଭୂମି ଦେଖିଥିଲେ। ୨୦ଟି ସ୍କୁଲଗୃହକୁ ସ୍ୱୟଂ ସହାୟିକା ଗୋଷ୍ଠୀର ସଦସ୍ୟାମାନଙ୍କୁ ହସ୍ତାନ୍ତର କରାଯିବ। ସେଠାରେ ମହିଳାମାନେ ଆତ୍ମନିର୍ଭରଶୀଳ ହେବା ପାଇଁ ବିଭିନ୍ନ ପ୍ରକାରର ତାଲିମ ନେବେ। ଏହାଛଡା ଗୃହର ରକ୍ଷଣାବେକ୍ଷଣ ମଧ୍ୟ ହୋଇପାରିବ। ମାତ୍ର ଅଧିକାଂଶ ସ୍କୁଲଗୁଡ଼ିକ ବ୍ୟକ୍ତିଗତ କିମ୍ବା ଦେବୋତ୍ତର ଜାଗାରେ ଥିବାରୁ ଗ୍ରାମବାସୀ ଏହାକୁ ଅନ୍ୟ କୌଣସି ବିଭାଗକୁ ହସ୍ତାନ୍ତର ନ କରିବା ପାଇଁ ବ୍ଲକ ପ୍ରଶାସନ ଉପରେ ଚାପ ପକାଉଛନ୍ତି। କେତେକ ସ୍ଥାନରେ ସ୍କୁଲଗୃହକୁ ଘରୋଇ କାର୍ଯ୍ୟରେ ବ୍ୟବହାର କରାଯାଉଥିବା ବ୍ଲକ ପ୍ରଶାସନର ଦୃଷ୍ଟିକୁ ଆସିଛି। ବିଡିଓ ପରିଡ଼ା ଏ ସମ୍ପର୍କରେ ଜିଲାପାଳଙ୍କୁ ଅବଗତ କରିଥିବା ଜଣାପଡିଛି। ୨୦୧୭ ପରେ ଯେଉଁ ସ୍କୁଲରେ ପିଲା ସଂଖ୍ୟା ୨୦ରୁ କମ୍ ଥିଲା ତାହାକୁ ବନ୍ଦ କରି ଦିଆଯାଇଥିଲା। ଏବେ ସରକାର ଉକ୍ତ ସ୍କୁଲଗୃହର ସଦୁପଯୋଗ ପାଇଁ ପ୍ରକ୍ରିୟା ଆରମ୍ଭ କରିଛନ୍ତି।



କଟକ କଳାବିକାଶ କେନ୍ଦ୍ର ପ୍ରେକ୍ଷାଳୟଠାରେ ରବିବାର ଅନୁଷ୍ଠିତ ନବଗୁଞ୍ଜନ କାର୍ଯ୍ୟକ୍ରମରେ ପରିବେଷିତ ଓଡ଼ିଶୀନୃତ୍ୟ।

# ମନମୋହିଲା ଓଡ଼ିଶୀ ନୃତ୍ୟ

**ନବଗୁଞ୍ଜନ କାର୍ଯ୍ୟକ୍ରମ**

କଟକ,୧୬।୭ (କାର୍ତ୍ତିକ ସାହୁ)

ଯୁବ ଓଡ଼ିଶୀ ପ୍ରତିଭାମାନଙ୍କୁ ନିଜ ନୃତ୍ୟର ପାରଦର୍ଶିତା ଉପସ୍ଥାପନ କରିବାର ସୁଯୋଗ ପ୍ରଦାନ ନିମନ୍ତେ କଟକ କଳାବିକାଶ କେନ୍ଦ୍ର ପ୍ରେକ୍ଷାଳୟଠାରେ ରବିବାର ସନ୍ଧ୍ୟାରେ ନବଗୁଞ୍ଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅନ୍ତର୍ଜାତୀୟ ଖ୍ୟାତିସମ୍ପନ୍ନ ନୃତ୍ୟାନୁଷ୍ଠାନ ଗୁଞ୍ଜନ ଡ୍ୟାନ୍ସ ଏକାଡେମୀ ପକ୍ଷରୁ ଗୁରୁ ମୀରା ଦାସଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ବହୁ ନୃତ୍ୟଶିଳ୍ପୀ ନିଜର ପାରଦର୍ଶିତା ପ୍ରଦର୍ଶନ କରିଥିଲେ। ଭୁବନେଶ୍ୱରର ନୃତ୍ୟାୟନ ଅନୁଷ୍ଠାନ ପକ୍ଷରୁ ମୋନାଜ ପ୍ରଧାନ ଓଡ଼ିଶୀ ନୃତ୍ୟ ପରିବେଷଣ କରିଥିଲେ। ସେହିପରି ମୁମ୍ବାଇରୁ ଆସିଥିବା ଗୁରୁ ଝେଲମ୍ ପାରାଞ୍ଜାପେଙ୍କ ଶିଷ୍ୟ ଗୌତମୀ ସି. ଦେଶପାଣ୍ଡେଙ୍କ ଏକକ ନୃତ୍ୟ ଦର୍ଶକଙ୍କୁ ଭରପୂର ମନୋରଞ୍ଜନ ଯୋଗାଇଥିଲା।। ଏଥିସହ ଗୁଞ୍ଜନର ଦୁଇ ନୃତ୍ୟଶିଳ୍ପୀ ଶୀତଲ ସ୍ମୃତି ଓ ଶୁଭଶ୍ରୀ ବେହେରାଙ୍କ ଦ୍ୱୈତ ନୃତ୍ୟ ସଜନୀ ଚାହାଁ ବାରେ ନୟନ ଫେରି ସଙ୍ଗୀତର ଝଙ୍କାରରେ ଝଙ୍କୃତ ହୋଇଥିଲା। ଏହା ଦର୍ଶକଙ୍କ ମନ ମୋହିଥିଲା। ବିଶ୍ୱଜିତ୍ ମହାପାତ୍ର ଓ ସୃଜନର ଐଶ୍ୱରିଆ ସିଂଦେବଙ୍କ ଏକକ ଓଡ଼ିଶୀ ନୃତ୍ୟ ନବ ଗୁଞ୍ଜନର ପରିବେଶକୁ ମାଧୁରିମାରେ ଭରିଥିଲା। ଅନ୍ତିମ ପର୍ଯ୍ୟାୟରେ ନୃତ୍ୟଗୁରୁ ମୀରା ଦାସଙ୍କ ନିର୍ଦ୍ଦେଶନାରେ ଯୁବ କଳାକାରମାନେ ଦଳଗତ ନୃତ୍ୟ ପରିବେଷଣ କରିଥିଲେ।

### ବାଲି ଚୋରାଚାଲାଣ: ୨ ହାଇୱା, ଗୋଟିଏ ଜେସିବି ଜବତ

ଫୁଲନଖରା, ୧୬।୭(ସତ୍ୟରଞ୍ଜନ ଦାସମହାପାତ୍ର)

କଟକ ସଦର ଥାନା ଅନ୍ତର୍ଗତ କାଚରାମାଳ ମୌଜାସ୍ଥିତ କୁଆଖାଇ ନଦୀପଠାରୁ ରବିବାର ସକାଳେ ବାଲି ଚୋରା ଚାଲାଣବେଳେ ଦୁଇଟି ହାଇୱା ଓ ଗୋଟିଏ ଜେସିବିକୁ ପୋଲିସ ଜବତ କରିଛି। କିଛିଦିନ ହେବ ବିଳମ୍ବିତ ରାତିରେ ଏହି ନଦୀପଠାରୁ ବାଲି ଚୋରାଚାଲାଣ ହେଉଛି। ଖବରପାଇ ପୋଲିସ ସେଠାରେ ଚଢ଼ାଉ କରି ୨ଟି ହାଇୱା ସହ ବାଲି ଉତ୍ତୋଳନରେ ନିୟୋଜିତ ଥିବା ଜେସିବିକୁ ଜବତ କରିଥିଲା। ଚଢ଼ାଉ ସମୟରେ ଗାଡ଼ି ଚାଳକମାନେ ଫେରାର ହୋଇଯାଇଛନ୍ତି। ଏନେଇ ପୋଲିସ ଏକ ମାମଲା (ନଂ ୪୦୪/୨୩) ରୁଜୁ କରି ତଦନ୍ତ ଚଳାଇଛି।

# କେନ୍ଦ୍ରୀୟ ଯୋଜନା ସମ୍ପର୍କରେ ଲୋକଙ୍କୁ ଜଣାଯିବ



ପ୍ରସ୍ତୁତି ବୈଠକରେ ଭାଜପା ନେତା ଓ ଅନ୍ୟମାନେ।

ମଙ୍ଗୁଳି-ଜଗତପୁର,୧୬।୭ (ମାନସ ସାମଲ)

କେନ୍ଦ୍ରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଶାସନ କାଳର ୯ବର୍ଷ ପୂର୍ତ୍ତି ଉପଲକ୍ଷେ ଆସନ୍ତା ୩୦ ତାରିଖରେ ଚୌଦ୍ୱାରସ୍ଥିତ ଟାଉନ୍‌ହଲ୍‌ଠାରେ ଚୌଦ୍ୱାର ଭାଜପା ପକ୍ଷରୁ ସେବା, ଗରିବ କଲ୍ୟାଣ ମହାଜନସମ୍ପର୍କ ଅଭିଯାନ ଓ ସାଧାରଣ ସଭା ଅନୁଷ୍ଠିତ ହେବ। ଏନେଇ ଆଗ୍ରାହାଟ ପଞ୍ଚାୟତ ଜାଜଭୈରବ ନୂଆଗାଁସ୍ଥିତ ଯାଜ୍ଞେଶ୍ୱରୀ ମନ୍ଦିର ପ୍ରାଙ୍ଗଣରେ ଏକ ପ୍ରସ୍ତୁତି ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି। ଯୁବ ସଂଗଠକ ବିବେକ ସାମଲଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ମୁଖ୍ୟ ଅତିଥି ଭାବେ ଆଇନଜୀବୀ ତଥା ଭାଜପା ନେତା ପ୍ରମୋଦ କୁମାର ସାହୁ ଯୋଗଦେଇ କହିଥିଲେ, କେନ୍ଦ୍ର ସରକାରଙ୍କ ଜନହିତକର ଯୋଜନା ଲୋକଙ୍କ ପାଖରେ ପହଞ୍ଚାଇବା ଆମର କର୍ତ୍ତବ୍ୟ। ଏଥିରେ ଅନ୍ୟ ଅତିଥିଭାବେ ରତ୍ନାକର ଦାସ, ପ୍ରମୋଦ କୁମାର ପଣ୍ଡା, କଟକ ଜିଲା ଓବିସି ମୋର୍ଚ୍ଚା ଉପସଭାପତି ବସନ୍ତ କୁମାର ଦାସ, ପୂର୍ବତନ ମହିଳା ମୋର୍ଚ୍ଚା ସମ୍ପାଦିକା ମୀରା ବେଉରା, ଇନ୍ଦ୍ରାଣୀପାଟଣା ସରପଞ୍ଚଙ୍କ ପ୍ରତିନିଧି ବିନୟ ମଲ୍ଲିକ, ଅଭୟ ସିଂ, ଲକ୍ଷ୍ମୀଧର ବାରିକ ପ୍ରମୁଖ ଯୋଗଦେଇଥିଲେ। ରାକେଶ କୁମାର ନାୟକ ଧନ୍ୟବାଦ ଦେଇଥିଲେ।

# ଥାନା ଅଞ୍ଚଳ ଚିହ୍ନଟ ପାଇଁ ଲାଗିଲା ୩୬ ଘଣ୍ଟା

**ବରଯାତ୍ରୀ ଦଳ ଉପରେ ଆକ୍ରମଣ ଘଟଣା**

କଟକ ସଦର,୧୬।୭ (ସୁଶାନ୍ତ କୁମାର ଜେନା)

କଟକ-ପାରାଦୀପ ରେଳପଥ ସୋମପୁର ଲେଭଲ କ୍ରସିଂ ନିକଟରେ ଏକ ବରଯାତ୍ରୀ ଦଳ ଉପରେ ୪ ଜଣ ଯୁବକ ଶୁକ୍ରବାର ଅପରାହ୍ନରେ ଆକ୍ରମଣ କରି ବର ଓ ତାଙ୍କ ଭାଇଙ୍କୁ ଆହତ କରିଥିଲେ। ବିରିଡ଼ି ଥାନାର ପାଟ୍ରୋଲିଂ ଭ୍ୟାନ୍ ଘଟଣାସ୍ଥଳରେ ପହଞ୍ଚି ୨ ଯୁବକଙ୍କୁ କାବୁ କରିଥିବାବେଳେ ଅନ୍ୟ ୨ ଜଣ ଖସି ପଳାଇଥିଲେ। ହେଲେ ଗଣ୍ଡଗୋଳ ସ୍ଥାନଟି କେଉଁ ଥାନା ଅଞ୍ଚଳରେ ଯାଉଛି ତାହାକୁ ଚିହ୍ନଟ କରିବା ପାଇଁ ବିରିଡ଼ି ପୋଲିସକୁ ୩୬ ଘଣ୍ଟା ଲାଗିଥିଲା। ଶେଷରେ ସେହି ଥାନା ପୋଲିସର ପରାମର୍ଶକ୍ରମେ ବର ଅଜିତ୍ ବେହେରା କିଶନନଗର ଥାନାରେ ଶନିବାର ରାତିରେ ଏତଲା ଦେଇଥିଲେ। ଏନେଇ ପୋଲିସ ଏକ ମାମଲା(ନଂ. ୧୪୯/୨୩) ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଇତିମଧ୍ୟରେ ଅଟକ ୨ ଯୁବକଙ୍କୁ ବିରିଡ଼ି ପୋଲିସ ବ୍ୟକ୍ତିଗତ ମୁଚାଲିକାରେ ଛାଡ଼ି ଦେଇଥିବା ଜଣାପଡିଛି। ମିଳିଥିବା ସୂଚନା ଅନୁଯାୟୀ, ବିରିଡ଼ି ଥାନା ଅଧୀନ ମହାତୋଳ ଗ୍ରାମରୁ ଏକ ବରଯାତ୍ରୀ ଦଳ ଶୁକ୍ରବାର କିଶନନଗର ଥାନା ଅନ୍ତର୍ଗତ ସୋମପୁର ଗ୍ରାମର ସୁକାନ୍ତ ନାୟକଙ୍କ ଘରକୁ ଆସୁଥିଲେ। ଲେଭଲ କ୍ରସିଂ ନିକଟରେ ୪ ଯୁବକ ଦୁଇଟି ବାଇକରେ ଆସି କାରକୁ ଅଟକାଇ ଅଜିତ୍‌ଙ୍କୁ ଗାଳିଗୁଲଜ କରିବା ସହ ମାଡ଼ ମାରିଥିଲେ। ଏହି ସମୟରେ ଅଜିତ୍‌ଙ୍କ ବଡ଼ଭାଇ ଅମିତ୍ ପ୍ରତିବାଦ କରିବାରୁ ସେମାନେ ତାଙ୍କୁ ମାଡ଼ ମାରିବା ସହ ପକେଟରେ ଥିବା ୧୦ ହଜାର ଟଙ୍କା ଓ ବେକରୁ ସୁନାଚେନ୍ ଛିଣ୍ଡାଇ ନେଇଥିବା ଏତଲାରେ ଦର୍ଶାଯାଇଛି। ରବିବାର ସକାଳେ କିଶନ ନଗର ଥାନାଧିକାରୀ ରଶ୍ମିରଞ୍ଜନ ଦାଶ ଅଭିଯୁକ୍ତଙ୍କ ଘରେ ପହଞ୍ଚିଥିଲେ ମଧ୍ୟ ସେମାନଙ୍କୁ ନ ପାଇ ଫେରି ଆସିଥିବା ଜଣାପଡ଼ିଛି। ଅପରପକ୍ଷରେ ୨ ଅଭିଯୁକ୍ତଙ୍କ ମାଆ ମଧ୍ୟ ସେମାନଙ୍କ ପୁଅକୁ ମାଡ଼ ମାରି ଆହତ କରାଯାଇଥିବାର ପାଲଟା ଅଭିଯୋଗ କରିଛନ୍ତି।

# 'ବିଚାର ବିଭାଗର ଇତିହାସ ଏକ ଆହ୍ୱାନ'

**ଜୁଡିସିଆଲ ହିଷ୍ଟ୍ରି ଆଣ୍ଡ୍ ଆର୍କାଇଭିଂ ଶୀର୍ଷକ ଜାତୀୟ ସମ୍ମିଳନୀ ଉଦ୍‌ଯାପିତ**

କଟକ,୧୬।୭ (କାର୍ତ୍ତିକ ସାହୁ)




ସମ୍ମିଳନୀରେ ହାଇକୋର୍ଟ ମୁଖ୍ୟ ବିଚାରପତି ଏସ୍. ମୁରଲୀଧର ବକ୍ତବ୍ୟ ଦେଉଛନ୍ତି।

ହାଇକୋର୍ଟ ପକ୍ଷରୁ ଓଡ଼ିଶା ଜୁଡିସିଆଲ ଏକାଡେମୀଠାରେ ଚାଲିଥିବା ଜୁଡିସିଆଲ ହିଷ୍ଟ୍ରି ଆଣ୍ଡ୍ ଆର୍କାଇଭିଂ ଶୀର୍ଷକ ୩ ଦିନିଆ ଜାତୀୟ ସମ୍ମିଳନୀ ରବିବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ କିଶୋର କୁମାର ବାସା ଯୋଗଦେଇ କହିଥିଲେ, ଜୁଡିସିଆଲ ରେକର୍ଡଗୁଡ଼ିକର ସଂରକ୍ଷଣ ବିଚାର ବିଭାଗ ପ୍ରତି ବହୁ ଗୁରୁତ୍ୱବହନ କରିଛି। ବିଚାର ବିଭାଗୀୟ ପ୍ରକ୍ରିୟା ହେଉଛି ବିଚାରପତି ଓ ଆଇନଜୀବୀମାନଙ୍କ ମଧ୍ୟରେ ଏକ ମତ ବିନିମୟ। ସେହିପରି ଇତିହାସ ହେଉଛି ଐତିହାସିକ ଓ ତଥ୍ୟ ମଧ୍ୟରେ ମତ ବିନିମୟ। ଐତିହାସିକମାନେ ସର୍ବଦା ପରିବର୍ତ୍ତନଶୀଳ ଓ ନିରବଚ୍ଛିନ୍ନ ସହ ଜଡ଼ିତ ଥା'ନ୍ତି। ପୁରାତନ ସମୟରୁ ଆଧୁନିକ ସମୟ ପର୍ଯ୍ୟନ୍ତ ବିଚାର ବିଭାଗର ଇତିହାସକୁ ବାହାର କରିବା ଏକ ଆହ୍ୱାନ। ଐତିହାସିକ ଓ ଆଇନ ବିଦ୍ୟାର୍ଥୀମାନେ ପ୍ରାଚୀନ ବିଚାର ବ୍ୟବସ୍ଥାକୁ ଉନ୍ମୋଚନ କରିବା ଆବଶ୍ୟକ ବୋଲି ସେ କହିଥିଲେ।

ହାଇକୋର୍ଟ ମୁଖ୍ୟ ବିଚାରପତି ଏସ୍. ମୁରଲୀଧର କହିଥିଲେ, କୋର୍ଟ ପରିଚାଳନା ପାଇଁ ରେକର୍ଡଗୁଡ଼ିକ ଆତ୍ମା ସଦୃଶ। ମାତ୍ର ସାରା ଦେଶରେ ରେକର୍ଡକିପିଂ ସବୁଠାରୁ ଅବହେଳିତ। ରେକର୍ଡ ବିନା ଟ୍ରାଏଲ କୋର୍ଟରେ ମାମଲା ବର୍ଷ ବର୍ଷ ଧରି ପଡ଼ିରହିଥାଏ। ଏସବୁକୁ ଦୃଷ୍ଟିରେ ରଖି ହାଇକୋର୍ଟ ପ୍ରଥମ କରି ଟ୍ରାଏଲ କୋର୍ଟ ରେକର୍ଡ ଡିଜିଟାଇଜେସନ କରାଯିବା ଉପରେ ପ୍ରାଥମିକତା ଦେଇଥିଲେ ମୁରଲୀଧର ବୋଲି ସୂଚନା ଦେଇଥିଲେ। ହାଇକୋର୍ଟ ବିଚାରପତି ଏମ୍.ଏସ୍. ସାହୁ ଆଲୋଚନାରେ ଭାଗ ନେଇଥିବା ଐତିହାସିକମାନଙ୍କ ସମେତ ସମସ୍ତଙ୍କୁ ଶୁଭେଚ୍ଛା ଜଣାଇଥିଲେ। ହାଇକୋର୍ଟ ବିଚାରପତି ଶଶିକାନ୍ତ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ତିନି ଦିନ ଧରି ଆୟୋଜିତ ଏହି ସମ୍ମିଳନୀରେ ବିଚାର ବିଭାଗ ସହ ଜଡ଼ିତ ବହୁ ବ୍ୟକ୍ତିବିଶେଷ ଯୋଗଦେଇଥିଲେ।

## ସଂକ୍ଷେପରେ

### ଦୁର୍ଘଟଣାରେ ଓଡ଼ିଶା ସାହିତ୍ୟ ଏକାଡେମୀ ସଚିବ ଆହତ

ଭୁବନେଶ୍ୱର,୧୬।୭(ଶର୍ମିଷ୍ଠା ପାଣିଗ୍ରାହୀ)- ଓଡ଼ିଶା ସାହିତ୍ୟ ଏକାଡେମୀ ସଚିବ ପ୍ରବୋଧ କୁମାର ରାଉତ ରବିବାର କଟକରେ ଏକ ଦୁର୍ଘଟଣାର ସମ୍ମୁଖୀନ ହୋଇଛନ୍ତି। ସେ ଗୁରୁତର ଆହତ ହୋଇଥିବାବେଳେ ତାଙ୍କୁ ଅଶ୍ୱିନୀ ଟ୍ରମା କେୟାରରେ ଭର୍ତ୍ତି କରାଯାଇଛି। ତାଙ୍କୁ ଆଇସିୟୁରେ ରଖାଯାଇ ଚିକିତ୍ସା ଚାଲିଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ୫-ଟି ସଚିବ ଭି. କେ. ପାଣ୍ଡିଆନ ତାଙ୍କ ଚିକିତ୍ସା ପାଇଁ ସମସ୍ତ ବ୍ୟବସ୍ଥା କରିଥିବାବେଳେ ଏକାଡେମୀ ପକ୍ଷରୁ ତାଙ୍କର ଆଶୁ ଆରୋଗ୍ୟ କାମନା କରାଯାଇଛି।

### ଲିଙ୍ଗରାଜ ପାସେଞ୍ଜର ହଲ୍ଟରେ ଏକ୍ସପ୍ରେସ ଟ୍ରେନ୍ ରହଣି

ପୁରୁଣା ଭୁବନେଶ୍ୱର,୧୬।୭(ସୁବାସ ଚନ୍ଦ୍ର ପ୍ରଧାନ): ସେବା ପ୍ରତିନିଧିର ମୁଖ୍ୟ ସଙ୍ଗଠକ ତଥା କୋର କମିଟିର ଆବାହକ ନୀଳମଣି ମିଶ୍ରଙ୍କ ନେତୃତ୍ୱରେ ଲିଙ୍ଗରାଜ ପାସେଞ୍ଜର ହଲ୍ଟରେ ଏକ୍ସପ୍ରେସ ଟ୍ରେନ ରହିବା ନେଇ ଦୀର୍ଘ ବର୍ଷ ଧରି ଦାବି ହୋଇଆସୁଥିଲା। ରବିବାର ଭୁବନେଶ୍ୱର-ନୟାଗଡ଼ ସେବା ଏକ୍ସପ୍ରେସ ଟ୍ରେନ ପ୍ରଥମଥର ପାଇଁ ଏହି ଷ୍ଟେଶନରେ ରହିଛି। ଏହି ଟ୍ରେନ୍‌କୁ ସ୍ୱାଗତ ଜଣାଇବା ପାଇଁ ମିଶ୍ରଙ୍କ ସମେତ ଭୁବନେଶ୍ୱର ଭାଜପା ସଭାପତି ବାବୁ ସିଂ, ଦାମୋଦର ସାମନ୍ତରାୟ, ଡ.ସୁଦର୍ଶନ ବଳିୟାରସିଂ, ସତ୍ୟ ନାରାୟଣ ସାମନ୍ତସିଂହାର, ଅଶୋକ କୁମାର ମହାରଣା, ବାଇଧର ପାତ୍ର, ପ୍ରମୋଦ ପ୍ରଧାନ, ରାଜକିଶୋର ସାଇଁ, ନରସିଂହ ନାୟକ, ସୂର୍ଯ୍ୟ ପାଣିଗ୍ରାହୀ, ସତ୍ୟପ୍ରିୟ ମହାନ୍ତି, ସୁରେଶ ଦାଶ, ରଙ୍କ ପଟ୍ଟନାୟକ, ସନ୍ତୋଷ କୁମାର ମହାପାତ୍ର, ହୃଷୀକେଶ ବେହେରା, ଟି.ରାମାରାଓ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଓ ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀଙ୍କୁ ଜନସାଧାରଣ କୃତଜ୍ଞତା ଜଣାଇଛନ୍ତି। କୁନୁ ପ୍ରଧାନ ଧନ୍ୟବାଦ ଦେଇଥିଲେ।

### ନନ୍ଦନକାନନରେ ହେବ ଆଖି ପରୀକ୍ଷା

ବାରଙ୍ଗ,୧୬।୭(ଲିଙ୍ଗରାଜ ରାଉତ): ରାଜ୍ୟରେ ଆଖିଧରା ରୋଗ ବୃଦ୍ଧି ପାଇବାରେ ଲାଗିଛି। ବିଶେଷକରି ସରକାରୀ ଓ ବେସରକାରୀ କର୍ମଚାରୀ ଓ ଛାତ୍ରୀଛାତ୍ରଙ୍କଠାରେ ଏହାର ପ୍ରଭାବ ଦେଖିବାକୁ ମିଳିଛି। ନନ୍ଦନକାନନ ପକ୍ଷରୁ ସୋମବାର ଚକ୍ଷୁ ଶିବିର ଅନୁଷ୍ଠିତ ହେବ ବୋଲି ନନ୍ଦନକାନନ ଉପନିର୍ଦ୍ଦେଶକ ସନଥ କୁମାର ଏନ୍ କହିଛନ୍ତି। ଏହି ଶିବିରରେ ନନ୍ଦନକାନନର ସମସ୍ତ କର୍ମଚାରୀ ଓ ଅଧିକାରୀ ଉପସ୍ଥିତ ରହି ନିଜର ଆଖି ପରୀକ୍ଷା କରାଇବେ।

# ଦୁର୍ଦ୍ଦଶା ବଢ଼ାଉଛି ବିଏମ୍‌ସି



- ବର୍ଷାରେ ଚାଲୁଛି ଡ୍ରେନ୍ ପୁନଃ ଉଦ୍ଧାର, ସଫେଇ
- ରାସ୍ତାରେ ଗଦା ହେଉଛି ପଙ୍କ, ନିର୍ମାଣ ସାମଗ୍ରୀ



ଭୁବନେଶ୍ୱର,୧୬।୭(ଅଭିଜିତ ଦାସ)

ପୂର୍ବରୁ କାମ ସାରିଲେନି, ଏବେ ବର୍ଷାରେ ହେଉଛି ଡ୍ରେନ୍ ପୁନଃ ଉଦ୍ଧାର। ମୌସୁମୀ ପୂର୍ବରୁ ସହରର ସମସ୍ତ ଡ୍ରେନ ସଫେଇ ଓ ଅନ୍ୟାନ୍ୟ କାମ ସରିବ ବୋଲି ମେୟର ସୁଲୋଚନା ଦାସ କହିଥିଲେ, ହେଲେ ଏବେ ବି ଡ୍ରେନ୍‌ରୁ କଢ଼ା ଚାଲିଛି ପଙ୍କ ଓ ଆବର୍ଜନା। ସବୁଠାରୁ ଉଦ୍‌ବେଗର ପ୍ରସଙ୍ଗ ହେଲା ଡ୍ରେନ୍ ସଫେଇ ପରେ ତାହାକୁ ତୁରନ୍ତ ସ୍ଥାନାନ୍ତର କରା ନ ଯାଇ ସେମିତି ରାସ୍ତାରେ ଗଦା କରି ରଖାଯାଉଛି। ଅଧିକାଂଶ ରାସ୍ତା ସଂକୀର୍ଣ୍ଣ ହୋଇଥିବାରୁ ଲୋକଙ୍କ ସମେତ ଗାଡିମୋଟର ତା' ଉପରେ ଚଳପ୍ରଚଳ କରିବାକୁ ବାଧ ହେଉଛନ୍ତି। ପୁଣି ବର୍ଷା ହେଉଥିବାରୁ ପଙ୍କ ଓ ଆର୍ବଜନା ରାସ୍ତାସାରା ହୋଇଯିବା ସହ ପୂତିଗନ୍ଧମୟ ପରିବେଶ ସୃଷ୍ଟି କରୁଛି। ଅଧିକାଂଶ ପଙ୍କ ପୁଣି ସେହି ଡ୍ରେନ୍‌ରେ ପଶୁଛି। ଅନେକ ସ୍ଥାନରେ ଡ୍ରେନ୍ ଜାମ୍ ହୋଇ ଆବର୍ଜନା ପାଣି ରାସ୍ତାରେ ଚାଲୁଛି। ଅନ୍ୟପକ୍ଷରେ ବଡ଼ ଡ୍ରେନ୍‌ରୁ ମଧ ଦଳ, ପଙ୍କ, ଆର୍ବଜନା କଢ଼ାଯାଇ ରାସ୍ତା ପାର୍ଶ୍ୱରେ ଗଦା କରି ଦିଆଯାଉଛି। ସଫେଇ ଓ ସ୍ଥାନାନ୍ତର ବାବଦକୁ ବିଏମ୍‌ସି ଠିକା ସଂସ୍ଥାକୁ ଟଙ୍କା ଗଣୁଥିଲେ ମଧ ସ୍ଥାନାନ୍ତର ହେଉ ନ ଥିବାରୁ ତାହା ସେଠାରେ ପଚିଶଢ଼ି କିଛି ରାସ୍ତାରେ ମାଡୁଛି, ଆଉ କିଛି ପୁଣି ସେହି ନାଳକୁ ଯାଉଛି। ଦୟା ୱେଷ୍ଟ କେନାଲର ପଳାଶୁଣିରୁ ବଡ଼ଗଡ଼ ସମେତ ସହରର ବିଭିନ୍ନ ମୁଖ୍ୟ ଡ୍ରେନ୍ ଓ ଶାଖା ଡ୍ରେନ୍‌ର ବିଭିନ୍ନ ସ୍ଥାନରେ ଏଭଳି ଚିତ୍ର ସାମ୍ନାକୁ ଆସୁଛି। ରାଜଧାନୀକୁ ଆର୍ବଜନା ଓ ଜଳବନ୍ଦୀମୁକ୍ତ କରିବା ଲାଗି ବିଏମ୍‌ସି ପକ୍ଷରୁ ଘନ ଘନ ବୈଠକ କରାଯାଉଛି। କିନ୍ତୁ ବାହାଘରବେଳେ ବାଇଗଣ ରୁଆ ଭଳି କାର୍ଯ୍ୟ କରାଯାଉଥିବାରୁ ତାହାସବୁ ପ୍ରହସନରେ ପରିଣତ ହେଉଛି। ମନମାନି ଭାବେ ଡ୍ରେନ୍ କାର୍ଯ୍ୟ କରୁଛନ୍ତି ଠିକା ସଂସ୍ଥା। ସ୍ଥାନୀୟ ବାସିନ୍ଦା ବାରମ୍ବାର ଅଭିଯୋଗ କରୁଥିଲେ ମଧ ଦାୟିତ୍ୱରେ ରହୁଥିବା ବିଏମ୍‌ସି ଅଧିକାରୀ ସେପରି ତ୍ୱରିତ ପଦକ୍ଷେପ ନେଉ ନ ଥିବାରୁ ବର୍ଷ ବର୍ଷ ଧରି ଏମିତି ଦୁର୍ଦ୍ଦଶା ଭୋଗୁଛନ୍ତି ରାଜଧାନୀବାସୀ।



ଦୟା ୱେଷ୍ଟ କେନାଲରୁ କଢାଯାଇଥିବା ଆବର୍ଜନା ରାସ୍ତା ପାର୍ଶ୍ୱରେ ବାହାର କରାଯାଇଛି।

#### ଏଠି ବର୍ଷା ଆସିଲେ ଡ୍ରେନ୍ କାମ ହୁଏ

"ବାହାଘରବେଳେ ବାଇଗଣ ରୋଇବା ଭଳି ବର୍ଷାଦିନେ ବିଏମ୍‌ସି ପକ୍ଷରୁ ଡ୍ରେନ୍ ସଫା କାର୍ଯ୍ୟ ଆରମ୍ଭ କରାଯାଉଛି। ତରବରିଆ ଭାବେ ବିଭିନ୍ନ ଡ୍ରେନ୍‌ରୁ ଆବର୍ଜନା କଢାଯାଉଛି। ତେବେ ଡ୍ରେନ୍ କଡରେ ଆବର୍ଜନାକୁ ଗଦା କରାଯାଉଥିବାବେଳେ ତାହାକୁ ସେଠାରୁ ଉଠାଉନାହାନ୍ତି। ଫଳରେ ଅସରାଏ ବର୍ଷା ହେଲେ ଆବର୍ଜନାଗୁଡିକ ପୁଣି ଥରେ ଡ୍ରେନ୍ ଭିତରକୁ ପଶୁଥିବା ଦେଖାଯାଉଛି। ଏଥିପାଇଁ ଲୋକମାନେ ନାନା ହଇରାଣ ହେଉଛନ୍ତି।

-ବିକାଶ ନାୟକ, ଭୁବନେଶ୍ୱର ବାସିନ୍ଦା

#### ନିୟମିତ ଭାବେ ସଫା କରାଯାଉଛି

"ପ୍ରତିଦିନ ଡ୍ରେନ୍‌ରୁ ଆବର୍ଜନା କଢ଼ାଯିବା ପରେ ସଫେଇ ଗାଡି ସହାୟତାରେ ଉଭୟ ସ୍ଥାନକୁ ସଫା କରାଯାଏ। ବେଳେବେଳେ ଗାଡି ଅଭାବରୁ କିଛି ଘଣ୍ଟା ବିଳମ୍ବରେ ଅଳିଆ ଉଠାଯାଏ। କିନ୍ତୁ ନିୟମିତ ଭାବେ ଡ୍ରେନ୍ ସଫେଇ ସହ ଆବର୍ଜନା ସ୍ଥାନାନ୍ତର କରାଯାଉଛି।

-ଲକ୍ଷ୍ମଣ ବେହେରା, ଜାଗୃତି ସଫେଇ କର୍ମଚାରୀ

#### ବିଏମ୍‌ସି ଡ୍ରେନ୍ ହିଁ ଡେଙ୍ଗୁ ଉତ୍ପତ୍ତିସ୍ଥଳ ପାଲଟିଛି

"ଏବେ ଭୁବନେଶ୍ୱରରେ ଡେଙ୍ଗୁ ବ୍ୟାପୁଛି। ବିଏମ୍‌ସି ସଚେତନତା କଥା କହୁଛି। କିନ୍ତୁ ବାସ୍ତବରେ ବିଏମ୍‌ସିର ଡ୍ରେନ୍ ହେଉଛି ଡେଙ୍ଗୁ ଉତ୍ପତ୍ତି ସ୍ଥଳ। ଠିକ୍ ଭାବେ ଡ୍ରେନ୍ ସଫେଇ ହେଉ ନ ଥିବାରୁ ବର୍ଷା ହେଲେ ଅଳିଆ ଆର୍ବଜନା ପାଣି ଘରେ ପଶୁଛି। ମଶାଧୂଆଁ ବ୍ୟବହାର କରାଯାଉନାହିଁ। ବିଶେଷକରି ଦୟା ୱେଷ୍ଟ କେନାଲ, ଗଙ୍ଗୁଆ ସମେତ ସହରରେ ଥିବା ଛୋଟବଡ଼ ଡ୍ରେନ୍‌ର ସ୍ଥିତିକୁ ଦେଖିଲେ ଏହା ଜଣାପଡୁଛି। କେନାଲ ବନ୍ଧ ଅଞ୍ଚଳରେ ଅଧିକ ଡେଙ୍ଗୁ ରୋଗୀ ବଢିବାର ସମ୍ଭାବନା ରହିଛି।

-ବିଭୁଦତ୍ତ ମହାନ୍ତି, ଭୁବନେଶ୍ୱର ବାସିନ୍ଦା

## ଦାବି ପୂରଣ ନ ହେଲେ ୨୧ରେ ଗଣଧାରଣା

ବାଲିପାଟଣା,୧୬।୭(ଅଭିମନ୍ୟୁ ନାୟକ)

ଅଲ୍ ଓଡ଼ିଶା ପ୍ରାଇଭେଟ ସ୍କୁଲ ଆସୋସିଏଶନ ପକ୍ଷରୁ ଆସନ୍ତା ୨୧ ତାରିଖରେ ଲୋୟର ପିଏମ୍‌ଜି ଠାରେ ଗଣଧାରଣା ଦିଆଯିବ। ଏନେଇ ପ୍ରସ୍ତୁତି ବୈଠକ ବାଲିପାଟଣା ବ୍ଲକର ଜାଭିୟର ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ବାଲିପାଟଣା ବ୍ଲକ ଶାଖା ସଂଘ ସଭାପତି ଅଭିମନ୍ୟୁ ନାୟକଙ୍କ ପୌରୋହିତ୍ୟରେ ରାଜ୍ୟ ସଂଘ ସଭାପତି ସତ୍ୟନାରାୟଣ ମିଶ୍ର ମୁଖ୍ୟ ଅତିଥିଭାବେ ଯୋଗଦେଇ କହିଥିଲେ, ଗଣଶିକ୍ଷା ବିଭାଗ ଅନୁମତିକ୍ରମେ ରାଜ୍ୟରେ ୬ହଜାରରୁ ଊର୍ଦ୍ଧ୍ୱ ଇଂଲିଶ ଏବଂ ଓଡ଼ିଆ ମାଧ୍ୟମ ବେସରକାରୀ ବିଦ୍ୟାଳୟ ଖୋଲିଛି। ଚଳିତବର୍ଷ ରାଜ୍ୟର ୮୦ପ୍ରତିଶତ ବିଦ୍ୟାଳୟକୁ ସି.ଓ.ଆର. ପ୍ରଦାନ କରାଯାଇଥିବା ବେଳେ ୨୦ ପ୍ରତିଶତ ବିଦ୍ୟାଳୟ ଭଡ଼ା ଘରେ ଚାଲୁଥିବାରୁ ସିଓଆର ଦିଆଯିବ ନାହିଁ ବୋଲି ସରକାର ମନା କରିଦେଇଛନ୍ତି। ତେବେ ରାଜ୍ୟର ସବୁ ଘରୋଇ ବିଦ୍ୟାଳୟକୁ ସିଓଆର ପ୍ରଦାନ, ବେସରକାରୀ ବିଦ୍ୟାଳୟ ପିଲାଙ୍କୁ ମାଗଣା ବହି, ୨୫ ପ୍ରତିଶତ ମାଗଣା ପଢୁଥିବା ଆର୍ଥିକ ଅନଗ୍ରସର ପିଲାଙ୍କ ରିଭମର୍ସମେଣ୍ଟ ରାଶି ବିଦ୍ୟାଳୟକୁ ପ୍ରଦାନ ଓ ଘରୋଇ ବିଦ୍ୟାଳୟରେ ନିଯୁକ୍ତ ଶିକ୍ଷୟିତ୍ରୀଶିକ୍ଷକଙ୍କୁ ଆର୍ଥିକ ଅନୁଦାନ ପାଇଁ ସଂଘ ପକ୍ଷରୁ ଦାବି କରାଯାଇଛି। ଦାବି ପୂରଣ ନ ହେଲେ ଆସନ୍ତା ୨୧ ତାରିଖରୁ ଅନିର୍ଦ୍ଦିଷ୍ଟ କାଳ ଲୋୟର ପିଏମ୍‌ଜିରେ ଗଣଧାରଣା ଦିଆଯିବ ବୋଲି ବୈଠକରେ ସ୍ଥିର ହୋଇଛି। ଏହି ସଭାରେ ରାଜ୍ୟ ସଂଘ ଉପସଭାପତି ସୁରେନ୍ଦ୍ର ଖୁଣ୍ଟିଆ, ଖୋର୍ଦ୍ଧା ଜିଲା ସଭାପତି ବସନ୍ତ କୁମାର ବେହେରା, କୋଷାଧକ୍ଷ ମଙ୍ଗୁଳି ଚରଣ ନାୟକ, ସୁରେନ୍ଦ୍ର କୁମାର ସାମନ୍ତରାୟ, ବ୍ଲକ ସମ୍ପାଦକ ଅରୁଣ କୁମାର ଶତପଥୀ, ନବଘନ ବାରିକ ପ୍ରମୁଖ ଉପସ୍ଥିତ ଥିଲେ।

## କଇଁଚିରେ ଆକ୍ରମଣ କରି ଯୁବକ ଗିରଫ

ବାରଙ୍ଗ,୧୬।୭(ଲିଙ୍ଗରାଜ ରାଉତ)

ଭଙ୍ଗା କଇଁଚିରେ ପେଟକୁ ଭୁସିଦେବା ଅଭିଯୋଗରେ ବାରଙ୍ଗ ଥାନା ପୋଲିସ ଜଣଙ୍କୁ ଗିରଫ କରି ରହିବାର କୋର୍ଟଚାଲାଣ କରିଛି। ସେ ହେଲେ ଗଦେଇକୁଦ ଅଞ୍ଚଳର ବଳରାମ ବାରିକ। ଏନେଇ ଥାନାରେ ଏକ ମାମଲା (ନଂ.୨୬୭/୨୩)ରୁଜୁ ହୋଇଛି। ସୂଚନା ମୁତାବକ, ଶନିବାର ରାତିରେ ଗଦେଇକୁଦ ଅଞ୍ଚଳର ବଳରାମ ବାରିକ ଓ ତାଙ୍କ ସ୍ତ୍ରୀଙ୍କ ମଧ୍ୟରେ କୌଣସି କାରଣକୁ ନେଇ ପାଟିତୁଣ୍ଡ ହୋଇଥିଲା। ବଳରାମ ଉତ୍ତ୍ୟକ୍ତ ହୋଇ ତାଙ୍କ ସ୍ତ୍ରୀକୁ ମାରିଦେବାକୁ ଉଦ୍ୟମ କରୁଥିଲେ। ପଡୋଶୀ ଧନଞ୍ଜୟ ସାହୁ ନାମକ ପହଞ୍ଚି ବଳରାମ ଓ ତାଙ୍କ ସ୍ତ୍ରୀଙ୍କୁ ବୁଝାଶୁଝା କରିଥିଲେ। ତାଙ୍କ ସ୍ତ୍ରୀଙ୍କୁ ସମର୍ଥନ କରୁଥିବା ଅଭିଯୋଗ ଆଣି ବଳରାମ ଉତ୍ତ୍ୟକ୍ତ ହୋଇ ପାଖରେ ପଡିଥିବା ଭଙ୍ଗା କଇଁଚିରେ ଧନଞ୍ଜୟଙ୍କ ପେଟକୁ ଭୁସିଦେଇ ଫେରାର ହୋଇଯାଇଥିଲେ। ଧନଞ୍ଜୟଙ୍କୁ ଗୁରୁତର ଅବସ୍ଥାରେ କଟକ ବଡ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ବର୍ତ୍ତମାନ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ଥିବା ଜଣାପଡିଛି। ଖବରପାଇ ବାରଙ୍ଗ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିବା ସହ ବଳରାମକୁ ଗିରଫ କରିଛି। ଏଥିସହ କଇଁଚି ଜବତ ହୋଇଛି।



କଟକ-ବାରବାଟୀ ବିଧାୟକ ମହମ୍ମଦ ମୋକିମ୍‌ଙ୍କୁ କଂଗ୍ରେସରୁ ନିଲମ୍ବନକୁ ବିରୋଧ କରି ତାଙ୍କ ସମର୍ଥକମାନେ କଂଗ୍ରେସ ଭବନ ନିକଟ ମାଷ୍ଟରକ୍ୟାଣ୍ଟିନ ଛକରେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି। (ଫଟୋ- ମନୋରଞ୍ଜନ ମିଶ୍ର)

## ପୁରୁଣା ପେନ୍‌ସନ୍ ସ୍କିମ୍ ଲାଗୁ ଦାବିକଲା ଏନ୍‌ଏମ୍‌ଓପିଏସ୍

ଭୁବନେଶ୍ୱର, ୧୬।୭ (ବନ୍ଦନା ସେଠୀ)

କେନ୍ଦ୍ର ସରକାର ୨୦୦୪ରେ ଓ ରାଜ୍ୟ ସରକାର ୨୦୦୫ରେ ପୁରୁଣା ପେନ୍‌ସନ୍ ଉଚ୍ଛେଦ କରି ନୂତନ ପେନ୍‌ସନ୍ ବ୍ୟବସ୍ଥା ଲାଗୁ କରିଛନ୍ତି। ଏହାଦ୍ୱାରା ହଜାର ହଜାର ସରକାରୀ କର୍ମଚାରୀ ୩୦ରୁ ୪୦ ବର୍ଷ ଚାକିରି କରି ଅବସର ପରେ ୧ହଜାରରୁ ୨ହଜାର ଟଙ୍କା ପେନ୍‌ସନ୍ ପାଇ ଅତି ଦୁର୍ଦ୍ଦିନରେ ଦିନ କାଟୁଛନ୍ତି। ଅପରପକ୍ଷେ ବିଧାୟକ ଓ ଏମ୍‌ପି ପୂର୍ବପରି ପୁରୁଣା ବ୍ୟବସ୍ଥାରେ ପେନ୍‌ସନ୍ ପାଉଛନ୍ତି। ନେତାଙ୍କ ପାଇଁ ଗୋଟେ ନିୟମ ଥିବାବେଳେ ସରକାରୀ କର୍ମଚାରୀଙ୍କ ଲାଗି ଏଭଳି ଅବ୍ୟବସ୍ଥା କାହିଁକି ବୋଲି ପୁରୁଣା ପେନ୍‌ସନ୍ ପାଇଁ ଜାତୀୟ ଆନ୍ଦୋଳନ (ଏନ୍‌ଏମ୍‌ଓପିଏସ୍) ଓଡ଼ିଶା ପକ୍ଷରୁ ପ୍ରଶ୍ନ କରାଯାଇଛି। ରବିବାର ଓଡ଼ିଶା ସଚିବାଳୟ ସେବା କାର୍ଯ୍ୟାଳୟଠାରେ ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଏଥିରେ ଓଡ଼ିଶା ସରକାରଙ୍କ ଅଧୀନରେ କାର୍ଯ୍ୟ କରୁଥିବା କର୍ମଚାରୀଙ୍କ ନୂତନ ପେନ୍‌ସନ୍ ସ୍କିମ୍ (ଏନ୍‌ପିଏସ୍) ପରିବର୍ତ୍ତେ ପୁରୁଣା ପେନ୍‌ସନ୍ ସ୍କିମ୍ (ଓପିଏସ୍) ଲାଗୁ କରିବା ପାଇଁ ଦାବି କରାଯାଇଥିଲା। ସଭାପତି ବିଜୟ ମଲ୍ଲ ସଭାପତିତ୍ୱ କରି ସରକାରଙ୍କ ଏତାଦୃଶ କାର୍ଯ୍ୟକୁ ଦୃଢ଼ ବିରୋଧ କରିଥିଲେ। ଛତିଶଗଡ଼, ରାଜସ୍ଥାନ, ଝାଡ଼ଖଣ୍ଡ, ପଞ୍ଜାବ ଓ ହିମାଚଳ ପ୍ରଦେଶ ରାଜ୍ୟ ସରକାର କର୍ମଚାରୀଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖିପୁରୁଣା ପେନ୍‌ସନ୍ ଲାଗୁ କରିଛନ୍ତି। ସେହିପରି ଉତ୍ତରପ୍ରଦେଶ, କର୍ଣ୍ଣାଟକ, କେରଳ, ତାମିଲନାଡୁ, ଆନ୍ଧ୍ରପ୍ରଦେଶ, ପଞ୍ଜାବ, ମହାରାଷ୍ଟ୍ର ରାଜ୍ୟ ସରକାର କମିଟି ଗଠନ କରି ପୁରୁଣା ପେନ୍‌ସନ୍ ଲାଗୁ କରିବା ପାଇଁ ଅଗ୍ରସର ହେଉଛନ୍ତି। କିନ୍ତୁ ଓଡ଼ିଶା ସରକାର ଏଥିପ୍ରତି ବୀତସ୍ପୃହ ହେବା ଉଚିତ୍ ନୁହେଁ ବୋଲି ବିଜୟ କହିଛନ୍ତି। ସରକାର ତୁରନ୍ତ ଏ ଦିଗରେ ପଦକ୍ଷେପ ନେବା ପାଇଁ ସଂଘର ରାଜ୍ୟ ସଂଯୋଜକ ଇଙ୍‌କାର ଅହମ୍ମଦ, ରାଜେଶ ମହାନ୍ତି, କାର୍ଯ୍ୟକାରୀ ସଭାପତି ବଙ୍କିମ ଚନ୍ଦ୍ର ସାଗର, ବିଭୁପ୍ରସାଦ ସାହୁ, ବିକ୍ରମ ରଥ ପ୍ରମୁଖ ଦାବି କରିଛନ୍ତି। ସାଧାରଣ ସମ୍ପାଦକ ପ୍ରଯତ୍ନ ବରାଳ ସଭା ପରିଚାଳନା କରିଥିବାବେଳେ ଏନ୍‌ଏମ୍‌ଓପିଏସ୍ ଓଡ଼ିଶାର ସମସ୍ତ ମୁଖ୍ୟ ଓ କର୍ମକର୍ତ୍ତା ଯୋଗଦେଇଥିଲେ।

## ଓଡିଏମ୍‌ରେ ଛାତ୍ର 'କ୍ୟାବିନେଟ୍ ସଂସଦ'ର ଶପଥପାଠ ଉତ୍ସବ




ଭୁବନେଶ୍ୱର,୧୬।୭

ଓଡିଏମ୍ ସମୂହର ପରିଆିଷ୍ଠିତ ଓଡିଏମ୍ ପବ୍ଲିକ୍ ସ୍କୁଲ ପରିସରରେ ଛାତ୍ର 'କ୍ୟାବିନେଟ୍ ସଂସଦ'ର ଶପଥ ପାଠ ଉତ୍ସବ ଶନିବାର ଅନୁଷ୍ଠିତ ହୋଇଯାଇଛି । ଓଡିଏମ୍ ଶିକ୍ଷାନୁଷ୍ଠାନ ସମୂହର ପ୍ରତିଷ୍ଠାତା ତଥା ଅଧକ୍ଷ ଡ. ସତ୍ୟବ୍ରତ ମୀନକେତନଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉକ୍ତ ଉତ୍ସବରେ ମୁଖ୍ୟ ଅତିଥିଭାବେ ଭାରତୀୟ ବିଦ୍ୟାଭବନ, ଭାବା ଇନ୍‌ଷ୍ଟିଚ୍ୟୁଟ୍ ଅଫ୍‌କମ୍ୟୁନିକେଶନ ଆଣ୍ଡ୍‌ମ୍ୟାନେଜମେଣ୍ଟର ବରିଷ୍ଠ ନିର୍ଦ୍ଦେଶକ (ବିତ୍ତ ଏବଂ ପ୍ରଶାସନ) ତଥା ଅବସରପ୍ରାପ୍ତ କଲୋନେଲ ସୌମିତ୍ର କୁମାର ଦାଶ ଯୋଗଦେଇ ଶାନ୍ତି, ପ୍ରୀତି, ମୈତ୍ରୀ, ଅହିଂସା ହାଉସ୍‌ରୁ ନବ ନିର୍ବାଚିତ ସ୍କୁଲ ହେଡ୍ ବୟ, ହେଡ୍ ଗାର୍ଲ, କ୍ୟାପ୍‌ଟେନ୍ ଏବଂ ଭାଇସ୍ କ୍ୟାପଟେନ୍‌ମାନଙ୍କୁ ବ୍ୟାଚ୍ ପିନ୍ଧାଇ ସମ୍ବର୍ଦ୍ଧିତ କରିଥିଲେ। ଏହି ପରିପ୍ରେକ୍ଷୀରେ ନୂତନ କ୍ୟାବିନେଟ୍‌ର ସଦସ୍ୟମାନେ ଶପଥପାଠ କରିଥିଲେ। ଏପରିକି ପୂର୍ବ ବର୍ଷ ଦାୟିତ୍ୱରେ ଥିବା ସଦସ୍ୟମାନେ ନବନିର୍ବାଚିତ କ୍ୟାବିନେଟ୍‌ମାନଙ୍କୁ ବ୍ୟାଚ୍ ହସ୍ତାନ୍ତର କରିଥିଲେ। ଉକ୍ତ ଉତ୍ସବରେ ବିଦ୍ୟାଳୟର ବିତ୍ତ ଏବଂ ପ୍ରଶାସନିକ ନିର୍ଦ୍ଦେଶିକା ଇନ୍ଦୁମତୀ ରାୟ, ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ପ୍ରଫେସର ପି.କେ.ଦାସ,ମୁଖ୍ୟ କାର୍ଯ୍ୟକାରିଣୀ ଅଧିକାରୀ ସ୍ୱୟନ୍ ସତ୍ୟେନ୍ଦୁ, ଉପାଧକ୍ଷା ଡ.ସନ୍ଧ୍ୟାରାଣୀ ସ୍ୱାଇଁ, ଶିକ୍ଷା-ନିର୍ଦ୍ଦେଶକ ଡ. ଆର୍ତ୍ତତ୍ରାଣ ମିଶ୍ର, ଶିକ୍ଷା-ଉପଦେଷ୍ଟା ବ୍ରହ୍ମାନନ୍ଦ ରାଉତ, ଉପାଧକ୍ଷ ଡ.ରାଜେଶ କୁମାର ପାଢ଼ୀଙ୍କ ସମେତ ସ୍କୁଲର ସମସ୍ତ ଶିକ୍ଷକ-ଶିକ୍ଷୟିତ୍ରୀ ଓ ଅଭିଭାବକ ଏବଂ ଛାତ୍ରୀଛାତ୍ରମାନେ ଉପସ୍ଥିତ ଥିଲେ।

## ଓଡ଼ିଶା ଏମ୍‌ପିଙ୍କ ସହାୟତା ଲୋଡିଲା ଇପିଏଫ୍ ପେନ୍‌ସନର୍ସ ସଂଘ

### ସର୍ବନିମ୍ନ ପେନ୍‌ସନ ବୃଦ୍ଧି ପାଇଁ ଦାବି ଜୋର୍ ଧରିଲା

ଭୁବନେଶ୍ୱର, ୧୬।୭ (ବନ୍ଦନା ସେଠୀ)

ଓଡିଶା ସମେତ ସାରା ଦେଶରେ ଥିବା ୭୫ ଲକ୍ଷ ଇପିଏଫ୍ ପେନ୍‌ସନ୍ ଭୋଗୀ ବରିଷ୍ଠ ନାଗରିକମାନେ ସଙ୍କଟଜନକ ପରିସ୍ଥିତି ଦେଇ ଗତି କରୁଛନ୍ତି। ଏପରିକି ବର୍ଦ୍ଧିତ ପେନ୍‌ସନ୍ ପ୍ରଦାନ ନିମନ୍ତେ ଉଚ୍ଚତମ ନ୍ୟାୟାଳୟଙ୍କ ଆଦେଶକୁ ପାଳନ କରିବା ପରିବର୍ତ୍ତେ ଏହାକୁ ଟାଳିଦେବାକୁ କେନ୍ଦ୍ର ସରକାର ପ୍ରୟାସ କରୁଥିବା ଅଲ୍ ଓଡିଶା ଇପିଏଫ ପେନ୍‌ସନର୍ସ ସଂଘ ଅଭିଯୋଗ କରିଛି। ଅପରପକ୍ଷେ ଦାବି ପୂରଣ ପାଇଁ ସଂଘର ଆହ୍ୱାନକ୍ରମେ ଓଡିଶାର ୩୦ ଜିଲାର ଇପିଏଫ୍ ସଂଗଠନଗୁଡ଼ିକ ସେମାନଙ୍କ ଜିଲାର ଏମ୍‌ପିଙ୍କ ସହାୟତା ଲୋଡିଛନ୍ତି। ଏମ୍‌ପିମାନେ ସର୍ବନିମ୍ନ ପେନ୍‌ସନ୍ ୯ ହଜାର ଟଙ୍କା ସହିତ ମହଙ୍ଗାଭତ୍ତା ବୃଦ୍ଧି ନିମନ୍ତେ ଉଭୟ ଗୃହରେ ଆଲୋଚନା କରିବାକୁ ଅନୁରୋଧ କରାଯିବ। ଏହି ପରିପ୍ରେକ୍ଷୀରେ ଖୋର୍ଦ୍ଧାଜିଲା କମିଟି ପକ୍ଷରୁ ଏମ୍‌ପି ଅମର ପଟ୍ଟନାୟକ ଓ ପୁରୀ ଲୋକ ସଭା ସଦସ୍ୟ ପିନାକୀ ମିଶ୍ରଙ୍କୁ ଭେଟି ଦାବିପତ୍ର ପ୍ରଦାନ କରାଯାଇଛି। ଉଭୟ ସଦସ୍ୟ ଇପିଏଫ ପେନ୍‌ସନ୍‌ଭୋଗୀଙ୍କ କରୁଣ ଚିତ୍ରକୁ ଲୋକ ସଭାର ଉଭୟଗୃହରେ ଆଲୋଚନା କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ଦାବିପତ୍ର ପ୍ରଦାନ ସମୟରେ ସଂଘର ରାଜ୍ୟ ସଭାପତି ବିଜୟ କୁମାର ଜେନା, ଖୋର୍ଦ୍ଧା ଜିଲା ସଭାପତି ପ୍ରଫୁଲ୍ଲ କୁମାର ଦାସ, ମାୟାଧର ମଲ୍ଲିକ, ସରୋଜ ମଲ୍ଲିକ, ନୃସିଂହ ଦାଶ, ପ୍ରକାଶ ପଟ୍ଟନାୟକ, ପ୍ରଭାକର ପରିଡା,ଧୀରେନ୍ଦ୍ର ବେହେରା ଓ ଜଗବନ୍ଧୁ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ୨୦୧୪ରୁ ସର୍ବନିମ୍ନ ପେନ୍‌ସନ୍ ବିନା ମହଙ୍ଗା ଭତ୍ତାରେ ୧ହଜାର ଟଙ୍କା ଥିବାବେଳେ ଏହାକୁ ୯ହଜାର ଟଙ୍କାକୁ ବୃଦ୍ଧିପାଇଁ ଦୀର୍ଘ ଦିନରୁ ଦାବି କରାଯାଉଛି। ମାତ୍ର କେନ୍ଦ୍ର ସରକାର ଏନେଇ କର୍ଣ୍ଣପାତ କରୁନାହାନ୍ତି। ଫଳରେ ଓଡିଶାର ୨ଲକ୍ଷ ଇପିଏଫ୍ ପେନସନ ଭୋଗୀ ପରିବାର ନାହିଁ ନ ଥିବା ଅସୁବିଧା ମଧ୍ୟରେ କାଳାତିପାତ କରୁଛନ୍ତି।





ନୃତ୍ୟ ଗୁରୁ ଦେବ ପ୍ରସାଦ ଦାସଙ୍କ ୩୭ତମ ଶ୍ରାଦ୍ଧୋତ୍ସବ ପାଳନ ଅବସରରେ ଭଞ୍ଜକଳା ମଣ୍ଡପରେ ଅତିଥିଙ୍କ ସହ ସମ୍ବର୍ଦ୍ଧିତ ବ୍ୟକ୍ତିତ୍ୱମାନେ। ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଓ ଉଇ ଫର୍ ଭୁବନେଶ୍ୱର ପକ୍ଷରୁ ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟ ପରିସରସ୍ଥିତ ତାଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଉଛି। (ଫଟୋ-ମନୋରଞ୍ଜନ ମିଶ୍ର)

**ବିଶ୍ୱ ସର୍ପ ଦିବସ ଅବସରରେ ସଚେତନତା**

ବାଙ୍କୀ,(ଜ୍ଞାନେନ୍ଦ୍ର ମୋହନ ମିଶ୍ର)- ବାଙ୍କୀ ଡମପଡ଼ା ବ୍ଲକ ଅରାଡଣ୍ଡିଠାରେ ବିଶ୍ୱ ସର୍ପ ଦିବସ ଅବସରରେ ସର୍ପ ସମ୍ବନ୍ଧୀୟ ସଚେତନାମୂଳକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଂସ୍ଥା ସଂଯୋଜକ ଲଳିତ ମୋହନ ପଣ୍ଡା, ସଦସ୍ୟ ଅମିତ୍ ସାହୁ ଓ ଦୁର୍ଗାମାଧବ ମହାପାତ୍ରଙ୍କ ସମେତ ଅନେକ ଗ୍ରାମବାସୀ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ସାମିଲ୍ ହୋଇଥିବା ଗ୍ରାମବାସୀଙ୍କୁ ବିଷ ଥିବା ଓ ନ ଥିବା ସାପ କିପରି ଚିହ୍ନଟ କରିବ, ଏଥିସହ ସାପ ଘର ଭିତରକୁ କିପରି ନ ପଶିବ ସେ ସମ୍ପର୍କରେ ବୁଝାଯାଇଥିଲା। ଓଡ଼ିଶାରେ ଯେଉଁ ସାପ ଦେଖାଯାଆନ୍ତି ତନ୍ମଧ୍ୟରୁ ନାଗ, ଚିତି, ତମ୍ପ, ରଣା, ଚନ୍ଦନବୋଡା, ଧୂଳିଆ ବୋଡା, ଡାଳୁଆ ବୋଡା, ଅହିରାଜ ବିଷଧର ଅଟନ୍ତି। ବିଷହୀନଙ୍କ ମଧ୍ୟରେ ଧଣ୍ଡ, ଡମଣା, ଅଜଗର, ମାଟିବିରାଡି, କାଣ୍ଡନାଳ ଇତ୍ୟାଦି ରହିଛି। ସ୍ନେକ୍ ହେଲ୍ପ ଆପ୍ ସମ୍ପର୍କରେ ସଚେତନ ସୃଷ୍ଟି କରାଯାଇଥିଲା।

## ସଂକ୍ଷେପରେ

### ଦୁର୍ଘଟଣାରେ ଓଡ଼ିଶା ସାହିତ୍ୟ ଏକାଡେମୀ ସଚିବ ଆହତ

ଭୁବନେଶ୍ୱର,୧୬।୭(ଶର୍ମିଷ୍ଠା ପାଣିଗ୍ରାହୀ)- ଓଡ଼ିଶା ସାହିତ୍ୟ ଏକାଡେମୀ ସଚିବ ପ୍ରବୋଧ କୁମାର ରାଉତ ରବିବାର କଟକରେ ଏକ ଦୁର୍ଘଟଣାର ସମ୍ମୁଖୀନ ହୋଇଛନ୍ତି। ସେ ଗୁରୁତର ଆହତ ହୋଇଥିବାବେଳେ ତାଙ୍କୁ ଅଶ୍ୱିନୀ ଟ୍ରମା କେୟାରରେ ଭର୍ତ୍ତି କରାଯାଇଛି। ତାଙ୍କୁ ଆଇସିୟୁରେ ରଖାଯାଇ ଚିକିତ୍ସା ଚାଲିଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ୫-ଟି ସଚିବ ଭି. କେ. ପାଣ୍ଡିଆନ ତାଙ୍କ ଚିକିତ୍ସା ପାଇଁ ସମସ୍ତ ବ୍ୟବସ୍ଥା କରିଥିବାବେଳେ ଏକାଡେମୀ ପକ୍ଷରୁ ତାଙ୍କର ଆଶୁ ଆରୋଗ୍ୟ କାମନା କରାଯାଇଛି।

### ପ୍ରବନ୍ଧ ପ୍ରତିଯୋଗିତା: କୃତୀ ଛାତ୍ରୀଛାତ୍ର ପୁରସ୍କୃତ

ବାଙ୍କୀ,୧୬।୭(ଜ୍ଞାନେନ୍ଦ୍ର ମୋହନ ମିଶ୍ର): କଟକ ଜିଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ଆନୁକୁଲ୍ୟରେ ବାଙ୍କୀ ବରେନ୍ଦ୍ରକୃଷ୍ଣ ବିଦ୍ୟାପୀଠରେ ନିଶା ଅପବ୍ୟବହାର ଓ ଅବୈଧ କାରବାର ରୋକିବା ଉପରେ ଏକ ବିଦ୍ୟାଳୟସ୍ତରୀୟ ପ୍ରବନ୍ଧ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ବିଦ୍ୟାପୀଠର ପ୍ରଧାନ ଶିକ୍ଷକ ଗୋବିନ୍ଦ ଚନ୍ଦ୍ର ତ୍ରିପାଠୀ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ବାଙ୍କୀ କଲେଜ ଉପାଧ୍ୟକ୍ଷ ପ୍ରାଧ୍ୟାପକ ମନୋଜ କୁମାର ମହାପାତ୍ର ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ପଣ୍ଡିତ ନଗେନ୍ଦ୍ର କୁମାର ମହାପାତ୍ର ଉପସ୍ଥିତ ଥିଲେ। ଏହି ପ୍ରତିଯୋଗିତାରେ ଅରୂପ ପ୍ରଧାନ ପ୍ରଥମ, ଅମ୍ବିତ କୁମାର ଦାଶ ଦ୍ୱିତୀୟ ଓ ଶୁଭ୍ରାଂଶୁ ବେହେରା ତୃତୀୟ ସ୍ଥାନ ଅଧିକାର କରି ମୁଖ୍ୟ ଅତିଥିଙ୍କଠାରୁ ମାନପତ୍ର ଓ ପୁରସ୍କାର ଗ୍ରହଣ କରିଥିଲେ।

### ରକ୍ତଦାନ ଶିବିର: ୧୫୦ ୟୁନିଟ ରକ୍ତ ସଂଗୃହୀତ

ଟିଗିରିଆ, ୧୬।୭(ଜାଫର ଖାଁ ) ଟିଗିରିଆ ବ୍ଲକ ଅନ୍ତର୍ଗତ ନିଜିଗଡ଼ ପଞ୍ଚାୟତସ୍ଥିତ କଲ୍ୟାଣ ମଣ୍ଡପରେ ରବିବାର ଓଡ଼ିଶା ମୋ ପରିବାର ଓ ଟିଗିରିଆ ମହିଳା, ଯୁବ, ଛାତ୍ର, ବିଜେଡି ତରଫରୁ ଜୀବନବିନ୍ଦୁ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ୧୫୦ ୟୁନିଟ ରକ୍ତ ସଂଗୃହିତ ହେବା ସହ ଚାରା ରୋପଣ କରାଯାଇଛି। ଏଥିରେ ମୁଖ୍ୟ ଅତିଥିଭାବେ ରାଜ୍ୟ କୃଷି ମନ୍ତ୍ରୀଙ୍କ ପୁଅ ଆଦିତ୍ୟ ପ୍ରତାପ ସ୍ୱାଇଁ ଯୋଗଦେଇ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। ସମ୍ମାନିତ ଅତିଥିଭାବେ କଟକ ଜିଲା ସଂଯୋଜକ ପ୍ରଦୀପ କୁମାର ଦାସ, ଟିଗିରିଆ ବ୍ଲକ ଅଧ୍ୟକ୍ଷା ସନ୍ଧ୍ୟାରାଣୀ ନାୟକ, ଜିଲା ପରିଷଦ ସଭ୍ୟାସସ୍ମିତା ରାଉତ, ନିଜିଗଡ଼ ସରପଞ୍ଚ ସଂଯୁକ୍ତା ମହାନ୍ତି, ଟିଗିରିଆ ବ୍ଲକ ମିଶନ ଶକ୍ତି ସଭାନେତ୍ରୀ ସମସୁରା ବେଗମ, ବ୍ଲକ ମହିଳା ବିଜେଡି ସଭାନେତ୍ରୀ ରୁପା ଦଳେଇ ଓ ରାଜା ଆଦିତ୍ୟ ପ୍ରସାଦ ମହାନ୍ତି ପ୍ରମୁଖ ଯୋଗଦେଇଥିଲେ। କଟକ ରେଡ୍‌କ୍ରସର ଡାକ୍ତର ଓ କର୍ମକର୍ତ୍ତା ଏଥିରେ ସହଯୋଗ କରିଥିଲେ।

# ଲୁଣାନଦୀରୁ ବାଲି ଚାଲାଣକୁ ବିରୋଧ

## ପଥର, କାଠ ପକାଇ ରାସ୍ତା ଅବରୋଧ

ନିଶ୍ଚିନ୍ତକୋଇଲି, ୧୬।୭ (ଅଶୋକ କୁମାର ମହାପାତ୍ର)



ଲୁଣା ନଦୀରୁ ମେଶିନ ସାହାଯ୍ୟରେ ବାଲି ଉଠାଯାଉଛି।

ନିଶ୍ଚିନ୍ତକୋଇଲି ତହସିଲର ଦାୟିତ୍ୱହୀନତା ଯୋଗୁ ଲୁଣାନଦୀରୁ ବାଲି ମାଫିଆମାନେ ଅବାଧରେ ବାଲି ଚାଲାଣ କରୁଛନ୍ତି। ଫଳରେ ନଦୀ ବନ୍ଧ ପ୍ରତି ବିପଦର ଆଶଙ୍କା ଦେଖାଦେଇଛି। ଏଭଳି ଅଭିଯୋଗ କରି ସାଲେପୁର ବ୍ଲକର ଦେମାଣ୍ଡୋଠାରେ ଉତ୍ୟକ୍ତ ଲୋକେ ପଥର ଓ କାଠ ପକାଇ ରାସ୍ତା ଅବରୋଧ କରିଥିଲେ। ସେମାନଙ୍କ ଅଭିଯୋଗ ଅନୁଯାୟୀ, ନିଶ୍ଚିନ୍ତକୋଇଲି ତହସିଲ ଅଧୀନରେ ତିଳକଣା ପଞ୍ଚାୟତରେ ଦେମାଣ୍ଡୋ ବାଲିଘାଟ ରହିଛି। ଏହି ବାଲିଘାଟକୁ ସରକାରଙ୍କ ତରଫରୁ ୫ ବର୍ଷ ପାଇଁ ନିଲାମ ଦିଆଯାଇଛି। ତେବେ ନିଲାମଧାରୀ ବେପରୁଆ ଭାବେ ଓ ସମସ୍ତ ନୀତି ନିୟମକୁ ଉଲ୍ଲଂଘନ କରି ଜେସିବି ମେଶିନ ଓ ପୋକଲିନ ସାହାଯ୍ୟରେ ଦୈନନ୍ଦିନ ବାଲି ଖନନ କରୁଛନ୍ତି। ଏହି ବାଲିକୁ ଟ୍ରାକ୍ଟର, ଟ୍ରକ ଓ ଭାରିଯାନ ହାଇୱା ସହାୟତାରେ ରାଜ୍ୟର ବିଭିନ୍ନ ସ୍ଥାନକୁ ପଠାଯାଉଛି। ବେପରୁଆଭାବେ ବାଲି ଚାଲାଣ କରାଯାଉଥିବାରୁ ସ୍ଥାନୀୟ ଅଞ୍ଚଳର ରାସ୍ତାଘାଟ ବିପର୍ଯ୍ୟସ୍ତ ହୋଇପଡୁଛି। ଫଳରେ ରାସ୍ତାରେ ଗମନାଗମନ କରିବା କାଠିକର ପାଠ ହୋଇଛି। ରାସ୍ତା ବାଲିମୟ ହୋଇଯାଉଥିବାରୁ ଅନେକ ସମୟରେ ଛୋଟବଡ଼ ଦୁର୍ଘଟଣା ଘଟୁଛି। ଏବେ ବର୍ଷାଋତୁ ଆସିଯାଇଥିବାରୁ ଲୁଣାନଦୀରେ ଜଳସ୍ତର ବୃଦ୍ଧି ପାଇଛି। ଫଳରେ ବନ୍ଧ ଭାଙ୍ଗିବାର ଆଶଙ୍କା ଥିବାରୁ ଲୋକେ ବିରୋଧ କରିଛନ୍ତି। ବର୍ଷାଋତୁରେ ବାଲି ଚାଲାଣ ଓ ଭାରିଯାନ ଚଳାଚଳ ବନ୍ଦ କରିବା ନିମନ୍ତେ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଏହାସତ୍ତ୍ୱେ ବାଲି ଚାଲାଣ କରାଯାଉଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଖବରପାଇ ନିଶ୍ଚିନ୍ତକୋଇଲି ପୋଲିସ ଘଟଣାସ୍ଥଳରେ ପହଞ୍ଚି ଉତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିଛି। ମାତ୍ର ରିପୋର୍ଟ ଲେଖାହେଲା ବେଳକୁ ରାସ୍ତା ଅବରୋଧ ପ୍ରତ୍ୟାହୃତ ହୋଇ ନ ଥିଲା। ଏ ସମ୍ପର୍କରେ ନିଶ୍ଚିନ୍ତକୋଇଲି ତହସିଲଦାର ଦିଲୀପ କୁମାର ନାୟକଙ୍କୁ ପଚାରିବାରୁ ୫ ବର୍ଷ ନିମନ୍ତେ ବାଲିଘାଟ ନିଲାମରେ ଦିଆଯାଇଛି। ରବିବାର ଛୁଟିଦିନ ଥିବାରୁ ଘଟଣା ସମ୍ପର୍କରେ ସେ କିଛି ଜାଣି ନ ଥିବା କହିଛନ୍ତି।

# ୫-ଟି ରୂପାନ୍ତରଣ କାର୍ଯ୍ୟ ପାଇଁ ଶିଳାନ୍ୟାସ



ଶିଳାନ୍ୟାସ କାର୍ଯ୍ୟକ୍ରମରେ ବିଧାୟକ ପ୍ରତାପ ଜେନା ଓ ଅନ୍ୟମାନେ।

## ମାହାଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର

ମାହାଙ୍ଗା, ୧୬।୭ (ଯଯାତି ସିଂହ)

ମାହାଙ୍ଗା ବ୍ଲକ ଅନ୍ତର୍ଗତ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ୫-ଟି ଓ ଆମ ହସ୍ପିଟାଲ ଯୋଜନାରେ ଅର୍ନ୍ତଭୁକ୍ତ କରାଯାଇଛି। ଏନେଇ ରୂପାନ୍ତରଣ କାର୍ଯ୍ୟର ଶିଳାନ୍ୟାସ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥିଭାବେ ମାହାଙ୍ଗା ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ପ୍ରତାପ ଜେନା ଯୋଗଦେଇ କହିଥିଲେ, ୩.୧୫ କୋଟି ବ୍ୟୟ ମଞ୍ଜୁରରେ ଏହି ରୂପାନ୍ତରଣ କାର୍ଯ୍ୟ ହେବ। ଏହି ସ୍ୱାସ୍ଥ୍ୟକେନ୍ଦ୍ରର ଭିତ୍ତିଭୂମିର ବିକାଶ ହେଲେ ମାହାଙ୍ଗା ବ୍ଲକ ସହ ବଡ଼ଚଣା, ସାଲେପୁର ଓ ଡେରାବିଶ ଅଞ୍ଚଳର ବହୁ ଜନସାଧାରଣଙ୍କୁ ଉତ୍ତମ ସ୍ୱାସ୍ଥ୍ୟସେବା ମିଳିପାରିବ ବୋଲି ସେ କହିଥିଲେ । ଏଥିରେ ସମ୍ମାନିତ ଅତିଥିଭାବେ ବ୍ଲକ ଅଧ୍ୟକ୍ଷା ଦୀପା ମଲିକ, ଉପାଧ୍ୟକ୍ଷ ସତ୍ୟ ନାରାୟଣ ମହାନ୍ତି, ପୂର୍ବତନ ବ୍ଲକ ଅଧ୍ୟକ୍ଷ ରାଜକିଶୋର ଜେନା, ଶରତ ନାୟକ, ବ୍ଲକ ଯୁବ ବିଜେଡି ସଭାପତି ଶରତ ମହାପାତ୍ର, ଡାକ୍ତର ତନ୍ମୟ ବେହେରା, ଜିଲା ପରିଷଦ ସଭ୍ୟ ଜଗବନ୍ଧୁ ସେଠୀ, ରିଆଜୁଲ ହୋଦା, ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ ପ୍ରମୁଖ ଯୋଗଦେଇଥିଲେ।

# ଖେଳାଳି ଚୟନ ପ୍ରକ୍ରିୟା ଶେଷ



ନୀତା ଫୁଟ୍‌ବଲ ଏକାଡ଼େମୀ ପାଇଁ ଚୟନ ପ୍ରକ୍ରିୟା ଅବସରରେ ଖେଳାଳି ଓ କର୍ମକର୍ତ୍ତାଗଣ।

## ନୀତା ଫୁଟ୍‌ବଲ ଏକାଡେମୀ

ଖୁଣ୍ଟୁଣୀ,୧୬।୭ (ସଚ୍ଚିଦାନନ୍ଦ ପଣ୍ଡା):

ଓଡ଼ିଶା ତଥା ରାଜ୍ୟ ବାହାରୁ ଯୁବ ମହିଳା ପ୍ରତିଭା ଫୁଟ୍‌ବଲ ଖେଳାଳିଙ୍କୁ ଚିହ୍ନଟ କରି ସେମାନଙ୍କୁ ଜାତୀୟ ସ୍ତରରେ ପହଞ୍ଚାଇବା ପାଇଁ ସ୍ଥାନୀୟ ନୀତା ଫୁଟ୍‌ବଲ ଏକାଡେମୀ ପକ୍ଷରୁ ଏକ ଅଭିନବ ଉଦ୍ୟମ ଆରମ୍ଭ ହୋଇଛି। ୨୦୨୩-୨୪ ବର୍ଷ ପାଇଁ ଗତ ୧୪ ତାରିଖରୁ ଆରମ୍ଭ ହୋଇଥିବା ୧୫, ୧୭ ଓ ୧୯ ବର୍ଷରୁ କମ୍ ବାଳିକା ଖେଳାଳିମାନଙ୍କ ଚୟନ ପ୍ରକ୍ରିୟା ରବିବାର ଶେଷ ହୋଇଛି। ରାଧାଦାମୋଦରପୁରସ୍ଥିତ ଧବଳେଶ୍ୱର ପଲିଟେକ୍‌ନିକ୍ ନୀତା ଫୁଟ୍‌ବଲ ଏକାଡେମୀ କ୍ୟାମ୍ପସରେ ଅନୁଷ୍ଠିତ ହୋଇଥିଲା। ଏଥିରେ ରାଜ୍ୟ ଏବଂ ରାଜ୍ୟ ବାହାରୁ ୬୦ଜଣ ଖେଳାଳି ଭାଗ ନେଇଥିଲେ। ଚୟନ ପ୍ରକ୍ରିୟାରେ ଉତ୍ତୀର୍ଣ୍ଣ ହୋଇଥିବା ଖେଳାଳିମାନଙ୍କୁ ମାଗଣା ପାଠପଢ଼ା ସହ ହଷ୍ଟେଲରେ ରହଣି ଓ ଖାଇବା ବ୍ୟବସ୍ଥା ରହିବ ବୋଲି ନୀତା ଏକାଡେମିର ଅଧ୍ୟକ୍ଷ ଇଂ. ସୁବ୍ରତ କୁମାର ଦାସ ସୂଚନା ଦେଇଛନ୍ତି। ଚୟନ ମଣ୍ଡଳୀରେ ଅଧ୍ୟକ୍ଷଙ୍କ ବ୍ୟତୀତ ନୀତା ଏକାଡେମୀର ସମ୍ପାଦକ ଅରୁଣ ପରିଜା, ବୈଷୟିକ କମିଟିର ଉପଦେଷ୍ଟା ଏମ୍‌ଡି. ସୟଦ ଜବାର, କୋଚ୍ ସମ୍ମୟ ବସୁ, ସହକାରୀ କୋଚ୍ ସସ୍ମିତା ସାହୁ, ପ୍ରଦୀପ ରାଉତ ଓ ଅଭିଜିତ କାନୁନ୍‌ଗୋ ପ୍ରମୁଖ ରହିଛନ୍ତି।

## ନୂର୍ତାଙ୍ଗ ସରପଞ୍ଚ ଉପନିର୍ବାଚନ : ବିଜେଡି ସମର୍ଥିତ ପ୍ରାର୍ଥୀ ଘୋଷଣା

ମାହାଙ୍ଗା,୧୬।୭(ଯଯାତି ସିଂହ)

ମାହାଙ୍ଗା ବ୍ଲକ ନୂର୍ତାଙ୍ଗ ପଞ୍ଚାୟତ ସରପଞ୍ଚଙ୍କ ମୃତ୍ୟୁ ଘଟିବା ପରେ ଅଗଷ୍ଟ ୯ରେ ଏହି ପଦବୀ ପାଇଁ ଉପ ନିର୍ବାଚନ ଅନୁଷ୍ଠିତ ହେବ। ଏନେଇ ବିଜେଡିର ଏକ କର୍ମୀ ସମାବେଶ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ଲକ ବିଜେଡି ସଭାପତି ରାଜକିଶୋର ଜେନାଙ୍କ ସଭାପତିତ୍ୱରେ ମାହାଙ୍ଗା ବିଧାୟକ ତ୍ଥା ପୂର୍ବତନ ମନ୍ତ୍ରୀ ପ୍ରତାପ ଜେନା ଯୋଗଦେଇଥିଲେ। ସମାବେଶରେ ଆସନ୍ତା ଉପନିର୍ବାଚନରେ ବିଜେଡି ସମର୍ଥିତ ପ୍ରାର୍ଥୀଙ୍କୁ ସମର୍ଥନ କରିବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଏହି ଅବସରରେ ବିଧାୟକ ଜେନା ଦଳୀୟ ସମର୍ଥିତ ପ୍ରାର୍ଥୀଭାବେ ପବିତ୍ରମୋହନ ବରାଳଙ୍କ ନାମ ଘୋଷଣା କରିଥିଲେ। ଏଥିରେ ସମ୍ମାନିତ ଅତିଥିଭାବେ ବ୍ଲକ ଅଧ୍ୟକ୍ଷା ଦୀପା ମଲିକ, ଉପାଧ୍ୟକ୍ଷ ସତ୍ୟ ନାରାୟଣ ମହାନ୍ତି, ଜିଲା ପରିଷଦ ସଭ୍ୟା ସୁସ୍ମିତା ଦାସ, ପଞ୍ଚାୟତ ବିଜେଡି ସଭାପତି ପ୍ରକାଶ ଆଚାର୍ଯ୍ୟ, ଆଇନଜୀବୀ ମଳୟ ନାୟକ, ରାମଚନ୍ଦ୍ର ଦାଶ ,ପୂର୍ବତନ ସରପଞ୍ଚ ସବିତା ନାୟକ ପ୍ରମୁଖ ଉପସ୍ଥିତ ଥିଲେ ।

# ବୃକ୍ଷ ଦ୍ୱାରା ଖାଦ୍ୟ ଅଭାବ ଦୂର ହେବ



ରାସ୍ତା ପାର୍ଶ୍ୱରେ ମଞ୍ଜି ବୁଣାଯାଉଛି।

ବଡ଼ମ୍ବା,୧୬। ୭(ମାୟାଧର ମଲ୍ଲିକ)

ମୃତ୍ତିକା କ୍ଷୟ, ବାଟୋଇଙ୍କୁ ଛାୟା ପ୍ରଦାନ କରିବା ଉଦ୍ଦେଶ୍ୟରେ ବଡ଼ମ୍ବା ପ୍ରାଣଯୋଗ ପ୍ରତିଷ୍ଠାନ ପକ୍ଷରୁ ରବିବାର ଅଭିନବ ଉପାୟରେ ମଞ୍ଜି ବୁଣାଯାଇଛି। ଏହି ଅବସରରେ ଆମ୍ବ, ବରକୋଳି, ଖଜୁରି, ଜାମୁକୋଳି ଇତ୍ୟାଦି ମଞ୍ଜି ସଂଗ୍ରହ କରାଯାଇ ବଡ଼ମ୍ବାର ଦେଉଳି ଗ୍ରାମ ନିକଟସ୍ଥ କପିଳେଶ୍ୱର ଦେବ ପୀଠରୁ ବଡ଼ମ୍ବା ହାଟକୁ ସଂଯୋଗ କରୁଥିବା ରାସ୍ତାରେ ବୁଣାଯାଇଛି। ଏଥିସହ ଦେବ ପୀଠ ପରିସରରେ ଟଭା , ମଲ୍ଟି ଭିଟାମିନ ଆଦି ଔଷଧୀୟ ଗଛ ଚାରା ଲଗାଯାଇଛି। ମଞ୍ଜି ବୁଣା ପୂର୍ବରୁ ବେଦ ଅନୁସାରେ ଶଙ୍ଖନାଦ, ମନ୍ତ୍ର ପାଠ, ଦୀପ ପ୍ରଜ୍ୱଳନ କରାଯାଇ ପୂଜାପାଠ କରାଯାଇଥିଲା। ସଂସ୍ଥାର କାର୍ଯ୍ୟକାରୀ ଅଧ୍ୟକ୍ଷା ପ୍ରବୀଣା ମହାନ୍ତିଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ସାଧାରଣ ସମ୍ପାଦକ ଶିକ୍ଷକ ନେତା ଅଶୋକ କୁମାର ଧଳ ପରିଚାଳନା କରିଥିଲେ। ବୃକ୍ଷ ଦ୍ୱାରା ମଣିଷ ଓ ପଶୁପକ୍ଷୀଙ୍କ ଖାଦ୍ୟ ଅଭାବ ଦୂର ହୋଇପାରିବ ବୋଲି ପ୍ରତିଷ୍ଠାନର ଅଧ୍ୟକ୍ଷ ବିଜ୍ଞାନ କବି ଚନ୍ଦ୍ରଶେଖର ମହାନ୍ତି ଏହି ଅବସରରେ କହିଥିଲେ। ସଙ୍ଗଠନ ସମ୍ପାଦକ ଶିବ ନାରାୟଣ ମିଶ୍ର, ଅଧୀକ୍ଷକ ବାଲୁଙ୍କେଶ୍ୱର ରାଉତ, ବୈଜୟନ୍ତ ମହାରଣା, ମମତା ସାମନ୍ତ, ମୋନାଲିସା ରଣା, ସନ୍ତୋଷିନୀ ରଣା, ରିନା ଦାସ, ବାସନ୍ତୀ ଦେଈ, ସିଲୁ ସାହୁ ପ୍ରମୁଖ ଏଥିରେ ସହଯୋଗ କରିଥିଲେ।

# ଆଜିଠୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ମାର୍କେଟ ବିଲ୍ଡିଂ ବନ୍ଦ

ଭୁବନେଶ୍ୱର, ୧୬।୭ (ବନ୍ଦନା ସେଠୀ)

ଆଜିଠାରୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ବନ୍ଦ ରହିବ ୟୁନିଟ-୨ ସ୍ଥିତ ମାର୍କେଟ ବିଲ୍ଡିଂ। ସ୍ଥାୟୀ ଅସ୍ଥାୟୀ ଦୋକାନୀଙ୍କ ମଧ୍ୟରେ ଥିବା ବିବାଦ ତୁଟୁ ନ ଥିବାବେଳେ ଏନେଇ ବିଏମ୍‌ସି କୌଣସି ଦୃଢ଼ ପଦକ୍ଷେପ ନେଉନାହିଁ। ଫଳରେ ମାର୍କେଟ ବିଲ୍ଡିଂ ଭିତରେ ଏବେ ଉଠାଦୋକାନୀମାନେ ଏକ ପ୍ରକାର କବ୍‌ଜା କରିସାରଲେଣି। ଏନେଇ ସେଣ୍ଟ୍ରାଲ ମାର୍କେଟ ଆସୋସିଏଶନ୍ ବାରମ୍ବାର ବିଏମ୍‌ସିର ଦୃଷ୍ଟି ଆକର୍ଷଣ କରୁଥିଲେ ମଧ୍ୟ କିଛି ସୁଫଳ ମିଳୁନାହିଁ। କେବଳ ନାମକୁ ମାତ୍ର ଲୋକଦେଖାଣିଆ ଭାବେ ଉଠାଦୋକାନୀଙ୍କୁ ଉଠାଇ ପୁଣି ବସିବାର ସୁଯୋଗ ଦିଆଯାଉଛି। ଗୁରୁବାର ଆସୋସିଏଶନ ପକ୍ଷରୁ ଏକ ଖବରଦାତା ସମ୍ମିଳନୀ କରାଯାଇ ଉଠାଦୋକାନୀଙ୍କୁ ଉଠାଇବା ପାଇଁ ବିଏମ୍‌ସିକୁ ୩ଦିନ ସମୟ ଦିଆଯାଇଥିଲା। ମାତ୍ର ଏହା ମଧ୍ୟରେ ବିଏମ୍‌ସି ଆସୋସିଏଶନକୁ ଆଲୋଚନା ପାଇଁ ଡାକିବା ତ ଦୂରର କଥା କୌଣସି ଉତ୍ତର ମଧ୍ୟ ରଖିନାହିଁ। ଏଥିରୁ ବିଏମ୍‌ସି ପରୋକ୍ଷ ଭାବେ ଉଠାଦୋକାନୀଙ୍କୁ ସମର୍ଥନ କରୁଥିବା ଆସୋସିଏଶନ ପକ୍ଷରୁ ଅଭିଯୋଗ କରାଯାଇଛି। ତେଣୁ ସୋମବାରଠାରୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ମାର୍କେଟ ବିଲ୍ଡିଂ ବନ୍ଦ କରିବା ନେଇ ଆସୋସିଏଶନ ନିଷ୍ପତ୍ତି ନେଇଛି। ଏଥିସହ ସେହିଠାରେ ସ୍ଥାୟୀ ଦୋକାନୀମାନେ ଧାରଣା ଦେବେ ବୋଲି ସୂଚନା ଦିଆଯାଇଛି। ଅପରପକ୍ଷେ ଘଟଣା ସମ୍ପର୍କରେ ବିଏମ୍‌ସି କମିଶନର ବିଜୟ ଅମୃତା କୁଲାଙ୍ଗେ କହିଛନ୍ତି, ଉଠାଦୋକାନୀଙ୍କ ମଧ୍ୟରୁ ଅନେକ କୋର୍ଟରୁ ଷ୍ଟେ' ଅର୍ଡର ଆଣିଥିବାରୁ ସେମାନଙ୍କୁ ଉଚ୍ଛେଦ କରିବା ସମ୍ଭବ ହୋଇପାରୁନି। ତେବେ ଏନେଇ ପଦକ୍ଷେପ ନିଆଯାଉଛି। ଆବଶ୍ୟକ ପଡିଲେ ଆସୋସିଏଶନ ସହିତ ଏନେଇ ଆଲୋଚନା କରାଯିବ। ସେହିପରି ବିଏମ୍‌ସି ଅଧିକାରୀଙ୍କ ବିପକ୍ଷରେ ଆସୋସିଏଶନ ଆଣୁଥିବା ଅଭିଯୋଗ ଭିତ୍ତିହୀନ। କୌଣସି ଅଧିକାରୀ ବଟି ନେଇ ଉଠାଦୋକାନୀଙ୍କୁ ବସିବାକୁ ପ୍ରଶ୍ରୟ ଦେଉନାହାନ୍ତି। ଯଦି ଆସୋସିଏଶନ ଏଭଳି ଅଭିଯୋଗ ଆଣୁଛି ତେବେ ଏହାର ପ୍ରମାଣ ରଖିବା ପାଇଁ କମିଶନର କହିଛନ୍ତି।

## ତାଲା ଭାଙ୍ଗି ସୁନାଅଳଙ୍କାର, ୧୦ ହଜାର ଟଙ୍କା ଚୋରି

ନିମାପଡ଼ା,୧୬।୭(ବିଚିତ୍ରାନନ୍ଦ ସାହୁ):

ନିମାପଡ଼ା ଥାନା ଅଧୀନ ଓଳିକଣା ଗ୍ରାମର ଜଣଙ୍କ ଘରର ତାଲା ଭାଙ୍ଗି କେହି ଦୁର୍ବୃତ୍ତ ନଗଦ ୧୦ ହଜାର ଟଙ୍କା, ହଳେ ସୁନା କାନଫୁଲ, ଗୋଟିଏ ସୁନା ମୁଦି ଚୋରି କରିଥିବା ରବିବାର ଅଭିଯୋଗ ହୋଇଛି। ଶାନ୍ତିଲତା ଦାସଙ୍କ ଘରେ ଶନିବାର ରାତିରେ କେହି ନ ଥିବା ସୁଯୋଗରେ ଦୁର୍ବୃତ୍ତ ତାଙ୍କ ଟ୍ରଙ୍କ ତାଲା ଖୋଲି ଏଭଳି କାଣ୍ଡ ଘଟାଇଛନ୍ତି। ଅଭିଯୋଗ ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛି। ରିପୋର୍ଟ ଲେଖାଯିବା ବେଳକୁ ଏ ସମ୍ପର୍କରେ ମାମଲା ରୁଜୁ ହୋଇ ନ ଥିବା ଜଣାପଡ଼ିଛି।



କଟକ ବିଡାନାସୀ କୁମ୍ଭାରସାହି ତ୍ରିନାଥ ଯୁବକ କାଉଡିଆ ସଂଘ ଦ୍ୱାରା ନିର୍ମିତ ବିଶାଳ ବାହୁଙ୍ଗୀରେ ୪୦ ଲିଟର କ୍ଷୀର ଓ ୨୦ ଲିଟର ଜଳ ନେଇ ଚହଟା ମହାନଦୀ ତଟରୁ ଆଠଗଡ଼ର ସର୍ପେଶ୍ୱର ମନ୍ଦିର ଅଭିମୁଖେ ବାହାରିଥିବା ଶୋଭାଯାତ୍ରା।

# 'ସାଲେପୁର ମାଟି ଓଡ଼ିଆ ଭାଷା, ସାହିତ୍ୟକୁ ସମୃଦ୍ଧ କରିଛି'

**ଦ୍ୱିତୀୟ ସାଲେପୁର ସାହିତ୍ୟ ମହୋତ୍ସବ ଉଦ୍‌ଘାଟିତ**

- ୬୦ରୁ ଊର୍ଦ୍ଧ୍ୱ ବିଶିଷ୍ଟ ବ୍ୟକ୍ତି ସମ୍ବର୍ଦ୍ଧିତ

ସାଲେପୁର,୧୬।୭(ଅରବିନ୍ଦ ଭୂୟାଁ):



ସାଲେପୁର ସାହିତ୍ୟ ମହୋତ୍ସବରେ ଅତିଥିମାନେ ପୁସ୍ତକ ଲୋକାର୍ପଣ କରୁଛନ୍ତି।

ସାଲେପୁର ମାଟି ଓଡ଼ିଆ ଭାଷା, ସାହିତ୍ୟକୁ ସମୃଦ୍ଧ କରିଛି। ଏହି ମାଟିର ଉତ୍କଳ ଗୌରବ ମଧୁସୂଦନ ଦାସ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ପାଇଁ ଯେଉଁ ସ୍ୱପ୍ନ ଦେଖିଥିଲେ, ତାହା ଆଜି ସାକାର ହୋଇ ଆମକୁ ଜାତୀୟସ୍ତରରେ ପ୍ରତିଷ୍ଠିତ କରିଛି। ଏହି ମାଟି ଆମକୁ ପ୍ରେରଣା ଦେଇଛି। ସାଲେପୁର, ମାହାଙ୍ଗା ମାଟିରେ ବହୁ ମହାପୁରୁଷ ତଥା ସଂଗ୍ରାମୀ, ସାହିତ୍ୟିକ ଜନ୍ମ ନେଇ ଏହି ମାଟିକୁ ରାଜ୍ୟ ଓ ଜାତୀୟସ୍ତରରେ ସ୍ମରଣୀୟ କରିଥିବାରୁ ଏହି ମାଟିକୁ ମୁଁ ପ୍ରଣାମ କରୁଛି ବୋଲି ରବିବାର ଦ୍ୱିତୀୟ ବାର୍ଷିକ ସାଲେପୁର ସାହିତ୍ୟ ମହୋତ୍ସବକୁ ଉଦ୍‌ଘାଟନ କରି ମାହାଙ୍ଗା ବିଧାୟକ ପ୍ରତାପ ଜେନା ଏକଥା କହିଛନ୍ତି। ସାଲେପୁର ହାଇସ୍କୁଲ ଅଡିଟୋରିୟମ୍ ହଲ୍‌ରେ ସାହିତ୍ୟ ମହୋତ୍ସବ କମିଟି ଆବାହକ ଅକ୍ଷୟ କୁମାର ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଉଦ୍‌ଘାଟକ ଭାବେ ଜେନା ଯୋଗଦେଇ ଗଣେଶଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ପରେ ଉତ୍କଳ ଗୌରବ ମଧୁସୂଦନ ଦାସ, ଉତ୍କଳମଣି ଗୋପବନ୍ଧୁ ଦାସ, କଥାସମ୍ରାଟ ସୁରେନ୍ଦ୍ର ମହାନ୍ତିଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ।

ବିଶିଷ୍ଟ ଅତିଥି ଭାବେ ସାଲେପୁର ବିଧାୟକ ପ୍ରଶାନ୍ତ ବେହେରା ଯୋଗଦେଇ ସାଲେପୁର ମାଟି ମୋତେ ପ୍ରେରଣା ଯୋଗାଇଛି ବୋଲି କହିବା ସହ ଏହି ମାଟିର କୃତୀ ସନ୍ତାନଙ୍କ ସ୍ତୁତିଚାରଣ ସବୁସ୍ତରରେ ହେବା ଉଚିତ୍ ବୋଲି ମତ ରଖିଥିଲେ। ମୁଖ୍ୟଅତିଥି ଭାବେ ଲୋକସେବକ ମଣ୍ଡଳର ରାଷ୍ଟ୍ରୀୟ ସମ୍ପାଦକ ଡ. ପ୍ରଭାସ ଆଚାର୍ଯ୍ୟ ଯୋଗଦେଇ ଗୌରବମୟ ଇତିହାସକୁ ମନେ ପକାଇବା ସମସ୍ତଙ୍କ କର୍ତ୍ତବ୍ୟ ବୋଲି କହିଥିଲେ। ମୁଖ୍ୟବକ୍ତା ବିଶିଷ୍ଟ ପ୍ରବନ୍ଧକ ଡ. ଅଜୟ କୁମାର ମିଶ୍ର ଯୋଗଦେଇ ଯେଉଁମାନଙ୍କ ପାଇଁ ଓଡ଼ିଆ ଭାଷା, ସାହିତ୍ୟ ତିଷ୍ଠି ରହିଛି, ସେମାନଙ୍କୁ ମନେ ରଖିବା ଆମର ଦାୟିତ୍ୱ ବୋଲି କହିଥିଲେ। ଖ୍ରୀଷ୍ଟ ମହାବିଦ୍ୟାଳୟ ଇଂଲିଶ ବିଭାଗ ଅଧ୍ୟାପକ ଡ. ଶାରଦା ପ୍ରସନ୍ନ କର ଯୋଗଦେଇ ସାହିତ୍ୟ, ସଂସ୍କୃତିର ପୂଜା କରିବା ସମସ୍ତଙ୍କ କର୍ତ୍ତବ୍ୟ ବୋଲି କହିବା ସହ ଏହି ମାଟିର ଗୌରବ ସମ୍ପର୍କରେ ବିସ୍ତୃତ ବିବରଣୀ ପ୍ରଦାନ କରିଥିଲେ। ଅଭ୍ୟର୍ଥନା କମିଟି ସଭାପତି କବି ସଦାଶିବ ଦାଶ ସ୍ୱାଗତ ଭାଷଣ ଦେଇଥିବାବେଳେ ବୈକୁଣ୍ଠନାଥ ସ୍ମୃତି ସଂସଦ ସମ୍ପାଦକ ଅନନ୍ତ ଗୋପାଳ ପଣ୍ଡା ଅତିଥି ପରିଚୟ ପ୍ରଦାନ କରିଥିଲେ।

କାର୍ଯ୍ୟକ୍ରମରେ ସାଲେପୁର, ମାହାଙ୍ଗା, ନିଶ୍ଚିନ୍ତକୋଇଲି ଓ ଟାଙ୍ଗୀ ଚୌଦ୍ୱାର ଅଞ୍ଚଳର ୨୧ରୁ ଊର୍ଦ୍ଧ୍ୱ ପାଲା ଗାୟକ, ସାହିତ୍ୟିକ ଏବଂ ସାହିତ୍ୟ ଅନୁଷ୍ଠାନ ସହ ଜଡ଼ିତ ୬୦ରୁ ଊର୍ଦ୍ଧ୍ୱ ବ୍ୟକ୍ତିବିଶେଷଙ୍କୁ ଅତିଥି ସମ୍ବର୍ଦ୍ଧିତ କରିଥିଲେ। ଅତିଥିମାନଙ୍କୁ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ସେହିପରି ହାଇସ୍କୁଲସ୍ତରରେ ସାଧାରଣ ଜ୍ଞାନ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ଗୋପବନ୍ଧୁଙ୍କ ଶ୍ରାଦ୍ଧବାର୍ଷିକୀ ସଂଖ୍ୟା ଓ ଉତ୍କଳ ପ୍ରସଙ୍ଗ ପୁସ୍ତକ ସହ ପ୍ରମାଣପତ୍ର ଦିଆଯାଇ ସମ୍ମାନିତ କରାଯାଇଥିଲା। ଚିତ୍ରୋତ୍ପଳା ପ୍ରକାଶନୀ ପକ୍ଷରୁ ପୁସ୍ତକ ମେଳା ଏବଂ ବିଭିନ୍ନ ସ୍ୱୟଂସହାୟକ ଗୋଷ୍ଠୀ ପକ୍ଷରୁ ହସ୍ତଶିଳ୍ପ ପ୍ରଦର୍ଶନ କରାଯାଇଥିଲା। ମାର୍ବଲ ଶିଳ୍ପୀ ନରେନ୍ଦ୍ର ବାରିକ, କଣ୍ଢେଇ ଶିଳ୍ପୀ ଅକ୍ଷୟ ସେଠୀ, ଟେରାକୋଟା ଶିଳ୍ପୀ ପ୍ରତାପ ମଲ୍ଲିକ, କତା କଣ୍ଢେଇ ଶିଳ୍ପୀ ଦୀପା ପରିଡ଼ା ଏବଂ ସୁଷମା ଦୀକ୍ଷିତଙ୍କୁ ଅତିଥି ସମ୍ବର୍ଦ୍ଧିତ କରିଥିଲେ। ସାଲେପୁର ସାହିତ୍ୟ ମହୋତ୍ସବ କମିଟି ପକ୍ଷରୁ ଅବତନ ଷଡ଼ଙ୍ଗୀ, କବି ଚନ୍ଦ୍ରମଣି ଭୂୟାଁ, ବିଷ୍ଣୁଚରଣ ମିଶ୍ର, ଅନନ୍ତ ଚରଣ ଦାଶ, କବି ସମ୍ବିତ୍ ଦାସ, ଡ. ନିଖିଳେଶ ମହାନ୍ତି, ଡ. ତରୁଲତା ଦେବୀ, ଦୟାନିଧି ସାହୁ, ମାନସ କୁମାର ଦାଶ, କବି ମାନସ କୁମାର କର ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ସଂକ୍ଷେପରେ

### ନିରାକାରପୁରରେ ବ୍ୟାପୁଛି ଆଖିଧରା ରୋଗ

**ନିରାକାରପୁର,୧୬।୭(ମାନସ ଚନ୍ଦ୍ର ପଟ୍ଟନାୟକ):** ଖୋର୍ଦ୍ଧା ଜିଲା ନିରାକାରପୁର ଏବଂ ଏହାର ଆଖପାଖ ଅଞ୍ଚଳରେ ଆଖିଧରା ରୋଗ ବ୍ୟାପିବାରେ ଲାଗିଛି। ଫଳରେ ସରକାରୀ, ଘରୋଇ ଡାକ୍ତରଖାନାଠାରୁ ଆରମ୍ଭ କରି ମେଡିସିନ ଦୋକାନରେ ରୋଗୀଙ୍କ ଭିଡ଼ ଜମୁଛି। ବିଶେଷକରି ଛାତ୍ରୀଛାତ୍ର ଆଖିଧରା ରୋଗରେ ସଂକ୍ରମିତ ହେଉଥିବା ଦେଖିବାକୁ ମିଳିଛି। ଏନେଇ ନିରାକାରପୁର ସରକାରୀ ମେଡିକାଲର ଆୟୁଷ ଡାକ୍ତର ଅଶ୍ୱିନୀ ସ୍ୱାଇଁ କହିଛନ୍ତି, ଆଖିଧରା ସଂକ୍ରମିତ ବ୍ୟକ୍ତି ଭୟଭୀତ ହେବାର ଆବଶ୍ୟକ ନାହିଁ। ଆଖି ଧରିଲେ ସଙ୍ଗେ ସଙ୍ଗେ ଡାକ୍ତରଙ୍କ ପରାମର୍ଶ ନେବା ଜରୁରୀ। କୌଣସି କାରଣ ନ ଥାଇ ବାରମ୍ବାର ଆଖିକୁ ସ୍ପର୍ଶ ନ କରିବା, ସଂକ୍ରମିତ ବ୍ୟକ୍ତିଙ୍କ ସହିତ ସିଧାସଳଖ ସଂସ୍ପର୍ଶରେ ନ ଆସିବା ଆବଶ୍ୟକ। ଆଖିଧରା ସଂକ୍ରମଣର ପ୍ରଭାବ ୫ରୁ ୭ ଦିନ ରହିଥାଏ ବୋଲି ସେ କହିଛନ୍ତି।

### ଲଡୁକେଶ୍ୱରଙ୍କ ସ୍ମୃତିସଭା

**ଗମ୍ଭାରୀମୁଣ୍ଡା,୧୬।୭(ଦିଲୀପ ସ୍ୱାଇଁ):** ବାଣପୁର ନିକଟ ଭୀମପୁର ଗ୍ରାମର ବାନାମ୍ବର ସରକାରୀ ହାଇସ୍କୁଲର ପୂର୍ବତନ ଆଦର୍ଶ ପ୍ରଧାନଶିକ୍ଷକ ସ୍ୱର୍ଗତ ଲଡୁକେଶ୍ୱର ସାହୁଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ ସ୍ମୃତିସଭା ଅନନ୍ତସ୍ୱାମୀ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ପ୍ରଫେସର ନଳିନୀକାନ୍ତ ପଟ୍ଟନାୟକଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସଭାରେ ଅଧାପକ ସଂଗ୍ରାମ କେଶରୀ ସାହୁ, ଆନନ୍ଦ ଚନ୍ଦ୍ର ସେନାପତି, ନନ୍ଦକିଶୋର ମିଶ୍ର, ଦୁର୍ଗାଚରଣ ଦାଶ, ମଧୁସୂଦନ ନନ୍ଦ, ବିଭୂତି ଭୂଷଣ ନନ୍ଦ, ପାର୍ଥସାରଥି ସାମନ୍ତରା, ଜୟନ୍ତ ମିଶ୍ର, ଗଣେଶ୍ୱର ମୁଦୁଲି, ବୀରେନ୍ଦ୍ର କୁମାର ତ୍ରିପାଠୀ, ମାଧବ ଚନ୍ଦ୍ରବାରିକ, ବୈରାଗୀ ଚରଣ ବେହେରା, ଅଶୋକ ନନ୍ଦ, ଲକ୍ଷ୍ମୀଧର ସାହୁ, ରାସବିହାରୀ ସାହୁ, ସୁକାନ୍ତ ଜେନା ପ୍ରମୁଖ ଯୋଗଦେଇ ସ୍ୱର୍ଗତ ସାହୁଙ୍କ ଆଦର୍ଶ ଗୁଣାବଳୀ ସମ୍ପର୍କରେ ଆଲୋକପାତ କରିବା ସହ ସ୍ମୃତିଚାରଣ କରିଥିଲେ। ସଙ୍ଗୀତଜ୍ଞ ପ୍ରଦୀପ କୁମାର ନନ୍ଦ ଓ ସାଥୀ ଭଜନ ପରିବେଷଣ କରିଥିଲେ। ଅଜିତ ସାହୁ ଧନ୍ୟବାଦ ଦେଇଥିଲେ।

### ଲିଙ୍ଗରାଜ ପାସେଞ୍ଜର ହଲ୍ଟରେ ଏକ୍ସପ୍ରେସ ଟ୍ରେନ୍ ରହଣି

**ପୁରୁଣା ଭୁବନେଶ୍ୱର,୧୬।୭(ସୁବାସ ଚନ୍ଦ୍ର ପ୍ରଧାନ):** ସେବା ପ୍ରତିନିଧିର ମୁଖ୍ୟ ସଙ୍ଗଠକ ତଥା କୋର କମିଟିର ଆବାହକ ନୀଳମଣି ମିଶ୍ରଙ୍କ ନେତୃତ୍ୱରେ ଲିଙ୍ଗରାଜ ପାସେଞ୍ଜର ହଲ୍ଟରେ ଏକ୍ସପ୍ରେସ ଟ୍ରେନ ରହିବା ନେଇ ଦୀର୍ଘ ବର୍ଷ ଧରି ଦାବି ହୋଇଆସୁଥିଲା। ରବିବାର ଭୁବନେଶ୍ୱର-ନୟାଗଡ଼ ସେବା ଏକ୍ସପ୍ରେସ ଟ୍ରେନ ପ୍ରଥମ ଥର ପାଇଁ ଏହି ଷ୍ଟେଶନରେ ରହିଛି। ଏହି ଟ୍ରେନକୁ ସ୍ୱାଗତ ଜଣାଇବା ପାଇଁ ମିଶ୍ରଙ୍କ ସମେତ ଭୁବନେଶ୍ୱର ଭାଜପା ସଭାପତି ବାବୁ ସିଂ, ଦାମୋଦର ସାମନ୍ତରାୟ, ଡ.ସୁଦର୍ଶନ ବଳିୟାରସିଂ, ସତ୍ୟ ନାରାୟଣ ସାମନ୍ତସିଂହାର, ଅଶୋକ କୁମାର ମହାରଣା, ବାଇଧର ପାତ୍ର, ପ୍ରମୋଦ ପ୍ରଧାନ, ରାଜ କିଶୋର ସାଇଁ, ନରସିଂହ ନାୟକ, ସୂର୍ଯ୍ୟ ପାଣିଗ୍ରାହୀ, ସତ୍ୟପ୍ରିୟ ମହାନ୍ତି, ସୁରେଶ ଦାଶ, ରଙ୍କ ପଟ୍ଟନାୟକ, ହୃଷୀକେଶ ବେହେରା, ଟି.ରାମାରାଓ ପ୍ରମୁଖ ଉପସ୍ଥିତ ଥିଲେ। ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଓ ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀଙ୍କୁ ଜନସାଧାରଣ କୃତଜ୍ଞତା ଜଣାଇଛନ୍ତି। କୁନୁ ପ୍ରଧାନ ଧନ୍ୟବାଦ ଦେଇଥିଲେ।

# କମ୍ ବୃଷ୍ଟିପାତ: ପଛେଇଛି ଚାଷକାମ

**ଖୋର୍ଦ୍ଧା, ୧୬।୭(ପ୍ରଭାତ ପାଣିଗ୍ରାହୀ)**

ଖୋର୍ଦ୍ଧା ଜିଲାରେ ଏପର୍ଯ୍ୟନ୍ତ ସ୍ୱାଭାବିକ ବୃଷ୍ଟିପାତଠାରୁ କମ୍ ପରିମାଣର ବର୍ଷା ହୋଇ ଥିବାରୁ ଚାଷକାର୍ଯ୍ୟ ବାଧାପ୍ରାପ୍ତ ହେବା ନେଇ ଆଶଙ୍କା ଦେଖାଦେଇଛି। ପ୍ରତିବର୍ଷ ପ୍ରାୟ ଜୁନ ୧୪ ବେଳକୁ ଓଡ଼ିଶାରେ ମୌସୁମୀ ଆସିଥାଏ। ଚାଷୀ ମୌସୁମୀ ଆଗମନ ପୂର୍ବରୁ ଧାନ ବୁଣିଥାଏ ଏବଂ ତଳି ପକାଇଥାଏ। ଚଳିତବର୍ଷ ମୌସୁମୀ ଆଗମନରେ ବିଳମ୍ବ ଓ ସ୍ୱଳ୍ପ ବୃଷ୍ଟି କାରଣରୁ ଚାଷକାମ ପଛେଇଯାଇଛି। ଅନେକ ସ୍ଥାନରେ ଧାନତଳି ରୁଆଯାଇପାରିନାହିଁ। ତେବେ ଗତ ଦୁଇଦିନ ହେଲା ଲଘୁଚାପ ବର୍ଷା କିଛି ମାତ୍ରାରେ ଚାଷୀଙ୍କ ପାଇଁ ଆଶ୍ୱସ୍ତି ଆଣିଛି। ଖାଲୁଆ ବିଲରେ ପାଣି ଜମିଥିବା ଦେଖିବାକୁ ମିଳିଛି।

ସୂଚନା ଅନୁଯାୟୀ, ଜିଲାରେ ୧ଲକ୍ଷ ୨୦ହଜାର ୧୫୦ ହେକ୍ଟର ଚାଷ ଜମି ରହିଛି। ଚଳିତ ଖରିଫ ଋତୁରେ ୧ଲକ୍ଷ ୩ହଜାର ୧୬୦ ହେକ୍ଟର ଜମିରେ ଧାନ ଫସଲ ହେବ। ତନ୍ମଧ୍ୟରୁ ୧୭ହଜାର ୪୭୫ ହେକ୍ଟର ଢିପ, ୪୩ ହଜାର ୩୩୮ ହେକ୍ଟର ସମତୁଲ ଜମି ଏବଂ ଅବଶିଷ୍ଟ ୪୮,୮୦୭ ହେକ୍ଟର ତଳିଆ ଜମିରେ ଖରିଫ ଧାନ ଫସଲ ଅମଳ ଲକ୍ଷ୍ୟ ରହିଛି। ସେହିପରି ୨ହଜାର ହେକ୍ଟର ଜମିରେ ଅଣଧାନ ଚାଷ କରିବାକୁ ଲକ୍ଷ୍ୟ ରଖାଯାଇଛି। ଦୟା, ମଳାଗୁଣୀ, ରଣ ପ୍ରଭୃତି ନଦୀ ଦ୍ୱାରା ୨୧,୦୯୦ ହେକ୍ଟର ଚାଷ ଜମିକୁ ଜଳସେଚନ ବ୍ୟବସ୍ଥା ରହିଥିବାବେଳେ କେନାଲ ଦ୍ୱାରା ୬୮୧୫ ହେକ୍ଟର ଜମି, ଉଠାଜଳସେଚନ ଦ୍ୱାରା ୩୩୧୭ ହେକ୍ଟର, ନଳକୂପ ଜରିଆରେ ୭୩୦ ହେକ୍ଟର ଏବଂ ଅନ୍ୟାନ୍ୟ ପ୍ରାକୃତିକ ଉତ୍ସ ଦ୍ୱାରା ୧୫୯ ହେକ୍ଟର ଚାଷଜମିକୁ ଜଳସେଚିତ ହୋଇଥାଏ। ପ୍ରାୟ ୫୬, ୭୨୧ ହେକ୍ଟର ଚାଷଜମିକୁ ଜଳସେଚନ ସୁବିଧା ରହିଥିବା ଜଣାପଡ଼ିଛି। ତେବେ ବର୍ତ୍ତମାନ ସୁଦ୍ଧା ଜଳସେଚିତ ଜମିରେ ବୁଣାକାମ ସରିଥିବା ବେଳେ ଅଣଜଳସେଚିତ ଜମିରେ ଜଳାଭାବରୁ ତଳି ନଷ୍ଟ ହେଲାଣି। ଜିଲାରେ ପ୍ରାୟ ୭୦ପ୍ରତିଶତ ଜମିରେ ତଳିବୁଣା ହୋଇପାରିନାହିଁ। କୃଷି ବିଭାଗ ସୂଚନା ଅନୁଯାୟୀ, ପ୍ରାୟ ୭୦ ପ୍ରତିଶତ ଜମିରେ ଏପର୍ଯ୍ୟନ୍ତ ଚାଷକାମ ଆରମ୍ଭ ହୋଇନାହିଁ। ଆଗାମୀ ସପ୍ତାହରେ ସ୍ୱାଭାବିକ ବର୍ଷା ନ ହେଲେ ଜିଲାରେ ଚାଷ କାର୍ଯ୍ୟ ବାଧାପ୍ରାପ୍ତ ହେବ। ସାଧାରଣତଃ ଜୁନ ତୃତୀୟ ସପ୍ତାହଠାରୁ ବର୍ଷା ଆରମ୍ଭ ହୋଇ ଜୁଲାଇରେ ୧୫ରୁ ୨୦ଦିନ ବର୍ଷା ଅନୁଭୂତ ହୋଇଥାଏ। ଏହି ସମୟରେ ହାରାହାରି ସ୍ୱାଭାବିକ ଭାବେ ୩୦୬ ମିମି ବର୍ଷା ରେକର୍ଡ କରାଯାଏ। ଜୁଲାଇ ପ୍ରଥମ ସପ୍ତାହରେ ସ୍ୱାଭାବିକ ଠାରୁ କମ୍ ପରିମାଣ ବର୍ଷା ଅର୍ଥାତ ମାତ୍ର ୫୦ ପ୍ରତିଶତ ବର୍ଷା ରେକର୍ଡ କରାଯାଇଥିବା ବେଳେ ଦ୍ୱିତୀୟ ସପ୍ତାହ ସୁଦ୍ଧା ୫୧ ପ୍ରତିଶତ ବର୍ଷା

## ଲଘୁଚାପ ବର୍ଷା ଆଶ୍ୱସ୍ତି ଆଣିଲା



ହୋଇଥିବା ଜଣାପଡ଼ିଛି। ଜୁନ ପ୍ରଥମ ସପ୍ତାହରେ ସ୍ୱାଭାବିକ ଠାରୁ ଅଧିକ ବର୍ଷା ହୋଇଥିବା ବେଳେ ୨ୟ ଓ ୩ୟ ସପ୍ତାହରେ କମ୍ ହୋଇଥିବା ବେଳେ ଜୁନ ଶେଷ ସୁଦ୍ଧା ହାରାହାରି ୧୨୬.୬ ମିମି ବର୍ଷା ହୋଇଥିଲା। ସେଥିମଧ୍ୟରେ ବାଲିଅନ୍ତାରେ ୨୦୩ ମିମି, ବାଲିପାଟଣାରେ ୧୫୬ ମିମି, ଭୁବନେଶ୍ୱରରେ ୧୮୬ ମିମି, ଜଟଣୀରେ ୬୦ ମିମି, ବାଣପୁରରେ ୨୦୯ ମିମି, ବେଗୁନିଆରେ ୫୨ ମିମି, ବୋଲଗଡରେ ୭୬ ମିମି, ଚିଲିକାରେ ୧୧୬ ମିମି, ଖୋର୍ଦ୍ଧାରେ ୭୧ ମିମି, ଟାଙ୍ଗୀରେ ୧୩୬ ମିମି ବର୍ଷା ରେକର୍ଡ କରାଯାଇଛି। ଅନ୍ୟପକ୍ଷରେ ଏବେ ଦୁଇଦିନ ଧରି ବର୍ଷା ହେବା ଯୋଗୁ ଚାଷୀ ପୁଣି ଥରେ ବୁଣାକାର୍ଯ୍ୟକୁ ଆଗଭର ହୋଇଛି। ଉଲ୍ଲେଖଯୋଗ୍ୟ, ଗତ ଦୁଇବର୍ଷ ଧରି ସ୍ୱାଭାବିକ ଠାରୁ କମ୍ ବର୍ଷା, ଅନାବୃଷ୍ଟି ଯୋଗୁ ଚାଷକାର୍ଯ୍ୟ ବାଧାପ୍ରାପ୍ତ ହୋଇଥିଲା। ପରେ ଯେନତେନ ପ୍ରକାରେ ଚାଷୀ ଚାଷକରିଥିବାବେଳେ ଫସଲ ଅମଳ ସମୟରେ ଲଘୁଚାପ ବର୍ଷା, ବନ୍ୟା ଓ ବାତ୍ୟା ଯୋଗୁ ଜମିରେ ପାଚିଲା ଧାନ ପଚିଶଢି ନଷ୍ଟ ହୋଇଥିଲା। ବହୁ ଚାଷୀ କ୍ଷତିଗ୍ରସ୍ତ ହୋଇଥିଲେ। ଚଳିତବର୍ଷ ମଳାଗୁଣି ଓ ରାଜୁଆ ବ୍ୟାରେଜରେ ପାଣି ନାହିଁ। ପ୍ରତିବର୍ଷ ଚାଷୀ ଏନେଇ ହୋହଲ୍ଲା କରୁଛନ୍ତି। ଜଳସେଚନ ବିଭାଗ ଓ ଜିଲା ପ୍ରଶାସନକୁ ଦାବିପତ୍ର ଦେଉଛନ୍ତି। ତେବେ କେବଳ ପ୍ରତିଶ୍ରୁତି ମିଳିବା ବ୍ୟତୀତ କୌଣସି ପଦକ୍ଷେପ ଗ୍ରହଣ କରାଯାଉନାହିଁ। ଫଳରେ ଚାଷୀ ପ୍ରତିବର୍ଷ କ୍ଷତି ସହୁଛନ୍ତି। ଏ ନେଇ ଭାଜପା କୃଷକ ନେତା ଶ୍ରୀରଞ୍ଜନ ମଙ୍ଗରାଜ କହିଛନ୍ତି, ଚାଷୀ ପ୍ରତିବର୍ଷ ସ୍ୱଳ୍ପ ବୃଷ୍ଟି, ଅନାବୃଷ୍ଟି, ବନ୍ୟା ଓ ବାତ୍ୟା ପ୍ରଭୃତି କାରଣରୁ କ୍ଷତି ସହୁଛନ୍ତି। ରାଜ୍ୟ ସରକାର କେବଳ ଘୋଷଣା, ଭାଷଣବାଜିରେ ସୀମିତ ରହିଛନ୍ତି। ରାଜ୍ୟ ସରକାର ୩୫ ପ୍ରତିଶତ ଚାଷଜମିକୁ ଜଳସେଚନ ପାଇଁ ଦେଇଥିବା ପ୍ରତିଶ୍ରୁତି କାର୍ଯ୍ୟକାରୀ କରନ୍ତୁ। ମହାନଦୀରେ ଛତିଶଗଡ଼ ବ୍ୟାରେଜ ହେଲେ ଓଡ଼ିଶାର କିଛି କ୍ଷତି ହେବ ନାହିଁ କହୁଥିବା ରାଜ୍ୟ ସରକାର ଏବେ ମହାନଦୀକୁ ନେଇ କୁମ୍ଭୀର କାନ୍ଦଣା କାନ୍ଦିବା ହାସ୍ୟାସ୍ପଦ। ରାଜ୍ୟରେ ଆସନ୍ନ ମରୁଡ଼ି ଜଳ ଜଳ ଦେଖାଯାଉଥିବା ବେଳେ ମୁଖ୍ୟମନ୍ତ୍ରୀଙ୍କ ୫-ଟି ସଚିବ ଜିଲା ଗସ୍ତ କରି ସେ ସମ୍ପର୍କରେ ନୀରବ ରହିବା ଚାଷୀଙ୍କ ମନରେ ଆଶଙ୍କା ସୃଷ୍ଟି କରୁଛି। ସଚିବ ଜିଲା ଗସ୍ତ ବେଳେ ଚାଷୀଙ୍କ ସମସ୍ୟା କଥା ମଧ ବୁଝନ୍ତୁ, ବାସ୍ତବ ଚିତ୍ର ଜାଣିପାରିବେ ବୋଲି ମଙ୍ଗରାଜ କହିଛନ୍ତି। ସେହିପରି ଉଇଲକିଶନ ନଗରର ଯୁବ ଚାଷୀ ଗୋପାଳ ପ୍ରଧାନ କହିଛନ୍ତି, ଧାନରୁଆ କି ତଳିପକା କାମ ସରିନାହିଁ। ଆବଶ୍ୟକ ପରିମାଣର ବର୍ଷା ନ ହେଲେ ଚଳିତ ବର୍ଷ କ୍ଷତି ସହିବା ଜଳଜଳ ଦେଖାଗଲାଣି।

### ଟ୍ରକ୍ ଚାଳକଙ୍କୁ ମାଡ଼ମାରି ଡିଜେଲ ନେଇଗଲେ

**ଯାଁଳା, ୧୬।୭(ବୁଲା ବାରିକ)**

ଇନ୍‌ଫୋଭ୍ୟାଲି ଥାନା ଅଧୀନ ତଳଖେତା ଛକ ନିକଟରେ ଦୁର୍ବୃତ୍ତମାନେ ଦୁଇ ଟ୍ରକ୍ ଚାଳକଙ୍କୁ ମାଡ଼ମାରି ଡିଜେଲ ନେଇଯାଇଛନ୍ତି। ପଶ୍ଚିମବଙ୍ଗ ଅଞ୍ଚଳର ଦୁଇଟି ଟ୍ରକ୍‌ରେ ଆସିଥିବା ସାମଗ୍ରୀ ଇନ୍‌ଫୋଭ୍ୟାଲି ଥାନା ଅଧୀନ ଏକ ଆପାର୍ଟମେଣ୍ଟରେ ଶନିବାର ରାତି ପ୍ରାୟ ୩ଟାରେ ଅନ୍‌ଲୋଡ୍ କରାଯାଇଥିଲା। ପରେ ଟ୍ରକ୍ ଚାଳକମାନେ ତଳଖେତା ଛକ ନିକଟରେ ବିଶ୍ରାମ ନେଇଥିଲେ। ଚାଳକମାନେ ଗାଡ଼ି ଭିତରେ ଶୋଇଥିବା ବେଳେ ଅଟୋରେ କେତେଜଣ ଯୁବକ ଆସି ଟ୍ରକ୍ ଟାଙ୍କିରୁ ଡିଜେଲ ଚୋରି କରୁଥିଲେ। ଟ୍ରକ ଚାଳକ କୌଶଲ ଯାଦବଙ୍କ ନିଦ ଭାଙ୍ଗିଯିବାରୁ ଗାଡ଼ିରୁ ଯୁବକମାନେ ଡିଜେଲ ଚୋରି କରୁଥିବା ଦେଖି ବିରୋଧ କରିଥିଲେ। ତେବେ ଯୁବକମାନେ ଦୁଇଟି ଟ୍ରକ୍‌ରୁ ଡିଜେଲ ନେଇ ଉକ୍ତ ଅଟୋରେ ରଖିଥିଲେ। ପରେ ଅନ୍ୟ ଟ୍ରକ୍ ଚାଳକ ଉଠିଥିଲେ। ଏହାପରେ ଯୁବକମାନଙ୍କ ସହିତ ଦୁଇ ଚାଳକଙ୍କ ବଚସା ଓ ଧସ୍ତାଧସ୍ତି ହୋଇଥିଲା। ପରେ ଯୁବକମାନେ ଦୁଇ ଚାଳକଙ୍କୁ ମାଡ଼ ମାରିବା ସହିତ ମାରଣାସ୍ତ୍ର ଦେଖାଇ ଡିଜେଲ ନେଇ ପଳାଇଥିଲେ।





ନିରାକାରପୁର: ବ୍ଲକସ୍ତରୀୟ ପଟ୍ଟଚିତ୍ର କର୍ମଶାଳାରେ ଅତିଥିଙ୍କ ଗହଣରେ ସମ୍ବର୍ଦ୍ଧିତ ଛାତ୍ରୀଛାତ୍ର।

## ବ୍ଲକସ୍ତରୀୟ ପଟ୍ଟଚିତ୍ର କର୍ମଶାଳା

**ନିରାକାରପୁର,୧୬।୭(ମାନସ ଚନ୍ଦ୍ର ପଟ୍ଟନାୟକ)**

ଖୋର୍ଦ୍ଧା ଜିଲା ଛଣଗିରି ପଞ୍ଚାୟତ ଅନ୍ତର୍ଗତ ରାମଚନ୍ଦ୍ର ବିଦ୍ୟାନିକେତନ ରମାବିଲିଠାରେ ଅନ୍ନପୂର୍ଣ୍ଣା ଫାଇନାନ୍ସ ଓ ପ୍ରୋପାର୍କୋର ମିଳିତ ଆନୁକୂଲ୍ୟରେ ଅନୁଷ୍ଠାନର ପ୍ରଧାନ ଶିକ୍ଷକ ବଳରାମ ପାଇକରାୟଙ୍କ ସଭାପତିତ୍ୱରେ ବ୍ଲକସ୍ତରୀୟ ପଟ୍ଟଚିତ୍ର କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ଅନ୍ନପୂର୍ଣ୍ଣା ଫାଇନାନ୍ସର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ତଥା ସାମାଜିକ କର୍ମୀ ସଞ୍ଜୟ ପଟ୍ଟନାୟକ ଯୋଗଦେଇ ଓଡ଼ିଶାର ଐତିହ୍ୟ, ସଂସ୍କୃତିର ବିକାଶ ଓ ସମସ୍ତ ଛାତ୍ରୀଙ୍କୁ ସ୍ୱାବଲମ୍ବୀ କରିବାରେ ସହାୟକ ହେବା ସହ ଦେଶ ବିଦେଶରେ ଗରିମା ବଜାୟ ରଖିବା ଏହି କର୍ମଶାଳାର ମୁଖ୍ୟ ଉଦ୍ଦେଶ୍ୟ ବୋଲି କହିଥିଲେ। ଅନ୍ୟତମ ଅତିଥିଭାବେ ଶିକ୍ଷାବିତ୍ ରମାକାନ୍ତ ମହାପାତ୍ର ଯୋଗଦେଇ ଆୟୋଜିତ କାର୍ଯ୍ୟକ୍ରମକୁ ପ୍ରଶଂସା କରିବା ସହ ଏହି କଳାକୃତିକୁ ବଞ୍ଚାଇ ରଖିବାକୁ ହେଲେ ସମସ୍ତ ଛାତ୍ରୀ ଏଥିପାଇଁ ଆଗେଇ ଆସିବାକୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ୨୨ଟି ହାଇସ୍କୁଲର ୭୫ଜଣ ଛାତ୍ରୀଙ୍କୁ ନେଇ ଏହି କର୍ମଶାଳା ଅନୁଷ୍ଠିତ ହୋଇଥିଲା। ଟ୍ରେନରଭାବେ କନକଲତା ଗାୟନ ଓ ସନ୍ତୋଷ ବାରିକଙ୍କ ସମେତ ପୁରୀ ଜିଲା ରଘୁରାଜପୁରରୁ ବହୁ ଚିତ୍ରଶିଳ୍ପୀ ଯୋଗଦେଇ ଉପସ୍ଥିତ ଛାତ୍ରୀଙ୍କୁ ବିଭିନ୍ନ କଳାକୃତି ସମ୍ପର୍କରେ ଟ୍ରେନିଂ ଦେଇଥିଲେ। ପରେ ସମସ୍ତ ଛାତ୍ରୀଙ୍କୁ ନେଇ ଏକ ପ୍ରତିଯୋଗିତା ହୋଇଥିଲା। ଅନୁଷ୍ଠାନ ପକ୍ଷରୁ ସମସ୍ତ ପ୍ରତିଯୋଗୀଙ୍କୁ ମାନପତ୍ର ପ୍ରଦାନ କରାଯାଇଛି। ଏଥିରୁ ୫ଜଣ ପ୍ରତିଯୋଗୀ ଜିଲାସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ ପାଇଁ ମନୋନୀତ ହୋଇଛନ୍ତି। ଶ୍ରେୟାଶ୍ରୀ ରାୟଚୌଧୁରୀ, ବସୁନ୍ଧରା ଦାଶ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବିଦ୍ୟାନିକେତନର ଶିକ୍ଷୟିତ୍ରୀଶିକ୍ଷକ, କର୍ମଚାରୀ, ଛାତ୍ରୀଛାତ୍ର ଓ ଅନ୍ନପୂର୍ଣ୍ଣା ଫାଇନାନ୍ସର କର୍ମକର୍ତ୍ତା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ବିଦ୍ୟାନିକେତନର ପୂର୍ବତନ ସଭାପତି ନିତ୍ୟାନନ୍ଦ ମଙ୍ଗରାଜ ଧନ୍ୟବାଦ ଦେଇଥିଲେ।

### ଗଁପୁର-କଣ୍ଟାମଲିମ ବିଦ୍ୟାଳୟରେ ଚାରାରୋପଣ

**ବେଗୁନିଆ, ୧୬।୭(ହରପ୍ରସନ୍ନ ପଣ୍ଡା)**

ବେଗୁନିଆ ବ୍ଲକ ସିମୋର ପଞ୍ଚାୟତ ଅନ୍ତର୍ଗତ ଗଁପୁର- କଣ୍ଟାମଲିମ ଉଚ୍ଚପ୍ରାଥମିକ ବିଦ୍ୟାଳୟରେ ରବିବାର ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ସୁରେଶ ଚନ୍ଦ୍ର ସେଠୀଙ୍କ ଅଧକ୍ଷତାରେ ଚାରାରୋପଣ କରାଯାଇଥିଲା। ପ୍ରାରମ୍ଭରେ କବି ପ୍ରସନ୍ନ ମଣ୍ଡଳ 'ମୁଁ ଗଛ କହୁଛି' ଶୀର୍ଷକ ପରିବେଶ ସଚେତନତା କବିତା ଗାନ କରିଥିଲେ। ସରପଞ୍ଚ ହାଡିବନ୍ଧୁ ମହାପାତ୍ର କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ପରେ ଉଭୟ ଗ୍ରାମର ସଭାପତି ନୀଳମଣି ପ୍ରଧାନ ଓ ଜମ୍ବେଶ୍ୱର ରାଉତରାୟଙ୍କ ସହଯୋଗରେ ବିଦ୍ୟାଳୟ ପରିସରରେ ଚାରାରୋପଣ କରାଯାଇଥିଲା। ଏଥିରେ ଡା. ଅମରେନ୍ଦ୍ର ନାଥ ମହାପାତ୍ର, ପ୍ରଫେସର ରବୀନ୍ଦ୍ର ନାଥ ପାଣିଗ୍ରାହୀ, ହରିବନ୍ଧୁ ପଣ୍ଡା, ବ୍ରଜବନ୍ଧୁ ପଣ୍ଡା ଅତିଥିଭାବେ ଯୋଗଦେଇଥିଲେ। ଜଙ୍ଗଲ ସୃଷ୍ଟି କରିବା ପାଇଁ ସଭିଏଁ ଚାରା ଲଗାଇ ତା'ର ଯତ୍ନ ନେବା ବୋଲି ଅତିଥିମାନେ ଉଦ୍‌ବୋଧନ ଦେଇଥିଲେ। ପ୍ରତିମା ପ୍ରଧାନ, ବୀଣାପାଣି ସୁବୁଦ୍ଧି, ରାଧାମୋହନ ପଣ୍ଡା, ତ୍ରିନାଥ ପରିଡା, ଶ୍ରୀବତ୍ସ ପାଣିଗ୍ରାହୀ, ଗଗନ ବିହାରୀ ମହାପାତ୍ର, ଦିବ୍ୟସିଂହ ରଣା, ବାଉରିବନ୍ଧୁ ପାଇକରାୟ, ଦେବୀ ପ୍ରସାଦ ମାର୍ଥାଙ୍କ ସମେତ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। ପୂର୍ବରୁ ଅନୁଷ୍ଠିତ 'ବୃକ୍ଷଲତା ଆମର ବନ୍ଧୁ' ଶୀର୍ଷକ ବକ୍ତୃତା ପ୍ରତିଯୋଗିତାରେ କନିଷ୍ଠ ବର୍ଗରୁ ଛାତ୍ର କାର୍ତ୍ତିକ ମହାପାତ୍ର, ଛାତ୍ରୀ ଅର୍ପିତା ହରିଚନ୍ଦନ, ଅନନ୍ୟା ପାତ୍ର ଏବଂ ବରିଷ୍ଠ ବର୍ଗରୁ ରାଜଲକ୍ଷ୍ମୀ ସାହୁ, ଶ୍ରଦ୍ଧାଞ୍ଜଳି ମହାପାତ୍ର ଓ ବିଷ୍ଣୁପ୍ରିୟା ମହାପାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ବାସନ୍ତୀ ସାହୁ ଧନ୍ୟବାଦ ଦେଇଥିଲେ।

## ସିକୋ-ମୟୂରଝାଲିଆ ରାସ୍ତାର ଭିତ୍ତିପ୍ରସ୍ତର ସ୍ଥାପନ

**ଖୋର୍ଦ୍ଧା, ୧୬।୭(ପ୍ରଭାତ ପାଣିଗ୍ରାହୀ)**

ଖୋର୍ଦ୍ଧା ଜିଲା ବେଗୁନିଆ ବ୍ଲକ ଅନ୍ତର୍ଗତ ସିକୋ ପଞ୍ଚାୟତର ସିକୋଠାରୁ ନୟାଗଡ଼ ଜିଲା ରଣପୁର ବ୍ଲକର ମୟୂରଝାଲିଆ ପର୍ଯ୍ୟନ୍ତ ରାସ୍ତାର ଉନ୍ନତୀକରଣ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ ହୋଇଛି। ରବିବାର ସ୍ଥାନୀୟ ବିଧାୟକ ରାଜେନ୍ଦ୍ର ସାହୁ ଏବଂ ରଣପୁର ବିଧାୟକ ସତ୍ୟ ନାରାୟଣ ପ୍ରଧାନ ଏହି ରାସ୍ତାର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ଗ୍ରାମ୍ୟ ଉନ୍ନୟନ ବିଭାଗ ଦ୍ୱାରା ଉକ୍ତ ରାସ୍ତା ନିର୍ମାଣ କରାଯିବ। ରାସ୍ତାଟି ଦୀର୍ଘଦିନ ଧରି ଅବହେଳିତ ଅବସ୍ଥାରେ ରହିଥିଲା। ଗ୍ରାମବାସୀଙ୍କ ଅନୁରୋଧକ୍ରମେ ଉଭୟ ବିଧାୟକ ଏ ନେଇ ରାଜ୍ୟ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏହାର ଉନ୍ନତୀକରଣ ପାଇଁ ଅର୍ଥ ମଞ୍ଜୁର ହୋଇଛି। ଏହି ରାସ୍ତା ନିର୍ମାଣ ହେଲେ ଅଞ୍ଚଳବାସୀଙ୍କ ଗମନାଗମନ ସୁଗମ ହୋଇପାରିବ। ଗ୍ରାମବାସୀ ଖୁସିବ୍ୟକ୍ତ କରିବା ସହ ମୁଖ୍ୟମନ୍ତ୍ରୀଙ୍କ ସମେତ ବିଧାୟକଦ୍ୱୟଙ୍କୁ ଧନ୍ୟବାଦ ଜଣାଇଛନ୍ତି।

ଭିତ୍ତିପ୍ରସ୍ତର ସ୍ଥାପନ କାର୍ଯ୍ୟକ୍ରମରେ ରଣପୁରର ଜିଲା ପରିଷଦ ସଭ୍ୟା ମିନତି ପ୍ରଧାନ, ଏହି ଜୋନ୍‌ର ଜିଲା ପରିଷଦ ସଭ୍ୟା ତନୁଜା ପାଟଶାଣୀ, ସରପଞ୍ଚ ଲୀଳା ସ୍ୱାଇଁ, ସମିତି ସଭ୍ୟା ଅଞ୍ଜଳି ସାହୁ, ପୂର୍ବତନ ସରପଞ୍ଚ ରୂପକାନ୍ତି ସାହୁ, ପୁଲକ୍ ବଡ଼ଜେନା, ଅକ୍ଷୟ ରାଉତରାୟ, ପ୍ରମୋଦ ଦଳେଇ, ଅର୍ଜ୍ଜୁନ ପ୍ରଧାନ, ଜାଗେଶ୍ୱର ମାଝୀ, ଶାନ୍ତିଲତା ରଣସିଂହ, ବିଧାୟକଙ୍କ ପ୍ରତିନିଧି ପ୍ରଶାନ୍ତ ବେହେରା, ନିବାସ ସୁନ୍ଦରାୟ, ସମିତିସଭ୍ୟ ଦୁର୍ଗାଚରଣ ମଙ୍ଗରାଜ, ଭଗବାନ ପ୍ରଧାନ, ପୂର୍ଣ୍ଣଚନ୍ଦ୍ର ସାହୁ, ବିରଞ୍ଚି ମଙ୍ଗରାଜ, ସୁରେଶ ସାହୁ, ଶୁଭକାନ୍ତ ମହାପାତ୍ର ଏବଂ ସିକୋ ଗ୍ରାମ୍ୟ କମିଟି ସଭ୍ୟମାନେ ଉପସ୍ଥିତ ଥିଲେ। ଆୟୋଜିତ ସଭାରେ ବିଧାୟକ ସାହୁ ରାଜ୍ୟ ସରକାରଙ୍କ ବିଭିନ୍ନ ଲୋକାଭିମୁଖୀ ଯୋଜନା ସମ୍ପର୍କରେ ଆଲୋଚନା କରିଥିଲେ। ଗ୍ରାମାଞ୍ଚଳର ବିକାଶ ଉପରେ ସରକାର ଗୁରୁତ୍ୱ ଦେଉଛନ୍ତି ଏବଂ ଲୋକଙ୍କ ପାଖରେ ଯୋଜନା ପହଞ୍ଚିଲେ ସଫଳ ହେବ ବୋଲି କହିଥିଲେ। ସିକୋ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଚାରା ରୋପଣ କରାଯାଇଥିଲା। ବିଧାୟକ ସାହୁ ଚାରାରୋପଣ କରି ପରିବେଶ ସୁରକ୍ଷା ବାର୍ତ୍ତା ଦେବା ସହ ବିଦ୍ୟାଳୟର ଶୈକ୍ଷିକ ବାତାବରଣ ଉପରେ ଗୁରୁତ୍ୱାରୋପ କରିଥିଲେ।



ଭିତ୍ତିପ୍ରସ୍ତର ସ୍ଥାପନ ଅବସରରେ ଉପସ୍ଥିତ ଦୁଇ ବିଧାୟକ ଏବଂ ଅନ୍ୟମାନେ।

## 'ହୃଦୟର କଥା କବିତା କହେ'

**ଖୋର୍ଦ୍ଧା, ୧୬।୭(ପ୍ରଭାତ ପାଣିଗ୍ରାହୀ)**

କବୟିତ୍ରୀ ତଥା ରାଷ୍ଟ୍ରପତି ଓ ରାଜ୍ୟପାଳ ପୁରସ୍କାରପ୍ରାପ୍ତ ଶିକ୍ଷୟିତ୍ରୀ ଡ. ଚପଳା ପଣ୍ଡାଙ୍କ କବିତା ବହି 'ହୃଦୟର କଥା କବିତା କହେ'ର ଏକ ସାରସ୍ୱତ ସମୀକ୍ଷା ଓ ଆଲୋଚନାଚକ୍ର ରବିବାର ବକ୍ସି ଜଗବନ୍ଧୁ ନଗରସ୍ଥିତ ଗାୟତ୍ରୀ ଶକ୍ତିପୀଠ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି ପୁସ୍ତକଟି ଗତ ଜୁନ୍ ୨୨ରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲଙ୍କ ଦ୍ୱାରା ରାଜଭବନରେ ଲୋକାର୍ପିତ ହୋଇଥିଲା। ତ୍ରିନାଥ ଚରଣ ସ୍ମୃତି କଳା ଓ ସାହିତ୍ୟ ସଂସଦ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଶିକ୍ଷାବିତ ସତ୍ୟବାଦୀ ବଳିୟାରସିଂହ ସଭାପତିତ୍ୱ କରିଥିଲେ। ଓଡ଼ିଶା ଏକ୍ସପ୍ରେସର ଫିଚର ସମ୍ପାଦକ ତଥା ସାହିତ୍ୟିକ ସୁନୀଲ ବୋଷ ମୁଖ୍ୟବକ୍ତା ଭାବେ ଯୋଗଦେଇ ପଣ୍ଡାଙ୍କ ବହିରେ ସ୍ଥାନିତ ୭୦ଟି ଗୀତି କବିତାର ଭାବ ଓ ଭାଷାର ବିନ୍ୟାସ ଅତ୍ୟନ୍ତ ଚମତ୍କାର ଏବଂ ପ୍ରତିଟି କବିତାରେ ସାମାଜିକ ବାର୍ତ୍ତା ରହିଛି ବୋଲି କହିଥିଲେ। ଅଧ୍ୟାପକ ଗୁରୁପ୍ରସାଦ ମହାପାତ୍ର, ଶିବସୁନ୍ଦର ପଟ୍ଟନାୟକ ପ୍ରମୁଖ ନିଜ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ଡ. ପଣ୍ଡାଙ୍କ ସମେତ ଶିକ୍ଷାବିତ୍ ଇନ୍ଦ୍ରମଣି ସାହୁ, ସଂକୀର୍ତ୍ତନ ଗାୟକ ରାଜକିଶୋର ସାହୁ, କବି ରମେଶ ଚନ୍ଦ୍ର ବଳିୟାରସିଂହଙ୍କୁ ମାନପତ୍ର ଓ ଉପଢୌକନ ପ୍ରଦାନପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। କବି ଗୋବିନ୍ଦ ଚନ୍ଦ୍ର ମହାରଣାଙ୍କ ସଂଯୋଜନାରେ କବିତା ପାଠ ଉତ୍ସବ ଆୟୋଜିତ ହୋଇଥିଲା। ବିକ୍ରମ ଚମ୍ପତି, ଶାନ୍ତିଲତା ଦେବୀ, ଦିବ୍ୟଲୋଚନ ଭାରିମଲ୍ଲ, ବିଳାସିନୀ ଦାଶ, ତୁଷାର ପାଲଟାସିଂହ, ଜ୍ୟୋତିପ୍ରଭା ପଟ୍ଟନାୟକ, ଇଂ. ପ୍ରମୋଦ କୁମାର ପୃଷ୍ଟି, ଜ୍ୟୋତ୍ସ୍ନାରାଣୀ ମହାରଣା, ବିଦ୍ୟାଧର ଲେଙ୍କା, କୈଳାସ ଚନ୍ଦ୍ର ପୃଷ୍ଟି, ରାଜକିଶୋର ବଳିୟାରସିଂହ, ପ୍ରଫୁଲ୍ଲ କୁମାର ସାମନ୍ତରାୟ, ବିଭୁପ୍ରସାଦ ହରିଚନ୍ଦନ, ସମରେନ୍ଦ୍ର ବଳିୟାରସିଂହ, ଜ୍ୟୋତିରଞ୍ଜନ ସାହୁ ପ୍ରମୁଖ କବିତା ପାଠ କରିଥିଲେ। ସଂସଦର ସମ୍ପାଦିକା ଇତିଶ୍ରୀ ସାହୁ ଧନ୍ୟବାଦ ଦେଇଥିଲେ।



ଅତିଥିଙ୍କ ଗହଣରେ ସମ୍ବର୍ଦ୍ଧିତ ପ୍ରତିଭାଧାରୀ।

### ସାରସ୍ୱତ ସମୀକ୍ଷା, କବିତା ପାଠ, ସମ୍ବର୍ଦ୍ଧନା

## ଖରିଫ ଧାନ ସଂଗ୍ରହ ପ୍ରସ୍ତୁତି ଆରମ୍ଭ

**ଖୋର୍ଦ୍ଧା, ୧୬।୭ (ପ୍ରଭାତ ପାଣିଗ୍ରାହୀ)**

### ୩୧ ପର୍ଯ୍ୟନ୍ତ ଦିଆଯିବ ଫର୍ମ

- ସେପ୍ଟେମ୍ବର ୩୦ରେ ପ୍ରକାଶ ପାଇବ ଚୂଡ଼ାନ୍ତ ତାଲିକା
- ମଣ୍ଡି ବ୍ୟବସ୍ଥା ସ୍ୱଚ୍ଛ ଓ ସୁବ୍ୟବସ୍ଥିତ କରାଯିବ

୨୦୨୩-୨୪ ଖରିଫ ଧାନ ସଂଗ୍ରହ ପାଇଁ ବିଭିନ୍ନ ପ୍ରାଥମିକ କୃଷି ସମବାୟ ସମିତି(ପ୍ୟାକ୍ସ) ଅଧୀନରେ ଥିବା ଚାଷୀଙ୍କ ପଞ୍ଜୀକରଣ ଶନିବାରଠାରୁ ଆରମ୍ଭ ହୋଇଛି। ଏନେଇ ଜିଲା ପ୍ରଶାସନ ପକ୍ଷରୁ ସମୀକ୍ଷା କରାଯାଇଛି। ଜୁଲାଇ ୧୫ରୁ ୩୧ତାରିଖ ପର୍ଯ୍ୟନ୍ତ ପଞ୍ଜୀକରଣ ଫର୍ମ ମାଗଣାରେ ଦିଆଯିବ। ନାମ ପଞ୍ଜୀକରଣ ମଧ୍ୟ ମାଗଣାରେ କରାଯିବ। ସୋସାଇଟି ସମ୍ପାଦକମାନଙ୍କ ପାଖରେ ଆବଶ୍ୟକ କାଗଜପତ୍ର ସହ ଦାଖଲ କରିବେ। ଅଗଷ୍ଟ ୧୮ରୁ ୨୨ ପର୍ଯ୍ୟନ୍ତ ଚାଷୀଙ୍କ ନାମ ଅନଲାଇନରେ ସୋସାଇଟି ସମ୍ପାଦକମାନେ ଅପଲୋଡ କରିବେ। ଜୁଲାଇ ୧୮ରୁ ସେପ୍ଟେମ୍ବର ୭ ପର୍ଯ୍ୟନ୍ତ ଚାଷୀଙ୍କ କାଗଜପତ୍ର ଯାଞ୍ଚ ହେବ। ଏହି ସମୟରେ ଦାୟିତ୍ୱରେ ଅଧିକାରୀମାନେ ତଦନ୍ତ ରିପୋର୍ଟ ଦାଖଲ କରିବେ। ସେପ୍ଟେମ୍ବର ୧୮ ସୁଦ୍ଧା ସୋସାଇଟିରେ ଯୋଗ୍ୟ ଚାଷୀଙ୍କ ନାମ ପଞ୍ଜୀକରଣ ହେବ। ଯାଞ୍ଚ ପ୍ରକ୍ରିୟା ସମାପ୍ତି ପରେ ସେପ୍ଟେମ୍ବର ୩୦ ସୁଦ୍ଧା ଚାଷୀଙ୍କ ଚୂଡ଼ାନ୍ତ ତାଲିକା ପ୍ରକାଶ ପାଇବ। ଗତବର୍ଷ ନକଲି ଚାଷୀଙ୍କଠାରୁ ଧାନ କିଣାଯାଇଥିବା ଅଭିଯୋଗ ହୋଇଥିଲା। ଅନେକ ଚାଷୀ ପତିତ ଜମି, ଗୋଚର ଜମି, ପଡିଆ ପଡ଼ିଥିବା ଚାଷଜମି କାଗଜପତ୍ର ଦେଖାଇ ନାମ ପଞ୍ଜୀକରଣ କରିଥିଲେ। ବିଭିନ୍ନ ଚାଷୀ ସଙ୍ଗଠନ ଏହାର ବିରୋଧ କରିଥିଲେ। ଚଳିତ ବର୍ଷ ଯେପରି ଏହାର ପୁନରାବୃତ୍ତି ନ ଘଟିବ ସେଥିଲାଗି ଜିଲାପାଳ ବିଭାଗୀୟ ଅଧିକାରୀଙ୍କୁ କଡା ତାଗିଦ୍ କରିଛନ୍ତି। ଯେଉଁ ଚାଷୀଙ୍କ ସୋସାଇଟିରେ ଯେତିକି ଜମି ଅଛି, ସେ ସେତିକି ପଞ୍ଜୀକରଣ କରିବେ। ଭାଗ ଚାଷୀମାନେ ଜମିମାଲିକଙ୍କଠାରୁ ଆଧାର କାର୍ଡ, ଫୋନ ନମ୍ବର, ଚୁକ୍ତିନାମା ଆଣିବେ। ଏହାପରେ ଭାଗଚାଷୀଙ୍କ ନାମ ପଞ୍ଜୀକରଣ ହେବ। ଗତ ବର୍ଷ ଅଭାବ ବିକ୍ରି ସହ ଶତାଧିକ ଚାଷୀ ଧାନବିକ୍ରିରୁ ବଞ୍ଚିତ ହୋଇଥିଲେ। ଟାର୍ଗେଟ୍ ଦେବାରେ ବିଳମ୍ବ ଓ ଟୋକନ ଲାପ୍ସ କାରଣରୁ ଅନେକ ଚାଷୀ ଧାନ ବିକ୍ରି କରି ନ ପାରି ଅସୁବିଧାର ସମ୍ମୁଖୀନ ହୋଇଥିଲେ। ଆଗାମୀ ଖରିଫ ଋତୁରେ ଚାଷୀ କିଭଳି ମଣ୍ଡିରେ ସୁବିଧାରେ ଧାନ ବିକ୍ରି କରିପାରିବେ ସେଥିପ୍ରତି ଦୃଷ୍ଟି ଦେବାକୁ ବିଭିନ୍ନ ଚାଷୀ ସଙ୍ଗଠନ ଜିଲା ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଛନ୍ତି।

ଜିଲାରେ ମୋଟ ୧ଲକ୍ଷ ୨୪ ହଜାର ୭୬୮ ଚାଷୀ ରହିଛନ୍ତି। ସେମାନଙ୍କ ମଧ୍ୟରୁ ୧ ହେକ୍ଟରୁ କମ୍ ପରିମାଣର ଚାଷ ଜମି ଥିବା ନାମମାତ୍ର ଚାଷୀଙ୍କ ସଂଖ୍ୟା ୬୫,୮୧୩, କ୍ଷୁଦ୍ର ଚାଷୀଙ୍କ ସଂଖ୍ୟା ୪୭,୧୯୪ ରହିଛି। ୨୦୨୨ରେ ୪୬ହଜାର, ୨୦୨୧ରେ ୪୪ହଜାର ଏବଂ ୨୦୨୦ରେ ୪୩ହଜାର ଚାଷୀ ନାମ ପଞ୍ଜୀକୃତ କରିଥିଲେ। ଅର୍ଥାତ୍ ମୋଟ ଚାଷୀର ୪୦ରୁ ୫୦ ପ୍ରତିଶତ ମଧ୍ୟରେ ସୀମିତ। ଏହା ଏକ ଚିନ୍ତାଜନକ ବିଷୟ। ଯେତିକି ପରିମାଣ ଚାଷ ହେଉଛି, ତାହାଠାରୁ କମ୍ ପ୍ରତିଶତ ଚାଷ ଧାନ ବିକ୍ରି କରୁଛନ୍ତି। ଧାନବିକ୍ରି ନେଇ ପ୍ରଶାସନିକ ଅବହେଳା ଯୋଗୁ ଚାଷୀ ଅଭାବୀ ବିକ୍ରିର ସମ୍ମୁଖୀନ ହେଉଛନ୍ତି। ପ୍ରତିବର୍ଷ ପ୍ରାୟ ଧାର୍ଯ୍ୟ ଲକ୍ଷ୍ୟ ଠାରୁ ପ୍ରାୟ ୬ରୁ ୭ହଜାର ଚାଷୀ ଧାନ ବିକ୍ରି କରି ନ ପାରି ରହିଯାଉଛନ୍ତି। ପ୍ରତିବର୍ଷ ଜିଲା ପାଇଁ ଆସୁଥିବା ଟାର୍ଗେଟ୍ ସନ୍ତୋଷଜନକ ନୁହେଁ। ପୁଣି ପ୍ୟାକ୍ସକୁ ଟାର୍ଗେଟ ଆସି ନ ଥିବା ବେଳେ ଟୋକନ ଅବଧି ଶେଷ ଯୋଗୁ ଚାଷୀ ଧାନ ବିକ୍ରି କରି ନ ପାରି ବାଧ ହୋଇ କମ୍ ଦାମରେ ବେପାରୀ ହାତକୁ ଟେକି ଦେଉଛନ୍ତି। ଧାନମଣ୍ଡିରେ ସ୍ୱଚ୍ଛତା ଅବଲମ୍ବନ ଏବଂ ଅଧିକରୁ ଅଧିକ ଚାଷୀଙ୍କ ପଞ୍ଜୀକରଣ ଉପରେ ଗୁରୁତ୍ୱ ଦେବାକୁ ବିଭିନ୍ନ ଚାଷୀ ସଙ୍ଗଠନ ଦାବି କରିଛନ୍ତି।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୧୬।୭।୨୦୨୩

| | |
|---|---|
| ୬,୦୨,୫୨୪ ଟଙ୍କା | |
| ସୁନା | ୩୫ ଗ୍ରାମ୍ |
| ରୁପା | ୪୦.୯୦୦ ଗ୍ରାମ୍ |

# ମୁଖ୍ୟ ଅଭିଯୁକ୍ତ ସମେତ ୫ ଗିରଫ

### ଗୌଡ଼ବାଡ଼ ସାହି ମାଛ ମାର୍କେଟ ବୋମାମାଡ଼ ଘଟଣା

- ୪ ବୋମା, ୨ ବାଇକ୍, ମୋବାଇଲ, ଭୁଜାଲି ଜବତ
- ବଟି ନ ଦେବାରୁ ଦୋକାନ ଉପରକୁ ଫିଙ୍ଗିଥିଲେ ବୋମା

ପୁରୀ,୧୬।୭(ଅଜିତ ମହାନ୍ତି):

ସମୁଦ୍ରକୂଳ ଥାନା ଅନ୍ତର୍ଗତ ଗୌଡ଼ବାଡ଼ ସାହି ମାଛ ମାର୍କେଟରେ ଘଟିଥିବା ବୋମାମାଡ଼ ଘଟଣାରେ ପୋଲିସ ମୁଖ୍ୟ ଅଭିଯୁକ୍ତ ଏବଂ ତାଙ୍କର ୪ ଜଣ ସହଯୋଗୀଙ୍କୁ ଗିରଫ କରିଛି। ସମ୍ପୃକ୍ତ ଅଭିଯୁକ୍ତମାନେ ହେଲେ ଟାଉନ ଥାନା ଅନ୍ତର୍ଗତ ତିଆଡ଼ିସାହି ବାଲି ଉପର ଅଞ୍ଚଳର ରାଜା ମଲ୍ଲିକ୍ ଓରଫ ସତ୍ୟ ପ୍ରକାଶ (୨୩), ରଘୁ ମଲ୍ଲିକ୍ (୨୦), ସଦର ଥାନା ଅନ୍ତର୍ଗତ ବାଟଗାଁର ଅକ୍ଷୟ ରାଉତ ଓରଫ ଅଖୁ (୪୪), ସମୁଦ୍ରକୂଳ ଥାନା ଅନ୍ତର୍ଗତ ଗୌଡ଼ବାଡ଼ ସାହିର ସୁନୀଲ କୁମାର ସାହୁ (୨୨) ଏବଂ ଚନ୍ଦନପୁର ଥାନା ଅନ୍ତର୍ଗତ ଗୋପୀନାଥପୁରର ମାନସ କୁମାର ଭୋଇ (୩୨)। ପୋଲିସ ଅଭିଯୁକ୍ତଙ୍କଠାରୁ ୪ଟି ଜୀବନ୍ତ ବୋମା, ଦୁଇଟି ବାଇକ୍, ଗୋଟିଏ ମୋବାଇଲ ଫୋନ୍ ଏବଂ ଗୋଟିଏ ଭୁଜାଲି ଜବତ କରିଛି। ଏନେଇ ପୋଲିସ ଏକ କେସ୍ (ନଂ. ୧୮୩/୨୩) ରୁଜୁ କରିଛି। ରବିବାର ପୋଲିସ ପକ୍ଷରୁ ଏସ୍‌ପିଙ୍କ କାର୍ଯ୍ୟାଳୟ ପରିସରରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଅତିରିକ୍ତ ଏସ୍‌ପି ସୁଶୀଲ କୁମାର ମିଶ୍ର ଏହି ସୂଚନା ଦେଇଛନ୍ତି।




ଖବରଦାତା ସମ୍ମିଳନୀରେ ଅତିରିକ୍ତ ଏସ୍‌ପି ସୁଶୀଲ କୁମାର ମିଶ୍ର ସୂଚନା ଦେଉଛନ୍ତି।

ଘଟଣା ସମ୍ପର୍କରେ ଅତିରିକ୍ତ ଏସ୍‌ପି ମିଶ୍ର କହିଥିଲେ, ଗତ ୧୩ ତାରିଖ ରାତି ପ୍ରାୟ ୧୧ଟାରେ ମୁଖ୍ୟ ଅଭିଯୁକ୍ତ ରାଜା ମଲ୍ଲିକ ଏବଂ ତାଙ୍କ ସହଯୋଗୀମାନେ ସମୁଦ୍ରକୂଳ ଥାନା ଅନ୍ତର୍ଗତ ଗୌଡ଼ବାଡ଼ସାହି ମାଛ ମାର୍କେଟ ପରିସରରେ ଚିକେନ୍ ଦୋକାନ କରିଥିବା ସନ୍ତୋଷ ସାହୁଙ୍କୁ ଦାଦାବଟି ମାଗିଥିଲେ। ସେ ବଟି ଦେବାକୁ ମନା କରିବାରୁ ତାଙ୍କ ଦୋକାନ ଉପରକୁ ଅଭିଯୁକ୍ତମାନେ ବୋମାମାଡ଼ କରିଥିଲେ। ଏନେଇ ସନ୍ତୋଷ ୧୪ ତାରିଖରେ ଥାନାରେ ଅଭିଯୋଗ କରିଥିଲେ। ଏସ୍‌ପିଙ୍କ ନିର୍ଦ୍ଦେଶକ୍ରମେ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇ ତଦନ୍ତ ପରେ ଅଭିଯୁକ୍ତମାନଙ୍କୁ ଗିରଫ କରାଯାଇଥିଲା। ତେବେ ରାଜା ନିକଟରେ ଜେଲ ଯାଇ ଆସିବା ପରେ ଏକ ଗ୍ୟାଙ୍ଗ କରି ଆତଙ୍କ ଖେଳାଇଥିଲେ। ସ୍ଥାନୀୟ ଅଞ୍ଚଳରେ ଦାଦାବଟି ମାଗିବା ସହ ଛୋଟବଡ଼ ଆପରାଧିକ ଘଟଣାରେ ସମ୍ପୃକ୍ତ ଥିଲେ। ଅପରପକ୍ଷରେ ରାଜା ସନ୍ତୋଷଙ୍କ ଜଣେ ସମ୍ପର୍କୀୟ ଭାଇଙ୍କୁ ଗୁଳି କରିବା କେସ୍‌ରେ ଜେଲରେ ଥିଲେ। ରାଜାଙ୍କ ନାମରେ ପୂର୍ବରୁ ସମୁଦ୍ରକୂଳ ଥାନାରେ ୪ଟି ମାମଲା ରହିଛି ବୋଲି ଅତିରିକ୍ତ ଏସ୍‌ପି କହିଥିଲେ। ଖବରଦାତା ସମ୍ମିଳନୀରେ ସିଟି ଡିଏସ୍‌ପି କେ.କେ. ହରିପ୍ରସାଦ ଏବଂ ସମୁଦ୍ରକୂଳ ଥାନା ଆଇଆଇସି ମାନସ ରଞ୍ଜନ ଚକ୍ର ଉପସ୍ଥିତ ଥିଲେ।

# ସମ୍ପର୍କୀୟଙ୍କ ଘରକୁ ବୁଲି ଆସି ଜୀବନ ଗଲା

### ମୁକୁଳା ଡ୍ରେନ୍‌ରେ ଯୁବକଙ୍କ ମୃତ୍ୟୁ ଘଟଣା

କଟକ,୧୬।୭ (କାର୍ତ୍ତିକ ସାହୁ)

କଟକ ମହାନଗର ନିଗମ(ସିଏମ୍‌ସି) ୨୬ନଂ. ୱାର୍ଡ ଅନ୍ତର୍ଗତ ଖୋଲାସାହି ନିକଟ ମୁକୁଳା ଡ୍ରେନ୍‌ରେ ପଡ଼ି ଜଣେ ଯୁବକଙ୍କ ଜୀବନ ଯାଇଛି। ସେ ହେଲେ ରାଜସ୍ଥାନର ବାସିନ୍ଦା ରାହୁଲ ଖଟିକ୍(୨୧)। କଟକ ସହରକୁ ଖୁସିରେ ବୁଲିବାକୁ ଆସିଥିବାବେଳେ ଶନିବାର ଅପରାହ୍ନରେ ଏଭଳି ଅଘଟଣ ଘଟିଛି। ଏସ୍‌ସିବି ମେଡିକାଲରେ ମୃତଦେହ ବ୍ୟବଚ୍ଛେଦ ପରେ ତାଙ୍କ ବାପା ଜିତେନ୍ଦ୍ର ଖଟିକ୍‌ଙ୍କୁ ହସ୍ତାନ୍ତର କରାଯାଇଥିଲା। ରବିବାର ଖାନ୍‌ନଗର ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି।

ଜିତେନ୍ଦ୍ରଙ୍କ କହିବାନୁଯାୟୀ, ସେ ପୁରୀ ମାଉସୀ ମା' ମନ୍ଦିର ନିକଟରେ ଚା'ଦୋକାନ କରି ପରିବାର ପ୍ରତିପୋଷଣ କରନ୍ତି। ତାଙ୍କର ୩ ପୁଅ ଓ ୨ ଝିଅ ଅଛନ୍ତି। ରାହୁଲ ପୁଅଙ୍କ ମଧ୍ୟରେ ସାନ। କଟକରେ ତାଙ୍କର ସମ୍ପର୍କୀୟମାନେ ରହୁଥିବାରୁ ରାହୁଲ ଗତ ସୋମବାର ଏଠାକୁ ବୁଲିବାକୁ ଆସିଥିଲେ। ଖୋଲାସାହି ଅଞ୍ଚଳରେ ରହିଥିଲେ। ଶନିବାର ଅପରାହ୍ନରେ ପ୍ରବଳ ବର୍ଷା ହେଉଥିବା ସମୟରେ ସେ ମୁକୁଳା ଡ୍ରେନ୍ ପାର୍ଶ୍ୱରେ ଯାଉଥିଲେ। କୌଣସି କାରଣରୁ ହଠାତ୍ ଡ୍ରେନ୍ ଭିତରକୁ ଖସି ପଡ଼ିଥିଲେ। ବର୍ଷା ହେଉଥିବାରୁ ସ୍ଥାନୀୟ ଲୋକେ ଏ ବାବଦରେ କିଛି ଜାଣିପାରି ନ ଥିଲେ। ବର୍ଷା କମିବା ପରେ ଡ୍ରେନ୍ ପାଣି ଭିତରେ ରାହୁଲଙ୍କ ହାତ ଦେଖାଯିବାରୁ ଲୋକମାନେ ତାଙ୍କୁ ଉଦ୍ଧାର କରିଥିଲେ। ଚିକିତ୍ସା ଲାଗି ତାଙ୍କୁ ପ୍ରଥମେ ନିକଟସ୍ଥ ଏକ ଘରୋଇ ହସ୍ପିଟାଲ ପରେ ଏସ୍‌ସିବି ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଉକ୍ତ ଅଞ୍ଚଳରେ ଲୋକଙ୍କ ଯାତାୟାତ ବହୁ ଭାବେ ହେଉଥିବାବେଳେ ଡ୍ରେନ୍‌ର କୌଣସି ଗାର୍ଡୱାଲ ନ ଥିବାରୁ ଏଭଳି ଅଘଟଣ ଘଟିଥିବା ସ୍ଥାନୀୟ ଲୋକେ କହିଛନ୍ତି। ସିଏମ୍‌ସି ମେୟର ସୁବାସ ସିଂ ମୃତକଙ୍କ ପରିବାରକୁ ଭେଟି ସମବେଦନା ଜଣାଇଛନ୍ତି। ରାଜ୍ୟ ସରକାରଙ୍କ ପକ୍ଷରୁ ୪ ଲକ୍ଷ ଟଙ୍କାର ଅନୁକମ୍ପାମୂଳକ ସହାୟତା ପ୍ରଦାନ ନିମନ୍ତେ ପଦକ୍ଷେପ ନେବେ ବୋଲି ମେୟର କହିଛନ୍ତି। ମୁକୁଳା ଡ୍ରେନ୍‌ଗୁଡ଼ିକୁ ଘୋଡ଼ାଇବା ନିମନ୍ତେ ସରକାରଙ୍କ ପକ୍ଷରୁ ପର୍ଯ୍ୟାୟକ୍ରମେ ଯୋଜନା କରାଯାଉଛି। ଆଗାମୀ ଦିନରେ ଏଭଳି ଅଘଟଣ ନ ଘଟିବା ପାଇଁ ପଦକ୍ଷେପ ନିଆଯିବ ବୋଲି ମେୟର ସୂଚନା ଦେଇଛନ୍ତି। ଅପରପକ୍ଷରେ ପୁରୀ ଘାଟ ଥାନାରେ ଏନେଇ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଥିବା ଆଇଆଇସି ଯତୀନ୍ଦ୍ର ନାଥ ସେଠୀ କହିଛନ୍ତି।



ରାହୁଲ ଖଟିକ୍

ଉଲ୍ଲେଖଯୋଗ୍ୟ, ବିଭିନ୍ନ ସମୟରେ ମୁକୁଳା ଡ୍ରେନ୍‌ରେ ସାଧାରଣ ଲୋକଙ୍କ ଜୀବନ ଯାଉଛି। ଗତ ଜାନୁୟାରୀରେ ମୁକୁଳା ଡ୍ରେନ୍‌ରେ ପଡି ଜଣେ ୯ ବର୍ଷର ଛାତ୍ରଙ୍କ ମୃତ୍ୟୁ ଘଟିଥିଲା। ସେହିପରି ଗତ ମେ' ୩୦ ତାରିଖରେ କେଶରପୁର–ଗହ୍ମାଡିଆ ଅଞ୍ଚଳରେ ବକ୍ସଡ୍ରେନ କାମ ଚାଲୁଥିବାବେଳେ ପାଇପ୍ ତଳେ ଚାପି ହୋଇ ଜଣେ ନାବାଳିକାଙ୍କ ମୃତ୍ୟୁ ଘଟିଥିଲା। ଚଳିତ ବର୍ଷାଋତୁ ଆରମ୍ଭରୁ ଏଭଳି ଅଘଟଣକୁ ନେଇ ସହରବାସୀ ଅତ୍ୟନ୍ତ ଭୟଭୀତ ହୋଇପଡ଼ିଛନ୍ତି। ତୁରନ୍ତ ପ୍ରଶାସନ ଏ ଦିଗରେ ଗମ୍ଭୀରତାର ସହ ଦୃଷ୍ଟି ଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

## ସଂକ୍ଷେପରେ

### ଯୁବକଙ୍କଠାରୁ ଟଙ୍କା ସହ ମୋବାଇଲ ଲୁଟ୍

ବଲଙ୍ଗା,୧୬।୭(କେଦାରେଶ୍ୱର ନନ୍ଦ)- ବଲଙ୍ଗା ଥାନା ଅଧୀନ ସମରେଇ ଶାସନ ଗାଁ ମୁଣ୍ଡରୁ ଜଣେ ଯୁବକଙ୍କଠାରୁ ଟଙ୍କା ସହ ମୋବାଇଲ୍ ଲୁଟ ହୋଇଥିବା ନେଇ ରବିବାର ଥାନାରେ ଅଭିଯୋଗ ହୋଇଛି। ଏନେଇ ପୋଲିସ ୧୨୫/୨୩ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଜାରି ରଖିଛି। ପ୍ରକାଶ ଯେ ।ଙ୍ଗଶ ଶାସନ ଗ୍ରାମର ଦୀପକ ସେଠୀ(୩୦) ଶନିବାର ରାତି ୯ଟାରେ ତାଙ୍କର ଜଣେ ସାଙ୍ଗଙ୍କ ସହିତ ବାଇକ ଯୋଗେ ଭୁବନେଶ୍ୱରରୁ ଘରକୁ ଫେରୁଥିଲେ। ହରିପୁର କେନାଲ ବନ୍ଧ ରାସ୍ତାର ସମରେଇ ଗାଁ ମୁଣ୍ଡରେ ୪ ଜଣ ଯୁବକ ସେମାନଙ୍କୁ ଅଟକାଇ ଗାଳିଗୁଲଜ କରିବା ସହ ମାଡ଼ମାରି ଭୟଭୀତ କରାଇ ଦୀପକଙ୍କଠାରୁ ୧୯ ହଜାର ଟଙ୍କା ଓ ଏକ ମୋବାଇଲ ଛଡ଼ାଇ ନେଇଥିଲେ।

### ଘରର ତାଲା ଭାଙ୍ଗି ସୁନା ଅଳଙ୍କାର, ୧୦ ହଜାର ଟଙ୍କା ଚୋରି

ନିମାପଡ଼ା,୧୬।୭(ବିଚିତ୍ରାନନ୍ଦ ସାହୁ)- ନିମାପଡ଼ା ଥାନା ଅଧୀନ ଓଳିକଣା ଗ୍ରାମର ଜଣଙ୍କ ଘରର ତାଲା ଭାଙ୍ଗି କେହି ଦୁର୍ବୃତ୍ତ ନଗଦ ୧୦ ହଜାର ଟଙ୍କା, ହଳେ ସୁନା କାନଫୁଲ, ଗୋଟିଏ ସୁନା ମୁଦି ଚୋରି କରିଥିବା ରବିବାର ଅଭିଯୋଗ ହୋଇଛି। ଶାନ୍ତିଲତା ଦାସଙ୍କ ଘରେ ଶନିବାର ରାତିରେ କେହି ନ ଥିବା ସୁଯୋଗରେ ଦୁର୍ବୃତ୍ତ ତାଙ୍କ ଟ୍ରଙ୍କ ତାଲା ଖୋଲି ଏଭଳି କାଣ୍ଡ ଘଟାଇଛନ୍ତି। ଅଭିଯୋଗ ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛି। ରିପୋର୍ଟ ଲେଖାଯିବା ବେଳକୁ ଏ ସମ୍ପର୍କରେ କୌଣସି ମାମଲା ରୁଜୁ ହୋଇ ନ ଥିବା ଜଣାପଡ଼ିଛି।

### ଓଡ଼ିଶା ଗଭର୍ନମେଣ୍ଟ ଆୟୁର୍ବେଦ ମେଡିକାଲ ପିଜି ସ୍କଲାର ଆସୋସିଏଶନର ବାର୍ଷିକ ଉତ୍ସବ

ପୁରୀ, ୧୬।୭(ଅଜିତ ମହାନ୍ତି): ଓଡ଼ିଶା ଗଭର୍ନମେଣ୍ଟ ଆୟୁର୍ବେଦ ମେଡିକାଲ ପିଜି ସ୍କଲାର ଆସୋସିଏଶନ (ଓଗାମପସା)ର ୫ମ ବାର୍ଷିକ ଉତ୍ସବ ପୁରୀ ଗୋପବନ୍ଧୁ ଆୟୁର୍ବେଦ ମହାବିଦ୍ୟାଳୟର ସମ୍ମିଳନୀ କକ୍ଷରେ ପାଳିତ ହୋଇଯାଇଛି। ଏଥିରେ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ଡ. ସୁଦର୍ଶନ ବେହେରା ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ପୁରୀ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ, ସମ୍ମାନିତ ଅତିଥି ଭାବେ ଏସ୍‌ଜେଏମ୍‌ସିର ମେଡିକାଲ ସୁପରିଣ୍ଟେଣ୍ଡେଣ୍ଟ ପ୍ରଫେସର ଡ. କୌଶିକ ମିଶ୍ର ଯୋଗଦେଇଥିଲେ। ସଭାରେ ଆସୋସିଏଶନର ସମ୍ପାଦକ ଡ. ଆଲୋକ ରଞ୍ଜନ ନାୟକ ବାର୍ଷିକ ବିବରଣୀ ପାଠ କରିବା ସହ ପିଜି ପାଠ୍ୟକ୍ରମ ନିମନ୍ତେ ଆବଶ୍ୟକ ଭିତ୍ତିଭୂମି ସମ୍ପର୍କରେ ଦାବି ଜଣାଇଥିଲେ। ଆସୋସିଏଶନ ସଭାପତି ଡ. ପ୍ରବୀଣ କୁମାର ମଟାରୀ ସଭାପତିତ୍ୱ ଭାଷଣ ଦେଇଥିଲେ। ଡ. ରଶ୍ମିତା ଟିଗା ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମରେ ଅଧାପିକା ଅଧାପକ ଓ ଛାତ୍ରୀଛାତ୍ରମାନେ ଉପସ୍ଥିତ ଥିଲେ।

# ନୂଆ ରୂପ ପାଇବ ପୁରୀ ବେଳାଭୂମି

### ଚାଲିଛି କାମ, ବ୍ୟୟ ଅଟକଳ ୧୦୨ କୋଟି

ପୁରୀ,୧୬।୭(ଅଜିତ ମହାନ୍ତି):

ରାଜ୍ୟର ପ୍ରମୁଖ ପର୍ଯ୍ୟଟନସ୍ଥଳ ମଧ୍ୟରୁ ଶ୍ରୀକ୍ଷେତ୍ର ଅନ୍ୟତମ। ପ୍ରତିଦିନ ଲକ୍ଷାଧିକ ପର୍ଯ୍ୟଟକ ଦେଶବିଦେଶରୁ ପୁରୀ ବୁଲିବାକୁ ଆସିଥାନ୍ତି। ସେମାନେ ପୁରୀର ସ୍ୱର୍ଣ୍ଣାଭ ବେଳାଭୂମିରେ କିଛି ସମୟ ବିତାଇଥାନ୍ତି। ଯେପରି ଅଧିକରୁ ଅଧିକ ପର୍ଯ୍ୟଟକ ପୁରୀ ଆସିବେ ଓ ସୁଖଦ ଅନୁଭବ ନେଇ ଫେରିବେ ସେଥିପାଇଁ ପ୍ରଶାସନ ପକ୍ଷରୁ ବିଭିନ୍ନ କାର୍ଯ୍ୟକ୍ରମ କରାଯାଉଛି। ଏହି କ୍ରମରେ ପୁରୀ ବିଚ୍ ଡେଭଲପ୍‌ମେଣ୍ଟ ପ୍ରୋଜେକ୍ଟ ହାତକୁ ନିଆଯାଇଛି। ଏହି ପ୍ରୋଜେକ୍ଟରେ ଓଡ଼ିଶା ସେତୁ ନିର୍ମାଣ ନିଗମ ପକ୍ଷରୁ ପୁରୀ ବେଳାଭୂମିର ସୌନ୍ଦର୍ଯ୍ୟକରଣ ଓ ଉନ୍ନତିମୂଳକ କାର୍ଯ୍ୟ କରାଯାଉଛି। ଏଥିପାଇଁ ୧୦୨ କୋଟି ଟଙ୍କା ବ୍ୟୟବରାଦ ହୋଇଛି। ଆସନ୍ତା ୨୦୨୪ ଜୁନ୍ ସୁଦ୍ଧା କାର୍ଯ୍ୟ ଶେଷ କରିବାକୁ ଲକ୍ଷ୍ୟ ରଖାଯାଇଛି। ସେହିପରି ପୂର୍ବରୁ ପର୍ଯ୍ୟଟକଙ୍କ ଗାଡ଼ି ପାର୍କିଂ ସୁବିଧା ନ ଥିଲା। ଅନେକ ସମୟରେ ଗାଡ଼ିଗଡ଼ିକୁ ବେଳାଭୂମି ରାସ୍ତା ପାଶ୍ୱରେ ପର୍ଯ୍ୟଟକମାନେ ରଖୁଥିଲେ। ଫଳରେ ଟ୍ରାଫିକ ସମସ୍ୟା ଉପୁଜୁଥିଲା। ଏହାକୁ ଦୃଷ୍ଟିରେ ରଖି ଦିଗବାରେଣୀ ଛକ, ସିପସରୁବାଲି ଅଞ୍ଚଳ ଏବଂ ଯାତ୍ରିକା ନିକଟରେ ପାର୍କିଂ ବ୍ୟବସ୍ଥା କରାଯାଉଛି। ବେଳାଭୂମିକୁ ସବୁଜ ସୁନ୍ଦର କରିବା ପାଇଁ ବିଭିନ୍ନ ପ୍ରକାର ଚାରା ରୋପଣ କରାଯିବ। ପର୍ଯ୍ୟଟକଙ୍କ ଚାଲିବା ପାଇଁ ଫୁଟ୍‌ପାଥ୍ ନିର୍ମାଣ କରାଯିବ। ୱାଚ ଟାୱାର ନିର୍ମାଣ କରାଯିବ, ଯେଉଁଠାରେ ପର୍ଯ୍ୟଟକଙ୍କ ଉପରେ ସୁରକ୍ଷିତ ସ୍ଥାନ ନେଇ ନଜର ରଖାଯାଇପାରିବ। ସରକାରଙ୍କ ପକ୍ଷରୁ ଚାଲିଥିବା ବେଳାଭୂମି ଉନ୍ନତୀକରଣକୁ ଅନେକ ପର୍ଯ୍ୟଟକ ସ୍ୱାଗତ କରିଛନ୍ତି।



ବେଳାଭୂମିରେ ସୌନ୍ଦର୍ଯ୍ୟକରଣ ପାଇଁ ଚାରା ରୋପଣ କରାଯାଇଛି ।

## ବଡ଼ଶଙ୍ଖ ଷ୍ଟେଟ ବ୍ୟାଙ୍କ ଉପର ଟାୱାରରେ ଅଗ୍ନିକାଣ୍ଡ

ପୁରୀ, ୧୬।୭(ଅଜିତ ମହାନ୍ତି):

ବଡ଼ଶଙ୍ଖସ୍ଥିତ ଷ୍ଟେଟ ବ୍ୟାଙ୍କ ଅଫ୍ ଇଣ୍ଡିଆ (ଏସ୍‌ବିଆଇ) ଛାତ ଉପରେ ଥିବା ଟ୍ୱାୱାରରେ ରବିବାର ରାତିରେ ଅଗ୍ନିକାଣ୍ଡ ଘଟିଛି। ଟାୱାରରେ ଶର୍ଟ୍‌ସର୍କିଟ କାରଣରୁ ଅଗ୍ନିକାଣ୍ଡ ଘଟିଥିବା ପ୍ରାଥମିକ ପର୍ଯ୍ୟାୟରେ ଜଣାପଡିଛି। ରାତି ପ୍ରାୟ ୧୧ଟାରେ ଟାୱାରରେ ନିଆଁ ଲାଗିଥିବା ସ୍ଥାନୀୟ ଲୋକେ ଦେଖିବାକୁ ପାଇଥିଲେ। ଏନେଇ ସେମାନେ ଅଗ୍ନିଶମ ବିଭାଗକୁ ଫୋନ କରି ଖବର ଦେଇଥିଲେ। ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ତେବେ ଟାୱାରରେ କେଉଁ କାରଣରୁ ଶର୍ଟ୍‌ସର୍କିଟ ହେଲା ତାହା ସ୍ପଷ୍ଟ ଭାବେ ଜଣାପଡ଼ିନାହିଁ। ଅଗ୍ନିକାଣ୍ଡରେ କୌଣସି ଲୋକଙ୍କ କ୍ଷତି ହୋଇ ନ ଥିବା ସୂଚନା ମିଳିଛି।

## ଅମଲା ଦିବସ ପାଳିଲେ, ଚାରାରୋପଣ କଲେ

ପୁରୀ, ୧୬।୭(ଅଜିତ ମହାନ୍ତି):

ଓଡ଼ିଶା ଅମଲା ସଂଘ ପକ୍ଷରୁ ରବିବାର ଅମଲା ଦିବସ ପାଳନ କରାଯାଇଛି। ଏହି ଅବସରରେ ପୁରୀ ଜିଲାରେ କାର୍ଯ୍ୟରତ ଅମଲାମାନେ ଚାରାରୋପଣ କରିଥିଲେ। ଜିଲା ସଭାପତି ମହେନ୍ଦ୍ର କୁମାର ମହାପାତ୍ର, ଅତିରିକ୍ତ ସମ୍ପାଦକ ଦୁର୍ଗାପ୍ରସନ୍ନ ମହାନ୍ତି, ଅତିରିକ୍ତ ସମ୍ପାଦକ ଲଲାଟେନ୍ଦୁ ହୋତା, ବରିଷ୍ଠ ଉପଦେଷ୍ଟା ପ୍ରଭାକର ପ୍ରଧାନ, ଉପସଭାପତି ପ୍ରଶାନ୍ତ କୁମାର ମିଶ୍ର, ସୁକାନ୍ତ ପଲେଇ, ବରିଷ୍ଠ ନେତା ଦେବାଶିଷ ଦାସ, ସୁରେନ୍ଦ୍ର ବରାଳ, ବିଜୟ ଦାସ, ମନୋରମା ସାହୁ, କୃଷ୍ଣନନ୍ଦିନୀ ଜେମା, ରୂପଶ୍ରୀ ପଣ୍ଡା, ପ୍ରତାପ ମଲ୍ଲିକ, ମାନସ କୁମାର ପାତ୍ର, ରାଜେନ୍ଦ୍ର ପାତ୍ର, ରାମକୃଷ୍ଣ ବଡ଼ଜେନା, କାମିନୀ ପ୍ରଧାନ, ଜିତେନ୍ଦ୍ର ସ୍ୱାଇଁ ପ୍ରମୁଖ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ଡେପୁଟି କଲେକ୍ଟର ଜିତେନ୍ଦ୍ର କୁମାର ପାତ୍ର ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। କର୍ମଚାରୀ ଓ ଜନସାଧାରଣଙ୍କୁ ଚାରା ପ୍ରଦାନ କରାଯାଇଥିଲା। ପରିବେଶକୁ ସବୁଜ ସୁନ୍ଦର ଓ ସ୍ୱଚ୍ଛ ରଖିବା ପାଇଁ ବାର୍ତ୍ତା ଦିଆଯାଇଥିଲା। ରାଜ୍ୟ ସଂଘର ସଭାପତି ଜ୍ଞାନରଞ୍ଜନ ଦାସ ଅତି କମ୍‌ରେ ଗୋଟିଏ ଲେଖାଏ ଗଛ ଲଗାଇବା ପାଇଁ ସମସ୍ତଙ୍କୁ ଅନୁରୋଧ କରିଥିଲେ।

# ଜନସୂଚନା ଅଧିକାରୀଙ୍କୁ ୨୫ ହଜାର ଟଙ୍କା ଜରିମାନା

### ସୂଚନା ପ୍ରଦାନରେ ଅବହେଳା ଅଭିଯୋଗ

କୋଣାର୍କ,୧୬।୭(ଜ୍ୟୋତିରାଜ ମହାନ୍ତି):

ସୂଚନା ପ୍ରଦାନରେ ଅବହେଳା ଏବଂ ଓଡ଼ିଶା ସୂଚନା କମିଶନଙ୍କ କାରଣ ଦର୍ଶାଅ ନୋଟିସର ଉତ୍ତର ନ ଦେବାରୁ ନିମାପଡ଼ା ଗ୍ରାମ୍ୟ ନିର୍ମାଣ ଡିଭିଜନ କାର୍ଯ୍ୟାଳୟର ଜନସୂଚନା ଅଧିକାରୀ ରଶ୍ମି ବେହେରାଙ୍କୁ ସୂଚନା କମିଶନ ୨୫ହଜାର ଟଙ୍କା ଜରିମାନା ପୈଠ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ସୂଚନା ମୁତାବକ, କୋଣାର୍କ ଥାନା ଅଧୀନ କାଦୁଆନୂଆଗାଁ ପଞ୍ଚାୟତର ସୂଚନାକର୍ମୀ ଭାଗୀରଥି ସାଇଁ ଗତ ୨୫.୮.୨୨ରେ ସୂଚନା ଅଧିକାର ଆଇନ–୨୦୦୫ ଅନୁଯାୟୀ ଫର୍ମ ୬–କ ରେ ନିମାପଡ଼ା ଗ୍ରାମ୍ୟ ନିର୍ମାଣ ଡିଭିଜନ ଅଫିସ ଅଧୀନ କୋଣାର୍କ ଗ୍ରାମ୍ୟ ନିର୍ମାଣ ଉପଖଣ୍ଡ ବାଲିଘାଇ ଗ୍ରାମ୍ୟ ନିର୍ମାଣ କନିଷ୍ଠ ଯନ୍ତ୍ରୀ ସେକ୍ସନ, ଗୋପ ଗ୍ରାମ୍ୟ ନିର୍ମାଣ କନିଷ୍ଠ ଯନ୍ତ୍ରୀ ସେକ୍ସନ ଏବଂ କୋଣାର୍କ ଗ୍ରାମ୍ୟ ନିର୍ମାଣ କନିଷ୍ଠ ଯନ୍ତ୍ରୀ ସେକ୍ସନରେ ୨୦୦୮ ମସିହାରୁ ୨୦୧୭ ମସିହା ପର୍ଯ୍ୟନ୍ତ ସମ୍ପାଦିତ କେ–୨,ଏଫ–୨ କାମ ବିଷୟରେ ତଥ୍ୟ ମାଗିଥିଲେ। ତେବେ ନିର୍ଦ୍ଧାରିତ ସମୟ ମଧ୍ୟରେ ସୂଚନା ନ ମିଳିବା ଯୋଗୁ ଭାଗୀରଥି ୧୧.୧୦.୨୨ରେ ନିମାପଡ଼ା ଗ୍ରାମ୍ୟ ନିର୍ମାଣ ଡିଭିଜନ କାର୍ଯ୍ୟାଳୟର ଅଧୀକ୍ଷଣ ଯନ୍ତ୍ରୀ ତଥା ପ୍ରଥମ ଅପିଲ କର୍ତ୍ତୃପକ୍ଷ ଇଂ.ସତ୍ୟଜିତ ଦଳାଇଙ୍କ କୋର୍ଟରେ ପ୍ରଥମ ଅପିଲ କରିଥିଲେ। ତେବେ କର୍ତ୍ତୃପକ୍ଷ କୌଣସି ପଦକ୍ଷେପ ଗ୍ରହଣ ନ କରିବାରୁ ଭାଗୀରଥି ୩୦.୧୨.୨୨ରେ ଓଡ଼ିଶା ସୂଚନା କମିଶନଙ୍କ କୋର୍ଟରେ ଫର୍ମ –ଘ ରେ ଦ୍ୱିତୀୟ ଅପିଲ ନିମନ୍ତେ ଅଭିଯୋଗପତ୍ର ଦାଖଲ କରିଥିଲେ। ସୂଚନା କମିଶନର ବିକ୍ରମ ସେନାପତି ଗତ ଏପ୍ରିଲ ୧୦ରେ ଉଭୟ ପକ୍ଷଙ୍କୁ ନୋଟିସ ଜାରି କରି ଶୁଣାଣି ସମୟରେ ଉପସ୍ଥିତ ରହିବା ଲାଗି ନିର୍ଦ୍ଦେଶ ଦେଇଥିଲେ। ଏହି ଶୁଣାଣି ସମୟରେ ଭାଗୀରଥି ପକ୍ଷ ରଖିଥିବା ବେଳେ ନିମାପଡ଼ା ଗ୍ରାମ୍ୟ ନିର୍ମାଣ ଡିଭିଜନ କାର୍ଯ୍ୟାଳୟର ଜନ ସୂଚନା ଅଧିକାରୀ ରଶ୍ମି ଓ ପ୍ରଥମ ଅପିଲ କର୍ତ୍ତୃପକ୍ଷ ଅନୁପସ୍ଥିତ ଥିଲେ। ଫଳରେ ସୂଚନା କମିଶନର ସେନାପତି ଜନ ସୂଚନା ଅଧିକାରୀ ରଶ୍ମିଙ୍କୁ ଆପଣଙ୍କ ବିରୋଧରେ କାହିଁକି ଜରିମାନା ଆଦାୟ କରା ନ ଯିବ ସେଥିପାଇଁ କାରଣ ଦର୍ଶାଅ ନୋଟିସ ଜାରି କରିଥିଲେ। ଏହି କେଶର ଦ୍ୱିତୀୟ ଶୁଣାଣି ସମୟରେ ଜନ ସୂଚନା ଅଧିକାରୀ ରଶ୍ମି କାରଣ ଦର୍ଶାଅ ନୋଟିସର ଉତ୍ତର ନ ଦେବା ସହିତ ଶୁଣାଣି ସମୟରେ ଅନୁପସ୍ଥିତ ଥିଲେ। ଗତ ଜୁନ ୧୯ରେ ଓଡିଶା ସୂଚନା କମିଶନଙ୍କ ସୂଚନା କମିଶନର ବିକ୍ରମ ସେନାପତି ସୂଚନା କମିଶନଙ୍କ ପତ୍ରସଂଖ୍ୟା. ୩୮୫୧୮,୧୦–୦୭–୨୩ ଅନୁଯାୟୀ ନିମାପଡ଼ା ଗ୍ରାମ୍ୟ ନିର୍ମାଣ ଡିଭିଜନ ଅଫିସର ଜନ ସୂଚନା ଅଧିକାରୀ ରଶ୍ମିଙ୍କୁ ୨୫ହଜାର ଟଙ୍କା ଜରିମାନା ଆସନ୍ତା ୩୦ଦିନ ମଧ୍ୟରେ ପୈଠ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଭାଗୀରଥି ମାଗିଥିବା ସୂଚନା ୧୫ଦିନ ମଧ୍ୟରେ ଡାକଯୋଗେ ପ୍ରଦାନ କରିବା ପାଇଁ ଜନ ସୂଚନା ଅଧିକାରୀ ରଶ୍ମିଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

# ସଚେତନ କରିବ ସୂଚନା ରଥ



ସୂଚନା ରଥକୁ ଅତିଥିମାନେ ଉଦ୍‌ଘାଟନ କରୁଛନ୍ତି ।

ପୁରୀ, ୧୬।୭(ଅଜିତ ମହାନ୍ତି):

ସୂଚନା ଅଧିକାର ଆଇନ ସମ୍ପର୍କରେ ଜନସାଧାରଣଙ୍କୁ ଅବଗତ କରାଇବା ପାଇଁ ଓଡ଼ିଶା ସୂଚନା ଅଧିକାର ଅଭିଯାନ ପକ୍ଷରୁ ସୂଚନା ରଥ ଆରମ୍ଭ କରାଯାଇଛି। ଶନିବାର ଶରଧାବାଲିସ୍ଥିତ ରାଣୀସତୀ ଭବନ ପରିସରରେ ଉକ୍ତ ସୂଚନା ରଥକୁ ବରିଷ୍ଠ ସାମ୍ବାଦିକ ରବି ଦାସ ଉଦ୍‌ଘାଟନ କରିଥିଲେ। ସୂଚନାଯୋଗ୍ୟ, ଓଡ଼ିଶାରେ ୨୦୦୫ରୁ ସୂଚନା ଅଧିକାର ଆଇନ କାର୍ଯ୍ୟକାରୀ ହୋଇଆସୁଛି। ପ୍ରଶାସନର ସ୍ୱଚ୍ଛତା ରକ୍ଷା କରିବା ଏହି ଆଇନର ମୂଳ ଲକ୍ଷ୍ୟ। ପ୍ରତ୍ୟେକ ସରକାରୀ କାର୍ଯ୍ୟାଳୟରୁ ସୂଚନା ପାଇବାର ଅଧିକାର ଏହି ଆଇନ ସମସ୍ତଙ୍କୁ ଦେଇଛି। କିନ୍ତୁ ଏଥିରେ ସରକାର ଉଦାସୀନତା ଦେଖାଇଛନ୍ତି ଓ ସୂଚନା ଅଧିକାର କର୍ମୀ ମାନଙ୍କ ଉପରେ ବାରମ୍ବାର ଆକ୍ରମଣ ହୋଇଚାଲିଛି। କିଭଳି ଅଧିକରୁ ଅଧିକ ଜନସାଧାରଣ ଏହି ଆଇନକୁ ଭଲଭାବେ ଜାଣିବେ, ସେଥିପାଇଁ ପଦକ୍ଷେପ ନିଆଯାଉଛି ବୋଲି ଦାସ କହିଥିଲେ। ରାଜ୍ୟ ଆବାହକ ପ୍ରଦୀପ ପ୍ରଧାନଙ୍କ ନେତୃତ୍ୱରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଆଇନଜୀବୀ ସୁଧୀର ମହାନ୍ତି, କ୍ଷୀରୋଦ ରାଉତ, ଶିକ୍ଷାବିତ୍ କୁମରବର ଦାସ, ଲକ୍ଷ୍ମୀନାରାୟଣ ସୁଆର, ଅଖଣ୍ଡ ମିଶ୍ର ଏବଂ ଶତାଧିକ ସୂଚନା ଅଧିକାର କର୍ମୀ ଉପସ୍ଥିତ ଥିଲେ। ପବିତ୍ର ମୋହନ ଦଳାଇ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ପ୍ରାରମ୍ଭରେ ଦିବାକର ନାଏକ ସ୍ୱାଗତ ଭାଷଣ ଓ ଶେଷରେ ଅବିନାଶ ମିଶ୍ର ଧନ୍ୟବାଦ ଦେଇଥିଲେ। ୨୭ ତାରିଖ ପର୍ଯ୍ୟନ୍ତ ଜିଲାର ବିଭିନ୍ନ ବ୍ଲକ୍‌ରେ ରଥ ବୁଲିବ।

# କଳାବ୍ୟାଜ୍ ପିନ୍ଧି ଗ୍ରାମ୍ୟ କୃଷି କର୍ମଚାରୀଙ୍କ ବିକ୍ଷୋଭ

### ଦାବି ପୂରଣ ନ ହେଲେ ଅଗଷ୍ଟ ୧ରୁ ସମୂହ ଛୁଟିରେ ଯିବେ

ସାକ୍ଷୀଗୋପାଳ,୧୬।୭(ପ୍ରଶାନ୍ତ କୁମାର ବାରିକ/କିଶୋର ମହାପାତ୍ର/ଭରତ ରାଉତ):

କୃଷି କର୍ମଚାରୀଙ୍କ ପ୍ରତି ସରକାରଙ୍କ ଅବହେଳା ପ୍ରତିବାଦରେ ଗତ ୧୪ ତାରିଖରୁ ରାଜ୍ୟରେ ଗ୍ରାମ୍ୟ କୃଷି କର୍ମଚାରୀ ଓ ମହିଳା ଗ୍ରାମ୍ୟ କୃଷି କର୍ମଚାରୀ ସଂଘର ଆହ୍ୱାନକ୍ରମେ ୬ଦଫା ନେଇ ଗ୍ରାମ୍ୟ କୃଷି କର୍ମଚାରୀମାନେ ଶାନ୍ତିପୂର୍ଣ୍ଣ ଭାବେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି। ଏହି ପରିପ୍ରେକ୍ଷୀରେ ସତ୍ୟବାଦୀରେ ସ୍ଥାନୀୟ କୃଷି କାର୍ଯ୍ୟାଳୟରେ କର୍ମଚାରୀମାନେ କଳାବ୍ୟାଜ ପିନ୍ଧି ଦାବିକୁ ଉପସ୍ଥାପନା କରିବା ସହ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଗ୍ରାମ୍ୟ କୃଷି କର୍ମଚାରୀ ପଦ ପରିବର୍ତ୍ତନ କରାଯାଇ କୃଷି ସମ୍ପ୍ରସାରଣ ଅଧିକାରୀ କରାଯିବା, ଗ୍ରେଡ ପେ ୨ହଜାର ଟଙ୍କାରୁ ୪ହଜାର ୨ଶହ ଟଙ୍କାକୁ ବୃଦ୍ଧି, ଚାକିରି କାଳ ମଧ୍ୟରେ ସର୍ବନିମ୍ନ ୩ରୁ ୪ଟି ପଦୋନ୍ନତି, ୨୦୧୩ ମସିହା ପୂର୍ବରୁ ନିଯୁକ୍ତି ପାଇଥିବା ଗ୍ରାମ୍ୟ କୃଷି କର୍ମଚାରୀଙ୍କ ୬ବର୍ଷ ଚୁକ୍ତିଭିତ୍ତିକ ସମୟକୁ ମୂଳ ଚାକିରିରେ ଗଣନା ଆଦି ୬ଦଫା ଦାବି ରହିଛି। ତୃଣମୂଳ ସ୍ତରରେ ଏହି କର୍ମଚାରୀଙ୍କ ପରିଶ୍ରମ ଯୋଗୁ ରାଜ୍ୟ ସରକାର ୪ଥର କୃଷିକର୍ମଣ ପୁରସ୍କାର ପାଇଛନ୍ତି। 'କାଳିଆ' ଓ 'ବଳିଆ' ଯୋଜନା ସହ ଅନ୍ୟ ଯୋଜନାଗୁଡିକ ସଫଳ ହୋଇଛି। ତେବେ ସେମାନଙ୍କ ଦାବିକୁ ସରକାର ଅନୁମୋଦନ ନ କଲେ ଆସନ୍ତା ଅଗଷ୍ଟ ୧ରୁ ସମୂହ ଛୁଟିରେ ଯିବେ ବୋଲି ସତ୍ୟବାଦୀ କୃଷି କାର୍ଯ୍ୟାଳୟର କର୍ମଚାରୀ ମୋହନ ବେହେରା, ରତିକାନ୍ତ ପ୍ରଧାନ, ସରୋଜ କୁମାର ସେଠୀ, ସୁଜାତା ବିଶ୍ୱାଳ, ରଶ୍ମିତା ପାତ୍ର ପ୍ରମୁଖ କହିଛନ୍ତି।



ଗ୍ରାମ୍ୟ କୃଷି ଅଧିକାରୀମାନେ କଳାବ୍ୟାଜ୍ ପରିଧାନ କରିଛନ୍ତି ।

# ଶ୍ରୀମନ୍ଦିର ୪ ଦ୍ୱାର ଖୋଲାଯିବାକୁ ତେଜିଲା ଦାବି

### ୧ ଲକ୍ଷ ଦସ୍ତଖତ ଅଭିଯାନର ଶୁଭାରମ୍ଭ

ପୁରୀ,୧୬।୭(ଅଜିତ ମହାନ୍ତି):

ଭକ୍ତଙ୍କ ନିମନ୍ତେ ଶ୍ରୀମନ୍ଦିର ଚାରିଦ୍ୱାର ଖୋଲାଯିବାକୁ ପୁଣି ଦାବି ଉଠିଛି। ଏହି ଦାବିକୁ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ପହଞ୍ଚାଇବା ପାଇଁ ରବିବାର ଶ୍ରୀମନ୍ଦିର ସିଂହଦ୍ୱାର ସମ୍ମୁଖରୁ ସଚେତନ ନାଗରିକ ମଞ୍ଚ ପକ୍ଷରୁ ଦସ୍ତଖତ ଅଭିଯାନ ଆରମ୍ଭ ହୋଇଛି। ଭକ୍ତଙ୍କଠାରୁ ୧ଲକ୍ଷ ଦସ୍ତଖତ ସଂଗ୍ରହ କରାଯିବ। ସେହି ଦସ୍ତଖତ ସମ୍ବଳିତ ଦାବିପତ୍ରକୁ ଆସନ୍ତା ଅଗଷ୍ଟ ୧ରେ ମୁଖ୍ୟମନ୍ତ୍ରୀଙ୍କ ନିକଟକୁ ପ୍ରେରଣ କରାଯିବ ବୋଲି ମଞ୍ଚ ପକ୍ଷରୁ କୁହାଯାଇଛି।

ଶ୍ରୀମନ୍ଦିରର ୪ ଦ୍ୱାର ଭକ୍ତଙ୍କ ପାଇଁ ଖୋଲାଯିବାକୁ ମୁଖ୍ୟମନ୍ତ୍ରୀଙ୍କୁ ଏହି ପତ୍ର ମାଧ୍ୟମରେ ନିବେଦନ କରାଯିବ। ସମସ୍ତ ବୁଦ୍ଧିଜୀବୀ, ସେବକ, ନିଯୋଗ, ଭକ୍ତଙ୍କୁ ଏ ନେଇ ଦସ୍ତଖତ ଦେଇ ସହଯୋଗ କରିବାକୁ ମଞ୍ଚ ପକ୍ଷରୁ ଅନୁରୋଧ କରାଯାଇଛି। ପ୍ରଥମ ଦିନରେ ୨୦୦ରୁ ଊର୍ଦ୍ଧ୍ୱ ଭକ୍ତ ଦସ୍ତଖତ କରିଥିବା ଜଣାପଡ଼ିଛି। ଉକ୍ତ ପ୍ରସଙ୍ଗରେ ଗଜପତି ମହାରାଜା, ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟ, ଛତିଶା ନିଯୋଗ, ମନ୍ଦିର ପରିଚାଳନା କମିଟି ସଦସ୍ୟଙ୍କ ସହିତ ଆଲୋଚନା କରି ସହଯୋଗ କାମନା କରାଯିବ। ଗୁଣ୍ଡିଚା ମନ୍ଦିର, ରେଳ ଷ୍ଟେଶନ ଓ ଶ୍ରୀମନ୍ଦିର ନିକଟବର୍ତ୍ତୀ ଅଞ୍ଚଳ ସମେତ ସମସ୍ତ ସାହି ବୁଲି ଦସ୍ତଖତ ସଂଗ୍ରହ କରାଯିବ। କାର୍ଯ୍ୟକ୍ରମ ଶୁଭାରମ୍ଭ ଅବସରରେ ସଚେତନ ନାଗରିକ ମଞ୍ଚର ସଭାପତି ପ୍ରସନ୍ନ ଦାଶ, ସମ୍ପାଦକ ତ୍ରିଲୋଚନ ଦାସ, ସଙ୍ଗଠନ ସମ୍ପାଦକ ସଚ୍ଚିଦାନନ୍ଦ ଦାଶ, ସହସମ୍ପାଦକ ଅଶୋକ ଆଢ୍ୟ, ଉପଦେଷ୍ଟା ହରିଶଙ୍କର ମିଶ୍ର, ବିଚିତ୍ରାନନ୍ଦ ସାହୁ, ପ୍ରଶାନ୍ତ କୁମାର ସାହୁ, ଆଦିତ୍ୟ ନାରାୟଣ ବାରିକ, ସୁଧାଂଶୁ ଜେନା ପ୍ରମୁଖ ଉପସ୍ଥିତ ଥିଲେ।



ସଚେତନ ନାଗରିକ ମଞ୍ଚ ପକ୍ଷରୁ ଲୋକଙ୍କଠାରୁ ଦସ୍ତଖତ ସଂଗ୍ରହ କରାଯାଉଛି ।

# ସୁନ୍ଦରୀ ଝିଅ ଯୋଗାଇବା ନାଁରେ ଲୁଟୁଛନ୍ତି ସାଇବର ଠକ

ଭୁବନେଶ୍ୱର,୧୬।୭
(ସୂର୍ଯ୍ୟକାନ୍ତ ବେହେରା)

ଟଙ୍କା ଦେଲେ ସୁନ୍ଦରୀ ଯୁବତୀ ଯୋଗାଇ ଦିଆଯିବ। ସହରରେ ସବୁଠି ସେଟିଂ। ହୋଟେଲରେ ରହିବା, ଖାଇବା ଫ୍ରି। ହୋମ୍ ଡେଲିଭରିର ବି ସୁବିଧା ରହିଛି । ପୋଲିସର ଭୟ ନାହିଁ କି ଡରିବାରେ କାରଣ ନାହିଁ। ଦେଶୀ, ବିଦେଶୀ ସବୁ କିଛି ମିଳିବ ହାତପାହାନ୍ତାରେ। ଏଭଳି ମିଛ ପ୍ରତିଶ୍ରୁତି ଦେଇ ଲୋକଙ୍କୁ ଭୁଆଁ ବୁଲାଉଛନ୍ତି ସାଇବର ଅପରାଧୀ। କେବଳ ମିଛ କହୁନାହାନ୍ତି, ଧମକ ଚମକ ଦେଇ ଟଙ୍କା ବି ଲୁଟୁଛନ୍ତି। ତା'ପରେ ଆରମ୍ଭ ହେଉଛି ମାନସିକ ନିର୍ଯାତନା। ଠକେଇର ଶିକାର ହୋଇଥିବା ବ୍ୟକ୍ତି ଲୋକଲଜ୍ଜା ଭୟରେ ନା ପୋଲିସ ଦ୍ୱାରସ୍ଥ ହେଉଛନ୍ତି ନା ସେମାନଙ୍କ କବଳରୁ ରକ୍ଷା ପାଉଛନ୍ତି। ଅନ୍‌ଲାଇନ୍‌ରେ ସର୍ଚ୍ଚ କଲେ ପୁଳା ପୁଳା କଲଗର୍ଲ ସାଇଟ୍ ଦେଖିବାକୁ ମିଳୁଛି। ୱେବ୍‌ସାଇଟରେ ଥିବା ନମ୍ବରରେ ଯୋଗାଯୋଗ କରିବା ମାତ୍ରେ ଆରମ୍ଭ ହୋଇଯାଉଛି ସେମାନଙ୍କ କାର୍‌ନାମା। ପ୍ରଥମେ ହ୍ବାଟ୍‌ସଆପରେ ମେସେଜ କରିବାକୁ କହୁଛନ୍ତି। ଏହାପରେ ୨ ହଜାରରୁ ୧୪ ହଜାର ପର୍ଯ୍ୟନ୍ତ ବିଭିନ୍ନ ଦରର ସୁନ୍ଦରୀ ଝିଅଙ୍କ ଫଟୋ ପଠାଇ ଦେଉଛନ୍ତି। ଝିଅ ବାଛିବା ପରେ ସେମାନେ ଦର ନିର୍ଦ୍ଧାରଣ କରିବା ସହ ଆଗୁଆ ୧୬ଶହ ରୁ ଶହ ଟଙ୍କା ପର୍ଯ୍ୟନ୍ତ ପଠାଇବାକୁ କହୁଛନ୍ତି। ପ୍ରଥମ କିସ୍ତି ଦେବା ପରେ ଝିଅ ହୋଟେଲରେ ପହଞ୍ଚିଯିବ କିମ୍ବା ଗ୍ରାହକଙ୍କ ଘରକୁ ଆସିବ ବୋଲି ମଧ୍ୟ ପ୍ରତିଶ୍ରୁତି ଦେଉଛନ୍ତି। ଟଙ୍କା କାରବାର ପାଇଁ ଫୋନ୍ ପେ ଓ ଗୁଗଲ ପେ'ର ସାହାରା ନେଉଛନ୍ତି। ହ୍ବାଟ୍‌ସଆପ କିମ୍ବା ଅନ୍ୟ ସୋସିଆଲ୍ ମିଡିଆରୁ ଗ୍ରାହକଙ୍କ ଫଟୋ ନେଇ ଏଡିଟ୍ କରିବା ସହ ବ୍ଲାକ୍‌ମେଲ କରି ଟଙ୍କା ଶୋଷି ନେଉଛନ୍ତି। ଏଭଳି ଠକେଇର ଶିକାର ହୋଇଥିବା ଜଣେ ଯୁବକ କହିଛନ୍ତି, ଅନ୍‌ଲାଇନରେ କଲଗାର୍ଲ ସହଜରେ ମିଳିଯାଉଥିବା ଜାଣିବା ପରେ ମୁଁ ସର୍ଚ୍ଚ କରି ଏକ ସଂସ୍ଥାର ୱେବ୍‌ସାଇଟ୍ ପାଇବା ପରେ ୫ଶହ ଟଙ୍କା ଦେଇ ବୁକ୍ କରିଥିଲି। ମୋ ଭଡା ଘରକୁ ଝିଅକୁ ପଠାଇବେ ବୋଲି କୁହାଯାଇଥିଲା। ଟଙ୍କା ପେମେଣ୍ଟ କରିବାର କିଛି ସମୟ ମଧ୍ୟରେ ଜଣେ ଯୁବତୀ କଲ୍ କରି ମାଷ୍ଟରକ୍ୟାଣ୍ଟିନ ଛକରେ ଥିବା କହିବା ସହ ଆଉ ୧ହଜାର ଟଙ୍କା ଦେବାକୁ ଦାବି କରିଥିଲେ। ହେଲେ ଯୁବକ ଜଣକ ମନା କରିବାରୁ ସେ ଧମକ ଦେଇଥିଲେ। ଟଙ୍କା ଦେ ନ ହେଲେ ଫଟୋ ଭାଇରାଲ ସହ ଥାନାରେ ବଳାତ୍କାର କେସ୍ ଦେବାକୁ କହିଥିଲେ। ତେଣୁ ବାଧ୍ୟ ହୋଇ ଯୁବକ ଜଣକ ଆଉ କିଛି ଟଙ୍କା ତାଙ୍କ ଆକାଉଣ୍ଟକୁ ପଠାଇଥିଲେ। ଏଭଳି ବାରମ୍ବାର ଟଙ୍କା ମାଗିବାରୁ ଶେଷରେ ଯୁବକ ଜଣକ ସାଇବର ଥାନାରେ ଅଭିଯୋଗ କରିଥିଲେ। ଏନେଇ ସାଇବର ଥାନାର ଅଧିକାରିଣୀ ରଶ୍ମିତା ଜେନା କହିଛନ୍ତି. ଏହା ବେଆଇନ କାର୍ଯ୍ୟକଳାପ। ଲୋକମାନେ ବୁଝିବା ଆଗରୁ ସାଇବର ଅପରାଧୀଙ୍କ ଜାଲରେ ପଡିଯାଉଛନ୍ତି। ତେଣୁ ଲୋକେ ସଚେତନ ହେଲେ ଏଭଳି ଠକେଇରୁ ବର୍ତ୍ତି ଯାଇପାରିବେ। ଠକାମିର ଶିକାର ହୋଇଥିଲେ ତୁରନ୍ତ ଥାନାରେ ଅଭିଯୋଗ କରନ୍ତୁ। ଏସ୍କର୍ଟ ନାଁରେ ୪ଟି ଅଭିଯୋଗ ହୋଇଥିବାବେଳେ ୬ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିବା ସେ କହିଛନ୍ତି।

## ଅଢ଼େଇ ବର୍ଷରେ ରାଜ୍ୟ ବାହାରୁ ୪୬ ଗିରଫ

ଭୁବନେଶ୍ୱର,୧୬।୭
ସତ୍ୟଜିତ୍ ରାଉତ)

**ସାଇବର ଠକେଇ ମାମଲାରେ ଇଓଡବ୍ଲ୍ୟୁର କାର୍ଯ୍ୟାନୁଷ୍ଠାନ**

- ଲୋନ୍ ଆପ୍‌ରେ ୭, ପୋନ୍‌ଜି ସ୍କିମ୍‌ରେ ୯ ଅଭିଯୁକ୍ତ ଗିରଫ
- ଦେଶ ବାହାରେ ଥିବା ମାଷ୍ଟରମାଇଣ୍ଡଙ୍କୁ ଧରିବା ବଡ଼ ଚାଲେଞ୍ଜ୍

ରାଜ୍ୟରେ ଠକେଇ ମାମଲା ବଢ଼ି ଚାଲିଛି। ବିଶେଷକରି ସାଇବର ଠକମାନେ ସବୁଠୁ ଅଧିକ ସକ୍ରିୟ ହୋଇ ଉଠିଛନ୍ତି। ବିଭିନ୍ନ କୌଶଳ ଆପଣାଇ କୋଟି କୋଟି ଟଙ୍କା ଠକି ନେଉଛନ୍ତି। ଚାକିରି ଠକେଇ, ଅନ୍‌ଲାଇନ୍ ପୋନ୍‌ଜି ସ୍କିମ୍, ଚାଇନା ଡିଜିଟାଲ୍ ଲୋନ୍ ଆପ୍, କୋରିଅର୍ ଠକେଇ, ଜମି ଠକେଇ, ବ୍ୟାଙ୍କ ଠକେଇ, କ୍ରିପ୍ଟୋ ଟ୍ରେଡିଂ, ମନି ଅର୍ନିଂ ଆପ୍ ଆଦି ମାମଲାରେ କ୍ରାଇମବ୍ରାଞ୍ଚର ଅର୍ଥନୈତିକ ଅପରାଧ ଶାଖା (ଇଓଡବ୍ଲ୍ୟୁ) ତଦନ୍ତ କରିବା ସହ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ଗିରଫ କରିବାରେ ଲାଗିଛି। ଅଧିକାଂଶ ସାଇବର ର୍‍ୟାକେଟ ରାଜ୍ୟ ବାହାରୁ ଅପରେଟ ହେଉଥିବାରୁ ତଦନ୍ତ ଓ କାର୍ଯ୍ୟାନୁଷ୍ଠାନରେ ବାଧା ସୃଷ୍ଟି ହେଉଛି। ତଥାପି ଇଓଡବ୍ଲ୍ୟୁ ଟିମ୍ ରାଜ୍ୟ ବାହାରକୁ ଯାଇ ତଦନ୍ତ କରିବା ସହ ଅଭିଯୁକ୍ତଙ୍କୁ ମଧ୍ୟ ଧରିବାରେ ସଫଳ ହେଉଛି। ଏହିକ୍ରମରେ ୨୦୨୧ରୁ ୨୦୨୩ ଜୁଲାଇ ଅର୍ଥାତ୍ ଗତ ଅଢ଼େଇ ବର୍ଷ ମଧ୍ୟରେ ରାଜ୍ୟ ବାହାରକୁ ଯାଇ ଇଓଡବ୍ଲ୍ୟୁ ୪୬ଜଣ ଠକେଇ ଅଭିଯୁକ୍ତଙ୍କୁ ଗିରଫ କରିଛି। ୨୦୨୧ରେ ୮, ୨୦୨୨ରେ ୨୭ ଏବଂ ୨୦୨୩ରେ ଏପର୍ଯ୍ୟନ୍ତ ୧୧ଜଣ ଗିରଫ ହୋଇଥିବା ରବିବାର ସୂଚନା ଦିଆଯାଇଛି।

ଡିଜିଟାଲ୍ ଲୋନ୍ ଆପ୍‌ରେ ଠକମାନେ ଲୋକଙ୍କୁ ପ୍ରଥମେ ଅଳ୍ପ ଟଙ୍କାର ଲୋନ୍ ଦେଉଛନ୍ତି। ପରେ ସୁଧ ଓ ଅନ୍ୟାନ୍ୟ ଫି' ଲଗାଇ ଅଧିକ ଟଙ୍କା ଦାବି କରୁଛନ୍ତି। ଦାବି ଅନୁଯାୟୀ ଟଙ୍କା ନ ଦେଲେ ଗ୍ରାହକଙ୍କୁ ବ୍ଲାକମେଲ୍ କରି ବହୁ ଟଙ୍କା ଠକି ନେଉଛନ୍ତି। ତେବେ ରାଜ୍ୟବାହାରୁ ଗିରଫ ହୋଇଥିବା ଅଭିଯୁକ୍ତଙ୍କ ମଧ୍ୟରୁ ୭ଜଣ ଏହି ଲୋନ୍ ଆପ୍ ମାମଲାରେ ରହିଛନ୍ତି। ସେହିପରି ପୋନ୍‌ଜି ସ୍କିମ୍‌ରେ ୯ଜଣ ଅଭିଯୁକ୍ତ ଗିରଫ ହୋଇଛନ୍ତି। ତେବେ ସବୁଠୁ ବଡ଼ କଥା ହେଲା ଏଭଳି ଠକେଇ ମାମଲାରେ ରାଜ୍ୟର ବିଭିନ୍ନ ସ୍ଥାନରେ ସହଯୋଗୀମାନେ ଥିବାବେଳେ ଏହାର ମାଷ୍ଟରମାଇଣ୍ଡମାନେ ଦୁବାଇ, ଚାଇନା, ହଂକଂ, ମାଲେସିଆରେ ରହି ରାକେଟ୍ ଚଳାଉଛନ୍ତି। ଦେଶ ବାହାରେ ରହି ଠକେଇ ଅପରେଟ୍ କରୁଥିବା ମାଷ୍ଟରମାଇଣ୍ଡଙ୍କ ବିରୋଧରେ ପୂର୍ବରୁ ଲୁକ୍‌ଆଉଟ୍ ସର୍କୁଲାର୍ ମଧ୍ୟ ଜାରି ହୋଇଛି। କିନ୍ତୁ ସମ୍ପୃକ୍ତ ମାଷ୍ଟରମାଇଣ୍ଡଙ୍କୁ ଧରିବା ଇଓଡବ୍ଲ୍ୟୁ ପାଇଁ ଚ୍ୟାଲେଞ୍ଜ୍ ହୋଇଛି।



ଏସ୍‌ଇକ୍ୟୁଆର୍ ପକ୍ଷରୁ ପରିବେଶ ସଚେତନତା ବାର୍ତ୍ତା ନେଇ ରବିବାର ଭୁବନେଶ୍ୱର ଫରେଷ୍ଟ ପାର୍କରୁ ବାହାରିଥିବା 'ଗ୍ରୀନାଥନ୍ ୱାକାଥନ୍'। (ଫଟୋ– ବିକାଶ ନାୟକ)

## ପରିବେଶ ସଚେତନତା ବାର୍ତ୍ତା ଦେଲା 'ଗ୍ରୀନାଥନ୍ ୱାକାଥନ୍'

ଭୁବନେଶ୍ୱର, ୧୬।୭ (ବନ୍ଦନା ସେଠୀ)

ସ୍ୱଚ୍ଛ ଓ ସୁରକ୍ଷିତ ପରିବେଶ ବଢ଼ାଇବା ଲକ୍ଷ୍ୟ ନେଇ ଏସ୍‌ଇକ୍ୟୁଆର୍ ପକ୍ଷରୁ ରବିବାର 'ଗ୍ରୀନାଥନ୍ ୱାକାଥନ୍' ଅନୁଷ୍ଠିତ ହୋଇଯାଇଛି। ଏହି ୱାକାଥନ୍ ଫରେଷ୍ଟ ପାର୍କଠାରୁ ବାହାରି ସହରର ବିଭିନ୍ନ ସ୍ଥାନ ଅତିକ୍ରମ କରିଥିଲା। ଏଥିରେ ବହୁ ସଂଖ୍ୟାରେ ଲୋକ ଅଂଶଗ୍ରହଣ କରି ପରିବେଶ ସଂରକ୍ଷଣ ଉପରେ ସଚେତନତା ବାର୍ତ୍ତା ବାଣ୍ଟିଥିଲେ। ମେୟର ସୁଲୋଚନା ଦାସ ଓ ପୋଲିସ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀ, ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ପ୍ରଦୀପ ମାଝି ପ୍ରମୁଖ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ୱାକାଥନ୍ ପୂର୍ବରୁ ହେଲ୍‌ଥ ଭିଲେର ଯୋଗ ଇନଷ୍ଟ୍ରକ୍ଟର ଯୋଗାଭ୍ୟାସ କାର୍ଯ୍ୟକ୍ରମ କରିଥିଲେ। ସେହିପରି ଆପୋଲୋ ହସ୍ପିଟାଲ୍‌ର ଚିଫ୍ ଡାଏଟିସିଆନ୍ ଡ. ସୁନୀତା ସାହୁଙ୍କ ଦ୍ୱାରା ଯେକୌଣସି ପରିବେଶରେ ଫିଟ୍ ରହିବା ଉପରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ପରିବେଶ ସୁରକ୍ଷା ବାର୍ତ୍ତା ପ୍ରଚାର କରିବା ସହିତ ସିଆଇବିଏ ଗ୍ରୀନ୍‌ର ମିସ୍ ନିଲିମା ମିଶ୍ର ପ୍ଲାଷ୍ଟିକ୍ ବ୍ୟବହାରଠାରୁ ଦୂରେଇ ରହିବାକୁ ସଚେତନ କରାଇଥିଲେ। ଏହି ଅବସରରେ ପ୍ରକୃତି ସୁରକ୍ଷା ପ୍ରତି ଗୁରୁତ୍ୱପୂର୍ଣ୍ଣ ଅବଦାନ ପାଇଁ ବୃକ୍ଷ ମଣିଷ ଅନ୍ତର୍ଯ୍ୟାମୀ ସାହୁ, ଡ. ଦିଲ୍ଲୀପ ଶ୍ରୀଚନ୍ଦନ, ଅମରେଶ ନରେଶ ଏବଂ କୋଭିଡ୍ ଯୋଦ୍ଧା ଭାବେ ୧୦ଜଣ ସଫେଇ ମିତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

## ଆଜି କ'ଣ କେଉଁଠି

ଭୁବନେଶ୍ୱର

- ନାଇଜରର ୧୨ତମ ସ୍ନାତକ ସମାରୋହ, ପଠାଣି ସାମନ୍ତ ଅଡିଟୋରିୟମ୍, ନାଇଜର, ଅପରାହ୍ନ ୨ଟା।
- ସଂଭାବନାର ଚିତଉ ଉତ୍ସବ, ସୂଚନା ଭବନ, ପ୍ରଦର୍ଶନୀ କକ୍ଷ, ସନ୍ଧ୍ୟା ୬ଟା।
- ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ପ୍ରାଚୀ ଏଣ୍ଟରଟେନମେଣ୍ଟ ଭୁବନେଶ୍ୱର ଦ୍ୱାରା ଆୟୋଜିତ ସଙ୍ଗୀତ ସନ୍ଧ୍ୟା 'ବର୍ଷା ଉତ୍ସବ' ଗୀତଗୋବିନ୍ଦ ସଦନ, ସନ୍ଧ୍ୟା ୬ଟା।
- ଗୁରୁ ଦେବପ୍ରସାଦ ଦାଶ ଫାଉଣ୍ଡେଶନ ଆନୁକୂଲ୍ୟରେ ୭ମ ନୃତ୍ୟ ମହୋତ୍ସବ 'ପରିପୂର୍ଣ୍ଣ', ଭଞ୍ଜକଳା ମଣ୍ଡପ, ସନ୍ଧ୍ୟା ୬ଟା।
- ଶ୍ରୀମଦ୍ ଭାଗବତ କଥାମୃତ, ଡି.ଏଲ୍. କଲୋନୀ, ମା' ଭୁବନେଶ୍ୱରୀ ମନ୍ଦିର ପରିସର, ସନ୍ଧ୍ୟା ୭ଟା ୩୦।

## ସାଇ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଗ୍ୟାଷ୍ଟ୍ରୋଲୋଜି ଆଣ୍ଡ୍ ଲିଭର ସାଇନ୍ସରେ ଯୋଗଦେବେ ଡା. ସୋନ୍‌ମୁନ୍ ମହାପାତ୍ର

**ଭୁବନେଶ୍ୱର,୧୬।୭(ଅଭିଜିତ୍ ଦାସ):** ଯୁବ ଡାକ୍ତର ତଥା ଗ୍ୟାଷ୍ଟ୍ରୋଏଣ୍ଟରୋଲୋଜିଷ୍ଟ ସୋନ୍‌ମୁନ୍ ମହାପାତ୍ର ଶହୀଦନଗରସ୍ଥିତ ସାଇ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଗ୍ୟାଷ୍ଟ୍ରୋଲୋଜି ଆଣ୍ଡ୍ ଲିଭର ସାଇନ୍ସରେ ଯୋଗଦେବେ। କଟକରେ



ଜନ୍ମିତ ଡା. ମହାପାତ୍ର ଆମେରିକାରେ ଉଚ୍ଚତର ମେଡିକାଲ ଶିକ୍ଷା ଓ ଗବେଷଣା ଶେଷ କରିଛନ୍ତି। ଏଥିସହ ସେ ବିଶ୍ୱପ୍ରସିଦ୍ଧ ମାୟୋ କ୍ଲିନିକ୍ ଆମେରିକାରୁ ସ୍ୱତନ୍ତ୍ର ଚିକିତ୍ସା ଜ୍ଞାନ ହାସଲ କରିଛନ୍ତି। ଓଡ଼ିଶାବାସୀଙ୍କୁ ପେଟ ଓ ଲିଭରଜନିତ ସମସ୍ୟାର ସୁଲଭ ତଥା ବିଶ୍ୱସ୍ତରୀୟ ଚିକିତ୍ସା ଯୋଗାଇ ଦେବା ଲକ୍ଷ୍ୟରେ ସାଇ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଗ୍ୟାଷ୍ଟ୍ରୋଲୋଜି ଆଣ୍ଡ୍ ଲିଭର ସାଇନ୍ସରେ ଯୋଗଦେବେ ବୋଲି ହସ୍ପିଟାଲର ପ୍ରତିଷ୍ଠାତା ତଥା ତାଙ୍କ ବାପା ଡାକ୍ତର ଆଶୁତୋଷ ମହାପାତ୍ର ସୂଚନା ଦେଇଛନ୍ତି।

## ଜଷ୍ଟିସ୍ ଦୀପକ ମିଶ୍ର ପାଇବେ 'ଉତ୍କଳ ରତ୍ନ'

କଟକ,୧୬।୭ (କାର୍ତ୍ତିକ ସାହୁ)

**ଉତ୍କଳ ସାହିତ୍ୟ ସମାଜର ସମ୍ମାନ ଘୋଷିତ**



ଉତ୍କଳ ସାହିତ୍ୟ ସମାଜ ପକ୍ଷରୁ ସୁପ୍ରିମକୋର୍ଟର ପୂର୍ବତନ ପ୍ରଧାନ ବିଚାରପତି ଜଷ୍ଟିସ୍ ଦୀପକ ମିଶ୍ରଙ୍କୁ ଚଳିତବର୍ଷ ପାଇଁ ଅନୁଷ୍ଠାନର ସର୍ବୋଚ୍ଚ ସମ୍ମାନ ଉତ୍କଳ ରତ୍ନ ପ୍ରଦାନ କରାଯିବ। ସେହିପରି ରାଧାମୋହନ ମହାପାତ୍ରଙ୍କୁ ଶୁକଦେବ ସାହୁ ଉପନ୍ୟାସ ସମ୍ମାନ, ସଂଯୁକ୍ତା ମହାନ୍ତିଙ୍କୁ ଫକୀର ମୋହନ କ୍ଷୁଦ୍ରଗଳ୍ପ ସମ୍ମାନ, ମନ୍ମଥ କୁମାର ଶତପଥୀଙ୍କୁ ରାମଚନ୍ଦ୍ର ମିଶ୍ର ନାଟକ ସମ୍ମାନ, ପ୍ରହ୍ଲାଦ ଚନ୍ଦ୍ର ନାୟକଙ୍କୁ ପ୍ରାଣକୃଷ୍ଣ ପରିଜା ବିଜ୍ଞାନ ସାହିତ୍ୟ ସମ୍ମାନ, ବିମଳ ଜେନାଙ୍କୁ ଗଙ୍ଗାଧର ମେହେର କବିତା ସମ୍ମାନ, କମ୍ବୁପାଣି ସାମନ୍ତଙ୍କୁ ଗୋପୀନାଥ ନନ୍ଦ ପ୍ରବନ୍ଧ-ସମାଲୋଚନା ସାହିତ୍ୟ ସମ୍ମାନ, ଡ. ଜ୍ୟୋତିର୍ମୟୀ ମହାନ୍ତିଙ୍କୁ ରାମକୃଷ୍ଣ ନନ୍ଦ ଶିଶୁ-ସାହିତ୍ୟ ସମ୍ମାନ ପ୍ରଦାନ କରାଯିବ। ଏଥିସହ ତ୍ରିପୁରା ମିଶ୍ରଙ୍କୁ ବୈଷ୍ଣବ ପାଣି କଳା ସମ୍ମାନ, ରମେଶ ଚନ୍ଦ୍ର ରଥଙ୍କୁ ପ୍ରଫୁଲ୍ଲ ଦାସ ଅନୁବାଦ ସାହିତ୍ୟ ସମ୍ମାନ, ଛାୟାକାନ୍ତ ଷଡ଼ଙ୍ଗୀଙ୍କୁ ରାଧାନାଥ ରଥ ସମ୍ବାଦ ସାହିତ୍ୟ ସମ୍ମାନ, ଚୈତନ୍ୟ କୁମାର ସାହୁଙ୍କୁ ଗୋବିନ୍ଦ ନାରାୟଣ ଆଧ୍ୟାତ୍ମିକ ସାହିତ୍ୟ ସମ୍ମାନ, ଅପର୍ଣ୍ଣା ମିଶ୍ରଙ୍କୁ ବସନ୍ତ କୁମାରୀ ଦେବୀ ଲେଖିକା ସମ୍ମାନ, ସତ୍ୟନାରାୟଣ ମହାପାତ୍ରଙ୍କୁ ବିଦ୍ୟାଧର ମିଶ୍ର ଜୀବନୀ ସାହିତ୍ୟ ସମ୍ମାନ, ଦେବୁପ୍ରସାଦ ଚାଟାର୍ଜୀଙ୍କୁ ଉଦୟନାଥ ଷଡ଼ଙ୍ଗୀ ସାମ୍ବାଦିକତା ସମ୍ମାନ, ରମାକାନ୍ତ ମହାପାତ୍ରଙ୍କୁ ନୀରଦପ୍ରଭା ହାସ୍ୟବ୍ୟଙ୍ଗ ସମ୍ମାନ, କାହ୍ନୁଚରଣ ଲେଙ୍କାଙ୍କୁ ବିଶ୍ୱନାଥ ମିଶ୍ର ଆତ୍ମଜୀବନୀ ସମ୍ମାନ, ବାବାଜୀ ଚରଣ ଜେନାଙ୍କୁ ନବରୂପା ରାଜ ଗୀତିକବିତା ସମ୍ମାନ, ଗୋପୀନାଥ ବେହେରାଙ୍କୁ କବିଚନ୍ଦ୍ର ସଙ୍ଗୀତଗୁରୁ ସମ୍ମାନ, ସ୍ୱରୂପା ଚକ୍ରବର୍ତ୍ତୀଙ୍କୁ ଭିକାରୀ ବଳ କଣ୍ଠଶିଳ୍ପୀ ସମ୍ମାନ, ବିଶ୍ୱକେଶ ତ୍ରିପାଠୀଙ୍କୁ ବିକ୍ରମ ଦାସ ଭ୍ରମଣ କାହାଣୀ ସମ୍ମାନ, ଇଂ. ସୌରାଂଶୁ ପଟ୍ଟନାୟକଙ୍କୁ ପ୍ରଭା ପଟେଲ ରମ୍ୟରଚନା ଓ ଲଳିତ ନିବନ୍ଧ ସମ୍ମାନ, ପୂର୍ଣ୍ଣଚନ୍ଦ୍ର ମହାପାତ୍ରଙ୍କୁ ବ୍ରହ୍ମାନନ୍ଦ ପଣ୍ଡା ସାଂସ୍କୃତିକ ସଂଗଠକ ସମ୍ମାନ, ସୁଜିତ୍ କୁମାର ପଣ୍ଡାଙ୍କୁ କୈଳାସ ଚନ୍ଦ୍ର ସିଂହ ଯୁବ ସାରସ୍ୱତ ସମ୍ମାନ, ଏସ୍.ବି. ପବ୍ଲିଶର୍ସର ନଳିନୀକାନ୍ତ ନନ୍ଦଙ୍କୁ ଦେବବ୍ରତ କର ପ୍ରକାଶକ ସମ୍ମାନ, ଡ. ମହେନ୍ଦ୍ର କୁମାର ମିଶ୍ରଙ୍କୁ ନିରଞ୍ଜନ ଦାସ ଭାଷା ସମ୍ମାନ, ସୁଶାନ୍ତ କୁମାର ନାୟକଙ୍କୁ ବାଗ୍ମୀ ବିଶ୍ୱନାଥ କର ସମ୍ପାଦନା ସମ୍ମାନ ଓ ରାଜବଲ୍ଲଭ ସାହୁଙ୍କୁ ସୁନାମଣି ସାମଲ ଚିତ୍ରଶିଳ୍ପୀ ସମ୍ମାନ ପ୍ରଦାନ କରାଯିବ। ଆସନ୍ତା ୩୦ ତାରିଖ ସନ୍ଧ୍ୟାରେ ହେବାକୁ ଥିବା ଉତ୍କଳ ସାହିତ୍ୟ ସମାଜର ବାର୍ଷିକ ସମାବର୍ତ୍ତନ ଉତ୍ସବରେ ଏହି ସମ୍ମାନ ପ୍ରଦାନ କରାଯିବ ବୋଲି ସାଧାରଣ ସମ୍ପାଦକ ଆଦିତ୍ୟ ପ୍ରତାପ ଧଳ ଓ ସଙ୍ଗଠନ ସମ୍ପାଦକ ଡ. ସୁନାମଣି ରାଉତ ରବିବାର ପ୍ରେସ୍ ଇସ୍ତାହାରରେ ଜଣାଇଛନ୍ତି।



ଭୁବନେଶ୍ୱରସ୍ଥିତ ଜିକେସିଏମ୍ ଓଡ଼ିଶୀ ଗବେଷଣା କେନ୍ଦ୍ରଠାରେ ତ୍ରିଧାରା ପକ୍ଷରୁ ଚାଲିଥିବା ୩୭ତମ ଶ୍ରଦ୍ଧାଞ୍ଜଳି ସମାରୋହର ରବିବାର ଉଦ୍‌ଯାପନୀ ସନ୍ଧ୍ୟାରେ ଶିଳ୍ପୀମାନେ ନୃତ୍ୟ ପରିବେଷଣ କରୁଛନ୍ତି। (ଫଟୋ– ବିକାଶ ନାୟକ)

**ସେଲ୍ଫି କର୍ନର ଧରିତ୍ରୀ**

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com



@ ଜୟଜିତ୍



@ ଚାନ୍ଦିନୀ



@ ବିଜୟ



@ ସଦାନନ୍ଦ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟ ବିବେଚିତ ଫଟୋ ପ୍ରକାଶ ପାଇବ।

## ଆଜି ୪ ଘଣ୍ଟା ବନ୍ଦ ରହିବ ମହାପ୍ରଭୁଙ୍କ ଦର୍ଶନ

ପୁରୀ,୧୬।୭(ଅଜିତ ମହାନ୍ତି)

**ଶ୍ରୀମନ୍ଦିରରେ ହେବ ଚିତାଲାଗି ନୀତି**

ଚିତାଲାଗି ଅମାବାସ୍ୟା ଅବସରରେ ସୋମବାର ଶ୍ରୀମନ୍ଦିରରେ ସ୍ୱତନ୍ତ୍ର ନୀତିକାନ୍ତି ସହ ଦାରୁବିଗ୍ରହଙ୍କ ଚିତାଲାଗି ନୀତି ସମ୍ପନ୍ନ କରାଯିବ। ମହାପ୍ରଭୁଙ୍କ ପ୍ରଥମ ଭୋଗମଣ୍ଡପ ପରେ ଏହି ଗୁପ୍ତ ନୀତି ଆରମ୍ଭ ହେବ। ସୋମବାର ଅପରାହ୍ନ ୨ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ୪ଘଣ୍ଟା ଉକ୍ତ ଗୁପ୍ତନୀତି ହେବାକୁ ଥିବାରୁ ଏହି ସମୟରେ ସର୍ବସାଧାରଣ ଦର୍ଶନ ବନ୍ଦ ରହିବ ବୋଲି ଶ୍ରୀମନ୍ଦିର ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

ଶ୍ରୀମନ୍ଦିର ସ୍ୱତ୍ତ୍ୱଲିପି ଅନୁଯାୟୀ, ଚଳିତବର୍ଷ ସ୍ନାନଯାତ୍ରାରେ ଦାରୁବିଗ୍ରହମାନେ ସ୍ନାନମଣ୍ଡପରେ ୧୦୮ ଗରା ସୁବାସିତ ଜଳରେ ସ୍ନାନ କରି ଜ୍ୱରରେ ଆକ୍ରାନ୍ତ ହୋଇ ଅଣସର ପିଣ୍ଡିକୁ ବିଜେ କରିଥିଲେ। ଏହାପରେ ଦଇତାପତି ସେବକମାନେ ଶ୍ରୀବିଗ୍ରହମାନଙ୍କଠାରୁ ରତ୍ନଚିତା ଓଲାଗି କରିଥିଲେ। ସେହିପରି ରଥଯାତ୍ରା ସମୟରେ ଠାକୁରମାନଙ୍କୁ ସୋଲଚିତା ଲାଗିକରାଯାଇଥିଲା। ପରମ୍ପରା ମୁତାବକ, ଚିତାଲାଗି ଅମାବାସ୍ୟାରେ ଠାକୁରମାନଙ୍କୁ ରତ୍ନଚିତା ଲାଗିକରାଯିବ। ଦଇତାପତି ସେବକମାନେ ଏହି ନୀତି ସମ୍ପାଦନ କରିବେ। ମହାପ୍ରଭୁଙ୍କ ଗୁପ୍ତନୀତିଗୁଡ଼ିକ ମଧ୍ୟରୁ ଚିତାଲାଗି ନୀତି ଅନ୍ୟତମ। ତେଣୁ ଏହି ନୀତି ସମୟରେ ଦର୍ଶନ ବନ୍ଦ ରଖାଯାଇଥାଏ।

# ହ୍ରାସ ପାଇଛି ଯାନବାହନ ରପ୍ତାନି

## ପ୍ରଥମ ତ୍ରୈମାସିକରେ ୨୮%



ନୂଆଦିଲ୍ଲୀ,୧୬।୭(ଅଭୟ ଦାଶ)

ଦେଶରପ୍ରମୁଖଅଟୋଶିଳ୍ପସଂଘସୋସାଇଟି ଅଫ୍ ଇଣ୍ଡିଆନ ଅଟୋମୋବାଇଲ୍ ମ୍ୟାନୁଫାକ୍ଚରର୍ସ (ଏସଆଇଏଏମ) ପକ୍ଷରୁ ଚଳିତ ଆର୍ଥିକ ବର୍ଷର ଯାନବାହନ ରପ୍ତାନ ଫଳାଫଳ ସମ୍ପର୍କରେ ଘୋଷଣା କରାଯାଇଛି। ଏପରିକି ୨୦୨୩ ଏପ୍ରିଲରୁ ଜୁନ୍ ଅବଧି ମଧ୍ୟରେ ଭାରତରୁ ଅଟୋମୋବାଇଲ୍ ରପ୍ତାନ ୨୮ % ହ୍ରାସ ପାଇଛି। ବିଶେଷ କରି ଆଫ୍ରିକା ଏବଂ ଅନ୍ୟାନ୍ୟ ବିକାଶଶୀଳ ଦେଶଗୁଡିକରେ ଆର୍ଥିକ ସଙ୍କଟ ଦେଖାଦେଇଥିବା କାରଣରୁ ଯାନବାହନ ରପ୍ତାନି ହ୍ରାସ ହୋଇଛି ବୋଲି ଏସଆଇଏଏମ ପକ୍ଷରୁ ସୂଚନା ଦିଆଯାଇଛି। ଅପରପକ୍ଷରେ ଚଳିତ ଆର୍ଥିକ ବର୍ଷର ପ୍ରଥମ ତ୍ରୈମାସିକ ଶେଷ ସୁଦ୍ଧା ମୋଟ ୧୦,୩୨,୪୪୯ ୟୁନିଟ ଯାନ ରପ୍ତାନୀ ହୋଇଥିବାବେଳେ ୨୦୨୨-୨୩ଆର୍ଥିକ ବର୍ଷର ସମାନ ଅବଧି ମଧ୍ୟରେ ୧୪,୨୫,୯୬୭ ୟୁନିଟ୍ ଯାନ ରପ୍ତାନି ହୋଇଥିଲା।

ଏ ସମ୍ପର୍କରେ ଏସଆଇଏଏମର ମହାନିର୍ଦ୍ଦେଶକ ରାଜେଶ ମେନନ୍ କହିଛନ୍ତି, ବିଶେଷ କରି ଆଫ୍ରିକା ଏବଂ ଅନ୍ୟାନ୍ୟ ବିକାଶଶୀଳ ଦେଶଗୁଡିକରେ ମୁଦ୍ରାର ମୂଲ୍ୟ ହ୍ରାସ ଯୋଗୁ ପ୍ରଥମ ତ୍ରୈମାସିକରେ ଅଟୋଶିଳ୍ପର ରପ୍ତାନୀରେ ହ୍ରାସ ଘଟିଛି।

ଉଲ୍ଲେଖଯୋଗ୍ୟ, ଚଳିତ ଆର୍ଥିକ ବର୍ଷର ପ୍ରଥମ ତ୍ରୈ ମାସିକରେ ସମୁଦାୟ ଯାତ୍ରୀବାହୀ ଯାନବାହାନର ରପ୍ତାନୀ ୧,୫୨,୧୫୬ ୟୁନିଟ୍ ରହିଛି। ଯାହା ଗତ ଆର୍ଥିକ ବର୍ଷ ଏପ୍ରିଲରୁ ଜୁନ୍ ଅବଧି ମଧ୍ୟରେ ୧,୬୦,୧୧୬ ୟୁନିଟ୍ ରହିଥିଲା। ବିଶେଷ କରି ଗତ ଆର୍ଥିକ ବର୍ଷ ଅପେକ୍ଷା ଚଳିତ ଆର୍ଥିକ ବର୍ଷର ରପ୍ତାନୀ ହାରରେ ୫ % କମ୍ ରହିଛି। ସେହିପରି ଯାତ୍ରୀବାହୀ କାରଗୁଡିକର ରପ୍ତାନି ସମାନ ଅବିଧି ମଧ୍ୟରେ ୧,୦୪,୪୦୦ ୟୁନିଟରୁ ୯୪,୭୯୩ ୟୁନିଟକୁ ହ୍ରାସ ପାଇଛି। ସେହିଭଳି ଚଳିତ ଆର୍ଥିକ ବର୍ଷର ପ୍ରଥମ ତ୍ରୈମାସିକରେ ୟୁଟିଲିଟି ଯାନ ରପ୍ତାନିରେ ମଧ୍ୟ ସାମାନ୍ୟ ହ୍ରାସ ଘଟିଛି ଏବଂ ଗତ ଆର୍ଥିକ ବର୍ଷର ସମାନ ଅବଧିରେ ୫୫,୫୪୭ ୟୁନିଟ୍ ତୁଳନାରେ ଚଳିତ ଆର୍ଥିକ ବର୍ଷ ରେ ୫୫,୪୧୯ ୟୁନିଟ୍ ରହିଛି। ସେହିପରି ୨ଚକିଆ ଯାନ ରପ୍ତାନିରେ ମଧ୍ୟ ହ୍ରାସ ଦେଖିବାକୁ ମିଳିଛି। ୨୦୨୩ଏପ୍ରିଲ୍‌ରୁ ଜୁନ୍ ଅବଧି ମଧ୍ୟରେ ୩୧% ହ୍ରାସ ପାଇ ୭,୯୧,୩୧୬ ୟୁନିଟ୍‌କୁ ଖସି ଆସିଛି। ଗତ ଆର୍ଥିକ ବର୍ଷର ସମାନ ଅବିଧି ମଧ୍ୟରେ ୧୧,୪୮,୫୯୪ ୟୁନିଟ୍ ଦୁଇ ଚକିଆ ଯାନ ରପ୍ତାନୀ ହୋଇଥିଲା। ଅପରପକ୍ଷରେ ବାଣିଜ୍ୟିକ ଯାନରେ ମଧ୍ୟ ରପ୍ତାନୀ ହ୍ରାସ ହୋଇଛି। ୨୦୨୩-୨୪ ଆର୍ଥିକ ବର୍ଷର ପ୍ରଥମ ତ୍ରୈମାସିକରେ ବାଣିଜ୍ୟିକ ଯାନ ପରିବହନ ୧୪,୬୨୫ ୟୁନିଟକୁ ହ୍ରାସ ପାଇଛି। ଗତ ବର୍ଷ ଏହାର ସଂଖ୍ୟା ୧୯,୬୨୪ ୟୁନିଟ୍ ଥିଲା। ଫଳରେ ବାଣିଜ୍ୟିକ ଯାନ ୨୫% ହ୍ରାସ ପାଇଛି। ତିନି ଚକିଆ ଯାନ ରପ୍ତାନୀରେ ଗତ ବର୍ଷ ଅପେକ୍ଷା ୨୫% ହ୍ରାସ ପାଇ ୭୩,୩୬୦ ହୋଇଛି। ଗତବର୍ଷ ଏହା ୯୭.୨୩୭ ୟୁନିଟ୍ ଥିଲା। ଉଲ୍ଲେଖଯୋଗ୍ୟ, ମାରୁତି ସୁଜୁକି ୨୦୨୩ ଜୁନ୍ ମଧ୍ୟରେ ୬୨,୮୫୭ ୟୁନିଟ୍ ରପ୍ତାନି ସହିତ ଶୀର୍ଷରେ ରହିଛି। କମ୍ପାନୀ ଗତ ଆର୍ଥିକ ବର୍ଷର ଏପ୍ରିଲରୁ ଜୁନ୍ ତ୍ରୈମାସିକରେ ୬୮,୯୮୭ ୟୁନିଟ ଯାତ୍ରୀବାହୀ ଯାନ ରପ୍ତାନି କରିଥିଲା। ସେହିଭଳି ହ୍ୟୁଣ୍ଡାଇ ମୋଟର ୨୦୨୩-୨୪ ବର୍ଷରେ ୩୫,୧୦୦ୟୁନିଟ୍ ଗାଡ଼ି ରପ୍ତାନିଚ କରିଥିବା ବେଳେ ୨୦୨୨-୨୩ ବର୍ଷର ସମାନ ଅବଧିରେ ୩୪,୫୨୦ ୟୁନିଟ୍ ଥିଲା। ଏପରିକି କିଆ ଇଣ୍ଡିଆ ୨୨,୫୧୧ ୟୁନିଟ୍ ଗାଡ଼ି ବିଦେଶକୁ ପଠାଇଥିଲାବେଳେ ୨୦୨୨ ସମାନ ଅବଧି ମଧ୍ୟରେ କମ୍ପାନୀ ୨୧,୪୫୯ ୟୁନିଟ୍ ଗାଡ଼ି ରପ୍ତାନୀ କରିଥିଲା।

# ସଫଳ ଉଦ୍ୟୋଗୀଙ୍କୁ ସମ୍ବର୍ଦ୍ଧନା



ଭୁବନେଶ୍ୱର,୧୬।୭

ରାଜ୍ୟର ପ୍ରମୁଖ ଘରୋଇ ଶିକ୍ଷାନୁଷ୍ଠାନ ନାଇମ (ଏନ୍‌ଆଇଇଏମ ଦି ଇନଷ୍ଟିଚ୍ୟୁଟ ଅଫ୍ ଇଭେଣ୍ଟ ମ୍ୟାନେଜମେଣ୍ଟ) ଭୁବନେଶ୍ୱରର ୭ମ ବାର୍ଷିକ ଉତ୍ସବ ତଥା ସମ୍ମିଳନୀ ନିକଟରେ ଅନୁଷ୍ଠିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଓଡ଼ିଶା ବିଲଡିଂ ଆଣ୍ଡ ଅଦର କନ୍‌ଷ୍ଟ୍ରକଶନ ୱାର୍କସ ଓେଲଫେୟାର ବୋର୍ଡର ଅଧ୍ୟକ୍ଷା ଶ୍ରୀମୟୀ ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବାବେଳେ ସମ୍ମାନିତ ଅତିଥି ଭାବେ ରୋହିତ ମାଥୁର, ୟୁବିଆନ ଅଲ୍ଲୀ, ପୁପିନ୍ଦର ସିଂହ ଏବଂ ଶିବ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଏ ସମ୍ପର୍କରେ ନାଇମର ନିର୍ଦ୍ଦେଶକ ରଞ୍ଜିତ ସାହୁ ସମ୍ମିଳନୀର ଆଭିମୁଖ୍ୟ ସହ ପ୍ରତିଷ୍ଠାନର ସଫଳତା ବିଷୟରେ ବିସ୍ତୃତ ଆଲୋକପାତ କରିଥିଲେ। ଅପରପକ୍ଷରେ ଇଭେଣ୍ଟ ମ୍ୟାନେଜମେଣ୍ଟ କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ହାସଲ କରିଥିବା କିଛି ଯୁବ ଉଦ୍ୟୋଗୀ ଓ ଛାତ୍ରୀଛାତ୍ରମାନଙ୍କୁ ଅତିଥିମାନେ ସମ୍ମାନିତ ସହ ସମ୍ବର୍ଦ୍ଧିତ କରିଥିଲେ। ପରିଶେଷରେ ଅନୁଷ୍ଠାନର ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଉଲ୍ଲେଖଯୋଗ୍ୟ, ବିଗତ ୭ ବର୍ଷ ହେବ ଅନୁଷ୍ଠାନ ଇଭେଣ୍ଟ ମ୍ୟାନେଜମେଣ୍ଟରେ ଡିପ୍ଲୋମା ଏବଂ ପିଜି ଡିପ୍ଲୋମା ବର୍ଗରେ ଶିକ୍ଷା ପ୍ରଦାନ କରୁଛି।

# ଟିପିଏସ୍‌ଡିଆଇ ପକ୍ଷରୁ ବିଶ୍ୱ ଯୁବ ଦକ୍ଷତା ଦିବସ

ଭୁବନେଶ୍ୱର, ୧୬।୭

ଟାଟା ପାୱାର ସ୍କିଲ୍ ଡେଭେଲପମେଣ୍ଟ ଇନ୍‌ଷ୍ଟିଚ୍ୟୁଟ୍ (ଟିପିଏସ୍‌ଡିଆଇ) ପକ୍ଷରୁ ବିଶ୍ୱ ଯୁବ ଦକ୍ଷତା ଦିବସ ( ୱାର୍ଲଡ ୟୁଥ୍ ସ୍କିଲ୍ ଡେ) ପାଳିତ ହୋଇଯାଇଛି। ବିଶେଷକରି ବିଦ୍ୟୁତ୍ ଶକ୍ତି କ୍ଷେତ୍ରରେ ଆବଶ୍ୟକ ଓ ସବୁଜ ନିଯୁକ୍ତି ଦକ୍ଷତା ଉପରେ କାର୍ଯ୍ୟ କରୁଥିବା ଟିପିଏସ୍‌ଡିଆଇ ବର୍ତ୍ତମାନ ସୁଦ୍ଧା ୨ଲକ୍ଷ ଛାତ୍ରୀଛାତ୍ରଙ୍କୁ ପ୍ରଶିକ୍ଷଣ ପ୍ରଦାନ ସହ ଏକ ବିରଳ ମାଇଲଖୁଣ୍ଟ ହାସଲ କରିଛି। ଏପରିକି ଏକ ଅତ୍ୟାଧୁନିକ ଦକ୍ଷତା ବିକାଶ ଅନୁଷ୍ଠାନ ଭାବେ ଟିପିଏସ୍‌ଡିଆଇ ପକ୍ଷରୁ ନିଯୁକ୍ତି ହାସଲ ଯୋଗ୍ୟ ତାଲିମ ପ୍ରଦାନ କରି ଯୁବବର୍ଗ ଓ ବ୍ୟକ୍ତିବିଶେଷଙ୍କୁ ସଶକ୍ତ କରାଯାଉଛି। ସେହିଭଳି ଅନୁଷ୍ଠାନ ପକ୍ଷରୁ କମ୍ପାନୀର 'ସଷ୍ଟେନେବଲ୍ ଇଜ୍ ଆଟେନେବଲ୍'ମିସନ୍ ଅନୁସାରେ ଅକ୍ଷୟ ଶକ୍ତି କ୍ଷେତ୍ରର ଆବଶ୍ୟକତା ଉପରେ ଗୁରୁତ୍ୱ ପ୍ରଦାନ କରି ତାଲିମ ଦିଆଯାଉଛି। ଏ ସମ୍ପର୍କରେ ଟାଟା ପାୱାରର ମୁଖ୍ୟ ଏଚ୍‌ଆର୍, ସିଏସ୍‌ଆର୍ ଓ ସଷ୍ଟେନବିଲିଟି ହିମଳ ତିୱାରୀ କହିଛନ୍ତି, ଏକ ରୂପାନ୍ତରିତ ଭବିଷ୍ୟତ ପାଇଁ ପ୍ରଗତିଶୀଳ ଓ ଦକ୍ଷତା ଗଠନ ଜରିଆରେ ଯୁବପିଢ଼ିଙ୍କୁ ସଶକ୍ତ କରିବା ଉପରେ ଟାଟା ପାୱାର ବିଶ୍ୱାସ କରିଥାଏ। ଏପରିକି କମ୍ପାନୀର ଉଦ୍ୟମଗୁଡିକ ଆମ ସମାଜର ଯୁବବର୍ଗଙ୍କୁ ଭବିଷ୍ୟତ ଲାଗି ପ୍ରସ୍ତୁତ ରଖିବା ଦିଗରେ କେନ୍ଦ୍ରୀଭୂତ ରହିଛି। ସେହିଭଳି ଟିପିଏସ୍‌ଡିଆଇ ଜରିଆରେ ଆମେ ଏକ ବ୍ୟବସ୍ଥା ବିକାଶ କରିଛୁ, ଯାହା ସବୁଜ ଓ ସ୍ମାର୍ଟ ଶକ୍ତି ପ୍ରଯୁକ୍ତିକୁ ଧ୍ୟାନରେ ରଖି ଯୁବପିଢ଼ିଙ୍କୁ ତାଲିମ ପ୍ରଦାନ କରି ସେମାନଙ୍କ ପାଇଁ ଅର୍ଥପୂର୍ଣ୍ଣ ନିଯୁକ୍ତି ଓ ଉଦ୍ୟୋଗତାର ସୁଯୋଗ ଖୋଲୁଛି ବୋଲି ତିୱାରୀ ମତପ୍ରକାଶ କରିଛନ୍ତି। ଯୁବପିଢ଼ିଙ୍କୁ ନିଯୁକ୍ତି, ସମ୍ମାନଜନକ କାର୍ଯ୍ୟ ଓ ଉଦ୍ୟୋଗତା ପାଇଁ ଆବଶ୍ୟକ ଦକ୍ଷତା ପ୍ରଦାନ କରିବାର ଗୁରୁତ୍ୱ ବିଷୟରେ ଜଣାଇବା ଲାଗି ଜାତିସଂଘ ପକ୍ଷରୁ ପ୍ରତିବର୍ଷ ଜୁଲାଇ ୧୫କୁ ବିଶ୍ୱ ଯୁବ ଦକ୍ଷତା ଦିବସ ଭାବେ ପାଳନ କରାଯାଉଛି।

# ରାଉରକେଲାରେ ପ୍ରେଷ୍ଟିଜ୍‌ର ଏକ୍ସକ୍ଲୁଜିଭ୍ ଷ୍ଟୋର

ରାଉରକେଲା,୧୬।୭
(ବିପ୍ଲବ ରଞ୍ଜନ ଦାଶ)


(ଫଟୋ: ବିବେକ)

ଅତିଥିମାନେ ଫିତାକାଟି ଶୋ'ରୁମ୍ ଉଦ୍‌ଘାଟନ କରୁଛନ୍ତି।

ପ୍ରେଷ୍ଟିଜ୍‌ର ଏକ୍ସକ୍ଲୁଜିଭ୍ ଷ୍ଟୋର ପ୍ରଥମ ଥର ପାଇଁ ରାଉରକେଲା ଡେଲି ମାର୍କେଟସ୍ଥିତ ହରିୟାଣା ଭବନ ନିକଟରେ ରବିବାର ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ଅଙ୍କିତ କୁମାର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଫିତାକାଟି ଶୋ'ରୁମ୍‌କୁ ଉଦ୍‌ଘାଟନ କରିଥିଲେ। ଉତ୍ସବରେ ପ୍ରେଷ୍ଟିଜ କମ୍ପାନୀର ଏରିଆ ସେଲ୍ସ ମ୍ୟାନେଜର ରବିନ୍ଦ୍ର କୁମାର ମହାପାତ୍ର, ରାଉରକେଲା ସେଲ୍ସ ଅଧିକାରୀ ବୃନ୍ଦାବନ ବାରିକ, ସର୍ଭିସ ମ୍ୟାନେଜର ସୁଜିତ କୁମାର ନାୟକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଶୋ'ରୁମ୍ ମାଲିକ ସୁମିତ ଗୁପ୍ତା, ସରିତା ଗୁପ୍ତା ଏବଂ ଚନ୍ଦୁଲାଲ ଗୁପ୍ତା, ରାଉରକେଲା ପ୍ରେଷ୍ଟିଜ ଏକ୍ସକ୍ଲୁଜିଭ ଶୋ'ରୁମ୍ ମ୍ୟାନେଜର ଅମିତ କୁମାର ଭୂୟାଁ ଓ ସୋମ୍ୟଦୀପ ରୟ ଉପସ୍ଥିତ ଥିଲେ। ଶୋ'ରୁମ୍‌ରେ ଗ୍ୟାସ୍ ଚୁଲା, ପ୍ରେସର କୁକର, ନନ୍‌ଷ୍ଟିକ, ଇଣ୍ଡକଶନ ଠାରୁ ଆରମ୍ଭ କରି ସମସ୍ତ ରୋଷେଇ ସମ୍ପର୍କିତ ଘରୋଇକରଣ ଉପଲବ୍ଧ ରହିଛି। ଏହିସବୁ ସାମଗ୍ରୀ କିଣିବା ପାଇଁ ଇଏମ୍‌ଆଇ ସାଙ୍ଗକୁ ମାଗଣା ଘରୋଇ ସେବା ବ୍ୟବସ୍ଥା ମଧ୍ୟ ରହିଛି। ଶୋ'ରୁମ୍‌ରୁ କୌଣସି ସାମଗ୍ରୀ କିଣିଥିବା ପ୍ରଥମ ୫୦ ଜଣ ଗ୍ରାହକଙ୍କ ପାଇଁ କମ୍ପାନୀ ପକ୍ଷରୁ ଆକର୍ଷଣୀୟ ଉପହାର ବ୍ୟବସ୍ଥା କରାଯାଇଛି। ରାଉରକେଲାରେ ଖୋଲିଥିବା ପ୍ରେଷ୍ଟିଜ୍ କମ୍ପାନୀର ଏହି ଶୋ'ରୁମ୍‌ରେ ମାତ୍ର ୧୩୦ ଟଙ୍କାରୁ ଆରମ୍ଭ କରି ୩୫ ହଜାର ଟଙ୍କା ପର୍ଯ୍ୟନ୍ତ ସମସ୍ତ ଘରୋଇ ଉପକରଣ ସହରବାସୀଙ୍କୁ ଉପଲବ୍ଧ ହେବ। ଶେଷରେ ଶୋ'ରୁମ ମ୍ୟାନେଜର ଅମିତ କୁମାର ଭୂୟାଁ ଧନ୍ୟବାଦ ଅର୍ପଣ କରିଥିଲେ।

# ସୁଲଭ ମୂଲ୍ୟରେ ମିଳିବ ୪ଜି ସ୍ମାର୍ଟଫୋନ୍

ଭୁବନେଶ୍ୱର, ୧୬।୭

ଦେଶର ପ୍ରମୁଖ ସ୍ମାର୍ଟଫୋନ୍ ତଥା ଉପଭୋକ୍ତା ଟେକ୍ନୋଲୋଜି ବ୍ରାଣ୍ଡ ପୋକୋ ଇଣ୍ଡିଆ ଏବଂ ଏୟାରଟେଲ ମଧ୍ୟରେ ଏକ ଦ୍ୱିପାକ୍ଷିକ ସହଭାଗିତା/ବୁଝାମଣା ସମ୍ପର୍କରେ ଘୋଷଣା କରାଯାଇଛି। ବିଶେଷକରି ପୋକୋ ଇଣ୍ଡିଆ ସବୁଠାରୁ ଶସ୍ତା ୪ଜି ସ୍ମାର୍ଟଫୋନ୍‌ର ଶୁଭାରମ୍ଭ କରିବା ପାଇଁ ଏୟାରଟେଲ୍ ସହ ସହଭାଗିତା କରିଥିବା କମ୍ପାନୀ ପକ୍ଷରୁ କୁହାଯାଇଛି। ଏପରିକି ସୁଲଭ ମୂଲ୍ୟରେ ୪ଜି ସ୍ମାର୍ଟଫୋନ ଭାରତୀୟମାନେ ସହଜରେ ପାଇପାରିବେ ବୋଲି ଉଭୟ ସଂସ୍ଥା ପକ୍ଷରୁ ଘୋଷଣା କରାଯାଇଛି। ଅପରପକ୍ଷରେ ପୋକୋ ସି୫୧ ଏୟାରଟେଲ୍ ପ୍ରିପେଡ୍ କନେକ୍ସନ ସହ ଫ୍ଲିପ୍‌କାର୍ଟରେ ଉପଲବ୍ଧ ହେବ।

ଏ ସମ୍ପର୍କରେ ପୋକୋ ଇଣ୍ଡିଆର କଣ୍ଟ୍ରି ହେଡ୍ ହିମାଂଶୁ ଟଣ୍ଡନ କହିଛନ୍ତି, ଆମେ ଏୟାରଟେଲ୍ ସହ ସହଭାଗିତା କରି ବେଶ୍ ଉତ୍ସାହିତ ଅଛୁ। ଏୟାରଟେଲର ବିସ୍ତୃତ ନେଟ୍‌ୱର୍କର ବ୍ୟବହାର କରି ଆମେ ପୋକୋର ଅତ୍ୟାଧୁନିକ ଟେକ୍ନୋଲୋଜିର ଲାଭକୁ ବହୁ ସଂଖ୍ୟକ ଗ୍ରାହକଙ୍କୁ ପ୍ରଦାନ କରିବୁ ଏବଂ ପୋକୋ ସି୫୧କୁ ସ୍ମାର୍ଟଫୋନ୍ କ୍ରେତାଙ୍କ ପାଇଁ ଏକ ଶକ୍ତିଶାଳୀ ମୂଲ୍ୟ ପ୍ରସ୍ତାବରେ ପରିଣତ କରିବୁ। ସେହିଭଳି ଭାରତୀ ଏୟାରଟେଲ୍‌ର କଞ୍ଜ୍ୟୁମର ବିଜନେସର ନିର୍ଦ୍ଦେଶକ ଶାଶ୍ୱତ ଶର୍ମା କହିଛନ୍ତି, ଫ୍ଲିପ୍‌କାର୍ଟରେ ସମସ୍ତ ଏୟାରଟେଲ୍ ଗ୍ରାହକଙ୍କ ପାଇଁ ପୋକୋ ସି୫୧କୁ ଅଧିକ ପହଞ୍ଚଯୋଗ୍ୟ କରିବା ଲାଗି ଏହି ସ୍ୱତନ୍ତ୍ର ସହଭାଗିତା ସହିତ ଆମେ ରୋମାଞ୍ଚିତ ଅନୁଭବ କରୁଛୁ। ସେହିପରି ଫ୍ଲିପ୍‌କାର୍ଟର ମୋବାଇଲ୍ସ ବିଭାଗର ବରିଷ୍ଠ ନିର୍ଦ୍ଦେଶକ କୁନାଲ ଗୁପ୍ତା କହିଛନ୍ତି, ନୂଆ ପୋକୋ ସି୫୧ର ଉନ୍ମୋଚନ ଏୟାରଟେଲ୍‌ର ଏକ ମୂଲ୍ୟ ଯୋଗକାରୀ ଉତ୍ପାଦ ସହ ମିଳିତ ଥିବା ସ୍ମାର୍ଟଫୋନ୍ ଅନୁଭୂତିକୁ ଅଧିକ ସୁଲଭ ସହ କ୍ରୟକୁ ବାଧାମୁକ୍ତ କରିବ।

## ଫୁରସତ୍



# ୨୩ ବର୍ଷର ନୋ କିସିଂ ପଲିସିକୁ ଭାଙ୍ଗିଲେ କାଜଲ

ମୁମ୍ବାଇ

ବଲିଉଡ୍ ଅଭିନେତ୍ରୀ କାଜଲ ୱେବ ସିରିଜ 'ଦ ଟ୍ରାଏଲ' ମାଧ୍ୟମରେ ତାଙ୍କର ଓଟିଟି ଡେବ୍ୟୁ କରିଛନ୍ତି। ସିରିଜ ରିଲିଜ ପରେ ପ୍ରଶଂସକଙ୍କଠାରୁ ଏନେଇ ଜବରଦସ୍ତ ପ୍ରତିକ୍ରିୟା ମିଳିଛି। ଏହି ସିରିଜ୍ ପାଇଁ ତାଙ୍କ ୨୩ ବର୍ଷର ନୋ କିସିଂ ପଲିସିକୁ ଭାଙ୍ଗିଥିବା ଜଣାପଡ଼ିଛି। ଏଥିରେ କାଜଲ ନୋୟୋନିକା ସେନଗୁପ୍ତା ଚରିତ୍ରରେ ନଜର ଆସିଥିବା ବେଳେ ସିରିଜ୍‌ରେ ସେ ସହ କଳାକାର ଏଲେ ଖାଁ ଓ ଯୀଶୁ ସେନଗୁପ୍ତାଙ୍କୁ କିସ୍ କରୁଥିବା ଦେଖାଯାଇଛି। ଦୁଇଟି ଭିନ୍ନ ଭିନ୍ନ ଏପିସୋଡରେ କାଜଲଙ୍କ କିସିଂ ସିନ ଦେଖିବାକୁ ମିଳିଛି। କାଜଲଙ୍କ ଏହି ବୋଲ୍ଡ ମୁଭକୁ ନେଇ ପ୍ରଶଂସକଙ୍କ ଭିନ୍ନ ପ୍ରତିକ୍ରିୟା ପ୍ରକାଶ ପାଇଛି। ସହ କଳାକାରଙ୍କ ସହ ଅଭିନେତ୍ରୀଙ୍କ କେମେଷ୍ଟ୍ରିକୁ ଅଧିକାଂଶ ପସନ୍ଦ କରିଥିବାବେଳେ ଆଉ କେହି କେହି ଏହି ବୟସରେ କାଜଲଙ୍କ କିସିଂ ଦୃଶ୍ୟକୁ ନିନ୍ଦା କରିଛନ୍ତି। ଗୋଟିଏ ସିନରେ ଅଭିନେତ୍ରୀ ଦୁଇଥର ଲିପ୍‌ଲକ୍ କରିଥିବା ଦେଖାଯାଇଛି। ସିରିଜ୍‌ରେ କାଜଲ ୨ଟି ସନ୍ତାନର ଜନନୀ ଚରିତ୍ର ସହ ଜଣେ ଆଇନଜୀବୀଙ୍କ ଭୂମିକା କରୁଛନ୍ତି।

# ସମସ୍ତଙ୍କ ପାଇଁ ନ୍ୟାୟ ଅପରିହାର୍ଯ୍ୟ

## ଅନ୍ତର୍ଜାତୀୟ ନ୍ୟାୟ ଦିବସ



ପୃଥିବୀରେ ଭିନ୍ନ ଭିନ୍ନ ସମସ୍ୟା ରହିଛି। ସୀମାଠୁ ଆରମ୍ଭ କରି ଶରଣାର୍ଥୀ, ଆତଙ୍କବାଦ ସହିତ ସାମ୍ପ୍ରଦାୟିକ ହିଂସା ଆଦି ସମସ୍ୟାର ସଫଳ ସମାଧାନ ଆବଶ୍ୟକ। ପୃଥିବୀର ପ୍ରତିଟି ମଣିଷକୁ ନ୍ୟାୟ ପ୍ରଦାନ ସୁନିଶ୍ଚିତ କରିବା ଯେତିକି ଗୁରୁତ୍ୱପୂର୍ଣ୍ଣ, ସେତିକି ପ୍ରାସଙ୍ଗିକ ମଧ୍ୟ। ସମସ୍ତଙ୍କ ପାଇଁ ନ୍ୟାୟ ଅପରିହାର୍ଯ୍ୟ। ଏହାକୁ ଦୃଷ୍ଟିରେ ରଖି ପ୍ରତିବର୍ଷ ଜୁଲାଇ ୧୭ରେ ଅନ୍ତର୍ଜାତୀୟ ନ୍ୟାୟ ଦିବସ ପାଳନ କରାଯାଇ ଆସୁଛି।

ଅନ୍ତର୍ଜାତୀୟସ୍ତରରେ ସମସ୍ତଙ୍କୁ ନ୍ୟାୟ ପ୍ରଦାନ କରିବା ଏହି ଦିବସ ପାଳନର ମୁଖ୍ୟ ଉଦ୍ଦେଶ୍ୟ। ବିଶ୍ୱଶାନ୍ତି ପ୍ରତିଷ୍ଠା କରିବା ଏହି ଦିବସ ପାଳନର ମୁଖ୍ୟ ଲକ୍ଷ୍ୟ। ଇଣ୍ଟରନ୍ୟାଶନାଲ କ୍ରିମିନାଲ କୋର୍ଟ (ଆଇସିସି)ର ପ୍ରତିଷ୍ଠା ରୋମ ସମ୍ମେଳନର ପ୍ରମୁଖ ଭୂମିକା ରହିଛି। ପୃଥିବୀର ପ୍ରତିଟି ନିଷ୍ପେଷିତ, ପୀଡ଼ିତଙ୍କୁ ନ୍ୟାୟ ପ୍ରଦାନ କରିବାକୁ ରୋମ ସମ୍ମେଳନର ବର୍ଷପୂର୍ତ୍ତି ଅବସରରେ ସମ୍ମିଳିତ ହୋଇଥିବା ରାଷ୍ଟ୍ରସମୂହ ସ୍ୱତନ୍ତ୍ର ଭାବେ ଏକ ଅନ୍ତର୍ଜାତୀୟ କ୍ରିମିନାଲ କୋର୍ଟ ସ୍ଥାପନ କରିବା ଲାଗି ସହମତି ଜଣାଇଥିଲେ। ପରବର୍ତ୍ତୀ ସମୟରେ ଏଥିଲାଗି ବିଧିବଦ୍ଧ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ୨୦୦୨ ଜୁଲାଇ ୧ଠାରୁ ନେଦରଲାଣ୍ଡ୍ସର ହେଗ୍ ସହରରେ ବିଧିବଦ୍ଧ ଭାବେ ଏହା ଆରମ୍ଭ ହୋଇଥିଲା। ଆଇସିସି ହେଉଛି ସ୍ୱତନ୍ତ୍ର ଅନ୍ତର୍ଜାତୀୟ ନ୍ୟାୟିକ ସଂସ୍ଥାନ। ବିଶ୍ୱସ୍ତରରେ ହେଉଥିବା ଜଘନ୍ୟ ମାନବାଧିକାର ଉଲ୍ଲଂଘନ ମାମଲାଗୁଡ଼ିକର ଶୁଣାଣି ଏଠାରେ ହୋଇଥାଏ। ଗଣସଂହାର, ଯୁଦ୍ଧ ଅପରାଧ, ମାନବତା ପ୍ରତି ବିପଦ ଥିବା ପ୍ରତ୍ୟେକ ମାମଲାର ଶୁଣାଣି ଏହି କୋର୍ଟରେ କରାଯାଏ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବିଷୟ ହେଉଛି, ଆଇସିସି କୌଣସି ରାଷ୍ଟ୍ରର କୋର୍ଟକଚେରି ମାମଲାରେ ହସ୍ତକ୍ଷେପ କରେନାହିଁ। ଯଦି କୌଣସି ଦେଶ ଅପରାଧୀଙ୍କ ବିରୋଧରେ ମକଦ୍ଦମା କରିବାକୁ ପଛଘୁଞ୍ଚା ଦିଏ କିମ୍ବା ମାନବତା ବିପଦରେ ପଡ଼ିଥିବା ଭଳି ଅଭିଯୋଗ ଆସେ ସେତେବେଳେ ଆଇସିସିରେ ସମ୍ପୃକ୍ତ ମାମଲାର ବିଚାର ପାଇଁ ଯାଇଥାଏ। ଅନ୍ତର୍ଜାତୀୟ ନ୍ୟାୟ ଦିବସର ମୌଳିକ ଉଦ୍ଦେଶ୍ୟ ପ୍ରଚାର ପ୍ରସାର କରିବା ଲାଗି ପ୍ରତିବର୍ଷ ଜୁଲାଇ ୧୭ରେ ସଚେତନତାମୂଳକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥାଏ।

ଜୁଲାଇ ୧୭ ହେଉଛି ଅନ୍ତର୍ଜାତୀୟ କ୍ରାଇମ କୋର୍ଟ ସୃଷ୍ଟି କରିଥିବା ଚୁକ୍ତିନାମା ଗ୍ରହଣ କରିବାର ତାରିଖ। ୧ ଜୁନ୍ ୨୦୧୦ରେ କାମ୍ପାଲା (ଉଗାଣ୍ଡା)ରେ ଆୟୋଜିତ ହୋଇଥିବା ରୋମ୍ ଷ୍ଟାଟ୍ୟୁଟର ସମୀକ୍ଷା ସମ୍ମିଳନୀରେ ରାଜ୍ୟ ପାର୍ଟିର ବିଧାନସଭା ୧୭ ଜୁଲାଇକୁ ଅନ୍ତର୍ଜାତୀୟ ଆପରାଧିକ ନ୍ୟାୟ ଦିବସ ଭାବରେ ପାଳନ କରିବାକୁ ନିଷ୍ପତ୍ତି ନେଇଥିଲା। ରୋମ ଷ୍ଟାଟ୍ୟୁଟର ଐତିହାସିକ ଗ୍ରହଣ ଏବଂ ୧୯୯୮ରେ ଅନ୍ତର୍ଜାତୀୟ ଆପରାଧିକ ନ୍ୟାୟ ବ୍ୟବସ୍ଥାର ପ୍ରତିଷ୍ଠାକୁ ସ୍ମରଣ କରିବା ପାଇଁ ଅନ୍ତର୍ଜାତୀୟ ନ୍ୟାୟ ଦିବସ ପାଳନ କରାଯାଇଥାଏ।

ଶାନ୍ତି ଏବଂ ଆଇନର ଶାସନ ପାଇଁ ଅନ୍ତର୍ଜାତୀୟ ଆପରାଧିକ କୋର୍ଟ (ଆଇସିସି) ପ୍ରତିଷ୍ଠାକୁ ଐତିହାସିକ ମୁହୂର୍ତ୍ତ ଭାବରେ ବିବେଚନା କରାଯାଏ। ଏହା ହେଉଛି ପ୍ରଥମ ସ୍ଥାୟୀ ଏବଂ ସ୍ୱାଧୀନ ଅନ୍ତର୍ଜାତୀୟ ନ୍ୟାୟିକ ଅନୁଷ୍ଠାନ, ଯାହା ନ୍ୟାୟ କରିବାରେ ସକ୍ଷମ।

# ଭଗବାନ ସାଜି ନେଲେଣି ୨.୪୭ କୋଟି

**ମାଡ୍ରିଡ୍:** କିଛି ବ୍ୟକ୍ତି ଥାନ୍ତି, ଯେଉଁମାନେ ଲୋକଙ୍କ ବିଶ୍ୱାସର ଫାଇଦା ଉଠାଇ ତାଙ୍କୁ ଭଣ୍ଡଉଥାନ୍ତି। ନିକଟରେ ଏପରି ଏକ ଘଟଣା ସାମ୍ନାକୁ ଆସିଛି। ଉତ୍ତର-ପଶ୍ଚିମ ସ୍ପେନର ବାସିନ୍ଦା ଭଗବାନଙ୍କ ନାମରେ ଜଣେ ବ୍ୟକ୍ତିଙ୍କୁ ୨.୪୭ କୋଟି ଦେଇଥିବା ଜଣାପଡ଼ିଛି। ଜଣେ ବୟସ୍କ ମହିଳା ଏସପେରାଞ୍ଜାଙ୍କୁ ୨୦୧୩ରେ ଏକ ଫୋନ କଲ ଆସିଥିଲା। ସେଥିରେ ତାଙ୍କୁ ଜଣେ ବ୍ୟକ୍ତି ଭଗବାନ ପରିଚୟ ଦେଇ କଥା ହୋଇଥିଲେ ଏବଂ ତାଙ୍କର ସମସ୍ତ ସଞ୍ଚିତ ଧନକୁ ସ୍ୱର୍ଗର ଚର୍ଚ୍ଚରେ ଦେବାକୁ କହିଥିଲେ। ମହିଳାଙ୍କର ଭଗବାନଙ୍କ ପ୍ରତି ଥିବା ବିଶ୍ୱାସ ପାଇଁ ସେ ତାଙ୍କୁ ମନାକରିପାରି ନ ଥିଲେ। ସେ ୬ ବର୍ଷ ପର୍ଯ୍ୟନ୍ତ ଭଗବାନଙ୍କ ଆଦେଶକୁ ପାଳନ କଲେ। ଫଳରେ ସେ ସ୍ଥାନୀୟ ଏକ ଛୋଟ ଦୋକାନରେ ଟଙ୍କା ରଖିଦିଅନ୍ତି। ଏପର୍ଯ୍ୟନ୍ତ ସେ ୨.୪୭ କୋଟି ଟଙ୍କା ଭଗବାନଙ୍କୁ ଦେଇଥିବା ଜଣାପଡ଼ିଛି। ଘଟଣା ସାମ୍ନାକୁ ଆସିବା ପରେ ଏସପେରାଞ୍ଜାଙ୍କୁ ଯେତେବେଳେ ପଚରାଗଲା, ସେ ଫୋନ କଲ ଅନୁସାରେ ଟଙ୍କା ପଠାଇବା ଆରମ୍ଭ କରିଦେଲେ। ସମସ୍ତ ଟଙ୍କା ଭଗବାନଙ୍କ ବ୍ୟାଙ୍କ ଖାତାକୁ ଯାଉଥିବା ସେ କହିଛନ୍ତି। ଏସପେରାଞ୍ଜା ଭଗବାନଙ୍କୁ ପ୍ରଶଂସା କରିବାକୁ ଯାଇ ତାଙ୍କର ସମସ୍ତ ସଞ୍ଚିତ ଟଙ୍କାକୁ ଦେଇଛନ୍ତି। ଏଥିସହ ସେ ୨ ଥର ବ୍ୟାଙ୍କରୁ ଲୋନ ମଧ୍ୟ ନେଇଥିବା କହିଛନ୍ତି। ମହିଳାଙ୍କ ଏପରି ଟଙ୍କା ଦେବା ବାବଦରେ ସେ କାହାକୁ କହି ନ ଥିଲେ। ତେବେ ଭଗବାନ ସାଜି ମହିଳାଙ୍କୁ ଲୁଟୁ ଥିବା ଦୋକାନୀ ଜଣକ ଧରାପଡ଼ିବା ପରେ ତାଙ୍କୁ ୮ ବର୍ଷ ଜେଲ ହେବାକୁ ଅନୁରୋଧ କରାଯାଇଛି।

# ୧୧ ଲକ୍ଷ ଟଙ୍କାରେ ନିଲାମ ହ୍ୟାରି ପୋଟର ପୁସ୍ତକ

ନୂଆଦିଲ୍ଲୀ




ପିଲାମାନେ ହ୍ୟାରି ପୋଟରର କାହାଣୀ ଦେଖିବାକୁ ପସନ୍ଦ କରିଥାନ୍ତି। ଯେଉଁଥିରେ ତା'ର ରୋମାଞ୍ଚକର ଜୀବନଶୈଳୀକୁ ଦର୍ଶାଯାଇଛି। ଲେଖିକା ଜେକେ ରୋଲିଂ ହ୍ୟାରି ପୋଟରର ଏହି କାହାଣୀକୁ ଏକ ପୁସ୍ତକରେ ଲିପିବଦ୍ଧ କରିଛନ୍ତି। ତେବେ ଏହି ପୁସ୍ତକରେ ହ୍ୟାରି ପୋଟର ଆଣ୍ଡ ଦି ଫିଲୋସଫର୍ସ ଷ୍ଟୋନର ପ୍ରଥମ ୫୦୦ ଏଡିଶନ ରହିଛି। ସେଥିମଧ୍ୟରୁ ଗୋଟେ ବହି ନିକଟରେ ୧୦ ହଜାର ୫୦୦ ପାଉଣ୍ଡ ଅର୍ଥାତ୍ ଭାରତୀୟ ମୁଦ୍ରାରେ ୧୧ ଲକ୍ଷ ଟଙ୍କାରେ ନିଲାମ ହୋଇଛି। ବ୍ଲୁମସବୁରି ଦ୍ୱାରା ୧୯୯୭ରେ ଲାମିନେଟେଡ୍ ବୋର୍ଡ କଭର ସହ ପ୍ରକାଶିତ ଏହି ପୁସ୍ତକ ପ୍ରଥମ ଏଡିଶନରେ କେବଳ ୫୦୦ ବହି ଛପା ଯାଇଥିଲା। ସେଥିମଧ୍ୟରୁ ୩୦୦ଟି ଲାଇବ୍ରେରିକୁ ପଠାଇ ଦିଆଯାଇଥିଲା। ଲାଇବ୍ରେରିର ଲାଗିଥିବା ମୋହର ଅନୁଯାୟୀ, ବହିର ମୂଲ୍ୟ ମାତ୍ର ୩୨ ଟଙ୍କା। ହେଲେ ପୁସ୍ତକର ନିଲାମ ଫେସବୁକ ଜରିଆରେ ହୋଇଥିଲା।

**ଜନ୍ମଦିନର ଶୁଭେଚ୍ଛା**

ନାମ: ..............................

ବୟସ:..............................

ଜନ୍ମ ତାରିଖ: ..............................



ଗୁଡୁଲି
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# କଳିଙ୍ଗରେ 'ପାସ୍ ଦି ବଲ୍ ଟ୍ରଫି ଟୁର୍'

**ଭୁବନେଶ୍ୱର, ୧୬।୭**
**(ତପନ ସ୍ୱାଇଁ)**

ଏସିଆନ ଚାମ୍ପିୟନ୍ସ ଟ୍ରଫି ହକି ଟୁର୍ଣ୍ଣାମେଣ୍ଟର ୭ମ ସଂସ୍କରଣ ଅଗଷ୍ଟ ୩ରୁ ୧୨ ପର୍ଯ୍ୟନ୍ତ ଚେନ୍ନାଇରେ ଅନୁଷ୍ଠିତ ହେବ। ଏହାର ଅଂଶବିଶେଷ ଭାବେ 'ପାସ୍ ଦି ବଲ୍ ଟ୍ରଫି ଟୁର୍' କାର୍ଯ୍ୟକ୍ରମ ରବିବାର କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ହୋଇଯାଇଛି। କ୍ରୀଡ଼ାମନ୍ତ୍ରୀ ତୁଷାରକାନ୍ତି ବେହେରା, ହକି ଇଣ୍ଡିଆ ସଭାପତି ଦିଲୀପ ତିର୍କୀ ଏବଂ କ୍ରୀଡ଼ା ନିର୍ଦ୍ଦେଶକ ସିଦ୍ଧାର୍ଥ ଦାସ ଉକ୍ତ କାର୍ଯ୍ୟକ୍ରମରେ ଯୋଗଦେଇ ଟ୍ରଫି ଉନ୍ମୋଚନ କରିଛନ୍ତି। ଏହି ଅବସରରେ ଓଡ଼ିଶା ନାଭାଲ ଟାଟା ହକି ହାଇପର୍ଫର୍ମାନ୍ସ ସେଣ୍ଟର କ୍ୟାଡେଟ୍ସ ଏବଂ କ୍ରୀଡ଼ା ଓ ଯୁବସେବା ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ। ପ୍ରକାଶଯୋଗ୍ୟ ଯେ, କେନ୍ଦ୍ର କ୍ରୀଡ଼ାମନ୍ତ୍ରୀ ଅନୁରାଗ ଠାକୁର 'ପାସ୍ ଦି ବଲ୍ ଟ୍ରଫି ଟୁର୍' ଅଭିଯାନକୁ ଚେନ୍ନାଇଠାରେ ଶୁଭାରମ୍ଭ କରିବା ପରେ ଏହା ଦେଶର ବିଭିନ୍ନ ସ୍ଥାନରେ ଅନୁଷ୍ଠିତ ହେଉଛି। ଏହାଦ୍ୱାରା ଯୁବ ଆଥ୍‌ଲେଟମାନେ ଟ୍ରଫିକୁ ସ୍ପର୍ଶ କରିପାରିବେ ଏବଂ ସେମାନଙ୍କୁ ଦେଶ ପାଇଁ ଖେଳିବାକୁ ଅନୁପ୍ରାଣିତ କରିବା ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ।

ଟ୍ରଫି ଉନ୍ମୋଚନ ଅବସରରେ କ୍ରୀଡ଼ାମନ୍ତ୍ରୀ କହିଲେ ଯେ, "ଏସିଆନ ଚାମ୍ପିୟନ୍ସ ଟ୍ରଫି ହକିରୁ ଅନେକ ଫାଇଦା ମିଳିବ। ଅଲିମ୍ପିଆନ ସମେତ ଅନେକ ଆଥ୍‌ଲେଟଙ୍କୁ ସୃଷ୍ଟି କରିବାରେ ସୁନ୍ଦରଗଡ଼ର ସମୃଦ୍ଧ ଇତିହାସ ରହିଛି। ଆଗାମୀ ଦିନରେ ଆମେ କ୍ରୀଡ଼ାର ବିକାଶ ଉପରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିବାକୁ ଲକ୍ଷ୍ୟ ରଖିଛୁ"। ହକି ଇଣ୍ଡିଆ ସଭାପତି ତଥା ପୂର୍ବତନ ଅଧିନାୟକ ଦିଲୀପ ତିର୍କୀ କଳିଙ୍ଗ ଷ୍ଟାଡିୟମରେ ଏପରି ଏକ କାର୍ଯ୍ୟକ୍ରମରେ ଯୋଗଦେଇ ସ୍ୱାଭାବିକଭାବେ ଖୁସି ପ୍ରକାଶ କରିଛନ୍ତି। "କଳିଙ୍ଗରେ ଆଜି ଏସିଆନ ଚାମ୍ପିୟନ୍ସ ଟ୍ରଫି ହକିର 'ପାସ୍ ଦି ବଲ୍ ଟ୍ରଫି ଟୁର୍' କାର୍ଯ୍ୟକ୍ରମ ଆୟୋଜନ କରି ଆମେ ଆନନ୍ଦିତ। ବଡ଼ ହକି ଟୁର୍ଣ୍ଣାମେଣ୍ଟ ଆୟୋଜନ କରିବାରେ ଭାରତର ସମୃଦ୍ଧ ଇତିହାସ ରହିଛି। ଚେନ୍ନାଇରେ ହେବାକୁ ଯାଉଥିବା ଆଗାମୀ ପ୍ରତିଯୋଗିତା ମଧ୍ୟ ସଫଳ ହେବାନେଇ ମୁଁ ଆଶାବାଦୀ" ବୋଲି ଦିଲୀପ ପ୍ରକାଶ କରିଛନ୍ତି। ଅନ୍ୟପକ୍ଷରେ "ଟ୍ରଫି ଓଡ଼ିଶାରେ ପହଞ୍ଚିବା ଆମ ପାଇଁ ଆନନ୍ଦର ମୁହୂର୍ତ୍ତ। ହକିରେ ଭାରତ ଅନେକ ସ୍ମରଣୀୟ ସଫଳତା ଅର୍ଜନ କରିଛି। ଅଲିମ୍ପିକ୍ସରେ ମଧ୍ୟ ତାହା ପ୍ରତିଫଳିତ ହୋଇଛି, ଯାହାକି ଆମକୁ ଗର୍ବିତ କରିଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦିଗ୍‌ଦର୍ଶନରେ ଓଡ଼ିଶାରେ ହକିକୁ ଭରପୂର ସମର୍ଥନ ମିଳୁଛି। ଏଠାରେ ଟୁର୍ଣ୍ଣାମେଣ୍ଟ ଆୟୋଜନ କରାଯାଇ କେବଳ ହକିକୁ ପ୍ରମୋଟ କରାଯାଉନାହିଁ, ୨୦ଟି ଅଧିକ ହକି ଟର୍ଫ ପ୍ରସ୍ତୁତ କରାଯାଇଛି" ବୋଲି କ୍ରୀଡ଼ା ନିର୍ଦ୍ଦେଶକ ପ୍ରକାଶ କରିଛନ୍ତି।

**ଏସିଆନ ଚାମ୍ପିୟନ୍ସ ଟ୍ରଫି ହକି**

ପ୍ରକାଶଯୋଗ୍ୟ ଯେ, ଟ୍ରଫି ଟୁର୍ କାର୍ଯ୍ୟକ୍ରମ ଦିଲ୍ଲୀ, ଚଣ୍ଡିଗଡ଼, ଗୁଆହାଟୀ ଓ ପାଟଣା ଆଦି ଦେଶର ଅନେକ ସହରରେ ଆୟୋଜନ ହେବା ପରେ ଭୁବନେଶ୍ୱରରେ ପହଞ୍ଚିଛି। ଏହାପରେ ଟ୍ରଫି ରାଞ୍ଚି, ବେଙ୍ଗାଲୁରୁ ଓ ତ୍ରିଭେନ୍ଦ୍ରମ ଦେଇ ଚେନ୍ନାଇରେ ପହଞ୍ଚିବା କାର୍ଯ୍ୟକ୍ରମ ରହିଛି। ଆଗାମୀ ଏସିଆନ ଚାମ୍ପିୟନ୍ସ ଟ୍ରଫିରେ ଭାରତ, ଜାପାନ, କୋରିଆ, ପାକିସ୍ତାନ, ଚାଇନା ଓ ମାଲେସିଆ ଦଳ ଅଂଶଗ୍ରହଣ କରିବ।




କଳିଙ୍ଗ ଷ୍ଟାଡିୟମରେ ରବିବାର ଟ୍ରଫି ଉନ୍ମୋଚନ କାର୍ଯ୍ୟକ୍ରମ ଅବସରରେ କ୍ରୀଡ଼ାମନ୍ତ୍ରୀ ତୁଷାରକାନ୍ତି ବେହେରା ଓ ଅନ୍ୟମାନେ।

# ଭାରତକୁ ତୃତୀୟ ସ୍ଥାନ

**ଏସିଆନ ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍**

**ଆଭା ରେକର୍ଡ ସମକକ୍ଷ: ପାରୁଲ, ଜ୍ୟୋତିଙ୍କୁ ଦ୍ୱିତୀୟ ପଦକ**

**ବ୍ୟାଙ୍କକ୍, ୧୬।୭(ପି.ଟି.)**

ଭାରତର ଆଭା ଖଟୁଆ (୧୯.୦୬ ମିଟର) ଏଠାରେ ଅନୁଷ୍ଠିତ ଏସିଆନ ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍ ମହିଳା ଶଟ୍‌ପୁଟରେ ରୌପ୍ୟ ପଦକ ହାସଲ କରିଛନ୍ତି। ଏଥିସହ ସେ ଜାତୀୟ ରେକର୍ଡ ସମକକ୍ଷ ହୋଇଛନ୍ତି। ଅନ୍ୟପକ୍ଷରେ ଜ୍ୟୋତି ଆରାଜୀ ଓ ପାରୁଲ ଚୌଧାରୀ ଚାମ୍ପିୟନଶିପ୍‌ରେ ସେମାନଙ୍କ ଦ୍ୱିତୀୟ ପଦକ ହାସଲ କରିଛନ୍ତି। ଫଳରେ ଭାରତ ୨୭ ପଦକ (୬ସ୍ୱର୍ଣ୍ଣ, ୧୨ରୌପ୍ୟ ଓ ୯ବ୍ରୋଞ୍ଜ) ସହ ପଦକ ତାଲିକାରେ ତୃତୀୟ ସ୍ଥାନ ଅଧିକାର କରି ଚାମ୍ପିୟନଶିପ୍‌ରେ ଏହାର ଅଭିଯାନ ଶେଷ କରିଛି। ତନ୍ମଧ୍ୟରେ ଅନ୍ତିମ ଦିବସରେ ଭାରତ ୧୩ ପଦକ ଜିତିଛି। ତନ୍ମଧ୍ୟରେ ୮ରୌପ୍ୟ ଓ ୫ ବ୍ରୋଞ୍ଜ ରହିଛି। ଜାପାନ ୩୭ (୧୬ ସ୍ୱର୍ଣ୍ଣ, ୧୧ ରୌପ୍ୟ, ୧୦ ବ୍ରୋଞ୍ଜ) ଓ ଚାଇନା ୨୨ (୮ ସ୍ୱର୍ଣ୍ଣ, ୮ରୌପ୍ୟ,୬ ବ୍ରୋଞ୍ଜ) ପଦକ ତାଲିକାରେ ପ୍ରଥମ ଓ ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ୨୮ ବର୍ଷୀୟା ଆଭା ଖଟୁଆଙ୍କ ପାଖାପାଖି ଏକ ମିଟର (୯୩ ସେଣ୍ଟିମିଟର) ଉନ୍ନତି ଘଟିଛି। ପୂର୍ବରୁ ତାଙ୍କ ଶ୍ରେଷ୍ଠ ପ୍ରଦର୍ଶନ ୧୭.୧୩ ରହିଥିଲା। ଏଠାରେ ସେ ୪ କିଲୋଗ୍ରାମ ଓଜନର ଶଟ୍‌ପୁଟ୍ ୧୮.୦୬ ମିଟର ଦୂର ଫିଙ୍ଗି ଚାଇନାର ସଙ୍ଗ୍ ଜିଆୟୁଆନ୍‌ଙ୍କ ପଛକୁ ଦ୍ୱିତୀୟ ସ୍ଥାନରେ ରହିଥିଲେ। ଖଟୁଆ ଭେଟେରାନ ମନପ୍ରୀତ କୌରଙ୍କ ଜାତୀୟ ରେକର୍ଡର ସମକକ୍ଷ ହୋଇଥିଲେ, ଯିଏକି ଏଠାରେ ପ୍ରଥମ ରାଉଣ୍ଡ ଥ୍ରୋ ୧୭ ମିଟର ସହ ବ୍ରୋଞ୍ଜ ପଦକ ଲାଭ କରିଛନ୍ତି। ଏସିଆନ ଚାମ୍ପିୟନଶିପ୍‌ରେ ଗୁରୁବାର ପ୍ରଥମ ଭାରତୀୟ ଭାବେ ୧୦୦ମିଟର ହର୍ଡଲ୍ସରେ ସ୍ୱର୍ଣ୍ଣ ଜିତିଥିବା ୟାରାଜୀ ୨୩.୧୩ ସେକେଣ୍ଡ ଟାଇମିଂରେ ୨୦୦ ମିଟର ଦୌଡ଼ରେ ରୌପ୍ୟ ଜିତିଛନ୍ତି। ଭାରତର ଲଙ୍ଗ ଡିଷ୍ଟାନ୍ସ ଧାବିକା ପାରୁଲ ଚୌଧାରୀ ୫୦୦୦ ମିଟର ରେସ୍‌ରେ ଏକ ରୌପ୍ୟ ଜିତିଛନ୍ତି। ଚାମ୍ପିୟନଶିପ୍‌ରେ ଏହା ହେଉଛି ତାଙ୍କର ଦ୍ୱିତୀୟ ପଦକ। ଶୁକ୍ରବାର ୩୦୦୦ମିଟର ଷ୍ଟିପଲଚେଜ୍‌ରେ ସ୍ୱର୍ଣ୍ଣ ଜିତିଥିବା ଚୌଧାରୀ ୧୫ ମିନିଟ ୫୨.୩୫ ସେକେଣ୍ଡ ଟାଇମିଂରେ ଜାପାନର ୟୁମା ୟାମାମୋଟୋ (୧୫:୫୧.୧୬)ଙ୍କ ଠାରୁ ପଛରେ ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲେ। ୫୦୦୦ ମିଟରରେ ୨୮ ବର୍ଷୀୟା ଚୌଧାରୀ (୧୫:୧୦.୩୫)ଙ୍କ ନାମରେ ଜାତୀୟ ରେକର୍ଡ ରହିଛି। ଅଙ୍କିତା (୧୬:୦୩.୩୩) ବ୍ରୋଞ୍ଜ ଜିତିଥିଲେ। ଫଳରେ ଭାରତ ଏହି ଇଭେଣ୍ଟରୁ ଦୁଇ ପଦକ ଅକ୍ତିଆର କରିପାରିଛି। ପୁରୁଷ ଜାଭେଲିନ୍ ଥ୍ରୋ'ରେ ଡି.ପି. ମନୁ ତାଙ୍କ ଶ୍ରେଷ୍ଠ ଥ୍ରୋ ୮୧.୦୧ମିଟର ସହ ରୌପ୍ୟ ପାଇଥିବା ବେଳେ ଗୁଲବୀର ସିଂ ୧୩ ମିନିଟ ୪୮.୩୩ ସେକେଣ୍ଡ ଟାଇମିଂରେ ଏକ ବ୍ରୋଞ୍ଜ ଜିତିଛନ୍ତି। ପୂର୍ବରୁ କିଶନ କୁମାର ଓ କେ.ଏମ୍. ଚନ୍ଦା ସେମାନଙ୍କ ବ୍ୟକ୍ତିଗତ ଶ୍ରେଷ୍ଠ ଟାଇମିଂ ସହ ଯଥାକ୍ରମେ ପୁରୁଷ ଓ ମହିଳା ୮୦୦ମିଟର ରେସ୍‌ରେ ପ୍ରତ୍ୟେକ ଗୋଟିଏ ଲେଖାଏ ରୌପ୍ୟ ଜିତିଛନ୍ତି। କୁମାର (୧ମିନିଟ ୪୫.୮୮ ସେକେଣ୍ଡ) କାତାରର ଆବୁବାକର ଏଚ୍. ଅବ୍‌ଦୁଲ୍ଲାଙ୍କ ପଛରେ ଦ୍ୱିତୀୟ ସ୍ଥାନ ପାଇଥିଲେ। ଅନ୍ୟପକ୍ଷରେ ଚନ୍ଦା (୨:୦୧.୫୮) ଶ୍ରୀଲଙ୍କାର ଏମ୍.କେ. ଦିସାନାୟକଙ୍କ ପଛକୁ ଦ୍ୱିତୀୟ ସ୍ଥାନ ହାସଲ କରିଥିଲେ। ସକାଳ ସେସନରେ ପ୍ରିୟଙ୍କା ଗୋସ୍ୱାମୀ ଓ ବିକାଶ ସିଂ ଯଥାକ୍ରମେ ମହିଳା ଓ ପୁରୁଷ ୨୦ମିଟର ଚାଲିରେ ରୌପ୍ୟ ଓ ବ୍ରୋଞ୍ଜ ଜତିଛନ୍ତି।



ଜ୍ୟୋତି ଆରାଜୀ

# ସେମିଫାଇନାଲରୁ ଲକ୍ଷ୍ୟ ସେନ୍‌ଙ୍କ ବିଦାୟ

**କାଉନ୍‌ସିଲ ବ୍ଲଫ୍ସ (ୟୁଏସ୍), ୧୬।୭ (ପି.ଟି.)**

ଭାରତର ଅଗ୍ରଣୀ ବ୍ୟାଡ୍‌ମିଣ୍ଟନ ଖେଳାଳି ଲକ୍ଷ୍ୟ ସେନ୍ ଏଠାରେ ଚାଲିଥିବା ୟୁଏସ୍ ଓପନ ବ୍ୟାଡ୍‌ମିଣ୍ଟନ ଟୁର୍ଣ୍ଣାମେଣ୍ଟ ପୁରୁଷ ସିଙ୍ଗଲ୍ସରୁ ବିଦାୟ ନେଇଛନ୍ତି। ଏଠାରେ ୩ୟ ସିଡ୍ ମାନ୍ୟତାପ୍ରାପ୍ତ ରାଜ୍ୟଗୋଷ୍ଠୀ କ୍ରୀଡ଼ା ସ୍ୱର୍ଣ୍ଣ ବିଜେତା ଲକ୍ଷ୍ୟ ଅଲ୍ ଇଂଲଣ୍ଡ ଚାମ୍ପିୟନ ଚାଇନାର ଲି ଶି' ଫେଙ୍ଗ୍‌ଙ୍କଠାରୁ ୧୭-୨୧, ୨୪-୨୨, ୧୭-୨୧ରେ ହାରିଯାଇଛନ୍ତି। ବିଡବ୍ଲ୍ୟୁଏଫ୍ ସୁପର ୩୦୦ ଇଭେଣ୍ଟର ଏହି ମ୍ୟାଚ ୧ ଘଣ୍ଟା ୧୬ ମିନିଟ ଧରି ଚାଲିଥିଲା। ସୂଚନାଯୋଗ୍ୟ, ଏହି ମ୍ୟାଚ ପୂର୍ବରୁ ଫେଙ୍ଗ୍‌ଙ୍କ ବିପକ୍ଷରେ ଲକ୍ଷ୍ୟଙ୍କ ବିଜୟ-ପରାଜୟ ରେକର୍ଡ ୫-୨ ରହିଥିଲା। କାନାଡ଼ା ଓପନରେ ସେ ଏହି ଚାଇନିଜ ଖେଳାଳିଙ୍କୁ ୨୧-୧୮, ୨୨-୨୦ରେ ପରାସ୍ତ କରି ଗତ ସପ୍ତାହରେ ତାଙ୍କର ଦ୍ୱିତୀୟ ବିଡବ୍ଲ୍ୟୁଏଫ୍ ଟାଇଟଲ ହାସଲ କରିଥିଲେ।

# ଆୟୁଷଙ୍କୁ ତ୍ରିମୁକୁଟ, ଶ୍ରୁତିଙ୍କୁ ଦ୍ୱିମୁକୁଟ

**ରାଜ୍ୟ ସିନିୟର ର୍‍ୟାଙ୍କିଙ୍ଗ୍ ବ୍ୟାଡ୍‌ମିଣ୍ଟନ**

**ବଲାଙ୍ଗୀର, ୧୬।୭**
**(ବୀରେନ୍ଦ୍ର କୁମାର ଝାଙ୍କର)**

ବଲାଙ୍ଗୀର ପୃଥ୍ୱୀରାଜ ହାଇସ୍କୁଲ ବ୍ୟାଡ୍‌ମିଣ୍ଟନ ଇନ୍‌ଡୋର ଷ୍ଟାଡିୟମରେ ଓଡ଼ିଶା ରାଜ୍ୟ ସିନିୟର ର୍‍ୟାଙ୍କିଙ୍ଗ୍ ବ୍ୟାଡ୍‌ମିଣ୍ଟନ ପ୍ରତିଯୋଗିତା ରବିବାର ଉଦ୍‌ଯାପିତ ହୋଇଛି। ଫାଇନାଲରେ ଆୟୁଷ ଦାସ ପୁରୁଷ ସିଙ୍ଗଲ୍ସ, ଡବଲ୍ସ ଓ ମିକ୍ସଡ ଡବଲ୍ସ ମ୍ୟାଚ୍ ଜିତି ତ୍ରିମୁକୁଟ ହାସଲ କରିଛନ୍ତି। ମହିଳା ବିଭାଗରେ ଶ୍ରୁତି ସ୍ୱାଇଁ ସିଙ୍ଗଲ୍ସ ଓ ଡବଲ୍ସ ଫାଇନାଲ ମ୍ୟାଚ୍ ଜିତି ଦ୍ୱିମୁକୁଟ ଅର୍ଜନ କରିଛନ୍ତି। ସେହିପରି ଅନୁଜା-ଶ୍ରୁତି ଯୋଡି ମହିଳା ଡବଲ୍ସ ବର୍ଗ, ଆୟୁଷ-ଅବିନାଶ ଯୋଡି ପୁରୁଷ ଡବଲ୍ସ ବର୍ଗ, ଆୟୁଷ-ପୂର୍ବା ପ୍ରତ୍ୟାଶା ଯୋଡି ମିକ୍ସଡ ଡବଲ୍ସ ବର୍ଗରେ ଫାଇନାଲ ଜିତି ଟାଇଟଲ କବ୍‌ଜା କରିଛନ୍ତି।

ରବିବାର ସମସ୍ତ ବର୍ଗର ସେମିଫାଇନାଲ ଓ ଫାଇନାଲକୁ ନେଇ ସମୁଦାୟ ୧୫ଟି ମ୍ୟାଚ ଖେଳାଯାଇଥିଲା। ପୁରୁଷ ସିଙ୍ଗଲ୍ସ ବିଭାଗ ସେମିଫାଇନାଲରେ ଆର୍ଯ୍ୟ ଅମିୟଙ୍କୁ ଏବଂ ଆୟୁଷ ସ୍ୱାଧୀନଙ୍କୁ ହରାଇ ଫାଇନାଲକୁ ଉନ୍ନୀତ ହୋଇଥିଲେ। ଫାଇନାଲ୍‌ରେ ଆୟୁଷ ଉଚ୍ଚକୋଟୀର ଖେଳ ପ୍ରଦର୍ଶନ କରି ଟାଇଟଲ ଫେଭରିଟ୍ ଆର୍ଯ୍ୟଙ୍କୁ ହରାଇ ପୁରୁଷ ସିଙ୍ଗଲ୍ସ ଚାମ୍ପିୟନ ହୋଇଥିଲେ। ପୁରୁଷ ଡବଲ୍ସ ବିଭାଗରେ ଅମିୟ-ଅନିର୍ବାଣ ଓ ଆୟୁଷ-ଅବିନାଶଙ୍କ ଯୋଡି ମଧ୍ୟରେ ଫାଇନାଲ ଖେଳା ଯାଇଥିଲା। ରୋମାଞ୍ଚକର ଫାଇନାଲରେ ଆୟୁଷ-ଅବିନାଶଙ୍କ ଯୋଡି ବାଜି ମାରିଥିଲେ। ମହିଳା ସିଙ୍ଗଲ୍ସ ସେମିଫାଇନାଲରେ ହର୍ଷିତା ଇଶାନୀଙ୍କୁ ଓ ଶ୍ରୁତି ଶିରିନଙ୍କୁ ହରାଇ ଫାଇନାଲରେ ପଦାର୍ପଣ କରିଥିଲେ। ଫାଇନାଲରେ ଶ୍ରୁତି ବିଜୟ ଲାଭ କରିଥିଲେ।

ମହିଳା ଡବଲ୍ସ ଫାଇନାଲରେ ଅନୁଜା-ଶ୍ରୁତି ଓ ହର୍ଷିତା-ପୂର୍ବା ପ୍ରତ୍ୟାଶାଙ୍କ ଯୋଡି ପରସ୍ପରକୁ ଭେଟିଥିଲେ। ଶେଷରେ ଅନୁଜା-ଶ୍ରୁତିଙ୍କ ଯୋଡି ଚମତ୍କାର ଖେଳ ପ୍ରଦର୍ଶନ କରି ବିଜୟ ମୁକୁଟ ପିନ୍ଧିଥିଲେ। ସେହିପରି ମିକ୍ସଡ ଡବଲ୍ସ ଫାଇନାଲ୍‌ରେ ଅଭିଜିତ-ହର୍ଷିତାଙ୍କ ଯୋଡିଙ୍କୁ ଆୟୁଷ-ପୂର୍ବା ପ୍ରତ୍ୟାଶା ଯୋଡି ହରାଇ ଚାମ୍ପିୟନ ହୋଇଥିଲେ।

ସାଙ୍ଗଠନିକ ସମ୍ପାଦକ ସୁରୁଲାଲ ମଟାରିଙ୍କ ସଂଯୋଜନାରେ ଆୟୋଜିତ ଉଦ୍‌ଯାପନୀ ଉତ୍ସବରେ ବଲାଙ୍ଗୀର ବିଧାୟକ ନରସିଂହ ମିଶ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ।




ବଲାଙ୍ଗୀରରେ ଆୟୋଜିତ ଓଡ଼ିଶା ରାଜ୍ୟ ବ୍ୟାଡ୍‌ମିଣ୍ଟନ ର୍‍ୟାଙ୍କିଙ୍ଗ ଟୁର୍ଣ୍ଣାମେଣ୍ଟର କୃତୀ ପ୍ରତିଯୋଗୀଙ୍କ ସହ ଅତିଥି ଓ ଆୟୋଜକ।

**Classified Everyday**
0674-2580101, 2549949



REAL ESTATE
SALE

ଭୁବନେଶ୍ୱର ଜଟଣୀଗେଟ୍ ପାଖରେ 1200sqft., 3,60,000/-, ଛତାବର 1200sqft., 3,00,000/-, ନଖରା- 300/-. 7978663279. D-74883

Puri Senapati Bagicha sthitiban gharabadi plot with compound wall, front road for sale. Contact: 8895729136, 9437281290. D-0804

ଗୃହୋପଯୋଗୀ ସ୍ଥିତିବାନ ପ୍ଲଟ୍ 30" ରୋଡ୍, ଇଲେକ୍ଟ୍ରି ସହ ପିତାପଲ୍ଲିରେ ମିଳୁଛି- 7787017414. D-74888

C.V. Raman ଛକରୁ 3 Km. ଦୂରରେ BIIT College backside 30 ft. Road ଥାଇ ପ୍ଲଟ୍ ମିଳୁଅଛି । 7978676652. D-74889

Your classified advertisement published in Dharitri will be listed free in Dharitri online edition: **dharitriepaper.in**




Newly open SPA positively health benefits with expert therapist. 9040286886. D-75130

**Body massage by experience, good looking therapist @999/-. (Bhubaneswar) 9078484455.** D-0759

Newly open health benefits SPA special offer @ 799 Jaydev Vihar. 8018429809. D-75128

Newly opened (one 8 SPA)/ (Salon service) with export therapist. 9938843929. D-75129

**Relax, Refresh your Body, Mind at Saikrupa Spa with best therapies. 8984068077.** D-0725

Asribada Panchakarma herbal SPA Kesharimall, Bhubaneswar. Contact: 8926173473. D-75011

**ମନେ ପଡ଼ନ୍ତି**

**ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ**



**ସ୍ୱ ପ୍ରାଣକୃଷ୍ଣ ବେହେରା**

ପ୍ରତିଷ୍ଠାତା- ଦେଶବନ୍ଧୁ ମେଡିସିନ ଷ୍ଟୋର, ବାଲକାଟୀ ରଙ୍ଗଣୀସାହି, ଭୁବନେଶ୍ୱର
ଆବିର୍ଭାବ- ୦୧।୦୧।୧୯୫୨
ତିରୋଧାନ- ୨୮।୦୭।୨୦୨୨

ଆପଣଙ୍କ ସ୍ନେହ ଓ ଆଶୀର୍ବାଦ ଆମ ସମସ୍ତଙ୍କ ପ୍ରେରଣାର ଉତ୍ସ ହେଉ। ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀସ୍ୱପ୍ନେଶ୍ୱର ଦେବଙ୍କ ନିକଟରେ ପ୍ରାର୍ଥନା କରୁଛୁ।

ଶୋକସନ୍ତପ୍ତ- ପୁତ୍ର ଅଜୟ କୁମାର ବେହେରା, ବନ୍ଧୁ ଓ ପରିବାରବର୍ଗ ।

ଧ-୦୮୩୧

ପାଠକଙ୍କ ପାଇଁ ସୂଚନା- କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

CLASSIFIED DISPLAY
ALL EDITION - B/W (Everyday)
MORE SPACE • SAME PRICE
For Booking Contact: 0674-2580385, 8637280816, 7894447167, 9338226625

**ଲୋନ୍! ଲୋନ୍! ଲୋନ୍!**
**Global Finance (Govt. Regd)**
ସମସ୍ତ ସରକାରୀ ଯୋଜନା ଅଧୀନରେ ଆଧାରକାର୍ଡ, ପର୍ସନାଲ, ପ୍ରପର୍ଟି, ବିଜ୍‌ନେସ୍ ଲୋନ୍ ପାଆନ୍ତୁ ।
**2% ସୁଧ 40% ଛାଡ଼**
(ମହିଳାଙ୍କ ପାଇଁ ବିଶେଷ ରିହାତି)
(ସିବିଲ ଖରାପ ହୋଇଥିଲେ ମଧ୍ୟ)
ଯୋଗାଯୋଗ କରନ୍ତୁ
**9473748805**

ପାଠକଙ୍କ ପାଇଁ ସୂଚନା
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ଧରିତ୍ରୀ DHARITRI
**Scan & Pay**
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ ।
BHIM | UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ **classifieddharitri@gmail.com** ରେ ଇମେଲ୍ କରନ୍ତୁ ।

# ୟୁଥ୍ ବର୍ଗରେ ଜ୍ୟୋତ୍ସ୍ନା ଶ୍ରେଷ୍ଠ

**ରାଜ୍ୟଗୋଷ୍ଠୀ ଭାରୋତ୍ତୋଳନ**



**ଭୁବନେଶ୍ୱର, ୧୬।୭ (ତପନ ସ୍ୱାଇଁ) :** ଉତ୍ତର ପ୍ରଦେଶର ଗ୍ରେଟର ନଏଡ଼ାଠାରେ ଅନୁଷ୍ଠିତ ରାଜ୍ୟଗୋଷ୍ଠୀ ଭାରୋତ୍ତୋଳନ ଚାମ୍ପିୟନଶିପ୍‌ରେ ଓଡ଼ିଶା ହାଇପରଫର୍ମାନ୍ସ ସେଣ୍ଟର (ଏଚ୍‌ପିସି)ର ଜ୍ୟୋତ୍ସ୍ନା ସବର ୟୁଥ୍ ବର୍ଗରେ ଶ୍ରେଷ୍ଠ ବିବେଚିତ ହୋଇଛନ୍ତି। ପ୍ରତିଯୋଗିତାର ୪୦ କେଜି ୟୁଥ୍ ବର୍ଗରେ ଜ୍ୟୋତ୍ସ୍ନା ସ୍ନାଚ୍‌ରେ ୫୨ , କ୍ଲିନ୍ ଆଣ୍ଡ ଜର୍କରେ ୬୪ ଏହିପରି ମୋଟ ୧୧୬ କେଜି ଉତ୍ତୋଳନ କରି ସ୍ୱର୍ଣ୍ଣ ପଦକ ପାଇଥିଲେ। ଅନ୍ୟ ଓଡ଼ିଶା ଭାରୋତ୍ତୋଳକଙ୍କ ମଧ୍ୟରେ ମୀନା ଶାନ୍ତା ଓ ହୃଦାନନ୍ଦ ଦାସ ସ୍ୱର୍ଣ୍ଣ ଏବଂ ଝିଲି ଦଳବେହେରା ରୌପ୍ୟ ପଦକ ହାସଲ କରିଥିଲେ। ପ୍ରତିଯୋଗିତାରେ ଭାରତୀୟ ଭାରୋତ୍ତୋଳକମାନେ ମୋଟ ୨୦ଟି ପଦକ ହାସଲ କରିଥିଲେ। ଏହା ମଧ୍ୟରେ ୯ଟି ଲେଖାଏ ସ୍ୱର୍ଣ୍ଣ ଓ ରୌପ୍ୟ ଏବଂ ୨ଟି ବ୍ରୋଞ୍ଜ ପଦକ ସାମିଲ।

# ଦୁଲିପ ଟ୍ରଫି: ଦକ୍ଷିଣାଞ୍ଚଳ ଚାମ୍ପିୟନ

**ବେଙ୍ଗାଲୁରୁ, ୧୬।୭**

ଦ୍ୱିତୀୟ ଇନିଂସରେ ସାଇ କିଶୋର ଓ ବାସୁକି କୌଶିକଙ୍କ ଚମତ୍କାର ବୋଲିଂ ବଳରେ ଦକ୍ଷିଣାଞ୍ଚଳ ଦୁଲିପ ଟ୍ରଫି କ୍ରିକେଟ ଫାଇନାଲରେ ପଶ୍ଚିମାଞ୍ଚଳକୁ ୭୫ ରନରେ ପରାସ୍ତ କରିଛି। ବିଜୟ ଲକ୍ଷ୍ୟ ୨୯୮ ଥିବାବେଳେ ପଶ୍ଚିମାଞ୍ଚଳ ଦ୍ୱିତୀୟ ଇନିଂସରେ ୨୨୨ ରନ କରିବାକୁ ସକ୍ଷମ ହୋଇଛି। ଉଭୟ ବାସୁକି କୌଶିକ ଓ ସାଇ କିଶୋର ୪ଟି ଲେଖାଏ ଉଇକେଟ ନେଇ ଦକ୍ଷିଣାଞ୍ଚଳକୁ ଟ୍ରଫି ଜିତାଇବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଛନ୍ତି। ଚତୁର୍ଥ ଦିବସର ଅସମାପ୍ତ ସ୍କୋର ୧୮୨/୫ରୁ ଖେଳ ଆରମ୍ଭ କରିଥିବା ପଶ୍ଚିମାଞ୍ଚଳ ବିଜୟ ପାଇଁ ଆଉ ୧୧୬ ଆବଶ୍ୟକ କରୁଥିଲା। ମାତ୍ର ଦଳ ୪୦ ରନ ଯୋଗକରି ଅବଶିଷ୍ଟ ୫ଟି ଉଇକେଟ ହରାଇଥିଲା। ପୂର୍ବଦିନ ୯୨ ରନରେ ଅପରାଜିତ ରହିଥିବା ଅଧିନାୟକ ପ୍ରିୟଙ୍କ ପଞ୍ଚାଲ ଆଉ ମାତ୍ର ୩ ରନ ଯୋଗକରି ଆଉଟ ହୋଇ ଯାଇଥିଲେ। ଏହାକୁ ମିଶାଇ ଦକ୍ଷିଣାଞ୍ଚଳ ୧୪ଥର ପାଇଁ ଦୁଲିପ ଟ୍ରଫି ଚାମ୍ପିୟନ ହୋଇଛି। କେବଳ ସେତିକି ନୁହେଁ ପଶ୍ଚିମାଞ୍ଚଳ ନିକଟରୁ ପୂର୍ବ ପରାଜୟର ମଧୁର ପ୍ରତିଶୋଧ ମଧ୍ୟ ନେଇଛି। ୨୦୨୨ ଦୁଲିପ ଟ୍ରଫି ଫାଇନାଲରେ ପଶ୍ଚିମାଞ୍ଚଳ ୨୯୪ ରନରେ ଦକ୍ଷିଣାଞ୍ଚଳକୁ ପରାସ୍ତ କରିଥିଲା। ପ୍ରଥମ ଇନିଂସରେ ୭ ଉଇକେଟ ଏବଂ ଦ୍ୱିତୀୟ ଇନିଂସରେ ପ୍ରିୟଙ୍କ ପଞ୍ଚାଲଙ୍କ ପ୍ରାଇଜ୍ ଉଇକେଟ ନେଇଥିବା ଦ୍ରୁତ ବୋଲର ବିଦ୍ୱାଥ କଭେରପ୍ପା ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଛନ୍ତି। କେବଳ ସେତିକି ନୁହେଁ ପ୍ରତିଯୋଗିତାରେ ମୋଟ ୧୫ଟି ଉଇକେଟ ନେଇ ସେ ପ୍ଲେୟର ଅଫ୍ ଦି ସିରିଜ ପୁରସ୍କାର ମଧ୍ୟ ପାଇଛନ୍ତି।

**ସଂକ୍ଷିପ୍ତ ସ୍କୋର**

ଦକ୍ଷିଣାଞ୍ଚଳ ପ୍ରଥମ ଇନିଂସ: ୨୧୩।
ପଶ୍ଚିମାଞ୍ଚଳ ପ୍ରଥମ ଇନିଂସ: ୧୪୬।
ଦକ୍ଷିଣାଞ୍ଚଳ ଦ୍ୱିତୀୟ ଇନିଂସ: ୨୩୦।
ପଶ୍ଚିମାଞ୍ଚଳ ଦ୍ୱିତୀୟ ଇନିଂସ: ୨୨୨/ଅଲ୍‌ଆଉଟ (ପ୍ରିୟଙ୍କ ପଞ୍ଚାଲ-୯୫, ସର୍ଫରାଜ ଖାଁ-୪୮, ବାସୁକି କୌଶିକ-୪/୩୬, ସାଇ କିଶୋର-୪/୫୭, ବିଦ୍ୱାଥ କଭେରପ୍ପା-୧/୫୧, ବିଜୟ କୁମାର ବ୍ୟଶକ-୧/୩୯)।



ଟ୍ରଫି ସହ ଦକ୍ଷିଣାଞ୍ଚଳ ଦଳ।

## ଷ୍ଟ୍ରୋକ୍ ଆଶଙ୍କା ବଢ଼ାଏ ଫ୍ୟାଟ୍ ଜାତୀୟ ଖାଦ୍ୟ



**ଆ**ଜିକାଲି ଅନେକ ଲୋକ ନିଜର ଖାଦ୍ୟ ଶୈଳୀ ବିଷୟରେ ପ୍ରାୟ ସଚେତନ ନ ଥାନ୍ତି। ଫଳରେ ସେମାନେ ବିଭିନ୍ନ ରୋଗରେ ଆକ୍ରାନ୍ତ ହୋଇଥାଆନ୍ତି। ଅଧିକ ତେଲ ମସଲାଯୁକ୍ତ କିମ୍ବା ଫ୍ୟାଟ୍ ଜାତୀୟ ଖାଦ୍ୟ ଖାଇବା ଦ୍ୱାରା ଷ୍ଟ୍ରୋକ୍ ଭଳି ମାରାତ୍ମକ ସମସ୍ୟା ସୃଷ୍ଟି ହେବାର ଆଶଙ୍କା ରହିଛି। ଆମେରିକାନ୍ ହାର୍ଟ ଆସୋସିଏଶନ୍ ଆଣ୍ଡ ସାଇଣ୍ଟିଫିକ୍ ରିସର୍ଚ୍ଚ ତରଫରୁ ହୋଇଥିବା ଏକ ସଦ୍ୟତମ ଗବେଷଣାରୁ ଏକଥା ଜଣାପଡ଼ିଛି। ତେଣୁ ଏଭଳି ଖାଦ୍ୟ ଯେତେ କମ୍ ଖାଇବେ ତାହା ସେତେ ଭଲ। ଏପରି ଖାଦ୍ୟର ପରିମାଣ ଅଧିକ ହେଲେ ତାହା ଶରୀରରେ ଚର୍ବି ବଢ଼ାଇବା ସହ ହାର୍ଟ ଉପରେ କୁପ୍ରଭାବ ପକାଇଥାଏ। ଫଳରେ ଉଚ୍ଚ ରକ୍ତଚାପ ହେବାର ମଧ୍ୟ ଆଶଙ୍କା ରହିଛି। ତେଣୁ ଦୈନନ୍ଦିନ ଖାଦ୍ୟ ତାଲିକାରେ ସବୁଜ ପନିପରିବା, କ୍ଷୀର, ମାଛ ତଥା ସନ୍ତୁଳିତ ଖାଦ୍ୟ ସାମିଲ କରନ୍ତୁ।

## ସନ୍ତୁଳିତ ରହିବ କୋଲେଷ୍ଟରଲ



**ଆ**ମ ଶରୀରରେ କୋଲେଷ୍ଟରଲ ପରିମାଣ ସନ୍ତୁଳିତ ରହିବା ନିହାତି ଦରକାର। ଏଥିରେ ଦହିର ଭୂମିକା ମଧ୍ୟ ରହିଛି। ଯଦି ଜଣେ ବ୍ୟକ୍ତି ନିଜର ଦୈନନ୍ଦିନ ଖାଦ୍ୟ ତାଲିକାରେ ଦହି ସାମିଲ କରନ୍ତି, ତେବେ ତାହା ତାଙ୍କ ପାଇଁ ବେଶ୍ ଉପକାରୀ ସାବ୍ୟସ୍ତ ହୋଇଥାଏ। ଏଥିରେ କ୍ୟାଲସିୟମ୍ ଓ ପୋଟାସିୟମ୍ ଭରପୂର୍ ମାତ୍ରାରେ ରହିଛି। ଏହା ମଧ୍ୟ ଶରୀରରେ ରୋଗ ପ୍ରତିରୋଧକ ଶକ୍ତିକୁ ବଢ଼ାଇଥାଏ। ଦହିରେ କ୍ୟାଲ୍‌ସିୟମ୍ ଥିବାରୁ ଏହା ଅସ୍ଥି ଓ ଆଣ୍ଠୁଗଣ୍ଠିକୁ ମଜଭୁତ କରିବାରେ ସାହାଯ୍ୟ କରେ। ଏଥିସହ ଦାନ୍ତକୁ ମଧ୍ୟ ଦୃଢ଼ ରଖେ। ପ୍ରତିଦିନ ଆମେ ଖାଉଥିବା ଖାଦ୍ୟରେ ଦହିକୁ ସାମିଲ୍ କରନ୍ତୁ, ଯାହା ଖାଦ୍ୟକୁ ଠିକ୍ ଭାବେ ହଜମ କରିବାରେ ସାହାଯ୍ୟ କରିବ। ଶରୀରରେ ମେଦବହୁଳତାକୁ ଏହା କେତେକାଂଶରେ କମାଇଥାଏ। ବେଳେବେଳେ ଶରୀରରେ ହରମୋନ୍ ଅସନ୍ତୁଳିତ ଅବସ୍ଥାରେ ରହିଥାଏ। ଏହାକୁ ସନ୍ତୁଳିତ ରଖେ ଦହି। ରକ୍ତରେ ଶର୍କରାର ପରିମାଣକୁ ମଧ୍ୟ ନିୟନ୍ତ୍ରଣରେ ରଖେ।

# ଚନ୍ଦ୍ରଯାନ-୩ର ଲକ୍ଷ୍ୟ



ଇଂ. ମାୟାଧର ସ୍ୱାଇଁ

''ଭାରତ ଚନ୍ଦ୍ରର ଦକ୍ଷିଣ ମେରୁ ନିକଟରେ ଯାନକୁ ଅବତରଣ କରାଇବ। ଆଜି ପର୍ଯ୍ୟନ୍ତ ଅନ୍ୟ କୌଣସି ଦେଶ ଏହି ଅଞ୍ଚଳକୁ ଲକ୍ଷ୍ୟ କରିନାହାନ୍ତି। କାରଣ ଚନ୍ଦ୍ରର ବିଷୁବରେଖା ନିକଟରେ ଅବତରଣ କରିବା ହେଉଛି ଅଧିକ ସହଜ ଏବଂ ନିରାପଦ। ଏଠାରେ ତାପମାତ୍ରା ଓ ପୃଷ୍ଠଭାଗ ହେଉଛି କାର୍ଯ୍ୟ କରିବା ପାଇଁ ସୁବିଧାଜନକ ଏବଂ ଯାନର ଯନ୍ତ୍ରପାତି ଏହି ଅଞ୍ଚଳରେ ଅଧିକ ଦିନ ପର୍ଯ୍ୟନ୍ତ କାର୍ଯ୍ୟ କରିପାରିବ। ଏହି ଅଞ୍ଚଳର ପୃଷ୍ଠ ହେଉଛି ମସୃଣ ଓ ସମତଳ, ତୀକ୍ଷ୍ଣ ଢାଲୁ ପ୍ରାୟ ନାହିଁ ଏବଂ ଏଠାରେ ବହୁତ କମ୍ ପାହାଡ଼ କିମ୍ବା ଗର୍ତ୍ତ ଅଛି। ପୃଥିବୀକୁ ମୁହଁ କରିଥିବା ପାର୍ଶ୍ୱରେ ପ୍ରଚୁର ସୂର୍ଯ୍ୟକିରଣ ପଡିଥାଏ, ଯାହା ସୌରଚାଳିତ ଯନ୍ତ୍ରପାତିଗୁଡିକୁ ନିରନ୍ତର ଶକ୍ତି ଯୋଗାଇବ।''



**ଭା**ରତୀୟ ମହାକାଶ ଗବେଷଣା ସଂସ୍ଥା (ଇସ୍ରୋ) ଚଳିତ ମାସ ୧୪ ତାରିଖରେ ଆନ୍ଧ୍ର ପ୍ରଦେଶର ଶ୍ରୀହରିକୋଟା ଉତ୍କ୍ଷେପଣ ଘାଟିରୁ 'ଏଲ୍‌ଭିଏମ୍‌୩ଏମ୍‌୪' ରକେଟ ସାହାଯ୍ୟରେ ଚନ୍ଦ୍ର ଅଭିମୁଖେ 'ଚନ୍ଦ୍ରୟାନ-୩' ଅଭିଯାନକୁ ଉତ୍କ୍ଷେପଣ କରିଛି। ଏଥିରେ ଗୋଟିଏ ନୋଦନ (ପ୍ରପଲସନ୍) ମଡ୍ୟୁଲ, ଗୋଟିଏ ଲ୍ୟାଣ୍ଡର ଓ ଗୋଟିଏ ରୋଭର ଯାନ ରହିଛି। ନୋଦନ ଚନ୍ଦ୍ର କକ୍ଷରେ ରହି ଏହାକୁ ପରିକ୍ରମଣ କରିବ। ଲ୍ୟାଣ୍ଡର ଓ ରୋଭର ମୂଳ ଚନ୍ଦ୍ରଯାନରୁ ଅଲଗା ହୋଇ ଅଗଷ୍ଟ ୨୩ ତାରିଖରେ ଚନ୍ଦ୍ର ପୃଷ୍ଠରେ ଅବତରଣ କରିବେ ଏବଂ ଏହି ଅବତରଣ ସଫ୍ଟ ଲ୍ୟାଣ୍ଡିଙ୍ଗ ହେବ। ଅର୍ଥାତ୍ ଏହି ଅବତରଣ ସମୟରେ ଏହାର ବେଗ ଯଥେଷ୍ଟ ହ୍ରାସ ପାଇଥିବ ଏବଂ ଏହା ଚନ୍ଦ୍ର ପୃଷ୍ଠରେ ଏହି ବେଗରେ ପଡ଼ିଲେ କିଛି କ୍ଷତି ହେବ ନାହିଁ। ଅବତରଣ ପରେ ରୋଭର ଚନ୍ଦ୍ର ପୃଷ୍ଠରେ ୧୪ ଦିନ ଘୂରି ଏହାର ମୃତ୍ତିକାର ରାସାୟନିକ ବିଶ୍ଳେଷଣ କରିବ। ସଫ୍ଟ ଲ୍ୟାଣ୍ଡିଙ୍ଗ ହୋଇପାରିଲେ ଏହା ହାସଲ କରିବାରେ ଯୁକ୍ତରାଷ୍ଟ୍ର ଆମେରିକା, ରୁଷିଆ, ଚାଇନା ପରେ ଭାରତ ଚତୁର୍ଥ ରାଷ୍ଟ୍ର ହେବ।

ଭାରତ ୨୦୦୮ ଅକ୍ଟୋବର ମାସରେ ଚନ୍ଦ୍ରୟାନ-୧ ଅଭିଯାନ ପଠାଇଥିଲା ଏବଂ ଏହା ୨୦୦୯ ଅଗଷ୍ଟ ମାସ ପର୍ଯ୍ୟନ୍ତ କାର୍ଯ୍ୟ କରିଥିଲା। ଏହି ଅଭିଯାନରେ ଗୋଟିଏ ଅର୍ବିଟର ଓ ଗୋଟିଏ ସଂଘାତକ (ଇମ୍ପାକ୍ଟର) ଥିଲା। ସଂଘାତକ ମୂଳଯାନରୁ ଅଲଗା ହୋଇ ନିୟନ୍ତ୍ରିତ ଉପାୟରେ ଚନ୍ଦ୍ରର ଦକ୍ଷିଣ ମେରୁ ଅଞ୍ଚଳରେ ପଡ଼ିଥିଲା। ଏହି ସ୍ଥାନର ନାମ 'ଜବାହାର ବିନ୍ଦୁ' ରଖାଯାଇଛି। ଏହି ଅଭିଯାନରେ ଚନ୍ଦ୍ରୟାନ-୧ରେ ଥିବା ଯନ୍ତ୍ରପାତି ସାହାଯ୍ୟରେ ଚନ୍ଦ୍ର ପୃଷ୍ଠରେ ଜଳ ଥିବାର ପ୍ରଥମ ପ୍ରମାଣ ମିଳିଥିଲା।

ଭାରତର ଚନ୍ଦ୍ରୟାନ-୨ ଅଭିଯାନ ୨୦୧୯ ଜୁଲାଇ ୨୨ରେ ଉତ୍କ୍ଷେପଣ ହୋଇଥିଲା। ଏଥିରେ ଗୋଟିଏ ଅର୍ବିଟର, ଗୋଟିଏ ଲ୍ୟାଣ୍ଡର ଓ ଗୋଟିଏ ରୋଭର ଥିଲା। ସେହି ବର୍ଷ ସେପ୍ଟେମ୍ବର ୬ରେ ଲ୍ୟାଣ୍ଡର ଓ ରୋଭର ମୂଳ ଯାନରୁ ପୃଥକ ହୋଇ ଚନ୍ଦ୍ର ପୃଷ୍ଠରେ ଅବତରଣ କରିବା ବେଳେ ସଫ୍ଟ ଲ୍ୟାଣ୍ଡିଙ୍ଗ ହୋଇ ନ ପାରି ହାର୍ଡ ଲ୍ୟାଣ୍ଡିଙ୍ଗ ହେଲା। ଫଳରେ ଦୁଇ ସପ୍ତାହ କାର୍ଯ୍ୟ କରିବା ପାଇଁ ଡିଜାଇନ୍ ହୋଇଥିବା ରୋଭର ଅଚଳ ହୋଇଗଲା। କିନ୍ତୁ ଏହି ଅଭିଯାନର ଅର୍ବିଟର ଚନ୍ଦ୍ର କକ୍ଷରେ ରହି ଏ ପର୍ଯ୍ୟନ୍ତ କାର୍ଯ୍ୟ କରୁଛି। ଏହି ଅଭିଯାନ ୯୦ ପ୍ରତିଶତ ସଫଳ ହୋଇଥିଲା।

ଚନ୍ଦ୍ରୟାନ-୨ ଭଳି ଚନ୍ଦ୍ରୟାନ-୩ର ଲ୍ୟାଣ୍ଡର ମଧ୍ୟ ଚନ୍ଦ୍ରର ଦକ୍ଷିଣ ମେରୁ ନିକଟରେ ସଫ୍ଟ ଲ୍ୟାଣ୍ଡିଙ୍ଗ କରିବା ପାଇଁ ଡିଜାଇନ୍ କରାଯାଇଛି। ନିର୍ଦ୍ଦିଷ୍ଟ ଭାବେ ସ୍ଥାନଟି ହେଉଛି ୭୦ ଡିଗ୍ରୀ ଅକ୍ଷାଂଶ। ସୂଚନାଯୋଗ୍ୟ ଯେ ପୂର୍ବରୁ ଚନ୍ଦ୍ରରେ ଅବତରଣ କରିଥିବା ସମସ୍ତ ଯାନ ଏହାର ବିଷୁବମଣ୍ଡଳୀୟ ଅଞ୍ଚଳରେ ଅବତରଣ କରିଛନ୍ତି। ବିଷୁବରେଖାର ଅଳ୍ପ କେତେ ଡିଗ୍ରୀ ଉତ୍ତର କିମ୍ବା ଦକ୍ଷିଣ ଅକ୍ଷାଂଶରେ ଏଗୁଡ଼ିକ ନିରାପଦରେ ଅବତରଣ କରିଛନ୍ତି। ବିଷୁବରେଖାଠାରୁ ସବୁଠାରୁ ଅଧିକ ଦୂରରେ ଅବତରଣ କରିଥିବା ଯାନ ହେଉଛି 'ନାସା'ର ସର୍ଭେୟର-୭। ଏହା ୧୯୬୮ ଜାନୁୟାରୀ ୧୦ରେ ୪୦ ଡିଗ୍ରୀ ଦକ୍ଷିଣ ଅକ୍ଷାଂଶରେ ଅବତରଣ କରିଥିଲା।

ଚାଇନାର ଚାଙ୍ଗେ-୪ ଯାନ ଆମକୁ ଦେଖାଯାଉ ନ ଥିବା ଚନ୍ଦ୍ର ପାର୍ଶ୍ୱରେ ସଫ୍ଟ ଲ୍ୟାଣ୍ଡିଙ୍ଗ କରିବାରେ ପ୍ରଥମ ଯାନ ଥିଲା। ଏହା ୨୦୧୯ ଜାନୁୟାରୀ ୩ ତାରିଖରେ ଚନ୍ଦ୍ରର ୪୫ ଡିଗ୍ରୀ ଅକ୍ଷାଂଶରେ ଅବତରଣ କରିଥିଲା।

ଭାରତ ଚନ୍ଦ୍ରର ଦକ୍ଷିଣ ମେରୁ ନିକଟରେ ଯାନକୁ ଅବତରଣ କରାଇବ। ଆଜି ପର୍ଯ୍ୟନ୍ତ ଅନ୍ୟ କୌଣସି ଦେଶ ଏହି ଅଞ୍ଚଳକୁ ଲକ୍ଷ୍ୟ କରିନାହାନ୍ତି। କାରଣ ଚନ୍ଦ୍ରର ବିଷୁବରେଖା ନିକଟରେ ଅବତରଣ କରିବା ହେଉଛି ଅଧିକ ସହଜ ଏବଂ ନିରାପଦ। ଏଠାରେ ତାପମାତ୍ରା ଓ ପୃଷ୍ଠଭାଗ ହେଉଛି କାର୍ଯ୍ୟ କରିବା ପାଇଁ ସୁବିଧାଜନକ ଏବଂ ଯାନର ଯନ୍ତ୍ରପାତି ଏହି ଅଞ୍ଚଳରେ ଅଧିକ ଦିନ ପର୍ଯ୍ୟନ୍ତ କାର୍ଯ୍ୟ କରିପାରିବ। ଏହି ଅଞ୍ଚଳର ପୃଷ୍ଠ ହେଉଛି ମସୃଣ ଓ ସମତଳ, ତୀକ୍ଷ୍ଣ ଢାଲୁ ପ୍ରାୟ ନାହିଁ ଏବଂ ଏଠାରେ ବହୁତ କମ୍ ପାହାଡ଼ କିମ୍ବା ଗର୍ତ୍ତ ଅଛି। ପୃଥିବୀକୁ ମୁହଁ କରିଥିବା ପାର୍ଶ୍ୱରେ ପ୍ରଚୁର ସୂର୍ଯ୍ୟକିରଣ ପଡ଼ିଥାଏ, ଯାହା ସୌରଚାଳିତ ଯନ୍ତ୍ରପାତିଗୁଡ଼ିକୁ ନିରନ୍ତର ଶକ୍ତି ଯୋଗାଇବ।

ଅନ୍ୟପକ୍ଷରେ ଚନ୍ଦ୍ରର ମେରୁ ଅଞ୍ଚଳ ହେଉଛି ପୂରାପୂରି ଅଲଗା ଏବଂ ପୃଷ୍ଠଭାଗ ଅସମତଳ। ମେରୁ ଅଞ୍ଚଳର ନିକଟବର୍ତ୍ତୀ ଅନେକ ସ୍ଥାନ ସମ୍ପୂର୍ଣ୍ଣ ଅନ୍ଧକାରରେ ଥାଏ ଏବଂ ଏହି ସ୍ଥାନରେ କେବେ ସୂର୍ଯ୍ୟାଲୋକ ପଡ଼ି ନ ଥାଏ। ଏଠାରେ ତାପମାତ୍ରା ବିଯୁକ୍ତ(-) ୨୩୦ ଡିଗ୍ରୀ ସେଲ୍‌ସିୟସ ପର୍ଯ୍ୟନ୍ତ ହ୍ରାସ ପାଇଥାଏ। ତୁଳନାତ୍ମକ ଭାବେ ପୃଥିବୀରେ ସର୍ବନିମ୍ନ ତାପମାତ୍ରା ପୂର୍ବ ଆଣ୍ଟାର୍କଟିକା ଉପତ୍ୟକାର ଶୀର୍ଷ ଭାଗରେ ବିଯୁକ୍ତ ୯୨ ଡିଗ୍ରୀ ସେଲସିୟସ ପର୍ଯ୍ୟନ୍ତ ଯାଇଥାଏ। ସୂର୍ଯ୍ୟାଲୋକର ଅଭାବ ଏବଂ ଅତି କମ୍ ତାପମାତ୍ରାରେ ଚନ୍ଦ୍ରର ମେରୁ ଅଞ୍ଚଳରେ ଯନ୍ତ୍ରପାତିଗୁଡ଼ିକ କାର୍ଯ୍ୟ କରିବା ବହୁତ କଷ୍ଟକର ହୋଇଥାଏ। ପୁନଶ୍ଚ ଏହି ଅଞ୍ଚଳରେ ଅଳ୍ପ କେତେ ସେଣ୍ଟିମିଟରରୁ ଅନେକ ହଜାର କିଲୋମିଟର ଆକାରରେ ଅନେକ ଗଭୀର ଗର୍ତ୍ତ ଅଛି।

ତାହାହେଲେ ଭାରତ କାହିଁକି ଦକ୍ଷିଣ ମେରୁ ନିକଟରେ ଲ୍ୟାଣ୍ଡରକୁ ଅବତରଣ କରାଉଛି ? ଏହାର ପରିବେଶ ଓ ଏଠାରେ ଅବତରଣ କରି କାର୍ଯ୍ୟ କରିବାର ଅସୁବିଧା ଯୋଗୁ ଚନ୍ଦ୍ରର ମେରୁ ଅଞ୍ଚଳ ବିଷୟରେ ଆମକୁ ବିଶେଷ ଭାବେ ଜଣାନାହିଁ। କିନ୍ତୁ କେତେକ କକ୍ଷ ଭ୍ରମଣକାରୀ ଅଭିଯାନରୁ ପ୍ରମାଣ ମିଳିଛି ଯେ ଏହି ଅଞ୍ଚଳରେ ଅନେକ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ଲୁକ୍କାୟିତ ଅଛି। କେତେକ ଗଭୀର ଗର୍ତ୍ତରେ ଯଥେଷ୍ଟ ପରିମାଣର ବରଫ ଅଣୁ ଥିବାର ସୂଚନା ମିଳିଛି। ୨୦୦୮ ମସିହାରେ ଚନ୍ଦ୍ରୟାନ-୧ରେ ଥିବା ଦୁଇଟି ଯନ୍ତ୍ର ଚନ୍ଦ୍ର ପୃଷ୍ଠରେ ଜଳର ସୂଚନା ଦେଇଥିଲା।

ପୁନଶ୍ଚ ମେରୁ ଅଞ୍ଚଳର ଅତ୍ୟଧିକ ଥଣ୍ଡା ଯୋଗୁ ଏଠାରେ ବହୁ ପୂର୍ବରୁ ରହିଯାଇଥିବା ଅନେକ ବସ୍ତୁ ଘନୀଭୂତ ଅବସ୍ଥାରେ ଅଛି ଏବଂ ଏହାର ବିଶେଷ ପରିବର୍ତ୍ତନ ହୋଇନାହିଁ। ଚନ୍ଦ୍ରର ଉତ୍ତର ଓ ଦକ୍ଷିଣ ମେରୁରେ ଥିବା ପଥର ଓ ମୃତ୍ତିକା ସୌରଜଗତର ଗଠନ ସମ୍ବନ୍ଧରେ ସୂଚନା ଦେଇପାରେ। (କ୍ରମଶଃ..)

-୭୦, ଲକ୍ଷ୍ମୀବିହାର, ଫେଜ୍-୧,
ଭୁବନେଶ୍ୱର-୧୮
ମୋ: ୯୪୩୮୬୯୩୭୨୪

## ବୃଦ୍ଧି ପାଇବ ସ୍ମରଣ ଶକ୍ତି



**ଉ**ତ୍ତମ ଖାଦ୍ୟ ହେଉ କିମ୍ବା ଯୋଗ, ବ୍ୟାୟାମ ଓ ପ୍ରାଣାୟମ ସ୍ମରଣ ଶକ୍ତି ବଢ଼ାଇବାରେ କେତେକାଂଶରେ ସାହାଯ୍ୟ କରିଥାଏ। କେବଳ ସେତିକି ନୁହେଁ, ମନ ପସନ୍ଦର ସଙ୍ଗୀତ ଶୁଣିବା ଦ୍ୱାରା ମଧ୍ୟ ଏହା ବୃଦ୍ଧି ପାଇଥାଏ। ୟୁନିଭର୍ସିଟି ଅଫ୍ ଟରୋଣ୍ଟୋ ଏବଂ ୟୁନିଟ ହେଲ୍‌ଥ ଟରୋଣ୍ଟୋ ତରଫରୁ ହୋଇଥିବା ଏକ ମିଳିତ ପରୀକ୍ଷଣରୁ ଏକଥା ଜଣାପଡ଼ିଛି। ରିପୋର୍ଟରେ ଉଲ୍ଲେଖ କରାଯାଇଛି ଯେ, ନିଜର ପ୍ରିୟ ଗୀତକୁ ବାରମ୍ବାର ଶୁଣିବା ଦ୍ୱାରା ଆମ ସ୍ନାୟୁ କୋଷଗୁଡ଼ିକୁ ଆରାମ ଲାଗିଥାଏ, ଯାହା ମସ୍ତିଷ୍କକୁ ଦୃଢ଼ କରିବାରେ ସାହାଯ୍ୟ କରେ। ମସ୍ତିଷ୍କ ସହ ଯୋଡ଼ି ହୋଇ ରହିଥିବା ସମସ୍ତ ସ୍ନାୟୁକୋଷ ଧୀରେ ଧୀରେ ଚଳଚଞ୍ଚଳ ହୋଇ ଉଠେ, ଫଳରେ ରକ୍ତ ସଞ୍ଚାଳନ ଠିକ୍ ଭାବେ ହେବା ସହ ମନ ପ୍ରଫୁଲ୍ଲିତ ରୁହେ। ଯେ କୌଣସି କାର୍ଯ୍ୟ କରିବା ପାଇଁ ଏହା ଆଗ୍ରହ ସୃଷ୍ଟି କରେ । ତା' ସହ ନିଜର ଆଗ୍ରହ ଅନୁଯାୟୀ ବିନା ଚିନ୍ତାରେ ଯେ କୌଣସି କାର୍ଯ୍ୟ କଲେ କାର୍ଯ୍ୟଟି ସଫଳ ହେବା ସହ ନିଜକୁ ଆନନ୍ଦ ମଧ୍ୟ ଲାଗିଥାଏ। ଆଉ ଏବେ 'ସଙ୍ଗୀତ' ଖୁସି ରହିବାର ଏକ ମାଧ୍ୟମ ପାଲଟିଯାଇଛି ବୋଲି ଗବେଷଣାରୁ ଜଣାପଡ଼ିଛି।

## ଜୀବନଶୈଳୀ ଓ ଡାଇବେଟିସ୍



**ଆ**ଜିକାଲି ଡାଇବେଟିସ୍ ଏକ ସାଧାରଣ ସ୍ୱାସ୍ଥ୍ୟ ସମସ୍ୟା ପାଲଟି ଗଲାଣି କହିଲେ ଆଦୌ ଭୁଲ ହେବ ନାହିଁ। ରକ୍ତରେ ସୁଗାର ପରିମାଣ ଅଧିକାଂଶ ସମୟ ଅସନ୍ତୁଳିତ ରହିଲେ ତାହା ଡାଇବେଟିସ୍ ସମସ୍ୟାକୁ ଜଟିଳ କରିଥାଏ। କେବଳ ସେତିକି ନୁହେଁ, ଏହା ଦୀର୍ଘ ଦିନ ଧରି ଅସନ୍ତୁଳିତ ରହିଲେ ତାହାର କୁପ୍ରଭାବ ହାର୍ଟ, କିଡ୍‌ନୀ ଏପରି କି ଦୃଷ୍ଟିଶକ୍ତି ଉପରେ ପଡ଼ିଥାଏ। ଏହି ରୋଗ ସମ୍ପର୍କରେ ଜାଣିବା ପରେ ତାହାର ତୁରନ୍ତ ଚିକିତ୍ସା କରାଇ ନେବା ଦରକାର। ଅନ୍ୟପକ୍ଷରେ ଅସନ୍ତୁଳିତ ଜୀବନଶୈଳୀ ମଧ୍ୟ ଏଥିପାଇଁ ଅନେକାଂଶରେ ଦାୟୀ। ଏଥିପ୍ରତି ସତର୍କ ରହିବା ସହ ଖାଦ୍ୟପେୟ ପ୍ରତି ନଜର ଦେବା ନିହାତି ଜରୁରୀ। ଆଜିକାଲି କେତେବେଳେ କାହାଠାରେ ଏହାର ଲକ୍ଷଣ ପ୍ରକାଶ ପାଇବ ତାହା ଆକଳନ କରିବା କଷ୍ଟକର। ତେଣୁ ଏ ବିଷୟରେ ଜାଣିବା ମାତ୍ରେ ବିଳମ୍ବ ନ କରି ଡାକ୍ତରଙ୍କ ସହ ପରାମର୍ଶ କରନ୍ତୁ।

## ଭିଟାମିନ୍-ଡି'ର ଅଭାବ ହେଲେ...



**ଭି**ଟାମିନ୍ 'ଡି' ଶରୀରରେ ଅସ୍ଥି ଓ ମାଂସପେଶୀକୁ ମଜଭୁତ ରଖିବାରେ ସାହାଯ୍ୟ କରେ। ଏଥିରେ ଆହୁରି ଅନେକ ପ୍ରକାର ସ୍ୱାସ୍ଥ୍ୟୋପକାରୀ ଗୁଣ ଭରି ରହିଛି। ଏପରି ଏହାର ଅଭାବରେ ହୃଦ୍‌ଜନିତ ସମସ୍ୟା ଦେଖାଯିବାର ଆଶଙ୍କା ରହିଛି ବୋଲି ଏକ ସଦ୍ୟତମ ଗବେଷଣାରୁ ଜଣପଡ଼ିଛି। 'ଭିଟାମିନ୍-ଡି ଏବଂ ହୃଦ୍‌ଜନିତ ସମସ୍ୟା' ଶୀର୍ଷକ ବିଷୟକୁ ନେଇ ୟୁନିଭର୍ସିଟି ଅଫ୍ ସିଡ୍‌ନୀର ବିଶେଷଜ୍ଞମାନେ ଏକ ଗବେଷଣା କରିଥିଲେ। ପ୍ରକାଶିତ ରିପୋର୍ଟରେ ଉଲ୍ଲେଖ କରାଯାଇଛି ଯେ, ଜଣେ ବ୍ୟକ୍ତି ଶରୀରରେ ଏହାର ପରିମାଣ କମିଲେ ବ୍ୟକ୍ତିକୁ ହୃଦ୍‌ଘାତ ହେବାର ଆଶଙ୍କା ରହିଛି। ତା'ସହ ଏହାର ପ୍ରଭାବ ରକ୍ତଚାପ ଉପରେ ମଧ୍ୟ ପଡିଥାଏ। ତେଣୁ ଆମେ ପ୍ରତିଦିନ କିଛି ଭିଟାମିନ୍ 'ଡି'ଯୁକ୍ତ ଖାଦ୍ୟ ଖାଇବା ନିହାତି ଦରକାର। ସବୁଦିନ ସକାଳେ କିଛି ସମୟ ସୂର୍ଯ୍ୟକିରଣ ସଂସ୍ପର୍ଶରେ ଆସିଲେ ଆମ ଶରୀରକୁ ଅନେକ ପରିମାଣର ଭିଟାମିନ୍ 'ଡି' ମିଳିଥାଏ। କଦଳୀ, କମଳା, ଆଲମଣ୍ଡ, ଛତୁ, ଅଣ୍ଡା କେଶର, କ୍ଷୀର, ଜୁସ୍‌ରେ ଭିଟାମିନ୍ 'ଡି' ଭରି ରହିଛି।

## ସ୍ୱାସ୍ଥ୍ୟ ସୂଚନା

➢ପ୍ରତିଦିନ ଶିଢ଼ି ଚଢ଼ିବା ଏକ ଭଲ ବ୍ୟାୟାମ। ହେଲେ, ଆପଣଙ୍କର ଯଦି କିଛି ଆଣ୍ଠୁଗଣ୍ଠିଜନିତ ସମସ୍ୟା ରହିଛି, ତେବେ ଏଥିପ୍ରତି ସତର୍କ ରୁହନ୍ତୁ।

➢କେବଳ ଶାରୀରିକ ବ୍ୟାୟାମ ନୁହେଁ ମାନସିକ ଯୋଗ ମନକୁ ଶାନ୍ତି ପ୍ରଦାନ କରିଥାଏ। ସବୁବେଳେ ମାନସିକତାକୁ ସକାରାତ୍ମକ ରଖନ୍ତୁ।

➢ଦିନତମାମ ଯେତେ ବ୍ୟସ୍ତ ରହିଲେ ମଧ୍ୟ ବ୍ରେକ୍‌ଫାଷ୍ଟ କରିବାକୁ ଭୁଲନ୍ତୁ ନାହିଁ। ବ୍ରେକ୍‌ଫାଷ୍ଟରେ ଫଳମୂଳ ସହ ଜୁସ୍ ମିଶାନ୍ତୁ, ଯାହା ଶରୀର ପାଇଁ ଲାଭଦାୟକ।

➢ଦୈନନ୍ଦିନ ଖାଦ୍ୟ ତାଲିକାରେ ପ୍ରୋଟିନ୍‌ଜାତୀୟ ଖାଦ୍ୟ ଏବଂ ସବୁଜ ପନିପରିବା ସାମିଲ କରନ୍ତୁ। ଏହା ଆପଣଙ୍କୁ ସତେଜ ରଖିବା ସହ ଶରୀରକୁ ଶକ୍ତି ଯୋଗାଇଥାଏ।

➢କିଛି ବ୍ୟକ୍ତିଙ୍କର ବିଳମ୍ବିତ ରାତିରେ ଖାଦ୍ୟ ଖାଇବା କେତେକ ଲୋକଙ୍କର ଅଭ୍ୟାସ। ଏଭଳି ଅଭ୍ୟାସ ବଦଳାଇବାକୁ ଚେଷ୍ଟା କରନ୍ତୁ ଏବଂ ଠିକ୍ ସମୟରେ ଖାଦ୍ୟ ଖାଆନ୍ତୁ।

➢ଅଧିକ ଲୁଣ ଓ ଚିନିଜାତୀୟ ଖାଦ୍ୟ ଆଦୌ ଖାଆନ୍ତୁ ନାହିଁ। ଏହା ବ୍ଲଡ଼ ପ୍ରେସର ଏବଂ ହୃଦ୍‌ଜନିତ ସମସ୍ୟା ସୃଷ୍ଟି କରିବାର ଆଶଙ୍କା ରହିଛି।

➢ଖାଇବା ସମୟରେ କେବେ ବି ପାଣି ପିଅନ୍ତୁ ନାହିଁ। ଖାଇବାର ଘଣ୍ଟାଏ ପରେ କିମ୍ବା ଘଣ୍ଟାଏ ପୂର୍ବରୁ ପାଣି ପିଅନ୍ତୁ।

➢ସବୁବେଳେ ଠିକ୍ ସମୟରେ ଖାଆନ୍ତୁ ଏବଂ ଅତିକମ୍‌ରେ ୬-୭ ଘଣ୍ଟା ଶୁଅନ୍ତୁ।



# କୃତ୍ରିମ ମେଧା-କିଛି କଥା

(ଶେଷ ଭାଗ)

**'ଏ**ଆଇ'ର ଆଉ ଗୋଟିଏ ଲକ୍ଷ୍ୟ ହେଲା କ୍ୟାମେରା ଦ୍ୱାରା ଉଠା ଯାଇଥିବା ଚିତ୍ର ବା ଭିଡିଓରୁ ପାରିପାର୍ଶ୍ୱିକ ବସ୍ତୁସବୁକୁ ଚିହ୍ନିବା ଓ ସେଗୁଡ଼ିକର ପାରସ୍ପରିକ ଅବସ୍ଥାନ ବିଷୟରେ ଧାରଣା କରିବା। ଗୋଟିଏ ରୋବଟର ଏହି କ୍ଷମତାର ବିଶେଷ ପ୍ରୟୋଜନ ହୁଏ, କାରଣ ତା'ହେଲେ ହିଁ ତାହା କେମିତି କାର୍ଯ୍ୟ କରିବ ତା' ପରିକଳ୍ପନା କରିପାରେ। ଗତ ଶତାବ୍ଦୀର ଷାଠିଏ ଦଶକରୁ ହିଁ ଏହା ଗବେଷକମାନଙ୍କର ଦୃଷ୍ଟି ଆକର୍ଷଣ କରିଥିଲା ଓ ଏଥିରେ ବହୁତ କାର୍ଯ୍ୟ ମଧ୍ୟ କରାଯାଇଛି। କ୍ୟାମେରାରୁ ଯେଉଁ ଚିତ୍ର ମିଳେ, ତାହାର ପ୍ରତ୍ୟେକ ବିନ୍ଦୁରେ ରଙ୍ଗ ଓ ଉଜ୍ଜ୍ୱଳତା କେତେ ସେହି ତଥ୍ୟ କମ୍ପ୍ୟୁଟରକୁ ଦିଆଯାଏ। ଏହି ତଥ୍ୟରୁ କମ୍ପ୍ୟୁଟର ବୁଝିବାକୁ ଚେଷ୍ଟା କରେ ଚିତ୍ରରେ କ'ଣ ଦିଶୁଛି। ଏଥିପାଇଁ ଚିତ୍ରର ବିଭିନ୍ନ ଅଂଶକୁ ଅଲଗା କରାଯାଏ-ଯେମିତି ଗୋଟିଏ ଚିତ୍ରରେ କାନ୍ଥ, ଟେବୁଲ, ଟେବୁଲ ଉପରେ ଥିବା ବହି ଇତ୍ୟାଦିକୁ ଅଲଗା କରାଯାଇପାରେ। ଗୋଟିଏ ଅଂଶରେ ରଙ୍ଗ ଓ ଔଜ୍ଜ୍ୱଲ୍ୟର ମାତ୍ରା ପ୍ରାୟ ଏକା ହୋଇଥାଏ ଅଥବା ଖୁବ୍ ସାମାନ୍ୟ ପାର୍ଥକ୍ୟ ଥାଏ, ପ୍ରାଥମିକ ଭାବେ ଏହି ନୀତି ପ୍ରୟୋଗ କରି କି ଅଂଶଗୁଡ଼ିକୁ ଅଲଗା କରାଯାଏ। ଏହାପରେ ପ୍ରତ୍ୟେକ ଅଂଶ ଭିତରର ପ୍ରଚ୍ଛନ୍ନ ବସ୍ତୁର ସୀମାରେଖାଗୁଡ଼ିକୁ ଚିହ୍ନଟ କରାହୁଏ। ଚିତ୍ରରେ ଯେଉଁ ବିନ୍ଦୁଗୁଡ଼ିକରେ ଔଜ୍ଜ୍ୱଲ୍ୟର ପରିବର୍ତ୍ତନ ହାର ସବୁଠୁ ବେଶି ତାହାକୁ ନେଇ ଏଇ ରେଖାସବୁ ତିଆରି ହୁଏ। ଏହି ରେଖାଗୁଡ଼ିକ କିଭଳି ଗୋଟିଏ ଗୋଟିଏ ବିନ୍ଦୁରେ ଆସି ମିଳିତ ହୋଇଛି, ତାହାରି ଭିତରେ ବସ୍ତୁର ଆକୃତିର ଏକ ଛାପ ଥାଏ, ଯାହା ଦେଇ ତାହା ଚିହ୍ନି ହୁଏ। ବସ୍ତୁର ଆକୃତି ଅନୁସାରେ ଏହି ରେଖାର ବିନ୍ୟାସ ଭିନ୍ନ ହୋଇଥାଏ। ପରିଚିତ ବସ୍ତୁର ସମ୍ଭାବ୍ୟ ରେଖାର ବିନ୍ୟାସ ତଥ୍ୟ କମ୍ପ୍ୟୁଟରରେ ତାଲିକାଭୁକ୍ତ ଥାଏ। ତାହା



ସହିତ ମିଶେଇ ଚିତ୍ରରେ କେଉଁ ବସ୍ତୁଟି ଦିଶୁଛି, ବୁଝାଯାଏ। ଅବଶ୍ୟ ଏହି ପ୍ରାଥମିକ ପଦ୍ଧତି ସହିତ ଆହୁରି ଅନେକ ଆନୁଷଙ୍ଗିକ ପଦ୍ଧତି ଯୁକ୍ତ କରାଯାଏ।

ଏଆଇର ଏହି ଯେଉଁ ସଂକ୍ଷିପ୍ତ ରୂପରେଖର ବର୍ଣ୍ଣନା କରାଗଲା, ଏହାକୁ ସନାତନ (କ୍ଲାସିକାଲ) କୃତ୍ରିମ ମେଧା କୁହାଯାଏ। ଯୁକ୍ତିବାଦ ଥିଲା ଏହାର ଭିତ୍ତି। ଏଥିରେ ମେଧା ବା ବୁଦ୍ଧିର ପରିପ୍ରକାଶ ପାଇଁ ଅନୁଭବ-ବୋଧ-କାର୍ଯ୍ୟ ଏପରି ଏକ ଚକ୍ରାକାର ନିୟନ୍ତ୍ରଣ ବ୍ୟବସ୍ଥା ରହୁଥିଲା। ପରବର୍ତ୍ତୀ ପର୍ଯ୍ୟାୟରେ ସିଧା ଅନୁଭବରୁ କାର୍ଯ୍ୟ କରିବା ପାଇଁ ଏକ ନିୟନ୍ତ୍ରଣ ଚକ୍ରମସ୍ତିଷ୍କର ସ୍ନାୟୁତନ୍ତ୍ରର ଅନୁକରଣରେ କୃତ୍ରିମ ସ୍ନାୟବିକ ଜାଲ(ଆର୍ଟିଫିସିଆଲ ନିଉରାଲ ନେଟୱର୍କ) ଗଠିତ ହେଲା। ଆହୁରି ବିଭିନ୍ନ ପ୍ରକାରର ନିଉରାଲ ନେଟୱର୍କ ନେଇ କମ୍ପ୍ୟୁଟର ବିଜ୍ଞାନୀମାନେ ଗବେଷଣା କରିଛନ୍ତି। ଏହାପରେ ଆସିଛି ଗଭୀର ଶିକ୍ଷାର ଅଭିଯାନ( ଡିପ୍ ଲାର୍ନିଂ)। ଏହିସବୁ ଗବେଷଣାର ଫଳସ୍ୱରୂପ ୨୦୧୨ ମସିହା ଭିତରେ ଉଚ୍ଚାରିତ ଶବ୍ଦରୁ କଥା ବୁଝିବାର ପ୍ରଯୁକ୍ତି ଏତେ ନିର୍ଭରଯୋଗ୍ୟ ହେଲା ଯେ ମୋବାଇଲର ପ୍ରାୟ ସବୁ ଆପ୍‌ରେ ଏହାର ବ୍ୟବହାର ଟାଇପର ବିକଳ୍ପ ଭାବରେ ଆରମ୍ଭ ହେଲା। ଗୁଗଲ୍ ଆସିସଟେଣ୍ଟ, ଆମାଜନର ଆଲେକ୍ସା, ଆପେଲର ସିରି, ମାଇକ୍ରୋସଫ୍ଟର କୋଟାର୍ନା ଏଗୁଡ଼ିକ ଅନ୍ତରାଳରୁ କଥା କୁହେ। ଆଉ ଆମେରିକାର ସୋଫିଆ, ଜାପାନର ଏରିକା ମାନବ ଆକୃତିର କଥା କୁହା ରୋବଟ। ଆଜିର 'ଚାଟଜିପିଟି' ମଧ୍ୟ ଏହିଭଳି ଦୀର୍ଘ ଗବେଷଣାର ଏକ ପରିଣାମ। ତେଣୁ ଏଥିରେ ଆତଙ୍କିତ ହେବାର କିଛି କାରଣ ନାହିଁ। ଏ ଯୁଗର ଅନ୍ୟତମ ଶ୍ରେଷ୍ଠ ଚିନ୍ତାବିତ ନୋମ ଚମସ୍କି ଓ ତାଙ୍କର ଦୁଇଜଣ ସହ-ଲେଖକ ନ୍ୟୁୟର୍କ ଟାଇମସରେ ନିକଟରେ ପ୍ରକାଶିତ ଏକ ଲେଖାରେ ଲେଖିଛନ୍ତି- ''ଚାଟଜିପିଟି ପାଟର୍ନ ମ୍ୟାଚିଂର ପରିସଂଖ୍ୟାନ ନିର୍ଭର ଏକ ଇଞ୍ଜିନ, ଯାହା ଶତ ଶତ ଟେରାବାଇଟ ତଥ୍ୟର ସମୁଦ୍ରକୁ ମନ୍ଥନ କରେ ଓ ସମ୍ଭାବ୍ୟ ବାର୍ତ୍ତାଳାପ ଶୈଳୀରେ ପ୍ରତିକ୍ରିୟା ବା ପ୍ରଶ୍ନର ସମ୍ଭାବ୍ୟ ଉତ୍ତର ଖୋଜି ବାହାର କରେ। ଏହାର ବିପରୀତରେ ମାନବ ମନ ହେଲା ଏକ ଅତ୍ୟାଶ୍ଚର୍ଯ୍ୟ ଦକ୍ଷ ଓ ମାର୍ଜିତ ପ୍ରଣାଳୀ ଅଳ୍ପ ପରିମାଣ ତଥ୍ୟ ଆଧାରରେ ଯାହା କାର୍ଯ୍ୟ କରି ଚାଲେ। ତଥ୍ୟ ମଧ୍ୟରେ ସିଧା ସଳଖ ପାରସ୍ପରିକ ସମ୍ପର୍କ ଅନୁମାନ ମାଧ୍ୟମରେ ଯନ୍ତ୍ର କାର୍ଯ୍ୟ କରେ, ଆଉ ମଣିଷର ମନ ତିଆରି କରିବାକୁ ଚାହେଁ ତଥ୍ୟର ବ୍ୟାଖ୍ୟା।''

ସୃଷ୍ଟିଶୀଳ ମାନବ ମନ ସର୍ବଦା ନୂତନତ୍ୱର ଅନ୍ୱେଷଣ କରେ। ଏହା ନ ହୋଇଥିଲେ ମାନବ ସଭ୍ୟତାର ଏପରି ବିକାଶ ଆଜି ଦେଖିବାକୁ ମିଳି ନ ଥାଆନ୍ତା। ମାନବର ବିବେକ ସହିତ ମାନବିକ ବୁଦ୍ଧିର ସୁସ୍ଥ ସମନ୍ୱୟରେ ସର୍ବଦା ଉନ୍ନତ ଶୃଙ୍ଖଳିତ ସମାଜ ଗଠନ ସମ୍ଭବ।

-ଡ. ମୃଦୁଳା ମିଶ୍ର, ବି-୧୦୨,
ଲାଇଫ ଷ୍ଟାଇଲ ଗ୍ରୀନ୍ ଆପାର୍ଟମେଣ୍ଟ,
କୀଟ ଛକ, ଭୁବନେଶ୍ୱର
ମୋ: ୯୯୩୭୭୪୨୧୬୧

# ଧରିତ୍ରୀ
DHARITRI

www.orissakhabar.com/ www.dharitri.com | ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ସୋମବାର, ଜୁଲାଇ ୧୭/୨୦୨୩ Bhubaneswar, Monday, July 17/ 2023




ୱିମ୍ବଲଡନର ରୟାଲ ବକ୍ସରେ ରବିବାର ପରିବାର ସହ ପୁରୁଷ ସିଙ୍ଗଲ୍ସ ଫାଇନାଲ ଉପଭୋଗ କରୁଛନ୍ତି ୱେଲ୍ସ ପ୍ରିନ୍‌ସେସ୍ କ୍ୟାଥରିନ ଓ ପ୍ରିନ୍ସ ୱିଲିୟମ।

# ଅଲ୍‌କାରାଜ ନୂଆ ଚାମ୍ପିୟନ

### ୱିମ୍ବଲଡନ ଟେନିସ

**ଲଣ୍ଡନ, ୧୬।୭**

ବିଶ୍ୱର ନମ୍ବରୱାନ ଟେନିସ ଖେଳାଳି ସ୍ପେନର ୨୦ ବର୍ଷୀୟ କାର୍ଲୋସ ଅଲ୍‌କାରାଜ ଗାର୍ଫିଆ ଚଳିତ ବର୍ଷର ୱିମ୍ବଲଡନ ଗ୍ରାଣ୍ଡସ୍ଲାମ ପୁରୁଷ ସିଙ୍ଗଲ୍ସ ଚାମ୍ପିୟନ ହୋଇଛନ୍ତି। ରବିବାର ଅନୁଷ୍ଠିତ ଏକ ତୀବ୍ର ସଂଘର୍ଷପୂର୍ଣ୍ଣ ଫାଇନାଲରେ ସେ ଦ୍ୱିତୀୟ ସିଡ୍ ତଥା ୭ ଥର ଚାମ୍ପିୟନ ସର୍ବିୟାର ନୋଭାକ୍ ଜୋକୋଭିଚ୍‌ଙ୍କୁ ୧-୬, ୭-୬ (୮/୬), ୬-୧, ୩-୬, ୬-୪ ସେଟ୍‌ରେ ପରାସ୍ତ କରିଛନ୍ତି। ଏଥିସହ ୱିମ୍ବଲଡନରେ ଜୋକୋଭିଚ୍‌ଙ୍କ ୩୪ ମ୍ୟାଚ ବିଜୟ ପଥରେ ବ୍ରେକ୍ ଲାଗିଛି। ଫାଇନାଲର ପ୍ରଥମ ସେଟ୍‌କୁ ଅତି ସହଜରେ ଜିତିଥିଲେ ଜୋକୋଭିଚ୍। ନିଜ ଅଭିଜ୍ଞତାର ଉପଯୋଗ କରି ସେ ୬-୧ରେ ବିଜୟୀ ହୋଇଥିଲେ। ଦ୍ୱିତୀୟ ସେଟ୍‌ରେ କିନ୍ତୁ କଡ଼ା ଚ୍ୟାଲେଞ୍ଜ ଦେଇଥିଲେ ଅଲକାରାଜ। ଉଭୟଙ୍କ ପଏଣ୍ଟ ୬-୬ ହେବାପରେ ଟାଇବ୍ରେକର ପଦ୍ଧତି ଅବଲମ୍ବନ କରାଯାଇଥିଲା। ଏଥିରେ ଆଲକାରାଜ ୮-୬ରେ ବାଜି ମାରିଥିଲେ। ତୃତୀୟ ସେଟ୍‌କୁ ଅତି ସହଜରେ ୬-୧ରେ ଜିତିଥିଲେ ବିଶ୍ୱର ଏହି ନମ୍ବରୱାନ ଖେଳାଳି। ମାତ୍ର ୪ର୍ଥ ସେଟ୍‌ରେ ପୁଣି ନିଜ ଦକ୍ଷତା ଦେଖାଇଥିଲେ ଜୋକୋଭିଚ୍। ୬-୩ରେ ବିଜୟୀ ହୋଇ ସଫଳ ପ୍ରତ୍ୟାବର୍ତ୍ତନ କରିଥିଲେ। ୫ମ ତଥା ନିର୍ଣ୍ଣାୟକ ସେଟ୍‌କୁ ଅଲକାରାଜ ୬-୪ରେ ଜିତି ହୋଇଥିଲେ ନୂଆ ଚାମ୍ପିୟନ। ପ୍ରଥମଥରପାଇଁ ସେ ୱିମ୍ବଲଡନ ଫାଇନାଲରେ ପ୍ରବେଶ କରିଥିଲେ ଏବଂ ଚାମ୍ପିୟନ ହୋଇଥିଲେ। ଗତବର୍ଷ ସେ ୪ର୍ଥ ରାଉଣ୍ଡରୁ ବିଦାୟ ନେଇଥିଲେ ଏବଂ ଏହାଥିଲା ତାଙ୍କର ଶ୍ରେଷ୍ଠ ପ୍ରଦର୍ଶନ। ୨୦୨୨ରେ ୟୁଏସ୍ ଓପନ ଜିତି ଗ୍ରାଣ୍ଡସ୍ଲାମ ବିଜୟର ସ୍ୱାଦ ଚାଖିଥିବା ଆଲ୍‌କାରାଜ ଚଳିତ ବର୍ଷ ଫ୍ରେଞ୍ଚ୍ ଓପନ କ୍ଲେ କୋର୍ଟ ଟୁର୍ନାମେଣ୍ଟର ସେମିଫାଇନାଲିଷ୍ଟ ଥିଲେ।

ଅନ୍ୟପକ୍ଷରେ ଜୋକୋଭିଚ୍ ଏହା ପୂର୍ବରୁ ସେ ୨୦୧୧, ୨୦୧୪, ୨୦୧୫, ୨୦୧୮, ୨୦୧୯, ୨୦୨୧ ଓ ୨୦୨୨ରେ ଚାମ୍ପିୟନ ଏବଂ ୨୦୧୩ରେ ରନରଅପ୍ ହୋଇଥିଲେ। ୨୦୨୩ରେ ତାଙ୍କୁ ପୁଣି ରନରଅପ୍‌ରେ ସନ୍ତୁଷ୍ଟ ହେବାକୁ ପଡ଼ିଛି। ୱିମ୍ବଲଡନର ଗତ ୨୦ ବର୍ଷ ଇତିହାସରେ ପ୍ରଥମଥରପାଇଁ ରୋଜର ଫେଡେରର, ରାଫାଲ ନାଡାଲ ନୋଭାକ ଜୋକୋଭିଚ୍ ଓ ଆଣ୍ଡି ମୁରେଙ୍କ ବ୍ୟତୀତ ଅନ୍ୟ ଜଣେ କେହି ଖେଳାଳି ଚାମ୍ପିୟନ ହେବାର ଗୌରବ ଅର୍ଜନ କରିଛନ୍ତି। ସେ ହେଉଛନ୍ତି ଅଲକାରାଜ। ସେହିପରି ଗତ ୧୭ ବର୍ଷ ମଧ୍ୟରେ ଜୋକୋଭିଚ୍ କୌଣସି ୫ ସେଟ୍ ବିଶିଷ୍ଟ ମ୍ୟାଚରେ ହାରି ନ ଥିଲେ। ଏଥର କିନ୍ତୁ ଅଲକାରାଜଙ୍କ ବିପକ୍ଷରେ ତାଙ୍କୁ ହାର୍ ମାନିବାକୁ ପଡ଼ିଛି। ୨୦୦୩ରେ ଅଲ୍‌କାରାଜ ଜନ୍ମ ହୋଇଥିଲେ। ସେହିବର୍ଷ ଜୋକୋଭିଚ୍ ପେସାଦାର ଟେନିସ ଖେଳାଳି ହୋଇଥିଲେ। ‘‘ମୁଁ ଜନ୍ମ ବେଳକୁ ତୁମେ ଟୁର୍ନାମେଣ୍ଟ ଜିତିସାରିଥିଲ’’ ବୋଲି କହି ଜୋକୋଭିଚଙ୍କୁ ସମ୍ମାନ ଜଣାଇଛନ୍ତି ଅଲ୍‌କାରାଜ। ଶନିବାର ଅନୁଷ୍ଠିତ ମହିଳା ସିଙ୍ଗଲ୍ସ ଫାଇନାଲରେ ଟ୍ୟୁନିସିଆର ଓନ୍ସ ଜାବେରଙ୍କୁ ପରାସ୍ତ କରି ଚେକ୍ ରିପବ୍ଲିକ୍‌ର ମାର୍କେଟା ଭୋନ୍ଦ୍ରୋସୋଭା ଚାମ୍ପିୟନ ହୋଇଥିଲେ।



ୱିମ୍ବଲଡନ ଫାଇନାଲ ଜିତିବା ପରେ କାର୍ଲୋସ ଅଲ୍‌କାରାଜ ଗାର୍ଫିଆ।

# ବାଂଲାଦେଶଠାରୁ ପ୍ରଥମ ଥର ହାରିଲା ଭାରତ

### ଅନ୍ତର୍ଜାତୀୟ ଦିନିକିଆ ମହିଳା କ୍ରିକେଟ

**ମୀରପୁର, ୧୬।୭(ପି.ଟି.):** ବାଂଲାଦେଶ ବିପକ୍ଷ ମହିଳା ଦିନିକିଆ କ୍ରିକେଟ ସିରିଜର ଓପନିଂ ମ୍ୟାଚରେ ଭାରତ ୪୦ ରନରେ ହାରିଛି। ମହିଳା ଅନ୍ତର୍ଜାତୀୟ ଦିନିକିଆରେ ଭାରତର ବାଂଲାଦେଶ ବିପକ୍ଷରେ ଏହା ପ୍ରଥମ ପରାଜୟ। ଢାକାସ୍ଥିତ ଶେର୍-ଇ-ବାଂଲା ଷ୍ଟାଡିୟମରେ ଖେଳାଯାଇଥିବା ଏହି ମ୍ୟାଚରେ ଟସ୍ ହାରି ପ୍ରଥମେ ବ୍ୟାଟିଂ କରିଥିବା ବାଂଲାଦେଶ ୪୩ ଓଭରରେ ୧୫୨ ରନରେ ଅଲଆଉଟ ହୋଇଯାଇଥିଲା। ଭାରତର ନବାଗତ ସିମ୍ ବୋଲର ଅମନଜୋତ୍ କୌର ଚମତ୍କାର ବୋଲିଂ କରି ୪ଉଇକେଟ ଅକ୍ତିଆର କରିଥିଲେ। ଜବାବରେ ଭାରତ ୩୫.୫ ଓଭରରେ ମାତ୍ର ୧୧୩ ରନ କରି ଅଲଆଉଟ ହୋଇଯାଇଥିଲା। ଫଳରେ ବାଂଲାଦେଶ ଏହି ମ୍ୟାଚରେ ବିଜୟ ଲାଭ କରିବା ସହ ୩ ମ୍ୟାଚ ବିଶିଷ୍ଟ ସିରିଜରେ ୧-୦ରେ ଅଗ୍ରଣୀ ଲାଭ କରିଛି। ବର୍ଷା ଯୋଗୁ ମ୍ୟାଚକୁ ୪୪ ଓଭର ବିଶିଷ୍ଟ କରାଯାଇଥିଲା। ଡକ୍‌ୱର୍ଥ ଲୁଇସ ପଦ୍ଧତିରେ ଭାରତ ପାଇଁ ୧୫୪ରନର ବିଜୟ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିଲା।

**ସଂକ୍ଷିପ୍ତ ସ୍କୋର**

ବାଂଲାଦେଶ ମହିଳା ଇନିଂସ: ୪୩ ଓଭରରେ ୧୫୨/ଅଲଆଉଟ (ନିଗାର ସୁଲ୍‌ତାନ-୩୯, ଫାର୍ଗାନା ହକ୍-୨୭; ଅମନ ଜୋତ୍ କୌର-୪/୩୧, ଦେବିକା ବୈଦ-୨/୩୬)। ଭାରତ ମହିଳା ଇନିଂସ: ୩୫.୫ ଓଭରରେ ୧୧୩ ଅଲଆଉଟ (ଦୀପ୍ତି ଶର୍ମା-୨୦; ମାରୁଫା ଅକତର-୪/୨୯, ରାବେୟା ଖାନ୍-୩/୩୦)।

### ଭାରତ ପାଇଁ ପଦକ ସୁଯୋଗ

**ମୁମ୍ବାଇ, ୧୬।୭:** ଆଗାମୀ ଏସିଆନ ଗେମ୍ସର ପୁରୁଷ ଡବଲ୍ସ ଟେନିସ ଇଭେଣ୍ଟରେ ଭାରତ ପଦକ ଜିତିବା ସୁଯୋଗ ରହିଛି ବୋଲି ଅନୁଭବ କରୁଛନ୍ତି କିମ୍ବଦନ୍ତୀ ଖେଳାଳି ଲିଆଣ୍ଡର ପେସ। ଏଥିରେ ରୋହନ ବୋପାନ୍ନା ଗୁରୁତ୍ୱପୂର୍ଣ୍ଣ ଭୂମିକା ନେବେ ବୋଲି ସେ କହିଛନ୍ତି।








ଗଣ୍ଠି ବ୍ୟଥା
ସହିତ ସାଲିସ୍ କରନ୍ତୁ ନାହିଁ
ଏବେ ହିଁ କଲ୍ କରନ୍ତୁ
7876977777




Terms and conditions apply. ^Warranty cover for 3 years/ 1 Lakh km, whichever ends earlier. Images and illustrations are indicative and for information purposes only. All features/specifications are not available in all variants and may vary for different variants. Specifications/features are subject to change without prior information. Please consult an authorised Tata Motors dealer for latest information on features/specifications before deciding to place an order. Colours may vary due to printing limitations. Local taxes and octroi extra.*Lower EMI would only be if existing car is traded for new car and is the value given by our channel partner if agreed by the customer is used as a downpayment for new car purchase, thereby reducing the loan amount and hence EMI. *Fair Value is a value as determined by our channel partner through fair assessment of existing car given for evaluation. The price offered is dependent on multiple factors such as condition of existing car, age, mileage, color, market dynamics, statutory taxes etc. #Bookings within 17th July 23 and Retails by 31st July 23. Price protection applicable on all existing variants. Newly launched variants will not be covered.

**DION AUTOMOTIVES:** Bhubaneswar: 7506018735, Cuttack: 9167984347, Puri: 8879183329, Berhampur: 9152102460, Phulbani: 7506018735, Balugaon: 7506018735

**GUGNANI AUTOCARS:** Bhubaneswar: 9619127347, Cuttack: 7506018750, Keonjhar: 8291650635, Jajpur: 8291148273, Chandikhol: 8291148273

**TRUPTI ENTERPRISES:** Bhubaneswar: 7506018747, Nayagarh: 9152102480, Patrapara: 8291678503, Patia: 8291645334, Paradip: 9152102516, Kendrapara: 8879187026, Khorda: 8879187412

**SHREEKHETRA AUTOMOBILES:** Bhubaneswar, Jagatsingpur, Parlakhemundi, Daspalla: 9124088510



4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ